ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୫/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, January 5/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 43 | ମୂଲ୍ୟ ₹୭/-



**ନାଡାଲ କ୍ୱାର୍ଟରଫାଇନାଲରେ**

ୟରାଫାଲ ନାଡାଲ ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୦୩

**ଦ୍ୱିତୀୟ ଜନ୍ମ ପାଇଲି: ଶ୍ରେୟାସ**

ହୃଦ୍‌ଘାତରୁ ଆରୋଗ୍ୟ ଲାଭ କରି ଦ୍ୱିତୀୟ ଜୀବନ ପାଇଥିବା ବଲିଉଡ୍ ଅଭିନେତା ଶ୍ରେୟାସ ତଲପଡେ କହିଛନ୍ତି।



# ଓଡ଼ିଶାରେ ଜେଏନ୍ ୧

## ୨ ଚିହ୍ନଟ, କେରଳରୁ ଫେରିଥିଲେ

**ଭୁବନେଶ୍ୱର,୪।୧(ବନ୍ଦନା ସେଠୀ)**

ଭାରତ ସମେତ ସାରା ବିଶ୍ୱରେ ଏବେ ଚିନ୍ତା ବଢ଼ାଇଥିବା କୋଭିଡ୍-୧୯ର ନୂଆ ସବ୍-ଭାରିଆଣ୍ଟ ଜେଏନ୍୧ ଭୂତାଣୁ ପ୍ରଥମଥର ପାଇଁ ଓଡ଼ିଶାରେ ଚିହ୍ନଟ ହୋଇଛି। ଏଥିରେ ୨ଜଣ ଆକ୍ରାନ୍ତ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ ମହାପାତ୍ର ଗୁରୁବାର ସୂଚନା ଦେଇଛନ୍ତି। ଦୁହେଁ କେରଳରୁ ଫେରିଥିବା ଜଣାପଡିଛି। ଏମାନଙ୍କ ମଧ୍ୟରୁ ଜଣେ ଭୁବନେଶ୍ୱରର ହୋଇଥିବାବେଳେ ଅନ୍ୟ ଜଣେ ସୁନ୍ଦରଗଡ଼ର। ସେହିପରି ୨ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ହୋମ୍ ଆଇସୋଲେଶନ୍‌ରେ ରହିଛନ୍ତି ଏବଂ ଅନ୍ୟଜଣେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସମସ୍ତଙ୍କର ଜିନୋମ ସିକ୍ୟୁଏନ୍ସ ପାଇଁ ପଠାଯାଇଥିଲା। ଏଥିରୁ ୨ଜଣ ଜେଏନ୍୧ ପଜିଟିଭ୍ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହାବାଦ୍ ଗତ ୨୪ ଘଣ୍ଟାରେ ଅନୁଗୋଳରୁ ଜଣେ କରୋନା



ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ଏବେ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ୨୫ଜଣ ସକ୍ରିୟ ରୋଗୀ ଥିବାବେଳେ ମୃତ୍ୟୁ ନେଇ କୌଣସି ସୂଚନା ନାହିଁ। ତେବେ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି, ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରହିଛି। ଏବେ ଚିହ୍ନଟ ହେଉଥିବା ସଂକ୍ରମିତ ସେତେଟା ଗୁରୁତର ହେଉ ନାହାନ୍ତି। ତେବେ ଲୋକମାନେ ସତର୍କ ରହିବା ଆବଶ୍ୟକ। ଏଥିସହ କୌଣସି ଲକ୍ଷଣ ଦେଖାଗଲେ ତୁରନ୍ତ ଟେଷ୍ଟ କରି ଘରେ ରହିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଜେଏନ୍୧ ପାଇଁ ଏବେ ବିଭିନ୍ନ ଦେଶରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ଭାରତରେ ପ୍ରଥମେ କେରଳରୁ ଏହି ଭୂତାଣୁ ଠାବ ହୋଇଥିବାବେଳେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ସଂକ୍ରମଣ ପୁଣି ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଗତ ଡିସେମ୍ବରରେ କେରଳର ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ସତର୍କ କରାଇଛନ୍ତି। ଏଥିସହ ଏହାର ମୁକାବିଲା ଲାଗି ଗାଇଡ୍‌ଲାଇନ୍ ଜାରି କରି ଆବଶ୍ୟକ ଔଷଧ, ବେଡ୍ ଓ ଡାକ୍ତର ପ୍ରସ୍ତୁତ ରଖିବାକୁ କୁହାଯାଇଛି। ତେବେ ଏହା ଭିତରେ ଦେଶର ଅଧିକାଂଶ ରାଜ୍ୟରୁ ଜେଏନ୍୧ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜୀବନ ଯାଉଥିବା ଜଣାପଡିଛି।

# ଭଗବାନ ରାମ ମାଂସ ଖାଉଥିଲେ

## ଏନ୍‌ସିପି ନେତାଙ୍କ ବିବାଦୀୟ ମନ୍ତବ୍ୟ



ଜିତେନ୍ଦ୍ର ଔହଦ୍

**ନୂଆଦିଲ୍ଲୀ,୪।୧**

ଭଗବାନ ରାମ ମାଂସ ଖାଉଥିଲେ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଶରଦ ପାୱାରଙ୍କ ଗୋଷ୍ଠୀର ନେତା ଜିତେନ୍ଦ୍ର ଔହଦ୍ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଛି। ସମାଲୋଚିତ ହେବା ପରେ ଜିତେନ୍ଦ୍ର ତାଙ୍କ ମନ୍ତବ୍ୟ ପାଇଁ ଗୁରୁବାର କ୍ଷମା ମାଗିଛନ୍ତି। ତେବେ ସେ ବିନା ଗବେଷଣାରେ ମନ୍ତବ୍ୟ ଦେଇ ନ ଥିଲେ। ଏ ସମ୍ପର୍କରେ ହିନ୍ଦୁ ଧର୍ମଗ୍ରନ୍ଥ ☞ପୃଷ୍ଠା-୨

# ଷ୍ଟିୟରିଂ ଛାଡ଼ିବେ ୫ ଲକ୍ଷ ଡ୍ରାଇଭର

## ଆନ୍ଦୋଳନ ଆରମ୍ଭ: ଶନିବାରରୁ ଜୋର୍‌ଦାର

## ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବା ଆଶଙ୍କା

**କେନ୍ଦ୍ର ସରକାରଙ୍କ ନୂଆ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୦୬(୨)ରେ ହିଟ୍ ଆଣ୍ଡ ରନ୍ ଘଟଣା ପାଇଁ କଠୋର ଦଣ୍ଡ ବ୍ୟବସ୍ଥାକୁ ବିରୋଧ ବଢ଼ିବାରେ ଲାଗିଛି। ପ୍ରଥମେ ଏହାକୁ ବିରୋଧ କରି ଦେଶର ୧୦ରାଜ୍ୟରେ ଟ୍ରକ୍ ଡ୍ରାଇଭର ସଂଘ ପକ୍ଷରୁ ହରତାଳ ଯୋଗୁ ଯାନବାହନ ଚଳାଚଳ ଏକ ପ୍ରକାର ଠପ୍ ହୋଇଥିବାବେଳେ ଏବେ ଏଥିରେ ଓଡ଼ିଶା ଡ୍ରାଇଭର ମହାସଂଘ ସାମିଲ ହୋଇଛି। ଗୁରୁବାରଠାରୁ ରାଜ୍ୟର କେତେକ ସ୍ଥାନରେ ଡ୍ରାଇଭର ସଂଘ ପକ୍ଷରୁ ଧର୍ମଘଟ ଆରମ୍ଭ କରାଯାଇଥିବାବେଳେ ଶନିବାରଠାରୁ ଏହାକୁ ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଯାତ୍ରୀ ପରିବହନ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହେଲାଣି**

**ଭୁବନେଶ୍ୱର,୪।୧(ଅନିଲ ଦାସ)**



କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍‌କୁ ନେଇ ହୋଇଥିବା ନୂଆ ଆଇନ ଓ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଓଡ଼ିଶା ଡ୍ରାଇଭର ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ହିଟ୍ ଆଣ୍ଡ ରନ୍ ଆଇନକୁ ବିରୋଧ କରି ଗୁରୁବାରଠାରୁ ପୁଣି ଥରେ ସମଗ୍ର ଦେଶରେ ଡ୍ରାଇଭରମାନଙ୍କ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ସମସ୍ତ ଡ୍ରାଇଭର ମଧ୍ୟ ସାମିଲ ହେବେ ବୋଲି ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଘୋଷଣା କରାଯାଇଛି। ଗୁରୁବାରଠାରୁ କେତେକ ଡ୍ରାଇଭର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଗାମୀ ଦୁଇଦିନ ମଧ୍ୟରେ ସମଗ୍ର ରାଜ୍ୟର ଡ୍ରାଇଭର ନିଜ ଗାଡ଼ିକୁ ଘରେ କିମ୍ବା ନିଜ ମାଲିକଙ୍କ ଜିମା ଦେଇ ଆନ୍ଦୋଳନରେ ସାମିଲ ହେବେ। ଏ ନେଇ ରାଜ୍ୟ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ସୂଚନା ଦେଇଛନ୍ତି। ରାଜ୍ୟର ପ୍ରାୟ ୫ରୁ ୬ଲକ୍ଷ ଡ୍ରାଇଭର ଏହି ଆନ୍ଦୋଳନରେ ସାମିଲ ହେବେ। ଏହି ଆନ୍ଦୋଳନ ଫଳରେ ରାଜ୍ୟରେ ପେଟ୍ରୋଲ, ଡିଜେଲ ସହିତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇବା ନେଇ ଆଶଙ୍କା ଦେଖାଦେଇଛି।

ପ୍ରଶାନ୍ତ କହିଛନ୍ତି ଯେ ସରକାର ଆମ ଦାବି ଶୁଣୁନାହାନ୍ତି। ୨୦୨୧ରୁ ପ୍ରତିଶ୍ରୁତି ଦେଇ ଆଜିପର୍ଯ୍ୟନ୍ତ ଭୁଆଁ ବୁଲାଉଛନ୍ତି। କେନ୍ଦ୍ର ସରକାର ଲାଗୁ କରିଥିବା ନୂଆ ଆଇନ୍ ଅନୁଯାୟୀ, ଦୁର୍ଘଟଣା ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ୍, ୭ ଲକ୍ଷ ଟଙ୍କା ଜରିମାନା ଦେବା ନିୟମ ଆଣିବାକୁ ଯାଉଛନ୍ତି। ଏପରି ସ୍ଥିତି ଉପୁଜିଲେ କୌଣସି ବି ଡ୍ରାଇଭର ଏତେ ଟଙ୍କା ଦେବା ସମ୍ଭବ ନୁହେଁ। ଆଇନକୁ ଆମେ ସ୍ୱାଗତ କରୁଛି। ମାତ୍ର ଲୋକମାନଙ୍କ ପାଇଁ ମଧ୍ୟ ସରକାର ଆଇନ କରନ୍ତୁ। ଦୁର୍ଘଟଣା ପରେ ଡ୍ରାଇଭର ଆହତଙ୍କୁ ହସ୍ପିଟାଲ ନେବେ। ଲୋକଙ୍କ ମାଡ ଭୟରେ ଜୀବନ ବଞ୍ଚାଇବା ଡ୍ରାଇଭର ଗାଡି ଛାଡି ପଳାଇବାକୁ ବାଧ୍ୟ ହେଉଛନ୍ତି। ଜଣେ ଡ୍ରାଇଭର ମାସକୁ ୧୦ରୁ ୧୫ ହଜାର ଟଙ୍କା ପାଇବ। ସେ କେମିତି ଏତେ ଟଙ୍କା ଭରଣା କରିବ। ନୂଆ ଆଇନ କାର୍ଯ୍ୟକାରୀ ହେଲେ ଡ୍ରାଇଭର ପେଷାକୁ ଛାଡିବାକୁ ପଡିବ ବୋଲି ମେଣ୍ଡୁଲି କହିଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରିବାରୁ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ୧୦ଟି ଦାବି ଥିଲା। ସେଥିରୁ ଗୋଟିଏ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଲେ। ହେଲେ ଆଜି ପର୍ଯ୍ୟନ୍ତ ସେ ଦାବି ପୂରଣ ହୋଇ ପାରିଲା ନାହିଁ। ଏହାକୁ ବିରୋଧ କରି ସମଗ୍ର ରାଜ୍ୟରେ ଗୁରୁବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଆରମ୍ଭ ହେବ। ଯେଉଁ ଡ୍ରାଇଭରମାନେ ବାହାର ରାଜକୁ ଯାଇଛନ୍ତି ସେମାନଙ୍କ ପାଇଁ ଅପେକ୍ଷା କରାଯାଇଛି। ସେମାନେ ଘରେ ପହଞ୍ଚିଲେ ସମସ୍ତ ଡ୍ରାଇଭର ଆନ୍ଦୋଳନରେ ସାମିଲ ହେବେ।

ବୁଧବାର ଦିଲ୍ଲୀର ଜନ୍ତରମନ୍ତର ଠାରେ ଏନେଇ ସବୁ ରାଜ୍ୟର ଡ୍ରାଇଭର ସଂଘଗୁଡିକର ମିଳିତ ବୈଠକ ହୋଇଥିଲା। କେନ୍ଦ୍ର ସରକାର ନିକଟରେ ୩ ନୂଆ ଅପରାଧିକ ଆଇନ ସଂଶୋଧନ କରିଛନ୍ତି। ଯଦି କୌଣସି ଟ୍ରକ୍ କିମ୍ବା ଡମ୍ପର ଡ୍ରାଇଭର କାହା ଉପରେ ଗାଡ଼ି ମାଡ଼ କରନ୍ତି ଏବଂ ତାଙ୍କର ମୃତ୍ୟୁ ହୋଇଯାଏ, ତା'ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ମିଳିବ। ଏଥିସହ ସେମାନଙ୍କୁ ୭ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଦେବାକୁ ପଡିବ। ପୂର୍ବରୁ ଯେଉଁ ଆଇନ୍ ଥିଲା ସେଥିରେ ହିଟ୍ ଆଣ୍ଡ ରନ୍ ମାମଲାରେ ଫସିଥିବା ଡ୍ରାଇଭରଙ୍କୁ ଅଳ୍ପ ଦିନ ମଧ୍ୟରେ ଜାମିନ ମିଳି ଯାଉଥିଲା। ମାତ୍ର ୨ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା। ଏବେ ଏହି ଆଇନ୍ ବିରୋଧରେ ଡ୍ରାଇଭରମାନେ ☞ପୃଷ୍ଠା-୨

DSPL-508




# ପୋଷାକୁକୁରକୁ ବଞ୍ଚାଇବାକୁ ଯାଇ ବୁଡ଼ିଗଲେ ବିଟେକ୍ ଛାତ୍ର

**ଭୋପାଳ,୪।୧**

ଭୋପାଳ ଏନ୍‌ଆଇଟିର ଜଣେ ବି.ଟେକ୍ ଇଞ୍ଜିନିୟର ତାଙ୍କ ବନ୍ଧୁଙ୍କ ପୋଷା କୁକୁରକୁ ବଞ୍ଚାଇବାକୁ ଯାଇ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ହେଲେ କୁକୁରଟି ପହଁରି କୂଳକୁ ପଳାଇଆସିଛି। ମୃତ ୨୩ ବର୍ଷୀୟ ସରଳ ନିଗମ ତାଙ୍କ ମାଆବାପାଙ୍କ ଏକମାତ୍ର ସନ୍ତାନ ଥିବାବେଳେ ସେ ଏମ୍‌ଏନ୍‌ଆଇଟରୁ ଇଞ୍ଜିନିୟରିଂ ଡିଗ୍ରୀ ହାସଲ ପରେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତି ଚଳାଇଥିଲେ। ସରଳ ତାଙ୍କର ଦୁଇଜଣ ବାନ୍ଧବୀଙ୍କ ସହ ବୁଧବାର ସକାଳେ କେରୱା ଡ୍ୟାମ୍ ଅଞ୍ଚଳରେ ଥିବା ଜଙ୍ଗଲ କ୍ୟାମ୍ପକୁ ପ୍ରାତଃ ଭ୍ରମଣରେ ଯାଇଥିଲେ। ଜଣେ ବାନ୍ଧବୀ ସାଙ୍ଗରେ ନେଇଥିବା ପୋଷା କୁକୁର ପାଣିରେ ପଡ଼ିଯାଇଥିଲା। ତାକୁ ବଞ୍ଚାଇବାକୁ ଯାଇ ୩ ଜଣ ଯାକ ପାଣିରେ ପଶିଥିଲେ। ପ୍ରବଳ ସ୍ରୋତରେ ସେମାନେ ପରସ୍ପରଠାରୁ ଦୂରେଇଯାଇ ଜଳଭଣ୍ଡାରରେ ପଡ଼ିଥିଲେ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଅନ୍ତରାମ ଯାଦବ କହିଛନ୍ତି। ଦୁଇ ଯୁବତୀ କୌଣସି ପ୍ରକାରେ କୂଳକୁ ଚାଲିଆସିଥିଲେ ମଧ୍ୟ ସରଳ ସ୍ରୋତରେ ଠେଲିହୋଇ ଗଭୀର ଜଳ ମଧ୍ୟକୁ ଚାଲିଯାଇଥିଲେ। ଖବର ପାଇଁ ସ୍ଥାନୀୟ ପୋଲିସ ଓ ବୁଡ଼ାଳି ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସରଳଙ୍କୁ ବଞ୍ଚାଇ ପାରି ନ ଥିଲେ।

**ଆଜିର ସମ୍ପାଦକୀୟ**

ସବୁଜ ଚିନ୍ତା



## ସଂକ୍ଷେପରେ

### ପଞ୍ଜାବ ଡିଏସ୍‌ପିଙ୍କୁ ହତ୍ୟାକଲେ ଅଟୋ ଡ୍ରାଇଭର



ଦଲବୀର ସିଂ ଦେଓଲ

**ଚଣ୍ଡିଗଡ଼,୪।୧:** ପଞ୍ଜାବ ଡିଏସ୍‌ପି ଦଲବୀର ସିଂ ଦେଓଲଙ୍କ ମୃତଦେହ ବୁଧବାର ଜଳନ୍ଧରରୁ ମିଳିଥିବାବେଳେ ତାଙ୍କୁ ଜଣେ ଅଟୋ ଚାଳକ ଗୁଳିକରି ହତ୍ୟା କରିଥିବା ଜଣାପଡ଼ିଛି। ଏକ ମାମୁଲି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡରୁ ହତ୍ୟାକାଣ୍ଡ ଘଟିଥିଲା। ପୂର୍ବରୁ ଦେଓଲ ଜଣେ ଭାରୋତ୍ତଳକ ଥିଲେ। ୨୦୦୦ରେ ସେ ଅର୍ଜୁନ ପୁରସ୍କାର ପାଇଥିଲେ। ସେ ଅଟୋ ଡ୍ରାଇଭରଙ୍କୁ ତାଙ୍କ ଗାଁରେ ଛାଡ଼ିଦେବାକୁ କହିଥିଲେ। ଅଟୋ ଡ୍ରାଇଭର ମନା କରିଦେବାରୁ ଏହାକୁ ନେଇ ବଚସା ହୋଇଥିଲା। ନିଶାଗ୍ରସ୍ତ ଅବସ୍ଥାରେ ଥିବା ଅଭିଯୁକ୍ତ ଡ୍ରାଇଭର ଦେଓଲଙ୍କ ସର୍ଭିସ୍ ପିସ୍ତଲ ଛଡ଼ାଇ ନେଇ ତାଙ୍କ ମୁଣ୍ଡକୁ ଗୁଳି ଚଳାଇଥିଲେ। ବିଜୟ କୁମାର ନାମକ ଅଟୋ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଜଳନ୍ଧର ପୋଲିସ କମିଶନର ସ୍ୱପନ ଶର୍ମା କହିଛନ୍ତି।

### ଦିଲ୍ଲୀରୁ ହିଜ୍‌ବୁଲ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୪।୧:** ଜମ୍ମୁ-କଶ୍ମୀରର ମୋଷ୍ଟୱାଣ୍ଟେଡ୍ ହିଜ୍‌ବୁଲ ମୁଜାହିଦ୍ଦିନ୍ ଆତଙ୍କବାଦୀ ଜାଭିଦ ଅହମଦ ମାଟ୍ଟୁଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଛି। ଦିଲ୍ଲୀ ପୋଲିସ୍‌ର ସ୍ୱତନ୍ତ୍ର ସେଲ୍ ଗୁରୁବାର ତାଙ୍କୁ ଗିରଫ କରିଛି। କଶ୍ମୀରର ଅନେକ ଆତଙ୍କବାଦୀ ଆକ୍ରମଣ ସହ ମାଟ୍ଟୁ ଜଡ଼ିତ। ସୁରକ୍ଷା ବଳର ୧୦ ଶୀର୍ଷ ଟାର୍ଗେଟ ମଧ୍ୟରେ ସେ ରହିଥିଲେ। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ମାଟ୍ଟୁଙ୍କ ଘର ସୋପୁର ଅଞ୍ଚଳରେ ହୋଇଥିବାବେଳେ ସେ ଅନେକ ସମୟରେ ପାକିସ୍ତାନ ଯାଉଥିଲେ।

### ଦିନେଶ ତ୍ରିପାଠୀ ହେଲେ ବାୟୁସେନା ଉପମୁଖ୍ୟ



**ନୂଆଦିଲ୍ଲୀ,୪।୧:** ଭାଇସ୍ ଆଡମିରାଲ ଦିନେଶ ତ୍ରିପାଠୀ ଗୁରୁବାର ଦେଶର ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ପଦବୀରେ ଥିବା ଭାଇସ୍ ଆଡମିରାଲ ସଞ୍ଜୟ ଜେ. ସିଂଙ୍କୁ ୱେଷ୍ଟର୍ନ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ କରାଯାଇଛି। ଭାଇସ୍ ଆଡମିରାଲ ତ୍ରିପାଠୀ ପୂର୍ବରୁ ୱେଷ୍ଟର୍ନ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବେ କାର୍ଯ୍ୟ କରିଥିଲେ।

# ଖାଲିହେବ ୬୮ ରାଜ୍ୟ ସଭା ଆସନ

ନୂଆଦିଲ୍ଲୀ,୪।୧(ପି.ଟି.)



ଚଳିତ ବର୍ଷ ୯ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୬୮ ରାଜ୍ୟ ସଭା ସଦସ୍ୟଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଶେଷ ହେବ। ୬୮ ଆସନ ମଧ୍ୟରୁ ଦିଲ୍ଲୀର ୩ ଆସନ ଲାଗି ନିର୍ବାଚନ ଘୋଷଣା କରାଯାଇଛି। ଉକ୍ତ ଆସନର ଏଏପି ନେତା ସଞ୍ଜୟ ସିଂ, ନାରାୟଣ ଦାସଗୁପ୍ତା ଏବଂ ସୁଶୀଲ କୁମାର ଗୁପ୍ତାଙ୍କ କାର୍ଯ୍ୟକାଳ ଜାନୁଆରୀ ୨୭ରେ ଶେଷ ହେବାକୁ ଯାଉଛି। ସେହିପରି ସିକିମ୍‌ରୁ ଖାଲିହେବାକୁ ଥିବା ଏକମାତ୍ର ଆସନ ପାଇଁ ମଧ୍ୟ ନିର୍ବାଚନ ଘୋଷଣା କରାଯାଇଛି। ଫେବୃୟାରୀ ୨୩ରେ ଉକ୍ତ ଆସନରୁ ଏମ୍‌ପି ଥିବା ଏସ୍‌ଡିଏଫ୍ ନେତା ହିଶେୟ ଲାଚୁଙ୍ଗପା ଅବସର ନେବେ। ଆସନ୍ତା ଏପ୍ରିଲରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ କାର୍ଯ୍ୟକାଳ ଶେଷ ହେବ। ସେହିପରି ଓଡ଼ିଶାରୁ ବିଜେଡି ସଦସ୍ୟ ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ, ଭାଜପା ମୁଖ୍ୟ ମୁଖପାତ୍ର ଅନିଲ ବାଲୁନି (ଉତ୍ତରାଖଣ୍ଡ), ମତ୍ସ୍ୟ ସମ୍ପଦ ମନ୍ତ୍ରୀ ପରଷୋତ୍ତମ ରୁପାଲା, ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନାରାୟଣ ରାଣେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଡ଼କର ପ୍ରମୁଖଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି।

ଉତ୍ତରପ୍ରଦେଶରୁ ସର୍ବାଧିକ ୧୦ ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ବିହାର ଏବଂ ମହାରାଷ୍ଟ୍ରରୁ ୬ଟି ଲେଖାଏ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରୁ ୫ ଲେଖାଏ, କର୍ନାଟକ ଓ ଗୁଜରାଟରେ ୪ଟି ଲେଖାଏ, ଓଡ଼ିଶା, ତେଲଙ୍ଗାନା, କେରଳ ଓ ଆନ୍ଧ୍ରପ୍ରଦେଶରେ ୩ଟି ଲେଖାଏ ଆସନ ଖାଲି ହେବ। ସେହିପରି ଝାଡ଼ଖଣ୍ଡ ଓ ରାଜସ୍ଥାନରୁ ୨ଟି ଲେଖାଏ ଆସନ ଖାଲି ହେବାକୁ ଥିବାବେଳେ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ହରିୟାଣା ଏବଂ ଛତିଶଗଡ଼ରୁ ଗୋଟିଏ ଲେଖାଏ ଆସନ ଖାଲି ହେବାକୁ ଯାଉଛି। ଜୁଲାଇରେ ୪ ମନୋନୀତ ସଦସ୍ୟ ମଧ୍ୟ ଅବସର ନେବେ। ହିମାଚଳପ୍ରଦେଶରେ କଂଗ୍ରେସ କ୍ଷମତାରେ ଥିବାରୁ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଅନ୍ୟ କୌଣସି ରାଜ୍ୟରୁ ରାଜ୍ୟ ସଭାକୁ ନିର୍ବାଚିତ ହେବାକୁ ପଡ଼ିବ। ସେହିପରି କର୍ନାଟକ ଓ ତେଲଙ୍ଗାନାରେ କଂଗ୍ରେସ କ୍ଷମତାରେ ଥିବାରୁ ସେଠାରୁ ଦଳୀୟ ପ୍ରତିନିଧିଙ୍କୁ ରାଜ୍ୟ ସଭାକୁ ପଠାଇବ। କର୍ନାଟକରୁ ୪ ସଦସ୍ୟ ଚଳିତ ବର୍ଷ ଅବସର ନେଉଥିବାବେଳେ ତେଲଙ୍ଗାନାରୁ ୩ ଜଣଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହିସବୁ ଆସନ ପାଇଁ ଚଳିତ ବର୍ଷ ନିର୍ବାଚନ ହେବାକୁ ଯାଉଛି। ମନୋନୀତ ସଦସ୍ୟଙ୍କ ମଧ୍ୟରୁ ମହେଶ ଜେଠମାଲାନି, ସୋନାଲ ମାନ୍‌ସିଂ, ରାମ ଶକଲ ଏବଂ ରାକେଶ ସିହ୍ନା ଜୁଲାଇରେ ଅବସର ନେବେ।



ଲାକ୍ଷାଦ୍ୱୀପ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମୁଦ୍ର ଗର୍ଭରେ ଜୀବନ ସମ୍ପର୍କରେ ଜାଣିବା ପାଇଁ ଆରବ ସାଗରରେ ସନ୍ତରଣ ନିମନ୍ତେ ପ୍ରସ୍ତୁତ ହେଉଛନ୍ତି।

# କଂଗ୍ରେସରେ ଯୋଗଦେଲେ ଶର୍ମିଳା



ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ୱାଇ.ଏସ୍. ଶର୍ମିଳା କଂଗ୍ରେସରେ ଯୋଗଦେଉଛନ୍ତି।

ନୂଆଦିଲ୍ଲୀ,୪।୧

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କ ଝିଅ ତଥା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିର ପ୍ରତିଷ୍ଠାତା ୱାଇ.ଏସ୍. ଶର୍ମିଳା ଗୁରୁବାର କଂଗ୍ରେସରେ ଯୋଗଦେଇଛନ୍ତି। ସେ ତାଙ୍କର ୱାଇଏସ୍‌ଆର୍ ତେଲଙ୍ଗାନା କଂଗ୍ରେସକୁ କଂଗ୍ରେସରେ ବିଲୀନ କରାଇଛନ୍ତି। ଦଳ ଯାହା ଦାୟିତ୍ୱ ଦେବ ସେ ନିର୍ବାହ କରିବେ ବୋଲି କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଶର୍ମିଳା ସର୍ବପୁରାତନ ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସ ଦେଶର ସର୍ବବୃହତ୍ ଧର୍ମନିରପେକ୍ଷ ଦଳ, ଯାହା ସବୁ ସମ୍ପ୍ରଦାୟ ଓ ସବୁ ବର୍ଗର ଲୋକଙ୍କ ପାଇଁ କାମ କରିଥାଏ ବୋଲି ଶର୍ମିଳା କହିଛନ୍ତି। ଦିଲ୍ଲୀରେ କଂଗ୍ରେସ ନେତାମାନଙ୍କୁ ଭେଟିବା ପରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବେ ବୋଲି ଗତ ମଙ୍ଗଳବାର ହାଇଦ୍ରାବାଦରେ ୱାଇଏସ୍‌ଆର୍ ତେଲଙ୍ଗାନା କଂଗ୍ରେସ ପାର୍ଟି ବୈଠକରେ ଶର୍ମିଳା କହିଥିଲେ। ଶର୍ମିଳା ହେଉଛନ୍ତି ବର୍ତ୍ତମାନର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ସାନ ଭଉଣୀ। ତେବେ ଜଗନଙ୍କ ଦଳରେ ଯୋଗଦେବା ଅନୁରୋଧକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବା ତାଙ୍କ ବାପାଙ୍କ ସ୍ୱପ୍ନ ଥିଲା ବୋଲି ଶର୍ମିଳା କହିଛନ୍ତି। ଏଥିପାଇଁ ସେ କିଛି ଅବଦାନ ଦେଇପାରିଲେ ଖୁସି ହେବେ। ତେଲଙ୍ଗାନାରେ କଂଗ୍ରେସର ବିଜୟରେ ତାଙ୍କର ସହଯୋଗ ରହିଥିଲା ବୋଲି ଶର୍ମିଳା କହିଛନ୍ତି।

# ଭାରତକୁ ୧୦ ହଜାର ମେଗାୱାଟ୍ ବିଦ୍ୟୁତ୍ ଯୋଗାଇବ ନେପାଳ

**ଚୁକ୍ତିନାମା ସ୍ୱାକ୍ଷରିତ**

କାଠମାଣ୍ଡୁ,୪।୧

ଭାରତ ଏବଂ ନେପାଳ ମଧ୍ୟରେ ଗୁରୁବାର ଦୀର୍ଘମିଆଦୀ ବିଦ୍ୟୁତ୍ ବାଣିଜ୍ୟ ଚୁକ୍ତିନାମା ସମେତ ଅନେକ ଚୁକ୍ତି ସ୍ୱାକ୍ଷର ହୋଇଛି। ବିଦ୍ୟୁତ୍ ଚୁକ୍ତିନାମା ଅନୁଯାୟୀ ନେପାଳ ଆଗାମୀ ୧୦ ବର୍ଷ ଯାଏ ଭାରତକୁ ୧୦ ହଜାର ମେଗାୱାଟ୍ ବିଦ୍ୟୁତ୍ ରପ୍ତାନି କରିବ। ନେପାଳର ଶକ୍ତି, ଜଳ ସମ୍ପଦ ଓ ଜଳସେଚନ ମନ୍ତ୍ରୀ ଶକ୍ତିବାହାଦୁର ବସନେଟଙ୍କ ଉପସ୍ଥିତିରେ ନେପାଳର ବିଭାଗୀୟ ସଚିବ ଗୋପାଳ ସିଗଡେଲ୍ ଏବଂ ଭାରତର ଶକ୍ତି ସଚିବ ପଙ୍କଜ ଅଗ୍ରୱାଲ ଦୁଇଦେଶ ତରଫରୁ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଗତବର୍ଷ ମେ’୩୧ରୁ ଜୁନ୍ ୩ ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ଭାରତ ଗସ୍ତରେ ଆସିଥିବାବେଳେ ବିଦ୍ୟୁତ୍ ରପ୍ତାନି ନେଇ ଦ୍ୱିପାକ୍ଷିକ ବୁଝାମଣା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେପାଳରୁ ବିଦ୍ୟୁତ୍ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ନେପାଳ ପ୍ରତିପକ୍ଷ ଏନ୍.ପି. ସୁଦ୍‌ଙ୍କ ସହ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ତଥା ଫଳପ୍ରଦ ଆଲୋଚନା କରିଥିବାବେଳେ ଅନେକ ଚୁକ୍ତି ସ୍ୱାକ୍ଷର ହୋଇଛି। ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ, ଯୋଗାଯୋଗ ପ୍ରକଳ୍ପ ଏବଂ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଉଭୟ ନେତା ମିଳିତ ଭାବେ ୩ଟି ସୀମାପାର ଟ୍ରାନ୍ସମିଶନଲାଇନ୍‌ରଉଦ୍‌ଘାଟନକରିଥିଲେ।

# ତାଲିବାନ୍‌ର ଡ୍ରେସ୍ କୋଡ୍ ଚଢ଼ାଉ: ଖରାପ ହିଜାବ ପାଇଁ ବହୁ ମହିଳା ଗିରଫ

କାବୁଲ,୪।୧

ଆଫଗାନିସ୍ତାନରେ ତାଲିବାନ୍ ୨୦୨୧ରେ କ୍ଷମତାକୁ ଫେରିବା ପରେ ମହିଳାଙ୍କ ଡ୍ରେସ୍ କୋଡ୍‌କୁ ନେଇ ପ୍ରଥମ ଚଢ଼ାଉ କରିଛି। ରାଜଧାନୀ କାବୁଲରେ ଏହି ଚଢ଼ାଉ ବେଳେ ଖରାପ ହିଜାବ ପିନ୍ଧିଥିବା ଅନେକ ମହିଳା ଗିରଫ ହୋଇଛନ୍ତି। ଇରାନରେ ହିଜାବକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ତାଲିବାନ ଶାସକ ନିଜ ଦେଶରେ ନିୟମକୁ କଡ଼ାକଡ଼ି କରିଛନ୍ତି। ସେଠାର ମହିଳା ଓ ଝିଅମାନେ ଶିକ୍ଷା ଓ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେବା ସହ ସର୍ବସାଧାରଣ ସ୍ଥାନକୁ ଯିବାର ଅନୁମତି ସେମାନଙ୍କୁ ମିଳୁ ନାହିଁ। ଏବେ ହିଜାବ ଚଢ଼ାଉକୁ ନେଇ ସେମାନେ ଆହୁରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଖରାପ ହିଜାବ କ’ଣ ଏବଂ କେତେ ସଂଖ୍ୟାରେ ମହିଳା ଗିରଫ ହେଲେଣି, ସେନେଇ ବିଭାଗୀୟ ମନ୍ତ୍ରୀ ସ୍ପଷ୍ଟ କରିନାହାନ୍ତି। ମହିଳାମାନେ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ବୁର୍ଖାରେ ଆବୃତ୍ତ କରି ରଖିବାକୁ ୨୦୨୨ ମେ’ରେ ତାଲିବାନ ନିର୍ଦ୍ଦେଶନାମା ଜାରି କରିଥିଲା।

# ରାହୁଲଙ୍କ ପଦଯାତ୍ରା ନାଁ ବଦଳିଲା

ନୂଆଦିଲ୍ଲୀ,୪।୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁରରୁ ମୁମ୍ବାଇ ପର୍ଯ୍ୟନ୍ତ ହେବାକୁ ଥିବା ପଦଯାତ୍ରାର ନାଁ ପରିବର୍ତ୍ତନ କରାଯାଇ ‘ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା’ ରଖାଯାଇଛି। ଆସନ୍ତା ୧୪ ତାରିଖରୁ ଏହି ଯାତ୍ରା ଆରମ୍ଭ ହେବ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ବସିଥିବା ଦଳୀୟ ନେତାମାନଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ, ବିଭିନ୍ନ ରାଜ୍ୟର ପ୍ରଭାରୀ, ରାଜ୍ୟ ସଭାପତି ଏବଂ କଂଗ୍ରେସ ବିଧାୟକ ଦଳର ନେତାମାନେ ଉପସ୍ଥିତ ଥିଲେ। ପୂର୍ବରୁ ଯାତ୍ରାର ନାଁ ‘ଭାରତ ନ୍ୟାୟ ଯାତ୍ରା’ ରଖାଯାଇଥିଲା। ଏହି ଯାତ୍ରା ୧୫ଟି ରାଜ୍ୟ ଦେଇ ୬,୭୧୩ କିଲୋମିଟର ଅତିକ୍ରମ କରିବ। ଏଥିରେ ଭାଗ ନେବାକୁ ଥିବା ଦଳୀୟ ନେତା, କର୍ମୀ ଓ ସମର୍ଥକମାନେ ପାଦରେ ଚାଲି ଓ ବସ୍‌ରେ ଯାତ୍ରା କରିବେ। ମୋଟ ୧୦୦ ଜିଲା, ୧୦୦ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ୩୩୭ ବିଧାନସଭା କ୍ଷେତ୍ରରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କୁ ଏଥିରେ ସାମିଲ ହେବା ଲାଗି ଆମନ୍ତ୍ରଣ କରାଯାଇଛି। ପୂର୍ବରୁ କନ୍ୟାକୁମାରୀରୁ କଶ୍ମୀର ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ଭଳି ରାଜନୀତି ଉପରେ ଆଗାମୀ ଯାତ୍ରାର ପରିବର୍ତ୍ତନକାରୀ ପ୍ରଭାବ ପଡ଼ିବ ବୋଲି ଜୟରାମ କହିଛନ୍ତି।

# ଏପ୍‌ଷ୍ଟେଇନ୍‌ଙ୍କ ଫାଇଲ୍‌ରେ ବିଲ୍ କ୍ଲିଣ୍ଟନ, ମାଇକେଲ ଜାକ୍‌ସନ୍‌ଙ୍କ ନାଁ

**ବହୁ ନାବାଳିକା ଯୌନ ଅପରାଧରେ ସଂପୃକ୍ତ ଥିଲେ ଏପ୍‌ଷ୍ଟେଇନ୍**

ୱାଶିଂଟନ,୪।୧



ଜେଫ୍‌ରି ଏଡ୍‌ୱାର୍ଡ ଏପ୍‌ଷ୍ଟେଇନ୍



ବିଲ୍ କ୍ଲିଣ୍ଟନ



ମାଇକେଲ ଜାକ୍‌ସନ

ଆମେରିକାର କୋଟିପତି ଫାଇନାନ୍ସର ତଥା ଯୌନ ଅପରାଧୀ ଜେଫ୍‌ରି ଏଡ୍‌ୱାର୍ଡ ଏପ୍‌ଷ୍ଟେଇନ୍‌ଙ୍କ ସମ୍ପର୍କିତ କେତେକ ନୂଆ ଦସ୍ତାବିଜ୍ ଆମେରିକାର ଏକ ଅଦାଲତ ବୁଧବାର ପ୍ରକାଶ କରିଛନ୍ତି। ଏପ୍‌ଷ୍ଟେଇନ୍‌ଙ୍କ ବିରୋଧରେ ଯୌନ ଚାଲାଣ ମାମଲା ବିଚାରାଧୀନ ଥିବାବେଳେ ୨୦୧୯ରେ ସେ ଆତ୍ମହତ୍ୟା କରିଥିଲେ। ନୂଆ ଦସ୍ତାବିଜ୍‌ରେ ଏପ୍‌ଷ୍ଟେଇନ୍‌ଙ୍କ ସହ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ଡୋନାଲ୍ଡ ଟ୍ରମ୍ପ, ପପ୍ ଷ୍ଟାର ମାଇକେଲ ଜାକ୍‌ସନ ଏବଂ ବ୍ରିଟେନ୍ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କ ସମ୍ପର୍କ ଥିବା ଜଣାପଡ଼ିଛି। ପାଖାପାଖି ୪୦ଟି ଦସ୍ତାବିଜ୍ ସର୍ବସାଧାରଣରେ ପ୍ରକାଶ କରାଯାଇଥିବାବେଳେ ସେଥିରୁ ଏପ୍‌ଷ୍ଟେଇନ୍‌ଙ୍କ ସମ୍ପର୍କରେ ବହୁ ତଥ୍ୟ ଜଣାପଡ଼ିଛି। ଆଗକୁ ଅଧିକ ଦସ୍ତାବିଜ୍ ପ୍ରକାଶ ପାଇବା ଆଶା କରାଯାଉଛି।

ଜଣେ ୧୪ ବର୍ଷୀୟାଙ୍କୁ ଯୌନକ୍ରିୟା ପାଇଁ ଅର୍ଥ ଦେଉଥିବା ଅଭିଯୋଗରେ ୨୦୦୫ରେ ଏପ୍‌ଷ୍ଟେଇନ୍‌ଙ୍କୁ ଗିରଫ କରାଯାଇଥିଲା। ସେ ଅନେକ ନାବାଳିକାଙ୍କ ସହ ଯୌନ ସମ୍ପର୍କ ରଖିଥିବା ଜଣାପଡ଼ିଥିଲା। ୨୦୦୮ରେ ଏକ ଯୌନ ଅପରାଧ ମାମଲାରେ ସେ କୋର୍ଟରେ ଦୋଷ ସ୍ୱୀକାର କରିଥିଲେ। ତାଙ୍କୁ ୧୩ ମାସ ଜେଲଦଣ୍ଡ ହୋଇଥିଲା। ୨୦୧୯ରେ ନ୍ୟୁୟର୍କର ଫେଡେରାଲ ପ୍ରସିକ୍ୟୁଟରମାନେ ଏପ୍‌ଷ୍ଟେଇନ୍‌ଙ୍କୁ ଯୌନ ଚାଲାଣ ଅଭିଯୋଗରେ ଅଭିଯୁକ୍ତ କରିଥିଲେ।

ଅଦାଲତ ପ୍ରକାଶ କରିଥିବା ଡକ୍ୟୁମେଣ୍ଟ ଅନୁଯାୟୀ ଏପ୍‌ଷ୍ଟେଇନ୍‌ଙ୍କ ପୂର୍ବତନ ବାନ୍ଧବୀ ଘିସ୍‌ଲେନ୍ ମାକ୍ସୱେଲଙ୍କ ନାଁରେ ପୀଡ଼ିତା ଭିର୍ଜିନିଆ ଗିଉଫ୍ରେ ୨୦୧୫ରେ ମାମଲା ଦାଏର କରିଥିଲେ। ଏପ୍‌ଷ୍ଟେଇନ୍ ନାବାଳିକାମାନଙ୍କୁ ତାଙ୍କ ଫ୍ଲୋରିଡା, ନ୍ୟୁୟର୍କ, ଭିର୍ଜିନ ଆଇଲାଣ୍ଡ ଏବଂ ନ୍ୟୁ ମେକ୍ସିକୋ ଘରକୁ ନେଇ ଯୌନ ନିର୍ଯାତନା ଦେଉଥିଲେ ବୋଲି ସେଥିରେ ଉଲ୍ଲେଖ ରହିଛି।

## ଫୁରସତ

# ଦିନରେ ୧୦ ହଜାର ଥର ଶୁଏ



**ନୂଆଦିଲ୍ଲୀ:** ଦୁନିଆରେ ଅନେକ ଲୋକଙ୍କ ମଧ୍ୟରେ କିଛି ଲୋକ ବହୁତ ଅଳସୁଆ ପ୍ରକୃତିର ଥାନ୍ତି। ଯେଉଁମାନଙ୍କୁ ଅଧିକାଂଶ ସମୟ ଶୋଇବାକୁ ଭଲ ଲାଗେ। ହେଲେ ଏପରି ଏକ ଜୀବ ଅଛି, ଯିଏ ଦିନରେ ୨-୪ ଥର ନୁହେଁ, ୧୦ ହଜାର ଥର ଶୁଏ। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ନିକଟରେ ବୈଜ୍ଞାନିକମାନେ ଏନେଇ ଏକ ତଥ୍ୟ ପ୍ରକାଶ କରିଛନ୍ତି। ଏହି ଜୀବ ହେଉଛି ଚିନ୍‌ସଟ୍ରାପ ପେଙ୍ଗୁଇନ୍। ଆଣ୍ଟାର୍କଟିକାରେ ଦେଖାଯାଉଥିବା ପେଙ୍ଗୁଇନ୍‌ଙ୍କ ଏହା ଏକ ପ୍ରଜାତି। ବୈଜ୍ଞାନିକମାନେ ଆଣ୍ଟାର୍କଟିକାର କିଙ୍ଗ୍ ଜର୍ଜ ଦ୍ୱୀପରେ ଦେଖାଯାଉଥିବା ପକ୍ଷୀଙ୍କ ଉପରେ ଏକ ଗବେଷଣା କରୁଥିଲେ। ସେତେବେଳେ ଏପରି ଏକ ତଥ୍ୟ ସାମ୍ନାକୁ ଆସିଲା। ରିପୋର୍ଟ ମୁତାବକ, ଚିନ୍‌ସଟ୍ରାପ ପେଙ୍ଗୁଇନ୍ ଦୁନିଆର ଏପରି ଏକ ପକ୍ଷୀ, ଯିଏ ଦିନକୁ ୧୦ ହଜାର ଥର ଶୋଇଥାଏ। ତେବେ ସେମାନଙ୍କ ସମସ୍ତ ନିଦ୍ରାର ଅବଧି କେବଳ ୪ ସେକେଣ୍ଡର ହୋଇଥାଏ। ଯେତେବେଳେ ଏମାନଙ୍କ ବେକ ହଲୁଥାଏ, ସେତେବେଳେ ନିଦ୍ରାରେ ଥାନ୍ତି। ନିଜ ଅଣ୍ଡା ଏବଂ ପ୍ରତି ସବୁ ସମୟରେ ବିପଦ ଅନୁଭବ କରିଥାନ୍ତି। ସେଥିପାଇଁ ଏମାନେ ବାରମ୍ବାର ନିଦ୍ରାରୁ ଉଠି ଛୁଆଙ୍କ ପ୍ରତି ନଜର ରଖାଥାନ୍ତି। ବୈଜ୍ଞାନିକଙ୍କ ଅନୁସାରେ, ଏମାନେ ଦିନରେ ୧୧ ଘଣ୍ଟା ନିଦ୍ରାରେ ଆସକ୍ତ ହୋଇଥାନ୍ତି। ୧୯୮୦ ମସିହାରେ ମଧ୍ୟ ଏମାନଙ୍କ ଉପରେ ରିସର୍ଚ୍ଚ ହୋଇଥିଲା। ହେଲେ ସେତେବେଳେ କେବଳ ଏମାନେ ବାରମ୍ବାର ଶୋଉଥିବା ଜଣାପଡ଼ିଥିଲା। କଳା ଏବଂ ଧଳା ରଙ୍ଗର ଚିନ୍‌ସଟ୍ରାପ ପେଙ୍ଗୁଇନ୍ ଦକ୍ଷିଣ ଗୋଲାର୍ଦ୍ଧରେ ରୁହନ୍ତି। ଏମାନଙ୍କ ପାଖରେ ପୁଚ୍ଛ ଥିଲେ ମଧ୍ୟ ଉଡ଼ିପାରନ୍ତି ନାହିଁ। କେବଳ ପହଁରିବାରେ କାମ ଦେଇଥାଏ। ପେଙ୍ଗୁଇନ୍‌ଙ୍କ ମୁଣ୍ଡ ତଳେ ଏକ କଳା ରଙ୍ଗ ପଟି ରହିଥାଏ, ସେଥିପାଇଁ ଏମାନଙ୍କୁ ଚିନ୍‌ସଟ୍ରାପ ପେଙ୍ଗୁଇନ୍ କୁହାଯାଏ। ଖାଦ୍ୟ ଅନ୍ୱେଷଣରେ ଏମାନେ ୭୦ ମିଟର ସମୁଦ୍ର ଭିତରକୁ ଯାଇଥାନ୍ତି। ଏମାନେ ଅଧା ମିନିଟ୍‌ରେ ୧୦ ମିଟର ତଳକୁ ଯାଇ ତାଙ୍କ ଖାଦ୍ୟ ସଂଗ୍ରହ କରିପାରନ୍ତି।

# ସବୁଠୁ ଖରାପ ଶହେ ଖାଦ୍ୟ ଲିଷ୍ଟରେ ଆଳୁ, ବାଇଗଣ ଭର୍ତ୍ତା

**ନୂଆଦିଲ୍ଲୀ:** ସମସ୍ତଙ୍କ ଘରେ ବିଭିନ୍ନ ପ୍ରକାର ପନିପରିବା ରୋଷେଇ ହୋଇଥାଏ। ଏଥିମଧ୍ୟରୁ କିଛି ଏପରି ହୋଇଥାଏ, ଯାହା ସମସ୍ତଙ୍କୁ ଖାଇବାକୁ ଭଲ ଲାଗେନି। ଏପରି ପରିବା ହେଉଛି କଲରା ଓ ବାଇଗଣ, ଏହାକୁ ସମସ୍ତେ ଖାଇବାକୁ ପସନ୍ଦ କରନ୍ତିନି। ନିକଟରେ ଲୋକେ ପସନ୍ଦ କରୁଥିବା ଖାଦ୍ୟର ସୂଚୀ ପ୍ରକାଶ ପାଇଥିଲା। ସେଥିରେ ଏପରି କିଛି ଖାଦ୍ୟ ଥିଲା, ଯାହାକୁ ଲୋକେ ଅତ୍ୟଧିକ ଖାଉଥିଲେ। ସାଧାରଣତଃ ଘରେ ଆଳୁ, ବାଇଗଣ ଭର୍ତ୍ତା କିମ୍ବା ଚକଟାକୁ ଅନେକ ଲୋକ ପସନ୍ଦ କରିଥାନ୍ତି। ତେବେ ନିକଟରେ ପ୍ରକାଶ ପାଇଥିବା ଦୁନିଆର ସବୁଠୁ ଖରାପ ଶହେ ଖାଦ୍ୟର ଏକ ଲିଷ୍ଟରେ ଏହାକୁ ବର୍ଗୀକରଣ କରାଯାଇଛି। ଏହି ସୂଚୀରେ ଆଳୁ, ବାଇଗଣ ଭର୍ତ୍ତା ୬୦ତମ ସ୍ଥାନରେ ରହିଛି। ଏହି ଲିଷ୍ଟର ପ୍ରଥମ ସ୍ଥାନରେ ରହିଛି ଆୟର୍ଲାଣ୍ଡରେ ପ୍ରସ୍ତୁତ ଖାଦ୍ୟ ‘ହକର୍ଲ’। ଏହାକୁ ୩ ମାସ ତଳର ଷ୍ଟୋର କରି ରଖାଯାଇଥିବା ଶାର୍କ ମାଂସରେ ପ୍ରସ୍ତୁତ କରାଯାଏ। ଏହି ରାଗୁଆ ଖାଦ୍ୟ ଆୟର୍ଲାଣ୍ଡର ଲୋକେ ବେଶ୍ ପସନ୍ଦ କରିଥାନ୍ତି।



# ଚଡ଼ି ପିନ୍ଧି ବିଶ୍ୱ ରେକର୍ଡ



କାନବେରା: ପ୍ରତିଦିନ ସୋସିଆଲ ମିଡିଆରେ ଅନେକ ମଜାଦାର ଭିଡିଓ ଭାଇରାଲ ହେଉଛି। ନିକଟରେ ଏପରି କିଛି ମଜାଦାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯାହା ଏକ ବିଶ୍ୱ ରେକର୍ଡ କରିଛି। ଅଷ୍ଟ୍ରେଲିଆର ନିକୋଲାସ ମାନିଙ୍ଗ ୧୩.୩ ସେକେଣ୍ଡରେ ୧୦ଟି ଚଡ଼ି ପିନ୍ଧି ବିଶ୍ୱ ରେକର୍ଡ କରିଛନ୍ତି, ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି। ତାଙ୍କର ଏହି ଭିଡିଓରେ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏଥିରେ ୟୁଜର ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ ଦେଇଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୫/୨୦୨୪ | Bhubaneswar, Friday, January 5/2024 | ପୃଷ୍ଠା-୧







# ଟ୍ୟାଙ୍କର ସହ ଜଳିଗଲେ ଡ୍ରାଇଭର

## ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା

ବାଙ୍ଗିରିପୋଷି,୪।୧(ସଞ୍ଜୟ କୁମାର ଅଗ୍ରୱାଲ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତାରେ ଗୁରୁବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। କଣ୍ଟେନର ସହ ତେଲ ଟ୍ୟାଙ୍କର ଧକ୍କା ହେବାରୁ ୨ ଚାଳକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଟ୍ୟାଙ୍କରରେ ନିଆଁ ଲାଗିଯିବାରୁ ଏହାର ଚାଳକ ନୟାଗଡ଼ ଜିଲା କର୍ମାକଲା ଗ୍ରାମର ଟୁନ୍‌ଟୁନ୍ ସୋ(୪୫) ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେହିପରି କଣ୍ଟେନର ଚାଳକ ହରିଆଣା ଟୋପକାନ ଗ୍ରାମର ସାହାଜାନ (୫୫) ଚାପି ହୋଇ ପ୍ରାଣ ହରାଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସକାଳ ୮ଟା ସମୟରେ କଣ୍ଟେନର (ନଂ.ଏଚ୍‌ଆର ୪୭ ସି ୩୬୮୧) ଚା' ପତି ବୋଝେଇ କରି ଘାଟି ରାସ୍ତାରେ ଓହ୍ଲାଉଥିବା ବେଳେ ପଛପଟୁ ଆସୁଥିବା ☞ପୃଷ୍ଠା-୨

# ୩ ବର୍ଷ ପରେ ଗଡ଼ିବ ଓଡ଼ିଶାର ଟାବ୍‌ଲୋ

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ଆସନ୍ତା ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀର କର୍ତ୍ତବ୍ୟପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼(ଟାବ୍‌ଲୋ) ଗଡ଼ିବାକୁ ଯାଉଛି। ଲଗାତର ୩ ବର୍ଷ ୨୦୨୧,୨୦୨୨ ଏବଂ ୨୦୨୩ ସାଧାରଣତନ୍ତ୍ର ଦିବସରେ ଓଡ଼ିଶା ପ୍ରଦର୍ଶିତ କରିବାକୁ ଥିବା ପ୍ରଜ୍ଞାପନ ମେଢ଼କୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଖାରଜ କରିଦେଉଥିଲା। ହେଲେ ଆସନ୍ତା ଜାନୁଆରୀ ୨୬ ପାଇଁ ଏଥର ଓଡ଼ିଶା ଯେଉଁ ମେଢ ପ୍ରଦର୍ଶନ କରିବାକୁ ଯୋଜନା ରଖିଥିଲା ସେଥିରେ କେନ୍ଦ୍ର ଅନେକ କିଛି ଜିନିଷ ପରିବର୍ତ୍ତନ କରିଥିଲେ ମଧ୍ୟ ଶେଷରେ ମନୋନୀତ କରିଛି। ଗତମାସ ଶେଷ ସପ୍ତାହ ବେଳକୁ ଓଡ଼ିଶାର ପ୍ରଜ୍ଞାପନ ମେଢ ମନୋନୀତ ହୋଇଥିବା କୁହାଯାଇଥିଲା। ପ୍ରାୟ ସବୁ ଗଣମାଧ୍ୟମ ଏନେଇ ଖବର ମଧ୍ୟ ପ୍ରକାଶ କରିଥିଲେ। ହେଲେ ଏନେଇ ସରକାରୀ ଭାବେ ବିଧିବଦ୍ଧ କେନ୍ଦ୍ର ସରକାରଙ୍କ ତରଫରୁ କିଛି ଚୂଡ଼ାନ୍ତ ଖବର ଦିଆଯାଇ ନ ଥିଲା। ଯେଉଁ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ଚୂଡ଼ାନ୍ତ ଚିଠି ଆସିବ ବୋଲି କୁହାଯାଇଥିଲା ସେଥିରେ ମଧ୍ୟ ବ୍ୟତିକ୍ରମ ଦେଖାଦେଇଥିଲା। ଫଳରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏକ ପ୍ରକାର ଚିନ୍ତାରେ ପଡ଼ିଯାଇଥିଲେ। ଏନେଇ ଧରିତ୍ରୀ ବୁଧବାର ସଂସ୍କରଣରେ 'ପ୍ରଜ୍ଞାପନ ମେଢ଼: ଚିଠି ଆସିଲାନି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଗୁରୁବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ରାଜ୍ୟର ପ୍ରଜ୍ଞାପନ ମେଢକୁ ମନୋନୀତ କରାଯାଇଥିବା ସମ୍ପର୍କରେ ଚିଠି ଆସି ପହଞ୍ଚିଛି। ଏହାପରେ ରାଜ୍ୟ ସରକାର ବେଶ୍ ଉତ୍ସାହିତ ଅଛନ୍ତି। ଏଥର ରାଜ୍ୟ ସରକାର ☞ପୃଷ୍ଠା-୨

# ଟେଷ୍ଟ ଇତିହାସରେ ସବୁଠୁ ଛୋଟ ମ୍ୟାଚ୍

## କେପ୍‌ଟାଉନରେ ଭାରତର ବିରଳ ବିଜୟ

### ଦେଢ଼ ଦିନରେ ଖେଳ ଶେଷ, ସିରିଜ୍ ୧-୧ରେ ଡ୍ର

କେପ୍‌ଟାଉନ୍,୪।୧(ପି.ଟି)

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୭ ଉଇକେଟରେ ଜିତିବା ସହିତ ଭାରତ ଦୁଇ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ରେ ଡ୍ର ରଖିଛି। ବଲ୍ ବ୍ୟବଧାନରେ ଏହା ଟେଷ୍ଟ କ୍ରିକେଟର ସବୁଠୁ ଛୋଟ ମ୍ୟାଚ୍। ଏହା ମାତ୍ର ସାଢେ ୪ ସେସନରେ ଶେଷ ହୋଇଛି। ୧୯୩୨ରେ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ୧୦୯.୨ ଓଭର (୬୫୬ ବଲ୍) ବୋଲିଂ ହୋଇଥିବା ବେଳେ ଏହି ମ୍ୟାଚ୍‌ରେ ୧୦୭ ଓଭର (୬୪୨ ବଲ୍) ବୋଲିଂ ସମ୍ଭବ ହୋଇଛି। ଏହା ସହିତ ପ୍ରଥମ ଏସୀୟ ରାଷ୍ଟ୍ର ଭାବେ ଭାରତ କେପ୍‌ଟାଉନ୍‌ରେ ଐତିହାସିକ ବିଜୟ ହାସଲ କରିଛି। ରେକର୍ଡ ଦୃଷ୍ଟିରୁ ଟେଷ୍ଟ କ୍ରିକେଟରେ ୨୫ ଥର ୨ ଦିନରୁ କମ୍ ସମୟ ମଧ୍ୟରେ ଟେଷ୍ଟ ମ୍ୟାଚ୍ ଶେଷ ହୋଇଛି। ଭାରତର ଏହା ତୃତୀୟ ମ୍ୟାଚ୍, ଯାହା ୨ ଦିନ ମଧ୍ୟରେ ଶେଷ ହୋଇଛି। ପୂର୍ବରୁ ୨୦୧୮ରେ ଆଫଗାନିସ୍ତାନ ଓ ୨୦୨୧ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଦୁଇଦିନରୁ କମ୍ ସମୟରେ ଶେଷ ହୋଇଥିଲା। ସେହିପରି ରୋହିତ ଶର୍ମା ଦ୍ୱିତୀୟ ଭାରତୀୟ ଅଧିନାୟକ ଭାବେ ଦକ୍ଷିଣ ଆଫ୍ରିକାରେ ଏକ ଟେଷ୍ଟ ସିରିଜ୍ ଡ୍ର ରଖିବାରେ ସଫଳ ହୋଇଛନ୍ତି। ୨୦୧୦-୧୧ରେ ମହେନ୍ଦ୍ର ସିଂ ଧୋନୀ ପ୍ରଥମେ ଏହି ସଫଳତା ହାସଲ କରିଥିଲେ। ଏଠାରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୭୯ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ପିଚ୍‌ରେ ଛୋଟ ସ୍କୋର ମଧ୍ୟ ଚ୍ୟାଲେଞ୍ଜିଂ ହେବ ବୋଲି ଆଶା ☞ପୃଷ୍ଠା-୨



ଟ୍ରଫି ସହ ଉଭୟ ଦଳର ଅଧିନାୟକ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖି ମଲା ନ ଦେଖି ମଲା**
**ଦେଇ ମଲା ନ ଦେଇ ମଲା ।**

କୃଷ୍ଣଙ୍କୁ ଦେଖି କଂସ ମଞ୍ଚ ଉପରୁ ପଡ଼ି ମରିଥିବାବେଳେ ରାଜା ଦଶରଥ ମଧ୍ୟ ରାମଚନ୍ଦ୍ରଙ୍କୁ ନ ଦେଖି ପ୍ରାଣତ୍ୟାଗ କରିଥିବା ପୁରାଣ ପୃଷ୍ଠାରୁ ଜଣାଯାଏ । ଠିକ୍ ସେହିପରି ବଳି ବାମନଙ୍କୁ ଦୁଇପାଦ ଦାନ ଦେଇ ମରିଥିବା ବେଳେ ରାବଣ ସୀତାଙ୍କୁ ନ ଦେଇ ମୃତ୍ୟୁମୁଖରେ ପଡିଥିଲେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

**ଦକ୍ଷିଣ ପଶ୍ଚିମ ମୁଖେ ଯେ ବସି ଭୁଞ୍ଜାଇ**
**ଏମାନଙ୍କ ପାଶୁ ଯାନ୍ତି ଲକ୍ଷ୍ମୀ ଦୂର ହୋଇ ।**

ଦକ୍ଷିଣ ଓ ପଶ୍ଚିମ ଦିଗକୁ ମୁଖ କରି ଆହାର ଭୁଞ୍ଜିବାକୁ ନିଷେଧ କରାଯାଇଛି । ଏଭଳି ସ୍ଥିତିରେ ଭୋଜନକଲେ ଘରୁ ଲକ୍ଷ୍ମୀ ଛାଡ଼ିଯାଆନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




## ଟେଷ୍ଟ ଇତିହାସରେ...

ପ୍ରଥମ ପୃଷ୍ଠାରୁ...

କରାଯାଉଥିଲା । ତେବେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୮ ରନ୍‌ର ଇନିଂସ ଖେଳିଥିଲେ । ବିରାଟ କୋହଲି ୧୨ ଓ ଶୁବମନ ଗିଲ ୧୦ ରନ୍ କରିବାକୁ ସକ୍ଷମ ହୋଇଥିବାବେଳେ ଅଧିନାୟକ ରୋହିତ ଶର୍ମା ୧୭ ଓ ଶ୍ରେୟସ୍ ଆୟର ୪ ରନରେ ଅପରାଜିତ ରହି ଭାରତକୁ ବିଜୟୀ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା, ନାନ୍ଦ୍ରେ ବର୍ଗର ଓ ମାର୍କୋ ଜାନ୍‌ସେନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

ପ୍ରଥମ ଦିନର ଅସମାପ୍ତ ସ୍କୋର ୬୨/୩ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୧୭୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା । ଭାରତର ଯଶପ୍ରୀତ୍ ବୁମ୍‌ରା ଅଗ୍ନିବର୍ଷୀ ବୋଲିଂ କରିଥିବା ବେଳେ ଟେଷ୍ଟ କ୍ରିକେଟରେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଥିଲେ ଦକ୍ଷିଣ ଆଫ୍ରିକାର ଏଡେନ୍ ମାରକ୍ରମ । ଯେଉଁ ପିଚ୍‌ରେ ଭାରତୀୟ ଦଳ ବିନା ସ୍କୋରରେ ଏହାର ଅନ୍ତିମ ୬ ଉଇକେଟ ହରାଇଥିଲା, ସେଭଳି ପିଚ୍‌ରେ ବୁମ୍‌ରା ଓ ସିରାଜଙ୍କ ଭଳି ବୋଲରଙ୍କ ମୁକାବିଲା କରି ଶତକ ହାସଲ କରିଥିଲେ ମାରକ୍ରମ । ୧୦୩ ବଲ୍ ଖେଳି ୧୭ ଚୌକା ଓ ୨ ଛକା ସହିତ ସେ ୧୦୬ରନ୍ ସଂଗ୍ରହ କରିଥିଲେ । କାଗିସୋ ରାବାଡା ମାତ୍ର ୨ ରନ କରିଥିଲେ ହେଁ ତାଙ୍କ ସହିତ ଅଷ୍ଟମ ଉଇକେଟରେ ୫୧ ରନ୍ ଯୋଡିଥିଲେ ଏହି ଦକ୍ଷ ବ୍ୟାଟର । ଦଳୀୟ ସ୍କୋର ୧୬୨ରେ ମାରକ୍ରମ ଆଉଟ ହେବା ପରେ ଦକ୍ଷିଣ ଆଫ୍ରିକା ଇନିଂସ ୧୭୬ ରନରେ ସମାପ୍ତ ହୋଇଥିଲା । ଯଶପ୍ରୀତ୍ ବୁମରା ନିଜ ଟେଷ୍ଟ କ୍ୟାରିୟରରେ ନବମ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁକେଶ କୁମାର ୨, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

ପ୍ରଥମ ଦିନରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ମହମ୍ମଦ ସିରାଜ ୧୫ ରନ୍‌ରେ ୬ ଖେଳାଳିଙ୍କୁ ଆଉଟ କରିବା ଫଳରେ ଦକ୍ଷିଣ ଆଫ୍ରିକା ମାତ୍ର ୫୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା । ଜବାବରେ ଭାରତ ୧୫୩ ରନ୍‌ରେ ସମସ୍ତ ଉଇକେଟ ହରାଇ ୯୮ ରନ୍‌ରେ ଆଗୁଆ ରହିଥିଲା । ମହମ୍ମଦ ସିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଏବଂ ଡିନ୍ ଏଲ୍‌ଗାର ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଯୁଗ୍ମ ଭାବରେ ପ୍ଲେୟର ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୫୫ । ଭାରତ ପ୍ରଥମ ଇନିଂସ: ୧୫୩ । ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୩୬.୫ ଓଭରରେ ୧୭୬/୧୦(ଏଡେନ୍ ମାରକ୍ରମ-୧୦୬, ଯଶପ୍ରୀତ୍ ବୁମରା-୬/୬୧, ମୁକେଶ କୁମାର-୨/୫୬, ମହମ୍ମଦ ସିରାଜ-୧/୩୧) । ଭାରତ ଦ୍ୱିତୀୟ ଇନିଂସ ୧୨ ଓଭରରେ ୮୦/୩(ଯଶସ୍ୱୀ ଜୟସ୍ୱାଲ-୨୮, ରୋହିତ ଶର୍ମା-୧୭*, କାଗିସୋ ରାବାଡା-୧/୩୪, ନାନ୍ଦ୍ରେ ବର୍ଗର-୧/୨୯, ମାର୍କୋ ଜାନସେନ୍-୧/୧୫) ।

## ୩ ବର୍ଷ ପରେ...

ବିକଶିତ ଭାରତ ଉପରେ ପ୍ରଜ୍ଞାପନ ମେଢ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି । ସେଥିରେ ରଘୁରାଜପୁର ଗ୍ରାମରେ ମହିଳାମାନେ କିପରି ବିଭିନ୍ନ ପ୍ରକାର ଅଦରକାରୀ ଜିନିଷରୁ ପଟ୍ଟଚିତ୍ର ପ୍ରଦର୍ଶନ କରିବା ଚିତ୍ର, ଏହାସହ ସେଥିରେ ସମ୍ବଲପୁରୀ ସଙ୍ଗୀତ ରଖିବେ । ଏହାକୁ ବିକଶିତ ଭାରତରେ ମହିଳା ସଶକ୍ତୀକରଣ ପ୍ରଜ୍ଞାପନ ମେଢ ବୋଲି କୁହାଯାଇଛି । ଦେଶରୁ ମୋଟ୍ ୧୬ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଜ୍ଞାପନ ମେଢ ପ୍ରଦର୍ଶନ ଲାଗି ମନୋନୀତ କରାଯାଇଛି । ପ୍ରଥମେ ଦେଶକୁ ୬ଟି ଜୋନ୍‌ରେ ବିଭକ୍ତ କରାଯାଇଥିଲା । ଯେଉଁ ଜୋନ୍ ଭିତରେ ୮ ରାଜ୍ୟ ଆସୁଛି ସେଥିରୁ ୪ଟି, ଯେଉଁ ଜୋନ୍‌ରେ ୬ଟି ରାଜ୍ୟ ଅଛି ସେଥିରୁ ୩ଟି ଏବଂ ଯେଉଁ ଜୋନ୍‌ରେ ୪ଟି ରାଜ୍ୟ ଥିଲା ସେଥିରୁ ୨ଟି ରାଜ୍ୟର ପ୍ରଜ୍ଞାପନ ମେଢ ମନୋନୀତ କରାଯିବାର ଥିଲା । ସେହି କ୍ରମରେ ପୂର୍ବ ଜୋନ୍‌ରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାର ରାଜ୍ୟ ରହିଥିଲେ । ଏହି ଜୋନ୍‌ରୁ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ମନୋନୀତ କରାଯାଇଛି । ଏହାବାଦ୍ ପ୍ରଜ୍ଞାପନ ମଡେଲ ମନୋନୀତ ଏ ସମ୍ପର୍କିତ ଗାଇଡଲାଇନ ସମ୍ପର୍କିତ ଚିଠି ମଧ୍ୟ ଜାରି କରାଯାଇଛି । ଆସନ୍ତା ୭ ତାରିଖରେ ଓଡ଼ିଶା ଟିମ୍ ଦିଲ୍ଲୀ ଯାଇ ପ୍ରଜ୍ଞାପନ ମେଢ ପ୍ରସ୍ତୁତ ଲାଗି ମନ୍ତ୍ରଣାଳୟଠାରୁ ଟ୍ରଲି ଏବଂ ଟ୍ରେଲର ଗ୍ରହଣ କରିବେ । ଆସନ୍ତା ୧୪ରେ ପ୍ରଜ୍ଞାପନ ମେଢ କାର୍ଯ୍ୟ ଆରମ୍ଭ ହେବ । ଭୁବନେଶ୍ୱରର ଇମାଜେରିକୁ ପ୍ରଜ୍ଞାପନ ମେଢ ପ୍ରସ୍ତୁତ ଲାଗି କାମ ଦିଆଯାଇଛି ।

## ଟ୍ୟାଙ୍କର ସହ...

ତେଲ ଟ୍ୟାଙ୍କର (ନଂ. ଡବ୍ଲ୍ୟୁବି ୧୯ ଏଫ୍ ୯୦୫୬) ଧକ୍କା ଦେଇଥିଲା । ଫଳରେ ଉଭୟ ଗାଡ଼ି ଘାଟି ତଳକୁ ଓଲଟି ପଡ଼ିବା ସହ ତେଲ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଓ ଦମକଳ ବାହିନୀ ୧ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିବା ସହ ଉଭୟ ଗାଡ଼ିର ଚାଳକଙ୍କୁ ଉଦ୍ଧାର କରିଥିଲେ । ହେଲେ ସେତେବେଳକୁ ଟ୍ୟାଙ୍କର ଚାଳକ ପୋଡ଼ିହୋଇ ଓ କଣ୍ଟେନର ଚାଳକ ଗାଡ଼ି ଭିତରେ ଚାପି ହୋଇ ପ୍ରାଣ ହରାଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ ଘନ କୁହୁଡି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ବାଙ୍ଗିରିପୋଷି ଥାନା ଅଧିକାରୀ କମଳାକାନ୍ତ ଦାସ କହିଛନ୍ତି ।

## ଷ୍ଟିୟରିଂ ଛାଡ଼ିବେ...

ରାସ୍ତାକୁ ଓହ୍ଲାଇବା ସହ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରିଛନ୍ତି । ହିଟ୍ ଆଣ୍ଡ ରନ ମାମଲାରେ ଥିବା ଦଣ୍ଡ ବ୍ୟବସ୍ଥାକୁ ଦେଶର ବିଭନ୍ନ ଭାଗରେ ବିରୋଧ କରାଯାଉଛି । ଓଡିଶା ରାଜ୍ୟ ଟ୍ରକ ମାଲିକ ଫେଡେରେଶନ ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥି କହିଛନ୍ତି ଯେ ସଂଶୋଧିତ ଆଇନକୁ ଠିକ୍ ଭାବେ ନ ବୁଝି ଡ୍ରାଇଭରମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଯାଉଛି । ମାମଲାର ଗମ୍ଭୀରତାକୁ ଦେଖି ଆଇନ ଅନୁଯାୟୀ କୋର୍ଟ ଦଣ୍ଡ ବିଧାନ କରିଥାଆନ୍ତି । ଏହାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ । ଏହି ଆଇନକୁ ନେଇ ଡ୍ରାଇଭରଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରାଯାଉଛି । ତେବେ ଦଣ୍ଡ ପରିମାଣ ହ୍ରାସ କରିବାକୁ ସର୍ବଭାରତୀୟ ଟ୍ରକ ଫେଡେରେଶନ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଛି । ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ଆମେ ବାଧ୍ୟ ହୋଇ ସମର୍ଥନ କରିବୁ ବୋଲି ସେ କହିଛନ୍ତି ।

ରାଜ୍ୟ ଘରୋଇ ବସ ମାଲିକ ସଂଘ ମୁଖ୍ୟପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ ହିଟ ଆଣ୍ଡ ରନ ମାମଲାରେ ଅଧିକ ଦଣ୍ଡ ବ୍ୟବସ୍ଥା କରାଯାଇଛି । ଏହାକୁ ସଂଘ ବିରୋଧ କରିବ । ଏହାଦ୍ୱାରା ଗାଡି ଚଳାଇବା ପାଇଁ ଡ୍ରାଇଭର ଅଭାବ ଦେଖା ଦେବ । ଦଣ୍ଡକୁ ଦେଖି ଡ୍ରାଇଭରମାନେ ଆଉ ଗାଡି ଚଳାଇବାକୁ ରାଜି ହେବେ ନାହିଁ । ହିଟ ଆଣ୍ଡ ରନ ମାମଲାରେ ସାଧାରଣଙ୍କ ଆକ୍ରୋସରୁ ବର୍ତ୍ତିବା ପାଇଁ ଡ୍ରାଇଭର ଗାଡି ଛାଡି ପଳାଇଲେ ମଧ୍ୟ ଦଣ୍ଡ ବିଧାନରୁ ଖସି ପାରିବେ ନାହିଁ । ସଂଶୋଧିତ ଆଇନରେ ଥିବା ଦଣ୍ଡକୁ ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କୁ ସଂଘ ପକ୍ଷରୁ ଚିଠି ଲେଖାଯାଇଛି ବୋଲି ସେ କହିଛନ୍ତି ।

## ଭଗବାନ ରାମ...

ରାମାୟଣରେ ଉଲ୍ଲେଖ ରହିଥିବା ସେ କହିଛନ୍ତି । ବୁଧବାର ମହାରାଷ୍ଟ୍ରର ଶିରିଡିଠାରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେବାବେଳେ ଜିତେନ୍ଦ୍ର କହିଥିଲେ, ରାମ ବହୁଜନ ସମ୍ପ୍ରଦାୟର । ସେ ବନବାସରେ ଥିବାବେଳେ ଶିକାର କରି ମାଂସ ଖାଉଥିଲେ । ଜାନୁଆରୀ ୨୨ରେ ଅଯୋଧ୍ୟାର ରାମମନ୍ଦିର ପ୍ରାଣପ୍ରତିଷ୍ଠା ଦିନ ଲୋକମାନେ ଆମିଷ ନ ଖାଇବା ପାଇଁ କୁହାଯାଉଛି । କିନ୍ତୁ ଆମେ ଯାହାଙ୍କୁ ଆଦର୍ଶ ମାନୁଛେ, ସେ ନିରାମିଷାଶୀ ନ ଥିଲେ, ମାଂସ ଖାଉଥିଲେ । ତାଙ୍କର ମନ୍ତବ୍ୟକୁ ଭାଜପା ନେତାମାନେ କଡ଼ା ସମାଲୋଚନା କରିବା ସହ ଭଗବାନ ରାମଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ଏତଲା ଦାଏର କରିଛନ୍ତି ।

# ୮ ମାସରେ ସୁନ୍ଦରଗଡ଼କୁ ୯୭୦ କୋଟି ଟଙ୍କା

- **ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ପାଇଁ ୧୦୦ କୋଟି**
- **ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ପାଇଁ ୨ସରକାରୀ ଡିଗ୍ରୀ କଲେଜ**
- **ବଣେଇ ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ୍ ସେଣ୍ଟର ଲାଗି ୧.୮୧କୋଟି**

ଭୁବନେଶ୍ୱର,୪।୧(ଅନିଲ ଦାସ)



୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦୁଇଦିନିଆ ସୁନ୍ଦରଗଡ଼ ଗସ୍ତରେ ଯାଇ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏଥିସହିତ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଆୟୋଜିତ ସାଧାରଣସଭାରେ ଯୋଗଦେଇ ଗତ ୮ମାସ ମଧ୍ୟରେ ସୁନ୍ଦରଗଡ଼ ଜିଲାକୁ ୯୭୦କୋଟି ଟଙ୍କାର ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଭେଟି ଦେଇଥିବା ସେ ସୂଚନା ଦେଇଛନ୍ତି । ଏଥିପୂର୍ବରୁ ଗତ ମାର୍ଚ୍ଚ ୧୨ ତାରିଖରେ ପାଣ୍ଡିଆନ ସୁନ୍ଦରଗଡ଼ ଜିଲା ଗସ୍ତ କରି ଲୋକଙ୍କ ଆପତ୍ତି, ଅଭିଯୋଗ, ଦାବି ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ । ଏହି ସବୁ ଦରଖାସ୍ତ ଆଧାରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ପାଇଁ ଏହି ଅର୍ଥ ମଞ୍ଜୁର କରିଛନ୍ତି । ଚଳିତ ଥର ଗସ୍ତ ସମୟରେ ମଧ୍ୟ ଲୋକଙ୍କଠାରୁ ପାଣ୍ଡିଆନ ଦରଖାସ୍ତ ନେଇଛନ୍ତି । ଲୋକମାନେ ଦେଉଥିବା ଦରଖାସ୍ତ ସମ୍ପର୍କରେ ସମ୍ପୃକ୍ତ ଜିଲାର ଜିଲା ପ୍ରଶାସନଠାରୁ ସେମାନେ ପ୍ରତ୍ୟୁତ୍ତର ପାଇବେ । ଦରଖାସ୍ତରେ ଥିବା ସମସ୍ୟାର କେବେ ସମାଧାନ ହେବ, ଯଦି ସମାଧାନ ହୋଇପାରିବ ନାହିଁ ତା'ହେଲେ କାହିଁକି ସମାଧାନ ହୋଇପାରିବ ନାହିଁ, ସେ ସମ୍ପର୍କରେ ମଧ୍ୟ ସୂଚନା ପ୍ରତ୍ୟୁତ୍ତରରେ ରହିବ ବୋଲି ପାଣ୍ଡିଆନ ସୁନ୍ଦରଗଡ଼ ଜିଲାରେ କହିଛନ୍ତି । ଦୁଇଦିନିଆ ଗସ୍ତର ଦ୍ୱିତୀୟ ଦିନରେ ସେ ଜିଲାରେ ଥିବା ୪ଟି ନିର୍ବାଚନମଣ୍ଡଳୀ ସୁନ୍ଦରଗଡ଼, ରାଜଗାଙ୍ଗପୁର, ବୀରମିତ୍ରପୁରର ନୂଆଗାଁ ଏବଂ ବଣେଇ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସାଧାରଣ ସଭାରେ ଲୋକଙ୍କଠାରୁ ସ୍ଥାନୀୟ ସମସ୍ୟା ସମ୍ବଳିତ ଦରଖାସ୍ତ ଗ୍ରହଣ କରିଛନ୍ତି । ଦରଖାସ୍ତ ଗ୍ରହଣ ବେଳେ ପାଣ୍ଡିଆନ କହିଛନ୍ତି ଯେ, ଗତ ମାର୍ଚ୍ଚ ୧୨ ତାରିଖରେ ଆସିଥିବା ବେଳେ ସେ ଯେଉଁସବୁ ଦରଖାସ୍ତ ସଂଗ୍ରହ କରି ନେଇଥିଲେ ତା' ମଧ୍ୟରୁ ୯୦ପ୍ରତିଶତ ଦରଖାସ୍ତର ଦାବି ପୂରଣ ହୋଇଛି ବା ସମସ୍ୟାର ସମାଧାନ ହୋଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି । ଏହି ଅର୍ଥ ଓଡ଼ିଶାବାସୀଙ୍କର । ଏହାକୁ ସ୍ୱଚ୍ଛତାର ସହ ବିନିଯୋଗ କରିବା ଆବଶ୍ୟକତା ରହିଛି । ଭଲ କାମ କଲେ ପରବର୍ତ୍ତୀ ପର୍ଯ୍ୟାୟ ଅନୁଦାନ ମିଳିବାରେ ଅସୁବିଧା ରହିବ ନାହିଁ । ସାମୂହିକ କାମକୁ ନିଜ ଘରକାମ ଭାବି ସ୍ୱଚ୍ଛତାର ସହ କଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନବୀନ ଓଡ଼ିଶା ସାକାର ହେବ । ଏକ ସଶକ୍ତ ଓଡ଼ିଶା ଗଠନ ହେବ ବୋଲି ପାଣ୍ଡିଆନ ସୁନ୍ଦରଗଡ଼ ଜିଲାର ୩ଟି ଯାକ ସାଧାରଣ ସଭାରେ କହିଛନ୍ତି । ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର, ଚାଷୀଙ୍କ ସମସ୍ୟା ଓ ରୂପାନ୍ତରଣ ନେଇଥିବା ସମସ୍ୟାର ସମାଧାନ ୧୦ ଦିନ ଭିତରେ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ-ନବୀନ କାର୍ଡର ପଞ୍ଜୀକରଣ ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ହେଉଛି । ସବୁ ଗ୍ରାମାଞ୍ଚଳବାସୀ ଏହାର ଲାଭ ଉଠାଇବା ଲାଗି ସେ ଆହ୍ୱାନ ଦେଇଛନ୍ତି । ସେହିଭଳି ଜିଲାରେ ଫେବୃଆରୀ ମାସରେ ଲକ୍ଷ୍ମୀବସ୍ ଗଡ଼ିବ । ପ୍ରତି ପଞ୍ଚାୟତରୁ ବ୍ଲକକୁ ଦୈନିକ ୩ ଥର ଏହି ବସ ଯା'ଆସ କରିବ । ମହିଳା ଏବଂ ଛାତ୍ରୀଛାତ୍ରମାନେ ରିହାତି ଦରରେ ଅର୍ଥାତ୍ ମାତ୍ର ୫ଟଙ୍କାରେ ଯିବା ଆସିବା କରିପାରିବେ ବୋଲି ପାଣ୍ଡିଆନ କହିଛନ୍ତି । ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ଯୋଗାଇ ଦେବା ଲାଗି ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ସମ୍ପର୍କରେ ସେ କହିଛନ୍ତି ଯେ ପଞ୍ଚାୟତ ସ୍ତରରେ ବ୍ୟାଙ୍କ ସୁବିଧା ନ ଥିବାରୁ ଲୋକମାନେ ହଇରାଣ ହରକତ ହେଉଛନ୍ତି । ଏହାକୁ ଦୂର କରିବା ପାଇଁ ରାଜ୍ୟ ସରକାର ୨ ମାସ ମଧ୍ୟରେ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବେ । ଗସ୍ତର ଦ୍ୱିତୀୟ ଦିନରେ ପାଣ୍ଡିଆନ ପ୍ରଥମେ ସୁନ୍ଦରଗଡ଼ର ସମଲେଇ ମନ୍ଦିରରେ ପହଞ୍ଚି ମା' ସମଲେଇଙ୍କ ଦର୍ଶନ କରିବା ପରେ ମନ୍ଦିରର ସୌନ୍ଦର୍ଯ୍ୟକରଣ କାମର ଅଗ୍ରଗତି ନେଇ ମନ୍ଦିର ଟ୍ରଷ୍ଟବୋର୍ଡ ସହ ଆଲୋଚନା କରିଛନ୍ତି । ଆସନ୍ତା ୧୦ ଦିନ ଭିତରେ ଜିଲାବାସୀଙ୍କୁ ରାଜ୍ୟ ସରକାର ଖୁସି ଖବର ଦେବେ । ସେମାନଙ୍କର ଯାହା ଦାବି ଅଛି ତାହା ପୂରଣ ହେବ ବୋଲି ପାଣ୍ଡିଆନ୍ କହିଛନ୍ତି । ସମଲେଇ ମନ୍ଦିର ସମେତ ରାଉରକେଲା ବେଦବ୍ୟାସ ମନ୍ଦିର, ଗୋଘର ଶିବମନ୍ଦିର ଓ ବେଲସରା ଶିବ ମନ୍ଦିର ରୂପାନ୍ତରଣ ସମୀକ୍ଷା ମଧ୍ୟ କରିଛନ୍ତି । ରାଜଗାଙ୍ଗପୁରରେ ରେଲୱେ ଓଭରବ୍ରିଜ୍ ପାଇଁ ଦୀର୍ଘଦିନରୁ ଦାବିହୋଇ ଆସୁଥିଲା । ଏଥିପାଇଁ ୪୮କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିବା ସହ କାମ ଚାଲିଛି । ବେଦବ୍ୟାସ ମନ୍ଦିରର ରୂପାନ୍ତରଣ ପାଇଁ ୧୪କୋଟି ୫୦ ଲକ୍ଷ, ସାବିତ୍ରୀ ଦେବୀ ମହିଳା ମହାବିଦ୍ୟାଳୟ, ଡାଲମିୟା କଲେଜ ଓ ବେଦବ୍ୟାସ ମହାବିଦ୍ୟାଳୟ ରୂପାନ୍ତରଣ ପାଇଁ ୧ କୋଟି ୨୫ ଲକ୍ଷ ଲେଖାଏ ମଞ୍ଜୁର କରାଯାଇଛି । ରାଜଗାଙ୍ଗପୁର ସାଧାରଣ ସଭାରେ ଯୋଗଦେବା ପରେ ପାଣ୍ଡିଆନ ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିଙ୍କୁ ଭେଟିଥିଲେ । ନୂଆଗାଁଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ପାଣ୍ଡିଆନ କହିଛନ୍ତି ଯେ ବୀରମିତ୍ରପୁର ପାଇଁ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେଇଛନ୍ତି । ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକରେ ଦୁଇଟି ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି । ଚଳିତ ଶିକ୍ଷାବର୍ଷଠାରୁ ଏହି କଲେଜରେ ପିଲାମାନେ ଭର୍ତ୍ତି ହେବେ । ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକରେ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ଦାବି ହୋଇଥିଲା । ଗୋଟିଏ ନିର୍ବାଚନମଣ୍ଡଳୀରେ ଦୁଇଟି ସରକାରୀ କଲେଜ ଖୋଲାଯିବା ନଜିର ଅନ୍ୟ କେଉଁଠି ନାହିଁ । କିନ୍ତୁ ମୁଖ୍ୟମନ୍ତ୍ରୀ ବୀରମିତ୍ରପୁର ପାଇଁ ଏହା କରିଛନ୍ତି । ଏହି ସଭାରେ ସେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ ମାଗିଥିଲେ । ସେହିପରି ବାଣେଶ୍ୱର ମନ୍ଦିର ପାଇଁ ୧ କୋଟି ୨୦ ଲକ୍ଷ ଅନୁଦାନ ମଞ୍ଜୁର ହୋଇଥିବା ପାଣ୍ଡିଆନ ସୂଚନା ଦେଇଥିଲେ । ବଣାଇଗଡ଼ କଲେଜର ଉନ୍ନତି ପାଇଁ ୧ କୋଟି, ଗୁରୁଣ୍ଡିଆ ପଞ୍ଚାୟତ ହାୟର ସେକେଣ୍ଡାରୀ ସ୍କୁଲ ପାଇଁ ୨୫ ଲକ୍ଷ ଅନୁମୋଦନ ହୋଇଥିବା ସେ କହିଥିଲେ । ବଣାଇରେ ଥିବା ସରକାରୀ ହସ୍ପିଟାଲରେ ଖୋଲିବ ସ୍ୱତନ୍ତ୍ର ଡାଏଲିସିସ ୟୁନିଟ୍ । ଏଥିଲାଗି ସରକାର ୧ କୋଟି ୮୧ ଲକ୍ଷ ମଞ୍ଜୁର କରିଛନ୍ତି । ସୁନ୍ଦରଗଡ଼ର ସବୁ ସ୍କୁଲ ଓ କଲେଜକୁ ମୁଖ୍ୟମନ୍ତ୍ରୀ ୫-ଟିରେ ସାମିଲ କରିଛନ୍ତି । ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସ୍, ଇ-ଲାବୋରେଟୋରି ଓ ସାଇନ୍ସ କ୍ଲାସ୍‌ର ସୁବିଧା ପାଇବେ । ଏହାସହ ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇବାକୁ ପାଣ୍ଡିଆନ ଆହ୍ୱାନ କରିଛନ୍ତି ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା ଓ ନିରପେକ୍ଷ ନ୍ୟାୟ କରି ଚର୍ଚ୍ଚିତ ହେବେ । ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ । ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ ସତ କିନ୍ତୁ ଏଥିପାଇଁ ବହୁତ ମେହେନତ କରିବାକୁ ପଡିପାରେ । ପ୍ରତ୍ୟେକ କଥାରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯଦ୍ୱାରା କି ସମାଲୋଚନାର ପାତ୍ର ହେବାକୁ ପଡିପାରେ ।

**ବୃଷ** – ସହକର୍ମୀଙ୍କ ସହ ଯୁକ୍ତିତର୍କଜନିତ ଅଶାନ୍ତି କୌଣସି ସମସ୍ୟାର ସମ୍ମୁଖୀନ କରାଇପାରେ । କହିବାକୁ ଚାହୁଁଥିଲେ ମଧ୍ୟ ପରିବାରରେ ଗୋପନୀୟ କଥାଟିକୁ ପ୍ରକାଶ କରିପାରିବେ ନାହିଁ । ଅଯଥା ଗୁଡାଏ ମୂଳହୀନ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି । ସାମାଜିକ ସ୍ତରରେ ଟିକେ ପ୍ରଶଂସା ପାଇବା ସକାଶେ ହାତରୁ ଖାଇ ପର ପାଇଁ ଖଟିବେ ।

**ମିଥୁନ** – ପୂର୍ବାଲୋଚନା କ୍ରମରେ ଆଜି ବନ୍ଧୁଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ କଥାବାର୍ତ୍ତା କରିପାରନ୍ତି । ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି । ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ । ପାରିବାରିକ କ୍ଷେତ୍ରରେ ଅନାବଶ୍ୟକ ଖର୍ଚ୍ଚ କରି ଅନୁତାପ କରିପାରନ୍ତି ।

**କର୍କଟ** – ବନ୍ଧୁଙ୍କ ସହାନୁଭୂତିଭରା କଥା ପଦୁଏ ଏବଂ ପାରିବାରିକ ଆଶ୍ୱାସନା ହେତୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ । ଅନ୍ୟଦ୍ୱାରା ଆକସ୍ମିକ ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ । ପଡ଼ୋଶୀମାନେ ବାକ୍‌ଚାତୁରି କଥା କହି କାର୍ଯ୍ୟ ହାସଲ କରିବେ ।

**ସିଂହ** – ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ନିଶ୍ଚିତ ସଫଳତା ପାଇବେ । ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀ ସହମତିରେ କାମ କଲେ ଉପକୃତ ହେବେ । ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ କିନ୍ତୁ ପ୍ରଶାସନିକ ସ୍ତରରେ ସମସ୍ୟା ସୁଧୁରିବ ନାହିଁ । ଅବଶ୍ୟ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ । ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ଆଜି ପାଇବେ । ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି । ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ ।

**ତୁଳା** – ଶନିଙ୍କ ପ୍ରଭାବାନୁଯାୟୀ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଏବଂ ବନ୍ଧୁମିଳନରୁ ଉତ୍ସାହିତ ହେବେ । ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଅଚିରେ ବିଳମ୍ବରେ ପାଇବେ । ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ କିନ୍ତୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି । ଅର୍ଥାଭାବ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ ।

**ବିଛା** – କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ବିଫଳତାର ମୁଖ୍ୟ କାରଣ ହୋଇପାରେ । ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ । ଅବଶ୍ୟ କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ । ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ ।

**ଧନୁ** – ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ । ଆତ୍ମୀୟ ସ୍ୱଜନଙ୍କ ସାହାଯ୍ୟରୁ ପାରିବାରିକ ବ୍ୟତିକ୍ରମରୁ ଟେନସନ୍ କିଛି ମାତ୍ରାରେ କମିଯିବ । ରାଜନୀତି, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ ଚର୍ଚ୍ଚା ପାଇଁ ଦିନଟି ଭଲ । ବହୁତ ଦିନରୁ ଦେଖି ନ ଥିବା ପ୍ରିୟବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ ।

**ମକର** – କର୍ମକ୍ଷେତ୍ରରେ ଖଳ ଲୋକମାନଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ । ଇଚ୍ଛା ନ ଥିଲେ ମଧ୍ୟ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି । ଏକ ଭିନ୍ନ ପରିବେଶରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । କୌଣସି ବିଶେଷ କାରଣ ନ ଥାଇ ମଧ୍ୟ ଦୋଷୀସାବସ୍ତ ହୋଇପାରନ୍ତି ।

**କୁମ୍ଭ** – ଆଜିର ଆଲୋଚନା ପରିସରରେ ବନ୍ଧୁମାନଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ । ଆପଣଙ୍କ କଥାକୁ ବିଶ୍ୱାସ କରି ମିତ୍ରମାନେ ସହଯୋଗର ହାତ ବଢାଇପାରନ୍ତି । କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି । ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ ।

**ମୀନ** – ନିଜ ଚତୁଃପାର୍ଶ୍ୱରେ ରହୁଥିବା ଖଳଲୋକମାନଙ୍କ କୃତ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ । ମାନସିକ ଅସ୍ଥିରତା ବଶତଃ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସକାଶରୁ ଅନାଦର ପାଇପାରନ୍ତି । ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ ।

ଆଜି ଜାନୁଆରୀ ୫ ତାରିଖ, ପୌଷ କୃଷ୍ଣ ନବମୀ ଶୁକ୍ରବାର । ରାଶିନକ୍ଷତ୍ର-ଚିତ୍ରା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୬।୨୬ମି. ଗତେ ଘ.୦୭।୦୯ ମି. ମଧ୍ୟେ, ଘ.୦୭।୫୩ ମି. ଗତେ ଘ.୦୯।୦୯ ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୩୦ ମି. ଗତେ ଘ.୧୧।୫୧ ମି. ମଧ୍ୟେ ରାହୁକାଳ ।

# ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ହେବ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

## ରୌପ୍ୟ ଜୟନ୍ତୀ ଉତ୍ସବ

- ବର୍ଷକରେ ଅଡିଟୋରିୟମ
- ଶନିବାର ବସିବ ବୈଠକ

ଭୁବନେଶ୍ୱର,୪।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏହାର ୨୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରୌପ୍ୟ ଜୟନ୍ତୀ ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଯୋଗଦେଇ କହିଛନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର କରାଯିବ। ଆସନ୍ତା ବର୍ଷ ଯେବେ ପ୍ରତିଷ୍ଠା ଦିବସ ପାଳନ ହେବ ନୂଆ ଅଡିଟୋରିୟମ କାମ ସରିଯାଇଥିବ। ସେଠାରେ ପ୍ରତିଷ୍ଠା ଦିବସ ପାଳନ ହେବ ବୋଲି ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ସେ ଆହୁରି କହିଛନ୍ତି, ଆମର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ବିଶ୍ୱରେ ଅନନ୍ୟ। ଏହାର ସଂରକ୍ଷଣ ନିମନ୍ତେ ସମସ୍ତେ ପ୍ରୟାସ ଜାରି ରଖିବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ଅଧ୍ୟାପନା କାର୍ଯ୍ୟକୁ ଆଗେଇ ନେବାରେ ଜାପାନଠାରୁ ଆରମ୍ଭ କରି ପୃଥିବୀର ବିଭିନ୍ନ ଦେଶର କଳା ଓ ଆମ ଦେଶର ସଂସ୍କୃତି ସହିତ ଐତିହ୍ୟକୁ କିପରି ସଂଯୋଗ କରାଯାଇପାରିବ ସେଥିନିମନ୍ତେ ଅନବରତ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ଶନିବାର ବୈଠକ ବସିବ ବୋଲି ସୂଚନା ଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ବିବରଣୀ ପାଠ କରିଥିଲେ । ବିଶ୍ୱବିଦ୍ୟାଳୟରେ ନୂଆକରି ସାଂସ୍କୃତିକ, ଐତିହ୍ୟ ଓ ସଂରକ୍ଷଣ ଏବଂ ସଂଗ୍ରହାଳୟ ବିଜ୍ଞାନରେ ଦୁଇଟି ସ୍ନାତକୋତ୍ତର ବିଭାଗ ଖୋଲିବା ସହ ସୁନନ୍ଦା ପଟ୍ଟନାୟକ, ସାରଳା ଦାସ, ଭୀମଭୋଇ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ୪ଟି ଚେୟାର ପ୍ରତିଷ୍ଠା କରାଯାଇଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ଡ. ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଦେବେନ୍ଦ୍ରନାଥ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଅମ୍ବିକା ନନ୍ଦ ଓ ଛାତ୍ର ହିମାଂଶୁ ମହନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ ସହ ଦୃଶ୍ୟକଳା ବିଭାଗର କାଟାଲଗ୍ 'ସୃଷ୍ଟି', ସାହିତ୍ୟଭିତ୍ତିକ ପତ୍ରିକା 'ରୂପାୟନ', ବିଶ୍ୱବିଦ୍ୟାଳୟର ସ୍ମରଣିକା 'ସଂସ୍କୃତି' ଏବଂ ଅଧ୍ୟାପକ ଡ. ଚକ୍ରଧର ବେହେରାଙ୍କ ଦ୍ୱାରା ରଚିତ 'ଦ କ୍ଲେ ଇମେଜ୍ ଆଣ୍ଡ୍ ପୋଟର୍ସ ଅଫ୍ ଓଡ଼ିଶା' ଉନ୍ମୋଚିତ ହୋଇଥିଲା। ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ସୁଜାତା ରାଉତ କାର୍ତ୍ତିକେୟନଙ୍କ ସହ ଅନ୍ୟ ଅତିଥିମାନେ ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପଦ୍ମଶ୍ରୀ କମଳା ପୂଜାରୀ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର



ଜୟପୁର,୪।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ପାତ୍ରପୁଟସ୍ଥିତ ଘରେ ରହୁଥିବା ପଦ୍ମଶ୍ରୀ କମଳା ପୂଜାରୀ ଗୁରୁବାର ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର କ୍ୟାବିନରେ ରଖି ଚିକିତ୍ସା କରାଯାଉଥିଲା। କିନ୍ତୁ ଜିଲାପାଳ ଅବଦୁଲ ମହମ୍ମଦ ଅଖତାର ତାଙ୍କୁ ଅଧିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। କମଳାଙ୍କ ଅସୁସ୍ଥ ଖବର ଜଣାପଡ଼ିବା ପରେ ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡ଼ା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର ଡାକ୍ତରଖାନାରେ ପହଞ୍ଚି ତାଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଥିଲେ। କମଳାଙ୍କ ଆନେମିଆ(ରକ୍ତହୀନତା)ଥିବା ଜଣାଯାଇଛି। ପାରମ୍ପରିକ ଚାଷ ଏବଂ ବିହନ ସଂରକ୍ଷଣକୁ ନେଇ ରାଜ୍ୟ ତଥା ଦେଶରେ ନାଁ କରିଥିବା କମଳା ନିଜ ସାଧନା ଲାଗି ପଦ୍ମଶ୍ରୀ ଉପାଧି ପାଇଥିଲେ। ତାଙ୍କୁ ଚିହ୍ନଟକରି ତାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ବିଶ୍ୱ ଦରବାରରେ ପହଞ୍ଚାଇବାରେ ଏମ୍.ଏସ୍.ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। ଆଦିବାସୀବହୁଳ କୋରାପୁଟ ଜିଲାର ଚାଷୀଙ୍କ ସହ ମିଶି ଲୋପପାଇ ଯାଉଥିବା ବିଭିନ୍ନ ପ୍ରକାର ଦେଶୀ ଧାନ କିସମକୁ ବିଭିନ୍ନ ଅଞ୍ଚଳରୁ ସଂଗ୍ରହକରି କମଳା ସେସବୁର ସଂରକ୍ଷଣ ଦିଗରେ ଏମ୍ଏସ୍ଏସ୍ଆର୍ଏଫ୍ ସହ କାର୍ଯ୍ୟ ଆରମ୍ଭ କରିଥିଲେ। ଏ କ୍ଷେତ୍ରରେ କମଳା ଆଗକୁ ଆସି ଗବେଷଣା ପ୍ରତିଷ୍ଠାନକୁ ସମସ୍ତ ସହଯୋଗ କରିଥିଲେ। ୧୯୯୮ରୁ କମଳା ଅନ୍ୟ ଚାଷୀଙ୍କ ସହ ମିଶି ଏମ୍ଏସ୍ଏସ୍ଆର୍ଏଫ୍ ସହାୟତାରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୪୦ ପ୍ରକାର ଦୁର୍ଲ୍ଲଭ ଦେଶୀ ଧାନ ସଂଗ୍ରହକରି ସେସବୁର ସଂରକ୍ଷଣ ଦିଗରେ କାର୍ଯ୍ୟ କରିଥିଲେ। ଓଡ଼ିଶା ସରକାର ମଧ୍ୟ କମଳାଙ୍କ ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମହିଳା ଛାତ୍ରୀନିବାସକୁ ତାଙ୍କ ନାମରେ ନାମିତ କରି ତାଙ୍କୁ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ କରିଥିଲେ।

# 'ଘରେ ଘରେ ପୁଷ୍ଟି' ଯୋଜନାରେ ୮ ଲକ୍ଷ ୨୦ ହଜାର ପରିବାରଙ୍କୁ ପନିପରିବା ଚାରା,ମଞ୍ଜି ଯୋଗାଣ

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମହିଳା ଓ ବାଳିକାଙ୍କ ମଧ୍ୟରେ ଅପପୁଷ୍ଟି ଏବଂ ରକ୍ତହୀନତା ଦୂର ଉଦ୍ଦେଶ୍ୟରେ ଗତବର୍ଷ ରାଜ୍ୟ ସରକାରଙ୍କ ଘରେ ଘରେ ପୁଷ୍ଟି ଯୋଜନା କୃଷି ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିଲା। ଏଥିରେ ରାଜ୍ୟର ଚିହ୍ନଟ ପରିବାରଙ୍କୁ ଘର ଅଗଣାରେ ୬ ପ୍ରକାର ପୁଷ୍ଟିଯୁକ୍ତ ପନିପରିବା ମଞ୍ଜି ଏବଂ ୫ ପ୍ରକାର ପନିପରିବା ଚାରା ଯୋଗାଇ ଦିଆଯାଇଥିଲା। ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ରାଜ୍ୟର ସମସ୍ତ ଜିଲାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୭ ଲକ୍ଷ ୩୮ ହଜାର ପରିବାରଙ୍କୁ ଏହି ପନିପରିବା ବିହନ ପାଇଁ ମଞ୍ଜି ଓ ଚାରା ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଯୋଜନାରେ କମ୍ ଓଜନର ଏବଂ ସ୍ୱାଭାବିକ ବୃଦ୍ଧି ପାଉ ନ ଥିବା ପିଲା, ଦିବ୍ୟାଙ୍ଗ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବିଧବା ମୁଖ୍ୟ ପରିବାର ଏବଂ ବିଶେଷ ଭାବେ ସମ୍ବେଦନଶୀଳ ଜନଜାତି ଗୋଷ୍ଠୀଙ୍କ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଫଳରେ ଏହି ଯୋଜନାରେ ରାଜ୍ୟର ମୋଟ ୮ ଲକ୍ଷ ୨୦ ହଜାର ପରିବାର ଉପକୃତ ହୋଇଥିଲେ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

# ୨ ଟ୍ରକ୍ ସହ ଧକ୍କା ହେଲା ପିକ୍‌ନିକ୍ ବସ୍



ଦୁର୍ଘଟଣାଗ୍ରସ୍ତ ବସ୍, ଟ୍ରେଲର ଓ ହାଇୱା।

## ୩୫ ଆହତ, ୫ ଗୁରୁତର

କାମାକ୍ଷାନଗର,୪।୧ (ଅମଜାଦ୍ ଖାନ୍)

୧୪୯ ନଂ. ଜାତୀୟ ରାଜପଥର ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା ଭେଜିଆ ଛକ ନିକଟରେ ଗୁରୁବାର ସକାଳେ ଘଟିଛି ସିରିଜ୍ ଦୁର୍ଘଟଣା। ଯାଜପୁର ଜିଲା ବଡ଼ଚଣା ଅଞ୍ଚଳରୁ ଲୋକଙ୍କୁ ନେଇ ପିକ୍‌ନିକ୍‌ରେ ସମ୍ବଲପୁର ଯାଇଥିବା ଏକ ବସ୍ ସେଠାରୁ ବଡ଼ଚଣା ଫେରୁଥିବା ବେଳେ ପ୍ରଥମେ ଏକ ଟ୍ରେଲର ଓ ପରେ ହାଇୱାକୁ ଧକ୍କା ଦେଇଥିଲା। ଫଳରେ ୩୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ସହ ଟ୍ରେଲର ଚାଳକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ତାଳଚେରସ୍ଥିତ ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର କେତେଜଣ ଲୋକ ନିରୁପମା ବସ୍ (ନଂ. ଓଡି୦୪ ଜେ-୫୮୮୫)ରେ ସମ୍ବଲପୁରକୁ ପିକ୍‌ନିକ୍ ପାଇଁ ଯାଇଥିଲେ। ପିକ୍‌ନିକ୍ ସାରି ସେଠାରୁ ବସ୍‌ରେ ଫେରୁଥିବା ବେଳେ ଭେଜିଆ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏକ ଗାଡ଼ିକୁ ଓଭରଟେକ କରୁଥିବା ସମୟରେ ବସ୍ ଚାଳକ କୁହୁଡ଼ି ଯୋଗୁ ଆସୁଥିବା ଟ୍ରେଲର (ନଂ. ଓଡି୦୪ ଆର୍ ୪୦୬୦)କୁ ଦେଖିପାରି ନ ଥିଲେ। ଫଳରେ ବସ୍‌ଟି ଟ୍ରେଲର ସହିତ ଧକ୍କା ହୋଇ ରାସ୍ତା କଡକୁ ମାଡ଼ିଯିବା ସହ ଏକ ଜଳଖିଆ ଦୋକାନ ସମ୍ମୁଖରେ ଥିବା ହାଇୱାରେ ପିଟି ହୋଇଥିଲା। ଖବରପାଇ ମହାବିରୋଡ଼ ଥାନା ଅଧିକାରୀ ଅନାଦି ଚରଣ ପଟ୍ଟାୟତ ଥାନା କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ୫ ଜଣ ଗୁରୁତରଙ୍କୁ ମଣ୍ଡାପାଳ ଡାକ୍ତରଖାନା ପଠାଯାଇଥିଲା।

# ବିଶ୍ୱ ମାନର ଶିକ୍ଷା ପ୍ରଦାନ କେନ୍ଦ୍ର ସରକାରଙ୍କ ପ୍ରମୁଖ ଏଜେଣ୍ଡା:ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୧(ସୁନିତ୍ ମିଶ୍ର)

ବିଦ୍ୟାଳୟ ଶିକ୍ଷାରେ ନୂଆ କ୍ରାନ୍ତି ଆଣିବା ଦିଗରେ ପିଏମ୍ ଶ୍ରୀ ସ୍କୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ଉତ୍ତର ପ୍ରଦେଶରେ ପିଏମ୍ ଶ୍ରୀ ସ୍କୁଲର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଚୟନ ହୋଇଥିବା ୯୨୮ ବିଦ୍ୟାଳୟ ଏବଂ ୮୧ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟକୁ ପିଏମ୍ ଶ୍ରୀ ସ୍କୁଲରେ ବିକଶିତ କରାଯାଇଛି। ବିଦ୍ୟାଳୟରେ ଉତ୍ତମ ଓ ଅତ୍ୟାଧୁନିକ ଭିତ୍ତିଭୂମି ଏବଂ ବିଶ୍ୱମାନର ଶିକ୍ଷା ପ୍ରଦାନ କରିବା କେନ୍ଦ୍ର ସରକାରଙ୍କ ପ୍ରମୁଖ ଏଜେଣ୍ଡା। ଏହି ମର୍ମରେ ଉତ୍ତରପ୍ରଦେଶରେ ପିଏମ୍ ଶ୍ରୀ ଅନ୍ତର୍ଗତ ୧୦୦୦ରୁ ଅଧିକ ବିଦ୍ୟାଳୟର ଉନ୍ନତି ଏବଂ ଆଧୁନିକୀକରଣ କରାଯାଇଛି। ପିଏମ୍ ଶ୍ରୀ ସ୍କୁଲ କ୍ରିୟାନ୍ୱୟନ କରିବାରେ ୟୁପିର ଅଗ୍ରଣୀ ଭୂମିକା ପ୍ରଶଂସନୀୟ। ନୂଆ ରାଷ୍ଟ୍ରୀୟ ଶିକ୍ଷାନୀତି ହେଉ କିମ୍ବା ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀଙ୍କ ନୀତିକୁ କାର୍ଯ୍ୟକାରୀ କରିବା ଦିଗରେ ଉତ୍ତରପ୍ରଦେଶ ଏକ ଉଦାହରଣ। ଏହାଦ୍ୱାରା ସମଗ୍ର ଦେଶର ଆତ୍ମବିଶ୍ୱାସ ବଢୁଛି। ପ୍ରଗତି ଆଜି ଉତ୍ତରପ୍ରଦେଶର ଚରିତ୍ର ହୋଇଛି। ୟୁପିରେ ଛାତ୍ରୀଛାତ୍ର ଏବଂ ଯୁବତୀ,ଯୁବକମାନଙ୍କୁ ବିଶ୍ୱମାନର ଶିକ୍ଷା ଉପଲବ୍ଧ କରାଇବା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଡବଲ ଇଞ୍ଜିନ ସରକାରର ଦାୟିତ୍ୱ ଅଛି। ୟୁପି ମଡେଲ ଆଗାମୀ ଦିନରେ ସମଗ୍ର ଦେଶର ମଡେଲ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ୫୦୦ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ପବିତ୍ର ଅଯୋଧ୍ୟା ଧାମରେ ଭବ୍ୟ ରାମ ମନ୍ଦିରର ସ୍ୱପ୍ନ ପୂରଣ ହେଉଛି। ଆଜି ଅଯୋଧ୍ୟା ଭାରତର ବିକାଶ ଏବଂ ସମୃଦ୍ଧିର କେନ୍ଦ୍ର ହୋଇଛି ବୋଲି ସେ କହିଛନ୍ତି।



# ବିଡିଏ ଜବରଦଖଲ ଉଚ୍ଛେଦ ବ୍ୟବସ୍ଥା ହେବ କଡ଼ାକଡ଼ି

- ୬୭ ନୂଆ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ
- ସୃଷ୍ଟି ହେବ ୧ ଆସିଷ୍ଟାଣ୍ଟ କମିଶନର, ୬ ଏଏସ୍ଆଇ, ୬୦ କନ୍‌ଷ୍ଟେବଲ ପଦବୀ

ଭୁବନେଶ୍ୱର,୪।୧(ଅନିଲ ଦାସ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଭୁବନେଶ୍ୱର ମହାନଗର ନିଗମକୁ ଅତ୍ୟାଧୁନିକ ସୁବିଧା ସୁଯୋଗ ସହିତ ନୂତନ ରୂପରେଖ ଦେବାର ଗୁରୁଦାୟିତ୍ୱ ବହନ କରିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରର ସୌନ୍ଦର୍ଯ୍ୟକରଣ ଓ ବିଭିନ୍ନ ଭିତ୍ତିଭୂମି ନିର୍ମାଣ ଉଦ୍ଦେଶ୍ୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟରେ ଅନେକ ସମସ୍ୟା ସୃଷ୍ଟି ହେଉଛି । ବିଡିଏ ପକ୍ଷରୁ କରାଯାଉଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ଅଧିକ ଫଳପ୍ରଦ ଓ ସୁସଂହତ କରିବା ଉଦ୍ଦେଶ୍ୟରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬୭ଟି ପଦବୀ ସୃଷ୍ଟି ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପଦବୀଗୁଡ଼ିକ ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସୃଷ୍ଟି କରାଯାଇ ପୂରଣ ହେବ। ସେଗୁଡ଼ିକ ହେଲା ଗୋଟିଏ ଆସିଷ୍ଟାଣ୍ଟ କମିଶନର ଅଫ୍ ପୋଲିସି(ଏସିପି), ୬ଟି ଏଏସ୍ଆଇ ଏବଂ ୬୦ଟି ପୋଲିସ କନ୍‌ଷ୍ଟେବଲ ପଦବୀ। ଭୁବନେଶ୍ୱର ପୂର୍ବ ଭାରତର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ସହର। ସହରାଞ୍ଚଳ ଯୋଜନାବଦ୍ଧ ବିକାଶ ପାଇଁ ଏହି ପଦବୀଗୁଡ଼ିକ କାର୍ଯ୍ୟ କରିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବ ଅନୁଯାୟୀ, ସମଗ୍ର ଭୁବନେଶ୍ୱର ସହରରେ ଏସବୁ କାର୍ଯ୍ୟ ନିମନ୍ତେ ୨୫ଟି ଯୁଗ୍ମ ଟିମ୍ ଓ ୫ଟି ରିଜର୍ଭ ଟିମ୍‌ର ଆବଶ୍ୟକତା ଥିଲା। ପ୍ରତି ଟିମ୍‌ରେ ୨ଜଣ ପୋଲିସ କନଷ୍ଟେବଲ ରହିବେ। ଏହି ଟିମ୍‌ଗୁଡ଼ିକର ସମନ୍ୱୟ ଓ ସୁପରିଚାଳନା ପାଇଁ ଜଣେ ଆସିଷ୍ଟାଣ୍ଟ କମିଶନର, ୬ ଜଣ ଏଏସ୍ଆଇ କାର୍ଯ୍ୟ କରିବେ।ଏହି ପଦବୀଗୁଡ଼ିକ ପୂରଣ ଦ୍ୱାରା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆବଶ୍ୟକ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସହଜ ଓ ତ୍ୱରାନ୍ୱିତ ହେବ।

# ଦ୍ୱିତୀୟ ଜନ୍ମ ପାଇଲି

ମୁମ୍ବାଇ: ବଲିଉଡ୍ ଅଭିନେତା ଶ୍ରେୟାସ ତଲପଡେଙ୍କ ଦ୍ୱିତୀୟ ଜନ୍ମ ହୋଇଛି। ଡିସେମ୍ବର ୪ରେ ଏକ ଫିଲ୍ମ ଶୁଟିଂ ସମୟରେ ତାଙ୍କର ହଠାତ୍ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ସେ ଘରେ ପହଞ୍ଚିବା ବେଳକୁ ତାଙ୍କ ସ୍ୱାସ୍ଥ୍ୟ ଅଧିକ ବିଗିଡ଼ି ଯାଇଥିଲା। ପରେ ସେ ହୃଦ୍‌ଘାତରେ ପୀଡିତ ଥିବା ଜଣାପଡ଼ିଥିଲା। ଏବେ ସେ ସୁସ୍ଥ ହେବା ପରେ ଦ୍ୱିତୀୟ ଜନ୍ମ ପାଇଥିବା କହିଛନ୍ତି। ଶ୍ରେୟାସ କହିଛନ୍ତି, ସେ କେବେ ହସ୍ପିଟାଲରେ ଭର୍ତ୍ତି ହୋଇ ନ ଥିଲେ। ମଝିରେ ଥରେ ତାଙ୍କ ଗୋଡ଼ ଭାଙ୍ଗିବା ସମୟରେ ମଧ୍ୟ ସେ ହସ୍ପିଟାଲ ଯାଇ ନ ଥିଲେ। ହେଲେ ତାଙ୍କର ଏପରି ହେବ ବୋଲି ସେ କେବେ ଭାବି ନ ଥିଲେ। ସେ ଅଢ଼େଇ ବର୍ଷ ହେବ ବିଶ୍ରାମ ନ କରି କାମ କରୁଥିଲେ। ତାଙ୍କୁ ଅଣନିଃଶ୍ୱାସୀ ଲାଗିବାରୁ ପରୀକ୍ଷା କରି କୋଲେଷ୍ଟରଲ ଥିବା ଜାଣି ଔଷଧ ଖାଇବା ଆରମ୍ଭ କରିଥିଲେ। ଶୁଟିଂ ଦିନ ତାଙ୍କ ବାମ ହାତରେ ଯନ୍ତ୍ରଣା ହେବାରୁ ସେ ସେଠାରୁ ଚାଲି ଆସିଲେ। ଘରେ ତାଙ୍କ ସ୍ତ୍ରୀ ତାଙ୍କୁ ହସ୍ପିଟାଲ ନେଇ ଯାଇଥିଲେ। ପରେ ତାଙ୍କର ହୃଦ୍‌ଘାତ ହେବାରୁ ସେ ଚେତା ହରାଇଥିଲେ। ଡାକ୍ତର ତାଙ୍କୁ ଇଲେକ୍ଟ୍ରିକ୍ ଶକ୍ ଦେବାରୁ ସେ ପୁଣି ଜୀବନ ପାଇଥିବା କହିଛନ୍ତି। ତେବେ ଶେଷଥର ପାଇଁ ଶ୍ରେୟାସଙ୍କୁ 'ଥୋକ୍ ଦେ ହସିନା' ମୁଭିରେ ଦେଖିବାକୁ ମିଳିଥିଲା।



ଶ୍ରେୟାସ ତଲପଡେ

# ପ୍ରତିଶ୍ରୁତି ମିଳିଲା, ହଟିଲା ରାସ୍ତାରୋକୋ

## ବସ୍ ଧକ୍କାରେ ଛାତ୍ର ମୃତ୍ୟୁ ଘଟଣା

### ମୁଦିପଡ଼ାରୁ ସମଲେଶ୍ୱରୀ ରାସ୍ତାରେ ଭାରିଯାନ ପ୍ରବେଶ ବନ୍ଦ

ସମ୍ବଲପୁର,୪।୧(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ଏକ ବସ୍ ଧକ୍କାରେ ଛାତ୍ର ମୃତ୍ୟୁ ଘଟଣା ଗୁରୁବାର ଉଗ୍ର ରୂପ ନେଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ସହରକୁ ଭାରିଯାନ ପ୍ରବେଶ କଟକଣା, ନୋଏଣ୍ଟ୍ରି ସମୟରେ ସହରକୁ ବେଆଇନ ବସ୍ ପ୍ରବେଶ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୋଲିସ ଅଟକ ରଖିଥିବା ମୃତକଙ୍କ ପରିବାର ଲୋକଙ୍କ ସହିତ ସମସ୍ତ ପରିଜନଙ୍କୁ ତୁରନ୍ତ ଖଲାସ କରିବା ଦାବିରେ ପୂର୍ବାହ୍ନ ସାଢେ ୧୦ଟାରୁ ଆମ୍ବେଦକର ନଗରବାସୀ ମୃତଦେହ ରଖି ମୁଦିପଡ଼ାରୁ ସମଲେଶ୍ୱରୀ ମନ୍ଦିରକୁ ଯାଇଥିବା ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା। ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତି ସକାଶେ ସଦର ତହସିଲଦାରଙ୍କ ସହିତ ଅତିରିକ୍ତ ଏସ୍‌ପି, ସଦର ଏସ୍‌ଡିପିଓ ଓ ବିଭିନ୍ନ ଥାନାର ଆଇଆଇସିଙ୍କ ସହ ଶତାଧିକ ପୋଲିସ ସୁରକ୍ଷା କର୍ମୀ ଉକ୍ତ ଅଞ୍ଚଳକୁ ଘେରି ରହିଥିଲେ। ଆନ୍ଦୋଳନକାରୀଙ୍କୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ବୁଝାଶୁଝା କରି ଅଟକଥିବା ଲୋକଙ୍କ ମଧ୍ୟରୁ ବସ୍ ଭଙ୍ଗାରୁଜାରେ ସମ୍ପୃକ୍ତଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଛାଡ଼ିଦିଆଯିବ, ମୁଦିପଡ଼ା ଛକରୁ ସମଲେଶ୍ୱରୀ ମନ୍ଦିର ରାସ୍ତାରେ ଭାରିଯାନ ପ୍ରବେଶ ଉପରେ କଟକଣା ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅପରାହ୍ନ ସାଢ଼େ ୪ଟା ସମୟରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟରେ ମୃତ ଛାତ୍ରଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ବୁଧବାର ରାତିରେ ସମ୍ବଲପୁର ସହର ପଟ୍ଟନାୟକପଡ଼ା ଫ୍ରେଞ୍ଜର କ୍ଲବ ସମ୍ମୁଖରେ ଏକ ତୀର୍ଥଯାତ୍ରୀ ବସ୍ ଧକ୍କାରେ ଆମ୍ବେଦକର ନଗରର ୯ମ ଶ୍ରେଣୀ ଛାତ୍ର ଦିଶାନ୍ତ ନାୟକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବସ୍‌କୁ ଜବତ କରି ଚାଳକଙ୍କୁ ଗିରଫ କରିଥିଲା। ମାତ୍ର ଉତ୍ତ୍ୟକ୍ତ ଲୋକେ କଚେରି ଛକରେ ଥିବା ଉକ୍ତ ବସ୍‌କୁ ଭଙ୍ଗାରୁଜା କରି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ କେତେଜଣ ଯୁବକଙ୍କୁ ଥାନାକୁ ଧରି ନେଇଥିଲା। ମାତ୍ର ଉତ୍ତେଜନା ପ୍ରଶମିତ ହେବା ବଦଳରେ ବୃଦ୍ଧି ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଟାଉନ ଥାନା ଘେରାଉ କରି ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଅଟକ ବ୍ୟକ୍ତିଙ୍କୁ ଖଲାସ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେଣୁ ପୋଲିସ ବାଧ ହୋଇ ସେଠାରେ ମୃଦୁ ଲାଠିଚାଳନା କରିବାରୁ ଆନ୍ଦୋଳନକାରୀ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗୋଡ଼ାଇ ଗୋଡ଼ାଇ ୧୨ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ହରିଶ ପାଣ୍ଡେ କହିଛନ୍ତି, ଆଇନ ଅନୁସାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବ। ମାତ୍ର ନୋଏଣ୍ଟ୍ରି ସମୟରେ ସହରକୁ ବସ୍ ପ୍ରବେଶକୁ ନେଇ ଆରକ୍ଷୀ ଅଧୀକ୍ଷକଙ୍କ ସହ ଟ୍ରାଫିକ ଡିଏସ୍‌ପିଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସକାଳେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ିରେ ଜବତ ଦୁର୍ଘଟଣାଗ୍ରସ୍ତ ବସ୍ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି।



ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! **-ଶ୍ରୀଅରବିନ୍ଦ**

# ସବୁଜ ଚିନ୍ତା



ଏମାନୁଏଲ ମାକ୍ରଁ

ୟୁକ୍ରେନ୍‌ରେ ୨୦୨୨ ପ୍ରଥମାର୍ଦ୍ଧରୁ ଯୁଦ୍ଧ ଲାଗି ରହିଛି। ଅନ୍ୟପଟେ ଗତବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ସୀମା ମଧ୍ୟରେ ହମାସ୍‌ର ବର୍ବର ଆକ୍ରମଣ ପରେ ଗାଜାରେ ସଂଘର୍ଷ ଜାରି ରହିଛି। ଏହି ଦୁଇଟି ଯୁଦ୍ଧ ସ୍ଥିତି ବିଶ୍ୱରେ ବାର୍ବନ ନିର୍ଗମନ ହ୍ରାସ, ୨୦୨୫ ସୁଦ୍ଧା ସମ୍ମିଳିତ ଭାବେ କାର୍ବନ ଶୂନ୍ୟସ୍ତର ହାସଲ, ଜୈବବିବିଧତା ସଂରକ୍ଷଣ ଏବଂ ଦାରିଦ୍ର୍ୟ ଓ ଅସମାନତା ବିରୋଧୀ ଲଢ଼େଇର ଲକ୍ଷ୍ୟ ଭଳି ପ୍ରାଥମିକତାରୁ ଆମେ ପଥଚ୍ୟୁତ ହେବା ଉଚିତ ନୁହେଁ। ଏହି ସିଦ୍ଧାନ୍ତକୁ ପ୍ୟାରିସ୍ ପ୍ୟାକ୍ଟ ଫର୍ ପିପୁଲ୍ ଏବଂ ଦି' ପ୍ଲାନେଟ୍ ଆଣ୍ଡ୍ ୱାନ ପ୍ଲାନେଟ୍ ସମିଟି ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ଫ୍ରାନ୍ସ କାର୍ଯ୍ୟକାରୀ କରୁଛି। ଆମ ରଣନୀତିର ଆଧାରଶିଳା ପରିସଂସ୍ଥାଗତ ପରିବର୍ତ୍ତନ ଓ ଦାରିଦ୍ର୍ୟ ବିରୋଧୀ ଲଢ଼େଇକୁ ଗତିଶୀଳ କରିବା ଦରକାର। ଶିଳ୍ପ ବିପ୍ଲବ ପରଠାରୁ କାର୍ବନ ନିର୍ଗମନକାରୀ ପ୍ରମୁଖ ଧନୀ ତଥା ସବୁଠୁ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ପ୍ରଥମେ ଜୀବାଶ୍ମ ଇନ୍ଧନଠାରୁ ଦୂରେଇ ଯିବା ଉଚିତ। ଯଦି ପ୍ୟାରିସ୍ ଜଳବାୟୁ ଚୁକ୍ତିର ଲକ୍ଷ୍ୟ ହାସଲ କରିବାକୁ ଆମେ ଚାହୁଁଛେ, ତେବେ ଏହା ଉପରେ ବୁଝମଣା କରାଯିବା ଦରକାର। ବିଜ୍ଞାନ ଆମକୁ ପଥ ଦେଖାଇଛି। ଏହି ଧାରାରେ ଆମକୁ ୨୦୩୦ ସୁଦ୍ଧା କୋଇଲା ଏବଂ ୨୦୪୫ ସୁଦ୍ଧା ଜୀବାଶ୍ମ ତୈଳ ବ୍ୟବହାର ବନ୍ଦ କରିବାକୁ ହେବ। ଏକ୍ଷେତ୍ରରେ ଜି୭ ଦେଶଗୁଡ଼ିକ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିବା ଆବଶ୍ୟକ।

କୋଇଲାରୁ ସୃଷ୍ଟି ହେଉଥିବା ବିପଦକୁ ପ୍ରଥମେ ସମାଧାନ କରିବା ଉଚିତ। ଏବେ ସ୍ଥାପନ କରାଯାଉଥିବା ୨,୦୦୦ ଗିଗାୱାଟ ଉତ୍ପାଦନକାରୀ କୋଇଲାଚାଳିତ ତାପଜ ବିଦ୍ୟୁତ୍ କେନ୍ଦ୍ର ଏତେ କାର୍ବନ ନିର୍ଗମନ କରୁଛି ଯେ, ବିଶ୍ୱତାପନ ୧.୫ ଡିଗ୍ରୀ ସେଲ୍‌ସିୟସ ଟପିବାକୁ ଆମକୁ ବେଶି ସମୟ ଲାଗିବନି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ପ୍ରତିବର୍ଷ ୯୨ ଗିଗାୱାଟ ହ୍ରାସ କରିବାକୁ ଅନ୍ତର୍ଜାତୀୟ ଶକ୍ତି ସଂଗଠନ (ଆଇଇଏ) ସୁପାରିସ କରିଥିବାବେଳେ ଅତିରିକ୍ତ ୫୦୦ ଗିଗାୱାଟ ଉତ୍ପାଦନ ପାଇଁ ଯୋଜନା କରାଯାଇ ସାରିଲାଣି। ୨୦୩୦ ସୁଦ୍ଧା କୋଇଲା ବ୍ୟବହାରଠାରୁ ଦୂରେଇଯିବା ଜି୭ର ଦାୟିତ୍ୱ ହୋଇଥିବାବେଳେ (କିନ୍ତୁ ଜି୭ ଦେଶ ଫ୍ରାନ୍ସ ୨୦୨୭ ସୁଦ୍ଧା ଏହା କରିବ) ବିକଶିତ ଦେଶଗୁଡ଼ିକ ଏବେ ସବୁଠୁ ଅଧିକ କୋଇଲା ବ୍ୟବହାର କରୁଛନ୍ତି। ଏହିସବୁ ଦେଶରେ ଆମକୁ ଅକ୍ଷୟଶକ୍ତି ଓ ଆଣବିକ ଶକ୍ତି ଉପରେ ଅଧିକ ପୁଞ୍ଜି ନିବେଶ କରିବାକୁ ହେବ। କାରଣ କାର୍ବନ ନିର୍ଗମନ ହ୍ରାସ କରିବାରେ ଏହିସବୁ ଶକ୍ତି ପ୍ରମୁଖ ଭୂମିକା ନେବ। ପ୍ୟାରିସ୍ ଚୁକ୍ତି ଅନୁସାରେ ଘରୋଇ ପୁଞ୍ଜି ଓ ବାଣିଜ୍ୟକୁ କାମରେ ଲଗାଇବା ଦରକାର। ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ କମ୍ପାନୀ କିମ୍ବା ସଂସ୍ଥାଗୁଡ଼ିକ ପାଇଁ ନିବେଶ ମୂଲ୍ୟ ଅଧିକ ହେବା ଉଚିତ। ସେହିପରି ବାଣିଜ୍ୟ ଚୁକ୍ତିରେ ଆମକୁ ଏକ ଜଳବାୟୁ ବିଷୟ ସ୍ଥାନିତ କରିବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ କରିବା ଲାଗି ପଦକ୍ଷେପ ଗ୍ରହଣ କରିବା ଏବଂ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ସକାଶେ ସବୁଜ ଓ ନୂଆ ଜ୍ଞାନକୌଶଳ ପାଇବାରେ ଅର୍ଥ ଯୋଗାଇବାକୁ ସବୁଠୁ ଅଧିକ ବିପଦରେ ଥିବା ଦେଶଗୁଡ଼ିକ କିଭଳି ସକ୍ଷମ ହେବେ ସେଥିପାଇଁ ଏକ ସର୍ତ୍ତ ରଖିବାକୁ ହେବ। ଏଥିରୁ ବୁଝାପଡୁଛି ଯେ, ପାରମ୍ପରିକ ବିକାଶ ସହାୟତାଠାରୁ ଆଗକୁ ଯିବାକୁ ପଡ଼ିବ ଏବଂ କୋଭିଡ୍-୧୯ ସମୟରେ ଧନୀ ଦେଶଗୁଡ଼ିକ ସେମାନଙ୍କ ପାଇଁ ଯେଭଳି ଏକ ଅଣପରମ୍ପରାଗତ ବିତ୍ତୀୟ ଓ ଆର୍ଥିକ ନୀତି ଆପଣାଇଥିଲେ ବିକାଶଶୀଳ ଦେଶଗୁଡ଼ିକ ପାଇଁ ତାହା କରିବାକୁ ପଡ଼ିବ। ୨୦୨୧ରେ ପ୍ୟାରିସ୍‌ଠାରେ ଆମେ ନେଇଥିବା ପଦକ୍ଷେପ ପରେ ମାତ୍ର ଦୁଇ ବର୍ଷ ମଧ୍ୟରେ ପରିଣାମ ସାମ୍ନାକୁ ଆସିସାରିଲାଣି। ବିପଦରେ ଥିବା ଦେଶଗୁଡ଼ିକୁ ସ୍ପେସିଆଲ ଡ୍ରଇଂ ରାଇଟ୍ସ (ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ରିଜର୍ଭ ଆସେଟ)ରେ ୧୦୦ ବିଲିୟନ ଡଲାର ଦେଇସାରିଛୁ। କାର୍ଯ୍ୟରେ ନ ଲାଗି ପଡ଼ିରହିଥିବା ଅର୍ଥକୁ ଜଳବାୟୁ ପଦକ୍ଷେପ ଓ ଗରିବ ଦେଶଗୁଡ଼ିକରେ ମହାମାରୀ ମୁକାବିଲା ସକାଶେ ପାଖାପାଖି ଶୂନ ସୁଧ ହାରରେ ୨୦ ବର୍ଷିଆ ଋଣ ପ୍ରଦାନ କରୁଛୁ। ଏହିଭଳି ଦେଶଗୁଡ଼ିକୁ ପାଣ୍ଠି ପ୍ରଦାନ କରିବା ପାଇଁ ଋଣ ନିୟମରେ ପରିବର୍ତ୍ତନ କରିବା ଆରମ୍ଭ କରିଛୁ। ଆମେ ମଧ୍ୟ ବିଶ୍ୱ ବ୍ୟାଙ୍କ ଭଳି ଅନ୍ୟ ବହୁଦେଶୀୟ ବିକାଶ ବ୍ୟାଙ୍କଗୁଡ଼ିକର ଔପଚାରିକ ନିୟମକୁ ପରିବର୍ତ୍ତନ କରିଛୁ, ଯଦ୍ୱାରା ସେମାନେ ଦାୟିତ୍ୱ ନେବେ ଓ ଘରୋଇ ଅର୍ଥକୁ ଅଧିକ ସଞ୍ଚାଳନ କରିବେ।



ଜଳବାୟୁ ବିପଦକୁ ଦୃଷ୍ଟିରେ ରଖି ନୂଆ ଘରୋଇ ଇନ୍‌ସ୍ୟୁରାନ୍ସ ପଦ୍ଧତିଗୁଡ଼ିକୁ ଗତିଶୀଳ କରିବା ଲାଗି ନୂଆ ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡର ଢାଞ୍ଚା ମାଧ୍ୟମରେ କାମ କରୁଛୁ। ସବୁଠୁ ଅଧିକ କ୍ଷତିଗ୍ରସ୍ତ ଦେଶଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଲକ୍ଷ୍ୟ କରି ଆମେ କାମ କରିବୁ। ୨୦୨୪ର ପ୍ରଥମାର୍ଦ୍ଧରେ ଫ୍ରାନ୍ସ ଓ ବାଂଲାଦେଶ ଜଳବାୟୁ ମୁକାବିଲା ଏବଂ ଲସ୍ ଆଣ୍ଡ ଡ୍ୟାମେଜ୍‌କୁ ପାଣ୍ଠି ଯୋଗାଇବା ପାଇଁ ୧.୧ ବିଲିୟନ ଡଲାର ଯୋଗାଇ ଦେଉଥିବା ଫ୍ରେଞ୍ଚ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି ଓ ନୂଆ ଋଣରେ ୧ ବିଲିୟନ ଡଲାରର ଏସ୍‌ଡିଆର୍‌ଏସ୍ ଯାଏ ଯୋଗଦାନ ଥିବା ଆଇଏମ୍‌ଏଫ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିବେ। ଏହା ସୂଚିତ କରେ ଯେ, ଆଗାମୀ ବର୍ଷଗୁଡ଼ିକରେ ସମ୍ମୁଖୀନ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ପାଇଁ ଶାସନ ପଦ୍ଧତି ଓ ବୈଶ୍ୱିକ ମାନକ ସ୍ଥିର କରିବାକୁ ହେବ। ଆହ୍ୱାନଗୁଡ଼ିକ ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଳ ଉପଲବ୍ଧତା। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୦୨୪ରେ ଜାତିସଂଘ ସାଧାରଣ ସଭା ଅବସରରେ ଫ୍ରାନ୍ସ ଓ କାଜାକ୍‌ସ୍ଥାନ ୱାନ ୱାଟର ସମିଟି ଆୟୋଜନ କରିବେ।

ତେବେ ପ୍ରକୃତିଦତ୍ତ ସେବାଗୁଡ଼ିକ ପାଇଁ ଅର୍ଥ ଯୋଗାଇ ଦେବାକୁ ଏକ ଜୈବ ଅର୍ଥ ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ପଡ଼ିବ। ବିଶେଷକରି ୩ଟି ଟ୍ରପିକାଲ ଫରେଷ୍ଟ ଅବବାହିକାରେ କାର୍ବନକୁ ଶୋଷଣ କରୁଥିବା ଓ ଜୈବବିବିଧତା ସଂରକ୍ଷଣ କରୁଥିବା ଦେଶଗୁଡ଼ିକ ଅଧିକ ସଂସାଧନ ପାଇବା ଉଚିତ। କପ୍ ୨୮ରେ ଫ୍ରାନ୍ସ ଏହି ପ୍ରକାର ୩ଟି ଚୁକ୍ତି ଅଲଗା ଭାବେ ପପୁଆ ନ୍ୟୁଗିନି, ରିପବ୍ଲିକ ଅଫ୍ କଙ୍ଗୋ ଏବଂ ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ ସହ କରିସାରିଛି। କିନ୍ତୁ ସ୍ୱେଚ୍ଛାକୃତ କାର୍ବନ ମାର୍କେଟ ସଂସ୍କାରର ଆବଶ୍ୟକତା ରହିଛି। ଏକ ଅନ୍ତର୍ଜାତୀୟ କାର୍ବନ ଆଣ୍ଡ୍ ବାୟୋଡାଇଭର୍ସିଟି ଏକ୍ସଚେଞ୍ଜ ଆରମ୍ଭ କରିବାକୁ ପଡ଼ିବ, ଯାହା ସରକାରୀ ଓ ଘରୋଇ ସଂସ୍ଥାଗୁଡ଼ିକୁ କାର୍ବନ କ୍ରେଡିଟ୍ ଅର୍ଥ ବିନିମୟକୁ ଅନୁମତି ଦେବ। ସବୁଜ କ୍ଷୟ ରୋକିବା ଓ ସ୍ଥାନୀୟ ଲୋକଙ୍କୁ ପାରିଶ୍ରମିକ ଦେବା ଲାଗି ପର୍ଯ୍ୟାପ୍ତ ମହତ୍ତ୍ୱାକାଂକ୍ଷୀ ମାନଦଣ୍ଡ ଆଧାରରେ କାର୍ବନ କ୍ରେଡିଟ୍ ଦେବାକୁ ହେବ।

ମହାସାଗରର କାର୍ବନ ଶୋଷିବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଆମେ ଏହାର ସୁରକ୍ଷା କରିବା ଦରକାର। ଜୁନ୍ ୨୦୨୫ରେ ଫ୍ରାନ୍ସ ଏବଂ କୋଷ୍ଟାରିକା ତୃତୀୟ ଜାତିସଂଘ ମହାସାଗର ସମ୍ମିଳନୀ ଆୟୋଜନ କରିବେ। ପ୍ଲାଷ୍ଟିକ ପ୍ରଦୂଷଣ ନିଷେଧ ଏବଂ ଗଭୀର ତଥା ସମୁଦ୍ର ଉପର ଭାଗର ସୁରକ୍ଷା ପାଇଁ ଅନ୍ତଃରାଷ୍ଟ୍ରୀୟ ଆଇନର ନବୀକରଣ କରାଯିବା ଲକ୍ଷ୍ୟରେ ଏହା କରାଯିବ। ଏଭଳି ସଂସ୍କାର ସମୁଦ୍ରର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆର୍ଥିକ ଜୋନ୍ ଥିବା ଦେଶଗୁଡ଼ିକୁ ଜାତୀୟ ରଣନୀତି ବିକାଶ କରିବାକୁ ସକ୍ଷମ କରିବ। ଶେଷରେ ବିଶ୍ୱବ୍ୟାଙ୍କ ଓ ଆଇଏମ୍‌ଏଫ୍‌କୁ ପୁନର୍ଗଠନ ନ କଲେ ଆମେ ସଫଳ ହୋଇପାରିବା ନାହିଁ। କାରଣ ବିଶ୍ୱସ୍ତରରେ ଏହିସବୁ ବ୍ୟାଙ୍କ ସବୁଜ ପରିବର୍ତ୍ତନ ପାଇଁ ନୀତି ନିର୍ଦ୍ଧାରଣ ଓ ପାଣ୍ଠି ଯୋଗାଣରେ ମୁଖ୍ୟ ଭୂମିକା ନେଉଛନ୍ତି। ସେଗୁଡ଼ିକ ଗଠନ ହେବାର ୮୦ ବର୍ଷ ପରେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଓ ଜନସଂଖ୍ୟାର ଆକାରକୁ ଦେଖିଲେ ସେମାନଙ୍କ ନିକଟରେ ପାଣ୍ଠିର ଅଭାବ ରହିଛି। ଏହା ସହ ଧନୀ ଓ ବିକାଶଶୀଳ ଦେଶସବୁ ସେଗୁଡ଼ିକର ପରିଚାଳନାରୁ ଦୂରେଇ ରହିଆସିଛନ୍ତି। କିନ୍ତୁ ଏକ ସମାନତା ଆଧାରରେ ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଦେଶ ବୁଝାମଣା ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆମେ ଲକ୍ଷ୍ୟ ଓ ଅର୍ଥ ଯୋଗାଣରେ ସହମତ ହୋଇପାରିବୁ ନାହିଁ। ଶେଷରେ ଆର୍ଥିକ ପରିଚାଳନାରେ ବ୍ରିଟେନ ଉଡ୍ସ ପଦ୍ଧତିକୁ ସମୀକ୍ଷା କରିବା ସହ ବିଶ୍ୱସ୍ତରରେ ସାର୍ବଜନୀନ ହିତ ଲାଗି ପାଣ୍ଠି ପ୍ରଦାନରେ ଧନୀ ଦେଶଗୁଡ଼ିକୁ ସେମାନଙ୍କ ଭାଗୀଦାରିର ଉତ୍ତରଦାୟିତ୍ୱ ଗ୍ରହଣ କରିବାକୁ କହିବା ଦରକାର।

**ରାଷ୍ଟ୍ରପତି, ଫ୍ରାନ୍ସ**

# ସଫଳ ନେତୃତ୍ୱ



ଇଂ. ମୁରଲୀଧର ହୋତା

ଏକଦା ହେନେରୀ ଫୋର୍ଡ କହିଥିଲେ, ''ଏକଜୁଟ ହେଲେ 'ଆରମ୍ଭ', ମିଳିମିଶି ରହିପାରିଲେ 'ପ୍ରଗତି' ଓ ମିଳିମିଶି କାମକଲେ 'ବିଜୟ' ପ୍ରାପ୍ତି ହୋଇଥାଏ।'' ଫୋର୍ଡଙ୍କ ଏହି ଉକ୍ତିଟି ଏକ ଅନୁଷ୍ଠାନ ଗଢ଼ିବାରେ ଶତ ପ୍ରତିଶତ ସତ୍ୟ ସାବ୍ୟସ୍ତ ହୋଇଥାଏ। ଅନୁଷ୍ଠାନଟି ଗଢ଼ିବା ପାଇଁ ନିର୍ଦ୍ଦିଷ୍ଟ କିଛି ସକାରାତ୍ମକ ଲକ୍ଷ୍ୟ ନେଇ କେତେକ ଲୋକ ଏକଜୁଟ ହୋଇଥାଆନ୍ତି। ପରେ ପରେ ସଭ୍ୟ ସଂଖ୍ୟା ବୃଦ୍ଧିପାଇଁ ଉଦ୍ୟମ ଚାଲୁରହେ। ଏହି ସଭ୍ୟସଂଖ୍ୟା ସମମାନସିକତା ସମ୍ପନ୍ନ ଲୋକମାନଙ୍କୁ ନେଇ ବଢ଼ି ଚାଲେ। ଏହି ବଢ଼ି ଚାଲୁଥିବା କାଳଖଣ୍ଡଟି, ଗଢ଼ିଉଠୁଥିବା ଅନୁଷ୍ଠାନଟି ପାଇଁ ଏକ ସ୍ୱର୍ଣକାତର ସମୟ ଭାବରେ ବିବେଚିତ ହୋଇଥାଏ। ଆଜିର ସମାଜରେ ପଦ ଏବଂ ପ୍ରତିଷ୍ଠା ପାଇଁ କିଏ ବା ଲାଳାୟିତ ନୁହେଁ? ଏହି ଅବସରରେ ଗଢ଼ିଉଠୁଥିବା ଅନୁଷ୍ଠାନର ବିକଳ୍ପ ନେତୃତ୍ୱ ଆପଣାଇବା ପାଇଁ କେହି କେହି ଆଶାୟୀ ହେଲେ, ମିଳିମିଶି ରହିବା ଆଉ ସମ୍ଭବ ହୁଏ ନାହିଁ। ତେଣୁ ଅନୁଷ୍ଠାନର ପ୍ରଗତି ବ୍ୟାହତ ହୁଏ। ଖାଲି ମିଳିମିଶି ରହିଲେ ହେବନାହିଁ; ଅନୁଷ୍ଠାନର ଲକ୍ଷ୍ୟ ପୂରଣ ପାଇଁ, ବିଜୟ ପ୍ରାପ୍ତି ପାଇଁ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହୁଏ। ଏହି ମିଳିମିଶି କାମକରିବା ପ୍ରକ୍ରିୟାଟି ନିର୍ଭରକରେ ଅନୁଷ୍ଠାନର ସର୍ବୋଚ୍ଚ କର୍ମକର୍ତ୍ତାଙ୍କ ଦକ୍ଷତା, ବ୍ୟକ୍ତିତ୍ୱ, ନୀତିବାଦିତା, କର୍ମପ୍ରବଣତା, ନିରପେକ୍ଷ ବିଚାର ମାନସିକତା ଉପରେ। ତେବେ ଯାଇ ସହଯୋଗିତା ଓ ସହଭାଗିତାରେ ଅନୁଷ୍ଠାନର ସମସ୍ତକର୍ମ ସଂପାଦିତ ହୋଇଥାଏ।

ପୃଥିବୀରେ ଏପରି କେହି ବ୍ୟକ୍ତି ନାହାନ୍ତି, ଯିଏ ସାମାଜିକ ଅନୁଷ୍ଠାନଗୁଡ଼ିକରୁ କୌଣସି ନା କୌଣସି ସମୟରେ, କୌଣସି ନା କୌଣସି ପରିସ୍ଥିତିରେ ଉପକୃତ ଅଥବା ସାହାଯ୍ୟପ୍ରାପ୍ତ ନ ହୋଇଛନ୍ତି। ଏହି ଅନୁଷ୍ଠାନଗୁଡ଼ିକର ଉତ୍ସ ଅନନ୍ତସ୍ରାବୀ ନୁହେଁ। ତେଣୁ ଉପକୃତ ହୋଇଥିବା ଲୋକମାନଙ୍କର ବିଶେଷ ଭାବରେ ସମାଜପ୍ରତି ଦାୟିତ୍ୱବୋଧ ଏବଂ କର୍ତ୍ତବ୍ୟବୋଧ ରହିବା ବିଧେୟ। ସେହି ଅନୁଯାୟୀ ଜନମଙ୍ଗଳକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଯଥାସମ୍ଭବ ସହାୟତା ପ୍ରଦାନ କରିବା ଅଥବା ନିଜସ୍ୱ ଉଦ୍ୟମରେ ନୂତନ ସେବାମୂଳକ ଅନୁଷ୍ଠାନ ଗଢ଼ି ସମାଜ ସେବାରେ ବ୍ରତୀ ହେବା ସେମାନଙ୍କର ନୈତିକ ଅଥବା ସାମାଜିକ କର୍ତ୍ତବ୍ୟ।

ଆମ ସମାଜରେ କାର୍ଯ୍ୟରତ ଥିବା/ ଗଢ଼ିଉଠିଥିବା ଅନୁଷ୍ଠାନଗୁଡ଼ିକ ମୁଖ୍ୟତଃ ରକ୍ତଦାନ ଶିବିରର ଆୟୋଜନ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ, ଗଣ ସାକ୍ଷରତା କାର୍ଯ୍ୟକ୍ରମ, ତମାଖୁ ସେବନ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି କାର୍ଯ୍ୟକ୍ରମକୁ ଆୟୋଜନ କରିଥାନ୍ତି। ଏଥିପାଇଁ ଆବଶ୍ୟକ ପଡୁଥିବା ଅର୍ଥରାଶି କେତେକ କ୍ଷେତ୍ରରେ ସରକାରୀ ଅନୁଦାନ, ବଦାନ୍ୟ ବ୍ୟକ୍ତିବିଶେଷ ତଥା ସଭ୍ୟମାନଙ୍କର ସହାୟତା ଏବଂ ଆନ୍ତର୍ଜାତିକ ଦାତବ୍ୟ ଫାଉଣ୍ଡେଶନ ତରଫରୁ ମିଳିଥାଏ। ଆଜିର ସମାଜରେ ଅଧିକାଂଶ ଲୋକ ଲାଭ ଓ ଲୋଭର ବଶବର୍ତ୍ତୀ ହୋଇ ସମାଜସେବା ବିମୁଖ ହୋଇ ପଡ଼ିଛନ୍ତି। ଆମ ସମାଜର ଉନ୍ନତି କଳ୍ପେ ଆମେ ଆଗ୍ରହ ପ୍ରକାଶ ନ କଲେ ଅନ୍ୟମାନେ କାହିଁକି ବା ଏଥିରେ ମୁଣ୍ଡ ଖେଳାଇବେ?

ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଭିତରୁ କେହି ଅପରିହାର୍ଯ୍ୟ ନୁହନ୍ତି। କୌଣସି କାରଣରୁ ନେତୃତ୍ୱ ନେଉଥିବା ପଦାଧିକାରୀଙ୍କ ମଧ୍ୟରେ ପରିବର୍ତ୍ତନ ଘଟିଲେ, ନୂତନ ନିର୍ବାଚିତ ଅଥବା ମନୋନୀତ ସଭ୍ୟମାନେ ସେମାନଙ୍କର ନୂତନ ଦାୟିତ୍ୱ ଗ୍ରହଣକରି ଅନୁଷ୍ଠାନଟିକୁ ଆଗକୁ ବଢ଼ାଇନେବାକୁ ସେମାନଙ୍କର ସକଳ ପ୍ରୟାସ ଜାରିରଖନ୍ତି। କୌଣସି ଉଚ୍ଚପଦାଧିକାରୀ ଯଦି ନିଜର ଅହଂଭାବ ଏବଂ ସର୍ବଜ୍ଞାତା ଭାବକୁ ଅନୁଷ୍ଠାନ ଉପରେ ଲଦିଦେବାକୁ ଚେଷ୍ଟା କରନ୍ତି ତେବେ ସଭ୍ୟମାନଙ୍କ ଭିତରେ ଅସନ୍ତୋଷ ଏବଂ ନୈରାଶ୍ୟଭାବ ବୃଦ୍ଧିପାଏ। କ୍ରମେ ଅନୁଷ୍ଠାନର ପତନ ପ୍ରକ୍ରିୟା ଆରମ୍ଭ ହୋଇଯାଏ। ତେଣୁ ସହମତିଭିତ୍ତିରେ କାର୍ଯ୍ୟକରିବା ଏହାର ଏକମାତ୍ର ଉପାୟ; ଯାହାର ବିକଳ୍ପ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇ ନାହିଁ ଅଥବା ସୃଷ୍ଟି ହେବାର ସମ୍ଭାବନା ମଧ୍ୟ ନାହିଁ। ଶେଷରେ ଏତିକିମାତ୍ର କହିବି, ଯେଉଁ ନେତୃତ୍ୱ ପାରମ୍ପରିକ ଢଙ୍ଗରେ ଅନୁଷ୍ଠାନଟିକୁ ଚଳାଇ ରଖେ ସେଥିରେ ନ ଥାଏ ବିକାଶର ପଦ ଚିହ୍ନ ଅଥବା ନୂତନ ଭାବରେ କିଛି କରିଦେଖାଇବାର ଅଭୀପ୍ସା। ସେ ନେତୃତ୍ୱକୁ ଆମେ କାମଚଳା ନେତୃତ୍ୱର ଆଖ୍ୟା ଦେଇପାରିବା। ନୂତନ ଭାବରେ କିଛି କରିଦେଖାଇ ପାରିଲେ ଅନୁଷ୍ଠାନର ନେତୃତ୍ୱ ପ୍ରତି ଆସ୍ଥା, ବିଶ୍ୱାସ, ସମ୍ମାନବୋଧ ବୃଦ୍ଧିପାଏ। ବାସ୍ତବରେ ଏହାକୁ ହିଁ କହିପାରିବା ସଫଳ ନେତୃତ୍ୱ।

**ମୋ:୯୮୬୧୧୪୦୧୬୯**

## ଏଇ ଭାରତରେ

ଫରିଦାବାଦର ଉପକଣ୍ଠରେ ଏକ ଏନ୍‌ଜିଓକୁ ଗଲେ ସେଠାରେ ଅନେକ ଅସହାୟ ଓ ଦିବ୍ୟାଙ୍ଗଙ୍କ ପିଲାଙ୍କୁ ଦେଖିବାକୁ ପାଇବେ। ସେମାନଙ୍କୁ ଷ୍ଟେଶନ କିମ୍ବା ବିଭିନ୍ନ ସ୍ଥାନରୁ ବୀଣା ଲାଲ୍ ଉଦ୍ଧାର କରି ସେଠାରେ ଶିକ୍ଷା ପ୍ରଦାନ କରୁଛନ୍ତି। ବୀଣାଙ୍କ ବୟସ ଏବେ ୫୬। ଚାଇଲ୍ଡ ୱେଲଫେୟାର କମିଟି (ସିଡବ୍ଲ୍ୟୁସି) ସହାୟତାରେ ସେ ପିଲାଙ୍କୁ ଉଦ୍ଧାର କରୁଛନ୍ତି। ବୀଣା ୧୯୯୭ରେ 'କର୍ମମାର୍ଗ' ଏନ୍‌ଜିଓ ପ୍ରତିଷ୍ଠା କରି ଏଭଳି ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ଦୀର୍ଘ ୨୬ ବର୍ଷ ମଧ୍ୟରେ ସେ ୧୫୦୦ ପିଲାଙ୍କୁ ଉଦ୍ଧାର କରି ଶିକ୍ଷା ଦେଇପାରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ସ୍କୁଲରେ ନାମ ଲେଖାଇ ପଢ଼ାଇବା ବ୍ୟବସ୍ଥା କରିଥିବା ବେଳେ ଆଉ କେତେଜଣଙ୍କୁ ଏନ୍‌ଜିଓ ଗୃହରେ ଶିକ୍ଷା ଦେଉଛନ୍ତି। ୬ରୁ ୧୮ ବର୍ଷ ବୟସର ପିଲାମାନେ ତାଙ୍କ ପାଖରେ ରହିଛନ୍ତି। ସେ ତାଙ୍କ ରୋଜଗାରର ସଞ୍ଚିତ ଅର୍ଥରେ ୨ ଏକର ଜାଗା କିଣି ସେଠାରେ ପିଲାମାନଙ୍କ ପାଇଁ ରହିବା ଘର, ରୋଷେଇଘର, ପଢ଼ାଘର, ପ୍ରଶିକ୍ଷଣ ଗୃହ ଆଦି ନିର୍ମାଣ କରିଛନ୍ତି। ସେଠାରେ ପିଲାମାନଙ୍କ ଖାଦ୍ୟ ପାଇଁ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ପିଲାମାନଙ୍କୁ ମଧ୍ୟ ଜୈବିକ ଚାଷ ଓ ଜଳ ସଂରକ୍ଷଣ ସମ୍ପର୍କରେ ଶିକ୍ଷା ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୫ ଜାନୁଆରୀ ୧୯୭୫**

- ରୁମାନିଆନ୍ ବିମାନ କାର୍ପାଥିଆନ୍ ପର୍ବତମାଳା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୩ ଜଣ ବ୍ୟକ୍ତି ନିହତ।
- ଆଇ.ଏ.ଏସ୍.ମାନଙ୍କ ପରି ଦରମା ହାରରେ ସମତା ଓ ପଦବୀ ତଥା ଚାକିରି ସର୍ତ୍ତାବଳୀର ସ୍ଥିରତା ନେଇ ବିହାର ଡାକ୍ତରମାନେ ଆରମ୍ଭ କରିଥିବା ଆନ୍ଦୋଳନକୁ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍‌ର ସମର୍ଥନ।

# ସଙ୍କଟଜନକ ସ୍ଥିତିରେ ନଦୀ



ପଞ୍ଚାନନ ଅଗ୍ରୱାଲ

ଦେଶରେ ୩୫୧ ନଦୀର ଜଳ ପ୍ରଦୂଷିତ ହୋଇଥିବାବେଳେ ସେଥି ମଧ୍ୟରେ ଓଡ଼ିଶାର ୧୮ଟି ନଦୀ ରହିଛି। ବିଶେଷ କରି ସହରାଞ୍ଚଳରୁ ପ୍ରତିଦିନ ନିର୍ଗତ ହେଉଥିବା ବର୍ଜ୍ୟଜଳ ଯୋଗୁ ନଦୀଜଳ ପ୍ରଦୂଷିତ ହୋଇ ବିଷାକ୍ତ ପାଲଟୁଛି। ଯେଉଁଥିପାଇଁ ଅଧିକାଂଶ ସମୟରେ ଲୋକେ ଚର୍ମରୋଗ ଓ ଜଳବାହିତ ରୋଗର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କେତେକ ଅଭିଯୋଗକୁ ଆଧାର କରି ଜାତୀୟ ସବୁଜ ପ୍ରାଧିକରଣ ପକ୍ଷରୁ ୨୦୧୮ରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ତାଗିଦ କରାଯାଉଛି।

ସରକାରୀ ତଥ୍ୟ ହିସାବରେ, ରାଜ୍ୟର ସହରାଞ୍ଚଳଗୁଡ଼ିକରୁ ପ୍ରତିଦିନ ୮୮୦ ନିୟୁତ ଲିଟରରୁ ଊର୍ଦ୍ଧ୍ୱ ବର୍ଜ୍ୟଜଳ ନିର୍ଗମନ ହେଉଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ବର୍ଜ୍ୟ ବିଶୋଧନ ପ୍ଲାଣ୍ଟର ବ୍ୟବସ୍ଥା କରାଯାଇଛି। କଟକର କାଠଯୋଡ଼ି ନଦୀ ଅଞ୍ଚଳରେ ବିଶୋଧନ ବର୍ଜ୍ୟ ନିଷ୍କାସନ ପାଇଁ ପ୍ରକଳ୍ପ ଅଞ୍ଚଳ ଚିହ୍ନଟ ହୋଇଛି। ଏଥିପାଇଁ ଭୁବନେଶ୍ୱର ଓ କଟକ ଅଞ୍ଚଳର ଜନବସତି ଏବଂ ବର୍ଜ୍ୟ ନିର୍ଗମନକୁ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତୁତ ହୋଇଛି, ହେଲେ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ।

ସରକାରଙ୍କ ପରିବେଶ ନିୟନ୍ତ୍ରଣ ନୀତିର ଖୋଲା ଖୋଲି ଉଲ୍ଲଂଘନ କରାଯାଇ ନାଗାବଳୀ ନଦୀ ଶଯ୍ୟାରୁ ଖନନ କରାଯାଉଛି। ଏହାଦ୍ୱାରା ନଦୀର ଜଳଧାରଣ କ୍ଷମତା କମିବାରେ ଲାଗିଛି। ରାଜ୍ୟର ଅନ୍ୟତମ ପୁଣ୍ୟତୋୟା ବୈତରଣୀ ନଦୀ ଏବେ ବିପଦରେ। ଏହା ପୋତିହେବାକୁ ବସିଛି। ନଦୀ ପାର୍ଶ୍ୱରେ ଖଣି ଖନନ, କମ୍ପାନୀର ବର୍ଜ୍ୟବସ୍ତୁ ନଦୀକୁ ଛାଡ଼ିବା ଓ ମୃତ୍ତିକା କ୍ଷୟ ଏହାର ମୁଖ୍ୟ କାରଣ ବୋଲି ଖଣି ମହାଦୁର୍ନୀତି ତଦନ୍ତ କରୁଥିବା ଶାହା କମିଶନ ରିପୋର୍ଟରେ ଦର୍ଶାଇଥିଲେ। କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଅଧୀନ ଗୋନାସିକା ପାହାଡ଼ରୁ ବୈତରଣୀ ବାହାରି ପ୍ରାୟ ୩୫୦ କି.ମି. ଅତିକ୍ରମ କରି ଭଦ୍ରକ ଜିଲା ଦେଇ ବଙ୍ଗୋପସାଗରରେ ମିଶିଛି। ବୈତରଣୀର ବାମ ପାର୍ଶ୍ୱରୁ ୩୫ ଓ ଡାହାଣ ପାର୍ଶ୍ୱରେ ୩୦ ନାଳ, ଝରଣା ଆଦି ମିଶୁଥିବାବେଳେ ସେ ସବୁ ମଧ୍ୟ ପ୍ରଦୂଷିତ ହେଉଛି। ବହୁ ଖଣି ସଂସ୍ଥା ଓ କମ୍ପାନୀ ଆଇନକୁ ଫାଙ୍କି ଅବିଚାରିତ ଖଣି ଖନନ ଓ ଶିଳ୍ପ ଚଳାଇ ଆସୁଛନ୍ତି। ସେ ସବୁରୁ ନିର୍ଗତ ବର୍ଜ୍ୟବସ୍ତୁର ପରିଚାଳନା ଠିକ୍ ଭାବେ ହୋଇପାରୁ ନ ଥିବାରୁ ନଦୀରେ ମିଶୁଛି।

ଦିନ ଥିଲା ଶ୍ରୀକ୍ଷେତ୍ର ପୁରୀର ପ୍ରମୁଖ ଜଳଉତ୍ସ ତଥା ଜୀବନ ରେଖା ଭାବେ ପରିଚିତ ଥିଲା ଐତିହ୍ୟସମ୍ପନ୍ନ ମୂଷାନଈ। ଏହା ଏବେ ଜମି ମାଫିଆଙ୍କ କବଳରେ ପଡ଼ି ନିଜ ଅସ୍ତିତ୍ୱ ହରାଇବାକୁ ବସିଲାଣି। ହୁଳହୁଳିଆ ପୋଲ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଜବରଦଖଲ ହେବା ଫଳରେ ମୂଷାନଈ ସଙ୍କୁଚିତ ହୋଇଗଲାଣି। ନଦୀ ପ୍ରବାହିତ ହେବାପାଇଁ ଖାଲିସ୍ଥାନ ନ ଥିବାରୁ ଏହା କ୍ରମଶଃ ପୋତି ହୋଇପଡୁଛି। ମୂଷାନଈର ପ୍ରଥମ ନାମ ଥିଲା ଅଠରନଳା ନଦୀ। ଭାର୍ଗବୀ ନଦୀର ଶାଖା ମୂଷାନଈ ହୁଳହୁଳିଆ ପୋଲ ଦେଇ ଅଠରନଳା ତଳେ ଯାଇ ମଙ୍ଗଳା ନଦୀରେ ମିଶିଥିଲା।



ସରକାରୀ ସ୍ତରରେ ମୂଷାନଈର ପୁନରୁଦ୍ଧାର ପାଇଁ ୨୦୦୫ରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ର ତାହା ଫଳପ୍ରଦ ହୋଇ ପାରିନାହିଁ।

ଅନୁଗୋଳ ଜିଲା ତାଳଚେର ସହରର ଜୀବନ ରେଖା କୁହାଯାଉଥିବା ବ୍ରାହ୍ମଣୀ ନଦୀରେ ବହଳିଆ କଳାପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳୁଛି। ତାଳଚେର କୋଲଫିଲ୍ଡର କୋଇଲା ଗୁଣ୍ଡମିଶା କଳାପାଣି ବଙ୍ଗାରୁ ଯୋର ଦେଇ ବ୍ରାହ୍ମଣୀରେ ମିଶିଛି, ଆଉ ନଦୀର ଉପର ମୁଣ୍ଡରେ ଥିବା କାରଖାନାରୁ ରାସାୟନିକ ପଦାର୍ଥ ମିଶ୍ରିତ ପାଣି ନଦୀରେ ଆସୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡର ଜୀବନ ରେଖା ସାଜିଥିବା ବଂଶଧାରା ନଦୀ ଏବେ ବାଲୁକା ଶଯ୍ୟାରେ ପରିଣତ ହେବାକୁ ଯାଉଛି। ୨୦୦୫ରେ ସରକାର ବଂଶଧାରା, ଋଷିକୁଲ୍ୟା ନଦୀ ସଂଯୋଗୀକରଣ ନିମନ୍ତେ ଉପରମୁଣ୍ଡ ଗୁଡ଼ାରିଠାରେ ଶିଳାନ୍ୟାସ କରିଥିଲେ। ଇତି ମଧ୍ୟରେ ୧୮ବର୍ଷ ଅତିକ୍ରମ ହୋଇସାରିଥିଲେ ମଧ୍ୟ ଏହା ଶିଳାନ୍ୟାସରେ ହିଁ ସୀମିତ ରହିଛି।

କେନ୍ଦ୍ରାପଡ଼ାର ଗୁପ୍ତ ଗଙ୍ଗା ଭାବେ ପରିଚିତ ଗୋବରୀ ନଦୀ ନିଜ ଅସ୍ତିତ୍ୱକୁ ନେଇ ଏବେ ସଂଗ୍ରାମ କରୁଛି। ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମର ୫ଲକ୍ଷ ଲୋକଙ୍କ ଜୀବିକା ସହ ଗୋବରୀ ଜଡ଼ିତ ରହିଆସିଛି। ଗୋବରୀ ନଦୀ ପଠାର ଏକାଧିକ ସ୍ଥାନରେ ମାଟି ତାଡ଼ିହୋଇଯିବାରୁ ନଦୀବନ୍ଧ କେଉଁ ଆଡ଼େ ଲୁଚିଗଲାଣି। ନଦୀର ଜଳସ୍ତର ଆସି ଭୂପତନ ସହ ମିଶିଗଲାଣି। ପୌରାଣିକ ଓ ଐତିହାସିକ ମାନ୍ୟତା ବହନ କରୁଥିବା ଜୀରାନଦୀ ଆଜି ସ୍ଥିତି ହରାଇବାକୁ ବସିଲାଣି। ନଦୀ ପଠା ଜବରଦଖଲ, ନଦୀ ଭିତରେ ବେଆଇନ ରାସ୍ତାଘାଟ ନିର୍ମାଣ, ମନ୍ଦିର ଓ ଶ୍ମଶାନ ନାଁରେ ଜମି ଜବରଦଖଲ ଯୋଗୁ ନଦୀ ତା'ର ପ୍ରାକୃତିକ ଉତ୍ସ ହରାଇଛି। ନଦୀବକ୍ଷରେ ଏକ ଆନିକଟ୍‌ର ଆବଶ୍ୟକତା ରହିଛି। ଇତିହାସ ଓ ପୁରାଣ ବର୍ଣ୍ଣନାରେ ପ୍ରାଚୀ ନଦୀର ସ୍ଥାନ ସ୍ୱତନ୍ତ୍ର। କଟକ ନରାଜଠାରୁ ମହାନଦୀରୁ ସୃଷ୍ଟି ପ୍ରାଚୀ ନଦୀକୁ ପୂର୍ବ ଭାରତର ସରସ୍ୱତୀ ଭାବେ ସମ୍ବୋଧନ କରାଯାଇଥାଏ। ଗବେଷକଙ୍କ ମତ ଅନୁଯାୟୀ କପିଳମୁନିଙ୍କ କମଣ୍ଡଳରୁ ପ୍ରାଚୀ ଆବିର୍ଭୂତ ହୋଇଥିବାର ବିଶ୍ୱାସ କରାଯାଏ। ତେବେ ଏହି ଐତିହ୍ୟସମ୍ପନ୍ନ ପ୍ରାଚୀ ନଦୀ ପ୍ରାୟ ଅସ୍ତିତ୍ୱ ହରାଇ ଧରାପୃଷ୍ଠରୁ ନିଶ୍ଚିହ୍ନ ହେବାକୁ ବସିଛି। ଅବରୋଧ ଓ ଜବର ଦଖଲ କରାଯିବା ଯୋଗୁ ଅଟକି ଯାଇଛି ପ୍ରାଚୀ ନଦୀର ଗତପଥ। ବିଭିନ୍ନ ବର୍ଜ୍ୟବସ୍ତୁ ନଦୀକୁ ଛଡ଼ାଯାଉଛି।

କଳାହାଣ୍ଡିରେ ପ୍ରବାହିତ ନଦନଦୀମାନଙ୍କ ମଧ୍ୟରେ ରେତ ଏକ ପ୍ରମୁଖ ନଦୀ। ଭବାନୀପାଟଣା ଉପଖଣ୍ଡବାସୀଙ୍କ ପାଇଁ ରେତ ଜୀବନ ରେଖା ସଦୃଶ। ଏହା ନର୍ଲାରୁ ପ୍ରବାହିତ ହୋଇ ଲାଞ୍ଜିଗଡ଼ ବ୍ଲକ ମଧ୍ୟ ଦେଇ କେସିଙ୍ଗା ବ୍ଲକର ବାହାଦୁର ପଦର ନିକଟରେ ତେଲନଦୀରେ ମିଶିଛି। ନଦୀଗର୍ଭ କ୍ରମେ ପୋତି ହେବାସହ ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ଏଭଳି ସ୍ଥିତି ଯଦି ଲାଗୁ ରହେ ତେବେ ଏହା ନିଶ୍ଚୟ ଭାବେ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ରହିଛି। ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ ତା' ପଛରେ ମୁଖ୍ୟ କାରଣ ହେବ ଜଳସଙ୍କଟ। ଏଥିପାଇଁ ନଦୀ ସୁରକ୍ଷା ଦରକାର।

**ରାଧିକା ଟାୱାର, ଟଙ୍କପାଣି ରୋଡ୍, ଭୁବନେଶ୍ୱର**
**ମୋ :୯୭୭୭୭୪୦୭୧**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | | | |
| | | 6 | | 2 | | | 7 | |
| 5 | | | | | | | | 9 |
| 1 | | | | | 4 | 7 | | |
| | | | 9 | | 2 | | 3 | |
| | | | | 1 | | | 5 | |
| 9 | 3 | | | | | 2 | | |
| | | 7 | 6 | | | | 8 | 5 |
| | | | | 4 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 5 | 8 | 3 | 1 | 4 | 6 |
| 8 | 3 | 4 | 6 | 7 | 1 | 9 | 5 | 2 |
| 6 | 1 | 5 | 4 | 2 | 9 | 8 | 7 | 3 |
| 2 | 6 | 9 | 7 | 3 | 4 | 5 | 8 | 1 |
| 5 | 7 | 3 | 1 | 9 | 8 | 2 | 6 | 4 |
| 4 | 8 | 1 | 2 | 5 | 6 | 7 | 3 | 9 |
| 3 | 2 | 8 | 9 | 6 | 5 | 4 | 1 | 7 |
| 9 | 4 | 6 | 8 | 1 | 7 | 3 | 2 | 5 |
| 1 | 5 | 7 | 3 | 4 | 2 | 6 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାଏମା ବଜାର ଭଙ୍ଗାନଯାଉ

ମହାଶୟ,

ଯାଜପୁର ଜିଲା ଧର୍ମଶାଳା ଅନ୍ତର୍ଗତ କାଏମାର ବୌଦ୍ଧକୀର୍ତ୍ତି ଅନ୍ତର୍ଜାତୀୟ ମାନ୍ୟତା ପାଇଛି। ଏହି ଦୃଷ୍ଟିରୁ କାଏମାର ସ୍ୱତନ୍ତ୍ରତା ରହିଛି। ହେଲେ ଏହି କାଏମାର ବଜାର ଭଙ୍ଗା ପାଇଁ ଯୋଜନା ଚାଲିଛି। ଧର୍ମଶାଳାରୁ ବଡ଼କାଏମା ଦେଇ ଯାଇଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ରାସ୍ତା ସଂପ୍ରସାରଣରେ ଲୋକଙ୍କ ଘର ସହ ଅନେକ ଦୋକାନ ଗୃହ ଭଙ୍ଗାଯିବ ବୋଲି ଜଣାପଡ଼ିଛି। ଏଥିନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଉଛି। ଏବେ ବି ରାସ୍ତାଟି ଦୁଇଥାକିଆ ରହିଛି। ଏହି ରାସ୍ତା ସଂପ୍ରସାରଣ ହେଲେ ଏଠାରେ ଅନେକ ଲୋକ ଜୀବନ ଜୀବିକା ହରାଇବେ। ରାସ୍ତାର ଉଭୟ ପଟକୁ ସଂଯୋଗ କରୁଥିବା ବାଇପାସ ରାସ୍ତାକୁ ସଂପ୍ରସାରଣ କଲେ ଗମନାଗମନ ଅଧିକ ସହଜ ହେବ। ଧର୍ମଶାଳା ଶାନ୍ତିବଜାରରୁ କାଏମା ସ୍କୁଲ ପାଖରୁ କେନାଲ ବନ୍ଧ, ଡିଗ୍ରୀ ପଡିଆ ନଦୀବନ୍ଧ ଦେଇ କାଏମା ବ୍ରିଜ ତଥା ଆର ଆଣ୍ଡ ବି ରାସ୍ତାକୁ ପ୍ରଶସ୍ତୀକରଣ କରାଯାଉ। ବାଇପାସ୍ ଦେଇ ବଡ଼ ଗାଡ଼ି ପାସ କଲେ କାଏମା ବଜାରର ସୌନ୍ଦର୍ଯ୍ୟ ବଢ଼ିବ, ବଜାର ଅଂଚଳ ପ୍ରଦୂଷଣ ହେବ ନାହିଁ ଏବଂ ଲୋକଙ୍କ ଘର ତଥା ଦୋକାନ ଭାଙ୍ଗିବ ନାହିଁ। ଏଥିନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପରେ ପାଣିକୋଇଲି ଆର ଆଣ୍ଡ ବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟକୁ ଅଭିଯୋଗର ବିଚାର ପାଇଁ ନିର୍ଦ୍ଦେଶ ଆସିଛି। ହେଲେ ଏଥିନେଇ କୌଣସି ପଦକ୍ଷେପ ନିଆଯାଉନାହିଁ।

**ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରମେ ବାଜିଛି ଜଗତଯାକର ବ୍ୟଥା,
ଫାଶୀକାଠ ପାଖେ ସିଧା ରଖିଅଛ ମଥା।
ନଇଁବା କେମନ୍ତ କେବେ ତ ଶିଖିଲ ନାହିଁ,
ଜାଣିଲ ନାହିଁ ତ ପଛକୁ କେସନ ଚାହିଁ,
ନ ବୁଝିଲ କିଆଁ ମଣିଷ ହୁଅଇ ଭୀତ
ରହିଲ ଅନୁଆଁ ଆମରଣ ଅବିନୀତ।
-(ତୁମେଟି ଚାଲିବା ଜାଣ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ସଂକ୍ଷେପରେ

### ଡ୍ରେନ ସଫା କରିବାକୁ କହିବାରୁ ସରପଞ୍ଚଙ୍କୁ ବ୍ୟବସାୟୀଙ୍କ ମାଡ଼

କେସିଙ୍ଗା,୪।୧(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଉକ୍ଲେଲା ଗ୍ରାମପଞ୍ଚାୟତ ପକ୍ଷରୁ ଆସନ୍ତା ଶୁକ୍ରବାର କଳାହାଣ୍ଡି ଉତ୍ସବ ପାଳନ ନିମନ୍ତେ ପଞ୍ଚାୟତରେ ଗୁରୁବାର ସଫାସୁତୁରା ଚାଲିଥିଲା। ଜାତୀୟ ରାଜପଥ ୨୬ ନିକଟରେ ଥିବା ଜଣେ ବ୍ୟବସାୟୀ କୁଳଦୀପ ଜୈନ ରାସ୍ତା ପାର୍ଶ୍ୱ ଡ୍ରେନ ସଫା କରିବାକୁ ଉକ୍ଲେଲା ସରପଞ୍ଚ ନରେନ୍ଦ୍ର ମାଝି କହିଥିଲେ। ହେଲେ ସରପଞ୍ଚ ଓ ବ୍ୟବସାୟୀଙ୍କ ମଧ୍ୟରେ ଡ୍ରେନ ସଫାକୁ ନେଇ ଯୁକ୍ତିତର୍କ ହୋଇଥିଲା। ବ୍ୟବସାୟୀ ଉତ୍ତ୍ୟକ୍ତ ହୋଇ ଜନସାଧାରଣଙ୍କ ଉପସ୍ଥିତରେ ସରପଞ୍ଚଙ୍କୁ ମାଡ଼ ମାରିଥିଲେ। ସରପଞ୍ଚ ରକ୍ତାକ୍ତ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ସରପଞ୍ଚ ଉକ୍ଲେଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବସାୟୀ କୁଳଦୀପ ଜୈନ ମଧ୍ୟ ଉକ୍ତ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଉକ୍ଲେଲା ଫାଣ୍ଡି ଅଧିକାରୀ ପ୍ରେମ ରାଜ କହରଙ୍କୁ ପଚାରିବାରୁ ଉଭୟଙ୍କ ପକ୍ଷରୁ ଅଭିଯୋଗ ହୋଇଛି, ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଥିଲେ।

### ବଳାତ୍କାର ଉଦ୍ୟମ ଘଟଣା: ୨ ଯୁବକ ଗିରଫ

କୋକସରା,୪।୧(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ ଏକ ଗ୍ରାମର ୨ ଭଉଣୀ ନିଜ ଚାକର ସହ ନୂଆବର୍ଷରେ ଗାଁନିକଟରେ ଥିବା ଡଙ୍ଗରିକୁ ବଣଭୋଜି କରିବାକୁ ଯାଇଥିଲେ। ସାନ ଭଉଣୀ ଏକୁଟିଆ ଫଟୋ ଉଠାଉଥିବା ସମୟରେ ୨ଜଣ ଯୁବକ ଯୁବତୀଙ୍କୁ ଟେକିନେଇ ବଳାତ୍କାର ପାଇଁ ଉଦ୍ୟମ କରିଥିଲେ। ଯୁବତୀ ଜଣକ ଚିତ୍କାର କରିବାରୁ ୨ ଯୁବକ ଚମ୍ପଟ ମାରିଥିଲେ। ଝିଅଙ୍କଠାରୁ ଘଟଣା ସମ୍ପର୍କରେ ଶୁଣିବା ପରେ ପରିବାରବର୍ଗ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୨ ଅଭିଯୁକ୍ତ ଜିତେନ୍ଦ୍ର ଶବର(୨୩) ଓ ଶଙ୍କର ରାଉତ (୨୩)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨/୨୪) ରୁଜୁ ହୋଇଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍, ବିଶୁଦ୍ଧ ପାନୀୟ ଜଳ ଯୋଗାଅ

ନୂଆପଡ଼ା,୪।୧(ମକାରୁ ବେମାଲ)


ଦାବିପତ୍ର ଦେବା ପାଇଁ ଆସିଥିବା ଗ୍ରାମବାସୀ।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ପଞ୍ଚାୟତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ମଖାଗାଁ ଓ ଖୋଲିଗାଁବାସୀ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ। ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରଦୁଆଙ୍କ ନେତୃତ୍ୱରେ ମଖାଗାଁ ଓ ଖୋଲିଗାଁବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଏ ସମ୍ପର୍କରେ ଜିଲାପାଳ ହେମକାନ୍ତ ସାଏଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଗାଁରେ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ବିଭାଗ ନିର୍ବାହୀ ଯନ୍ତ୍ରୀ ସମ୍ମିତ ନନ୍ଦଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବହୁତ ଶୀଘ୍ର ୨ ଗାଁର ସମସ୍ତ ପଡା ଓ ପ୍ରତ୍ୟେକ ଘରେ ବିଦ୍ୟୁତ୍ ସଂଯୋଗ ହେବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଜିଲାପାଳଙ୍କୁ ସାକ୍ଷାତ କରି ବିଜୁଳି ଓ ପାନୀୟ ଜଳ ଯୋଗାଇ ଦେବା ପାଇଁ ଅନୁରଧୋ କରିଛନ୍ତି। ଜିଲାପାଳ ସାଏ ବହୁତ ଶୀଘ୍ର ୨ଗାଁରେ ବିଦ୍ୟୁତ୍ ଓ ପାନୀୟ ଜଳ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ ଗତ ୧୫ ବର୍ଷ ତଳେ ସୁନାବେଡା ଅଭୟାରଣ୍ୟ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗୀକରଣ ଯୋଜନାରେ କାମ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ମଖାଗାଁ ଓ ଖୋଲିଗାଁକୁ ମଧ୍ୟ ବିଦ୍ୟୁତ୍ ସଂଯୋଗ ପାଇଁ ଖୁଣ୍ଟ ପୋତି ତାର ଟଣା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ବର୍ତ୍ତମାନ ୧୫ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଦୁଇ ଗାଁରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ରାତିରେ ଅଭୟାରଣ୍ୟ ଭିତରେ ବନବାସୀ ବନ୍ୟଜନ୍ତୁଙ୍କ ଭୟରେ ଜୀବନଯାପନ କରୁଛନ୍ତି। ଅନ୍ୟପଟେ

#### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବନବାସୀ ବିଦ୍ୟୁତ୍ ଚାଳିତ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଦୁଇ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବସୁଧା ଯୋଜନା କାର୍ଯ୍ୟକ୍ଷମ ହୋଇଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ବସୁଧା ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି। ଫଳରେ ଗ୍ରାମବାସୀ ବାଧ ହୋଇ ଫ୍ଲୋରାଇଡ ଯୁକ୍ତ ନଳକୂପ ପାଣି ବ୍ୟାବହାର କରୁଛନ୍ତି। ଫ୍ଲୋରାଇଡ ପାଣି ବ୍ୟାବହାର କରି ଲୋକେ ବିଭିନ୍ନ ରୋଗରେ ପିଡିତ ହେଉଛନ୍ତି। ଏ ନେଇ ଅବୟାରଣ୍ୟବାସୀ ଅନେକ ଥର ଜିଲା ପ୍ରଶାସନଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ଯଥାଶୀଘ୍ର ଦୁଇ ଗାଁରେ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ମଣ ମାଝି, ପୂର୍ଣ୍ଣ ମାଝି, ନାରାୟଣ ମାଝି, ପୀତାମ୍ବର ମାଝି, ଚେନସିଂ ମାଝି, ରୂପା ମାଝି ଓ ଗ୍ରାମବାସୀ ଦାବି କରିଛନ୍ତି।

### ଗ୍ରାମପଞ୍ଚାୟତ, ବ୍ଲକସ୍ତରରେ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ବୈଠକ

**ଥୁଆମୂଳ ରାମପୁର,୪।୧(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲିଙ୍କ ସଭାପତିତ୍ୱରେ କଳାହାଣ୍ଡି ଘୁମୁରା ୨୦୨୪ ଉତ୍ସବ ପାଇଁ ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତିସ୍ତରରେ କ୍ରିଡା ତଥା ସାଂସ୍କୃତିକ ପ୍ରତିଯୋଗିତା ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକ ସମିତି ସଭ୍ୟସଭ୍ୟା, ସରପଞ୍ଚ, ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ କମିଟି ଓ ଉପ ବିଭାଗୀୟ କମିଟି ସଦସ୍ୟ, ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକ କଳା ସାଂସ୍କୃତିକ ସଂଘ ଉପସଭାପତି, ପଞ୍ଚାୟତ ସମିତି ଥୁଆମୂଳ ରାମପୁର ଅନ୍ତର୍ଗତ ସରକାରୀ ବିଭାଗର ବିଭାଗୀୟ ଅଧିକାରୀ ଏବଂ ସଂପ୍ରସାରଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୪ ସୁରୁଖୁରୁ ଭାବରେ ସମାପନ କରିବା ପାଇଁ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଦୁଇଦିନ ଧରି ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ହେବ ବୋଲି ସ୍ଥିର ରହିଥିବାବେଳେ ପ୍ରଥମ ଦିବସରେ ମଶାଲ ଶୋଭାଯାତ୍ରା ଏବଂ କଳସ ଯାତ୍ରା କରିବା ପାଇଁ ସ୍ଥିର କରାଗଲା।

## ବୁଢ଼ାରଜା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଲାଞ୍ଜିଗଡ଼,୪।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତସ୍ଥିତ କୁମାର ଗୁଡାଠାରେ ବୁଢ଼ାରଜା ମହୋତ୍ସବ ପାଇଁ ବୁଢାରଜା ଯୁଥ କ୍ଲବ ସଭାପତି ରାମଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ହେଉଥିବା ବୁଢାରଜା ମହୋତ୍ସବ ପାଇଁ ଆଲୋଚନା ହୋଇଥିଲା। ପ୍ରତେକ ବର୍ଷ ବୁଢାରଜା ମହୋତ୍ସବରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଦର୍ଶନମାନଙ୍କ ଶୃଙ୍ଖଳିତ ପାଇଁ ବ୍ୟାପକ ବନ୍ଦବସ୍ତ କରାଯିବ ସହିତ କେମିତି ଉତ୍ସବ ସୁରୁଖୁରୁରେ ଶେଷ ହେବ ଓ ଦର୍ଶକମାନେ ଶାନ୍ତିଶୃଙ୍ଖଳାର ସହିତ ଉପଭୋଗ କରିପାରିବେ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଚଳିତବର୍ଷ ଏହି ମହୋତ୍ସବ ୧୨ବର୍ଷରେ ପଦାର୍ପଣ କରୁଥିବା ବେଳେ ବୁଢାରଜା ମହୋତ୍ସବର ମୁଖ୍ୟ ଆକର୍ଷଣ ମିନାବାଜାର, ରେକର୍ଡ ଡ୍ୟାନ୍ସ, ମେଲୋଡି ସମେତ ଓଡିଶାର ସୁନାମ ଧନ୍ୟ ହାସ୍ୟ କଳାକାର ପପୁ ପମ୍ପମ୍ ପରି ହାସ୍ୟ ଅଭିନେତା ଉତ୍ସବରେ ଯୋଗଦେଉଥିବାରୁ ପୂର୍ବ ବର୍ଷ ଅପେକ୍ଷା ଏହି ବର୍ଷ ପ୍ରବଳ ଭିଡ ହୋଇ ପରେ ବୋଲି ବୁଢାରଜା କମିଟି ପକ୍ଷରୁ ସୂଚନା ମିଳିଛି। ବୈଠକରେ ବୁଢାରଜା ଯୁଥ କ୍ଲବ ସଭାପତି, ରାମ ଚନ୍ଦ୍ର ମାଝି, ଉପସଭାପତି ହରି ସାହୁ ,ସମ୍ପାଦକ ଈଶ୍ୱର ବାଗ, ସହ ସମ୍ପାଦକ ସୁମନ୍ତ ନାଏକ, ମେନେଜର ବିଷ୍ଣୁ ନାଏକ, ଟିମଲିଡର ବିସ୍ମ ମାଝି, ପ୍ରୋଗ୍ରାମ ଡିଜେନର ଧନୀଆ ହରିଜନ, ରମେଶ ନାଏକ, ରାଜେଶ ନାଏକ, ଦୟା ରାମ ସାହୁ, ରବି ନାଏକ, ଲକ୍ଷ୍ମଣ ନାଏକ, ଧନୁର୍ଯ୍ୟ ବାଗ, ଗିରି ଲାଲ ସି, ମୁନା ପ୍ରଧାନୀଙ୍କ ସମେତ ବୁଢାରଜା ଯୁଥ କ୍ଲବ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


**PARADIP PORT AUTHORITY / ADMINISTRATIVE DEPARTMENT**
**(ESTATE WING)**
**FORM "C"**

Form of notice under sub-section (1) of Section 6 of the public premises, (Eviction of Unauthorized Occupants) Act,1971

To 1. M/s Kalinga Engineers Ltd. Engineering Workshop. Area-Ac.2.00 and 21.780 Sqft Atharabanki, Paradip
2. M/s Dishnet Wireless Ltd (Aircel), Area-2000 Sqft. near Cabin Market Madhuban, Paradip

Whereas on the 10.11.2021. you were evicted from the public premises described in the Schedule below which was unauthorizedly occupied by you: Now therefore, in exercise of the powers conferred on me by sub-section (1) of Section 6 of the Act, I hereby give you notice that after fourteen days of the service of this notice on you, any property remaining on the said premises will be liable to be removed or disposed of by public auction. In case you desire to take possession of your property and to remove the same from the said premises, you will be permitted to do so on written authority from the undersigned provided any arrears of rent damages/costs due from you are paid within the said period of fourteen days.

SCHEDULE

| Description of the Public Premises | Area under Unauthorized Occupation |
|---|---|
| Unauthorized structure over a portion of land in | |
| 1. Plot No.6 Khata No.24 | 1. Ac.2.00 & 21.780 Sqft. |
| 2. Plot No.11 Khata No 27 | 2. 2,000 Sqft. |
| Village: Sandhakud,PO/PS-Paradip, Dist:Jagatsighpur | |

Sd/- ESTATE OFFICER
PARADIP PORT TRUST UNDER P.P.ACT
PPA/PR/77/2023-2024 dtd.03.01.2024


# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଖଡ଼ିଆଳ,୪।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଗୋଇମୁଣ୍ଡି ଗ୍ରାମରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଇମୁଣ୍ଡି ଗ୍ରାମର ଯୁବକ ଶଷଦେବ ରାଉତରାୟ (୫୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ ଗୁରୁବାର ଶଷଦେବ ୩୫୩ ନମ୍ବର ଜାତୀୟ ରାଜପଥ ଚଳାନପଡା ହାଇସ୍କୁଲ ନିକଟସ୍ଥ ବରପଦର ରାସ୍ତା ନିକଟରେ ପ୍ରାତଃ ଭ୍ରମଣ କରୁଥିଲେ। ଏହି ସମୟରେ ଏକ ଅଜଣା ଗାଡି ଧକ୍କା ଦେବାରେ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ସାଙ୍ଗେ ସାଙ୍ଗେ ତାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନିବେଦିତା ପ୍ରମାଣିକ ମୃତ ଘୋଷଣା କରିଥିଲେ। ସେ ଖଡ଼ିଆଳ ମିଶନ ହସ୍ପିଟାଲରେ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁରେ ମିଶନ ହସ୍ପିଟାଲର ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି। ତାଙ୍କର ୩ ଝିଅ ଥିବା ବେଳେ ସ୍ତ୍ରୀ ଦିବ୍ୟକାନ୍ତି ଅସହାୟ ହୋଇ ପଡ଼ିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପରିବାର ପକ୍ଷରୁ ଦାବି କରାଯାଇଛି। ବଡ଼ଭାଇ ଉମାକାନ୍ତଙ୍କ ସାନ ପୁଅ ସତୀଶ ରଞ୍ଜନ ରାଉତରାୟ ମୁଖାଗ୍ନି ଦେଇଥିଲେ।


**NOTICE**

The Ministry of Environment, Forest and Climate Change **(MoEF& CC)** has accorded the revalidation of the EC for establishment of **13.2 MPTA** integrated steel plant at Erasama block, Jagatsinghpur district, Odisha vide **F. No. IA-J-11011/524/2017-IA-II(I) dated 15th September, 2023.**

The revalidation document has been submitted to the Office of the Collector, Jagatsinghpur; State Pollution Control Board, Bhubaneswar; RO, Paradeep; Tehshildar, Erasama & Kujang ; the Sarpanch office of Dhinkia, Nuagaon & Gada Kujang and other heads of local bodies & Municipality.

The document in entirety is available on the company website :**https://www.jswsteel.in/investors/jsw-steel-investor-information-environmental-clearances**



**ସର୍ବସାଧାରଣ ବିଜ୍ଞପ୍ତି**

**ଉଚ୍ଚସ୍ତରୀୟ କମିଟି - ଏକ ଦେଶ, ଏକ ନିର୍ବାଚନ**

**ଦେଶରେ ଏକ ସମୟରେ ନିର୍ବାଚନ କରାଇବା ପାଇଁ ବିଦ୍ୟମାନ ଆଇନଗତ ପ୍ରଶାସନିକ ଢାଞ୍ଚାରେ ଉପଯୁକ୍ତ ପରିବର୍ତ୍ତନ କରିବା ଲାଗି ଜନସାଧାରଣଙ୍କଠାରୁ ପ୍ରସ୍ତାବ ଆମନ୍ତ୍ରଣ କରାଯାଉଛି ।**

ଭାରତ ସରକାର ରାଜପତ୍ର ଅଧିସୂଚନା ସଂଖ୍ୟା ୨୧୧ ତାରିଖ ସେପ୍ଟେମ୍ବର ୨, ୨୦୨୩ (https://onoe.gov.in/onoe-gazette-notification) ମାଧ୍ୟମରେ ଏକ ଦେଶ, ଏକ ନିର୍ବାଚନ ଉପରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । କମିଟିକୁ ବିଚାରାର୍ଥ ବିଷୟଗୁଡ଼ିକ ଅଧୀନରେ ସ୍ଥାୟୀ ରୂପେ ଏକା ସମୟରେ ନିର୍ବାଚନ କରିବା ପାଇଁ ଏକ ଉପଯୁକ୍ତ ଆଇନଗତ ଏବଂ ପ୍ରଶାସନିକ ଢାଞ୍ଚାର ନିର୍ମାଣ, ସମ୍ବିଧାନ ଏବଂ ସମ୍ବନ୍ଧିତ ନିର୍ବାଚନ ବିଧିରେ ଆବଶ୍ୟକ ସଂଶୋଧନଗୁଡ଼ିକୁ ଚିହ୍ନଟ କରିବା, ସାଧାରଣ ଇଲେକ୍ଟୋରାଲ ରୋଲ୍ ପ୍ରସ୍ତୁତ କରିବା, ଇଭିଏମ୍/ଭିଭିପିଏଟି ଭଳି ଲଜିଷ୍ଟିକ୍ସ ଆଦିର ବ୍ୟବସ୍ଥା କରିବା ନିମନ୍ତେ ସୁପାରିସ କରିବାକୁ ହେବ ।

କମିଟିର ସନ୍ଦର୍ଭର ସର୍ତ୍ତାବଳୀ ଏବଂ ବିଶେଷଜ୍ଞ ସଂସ୍ଥାଗୁଡ଼ିକର ରିପୋର୍ଟର ବିବରଣୀ ୱେବ୍‌ସାଇଟ୍ https://onoe.gov.in/onoe-reportsରେ ଦେଖାଯାଇପାରିବ । ଦେଶରେ ଏକା ସମୟରେ ନିର୍ବାଚନ କରାଇବା ଲାଗି ବିଦ୍ୟମାନ ଆଇନଗତ ପ୍ରଶାସନିକ ଢାଞ୍ଚାରେ ଉପଯୁକ୍ତ ପରିବର୍ତ୍ତନ କରିବା ଲାଗି ଜନସାଧାରଣଙ୍କଠାରୁ ଲିଖିତ ପ୍ରସ୍ତାବ ଆହ୍ୱାନ କରାଯାଉଛି । **୧୫ ଜାନୁଆରୀ, ୨୦୨୪** ସୁଦ୍ଧା ପ୍ରାପ୍ତ ସମସ୍ତ ପ୍ରସ୍ତାବଗୁଡ଼ିକୁ କମିଟିର ବିଚାର ନିମନ୍ତେ ତାହା ସମ୍ମୁଖରେ ଉପସ୍ଥାପନ କରାଯିବ । ପ୍ରସ୍ତାବଗୁଡ଼ିକୁ କମିଟିର ୱେବ୍‌ସାଇଟ୍ https://onoe.gov.inରେ କିମ୍ବା ଇମେଲ୍ ଦ୍ୱାରା sc-hlc@gov.inରେ ଅଥବା ନିମ୍ନପ୍ରଦତ୍ତ ଠିକଣାରେ ଡାକ ଯୋଗେ ପଠାଯାଇପାରିବ ।

**ସଚିବ**
**ଉଚ୍ଚସ୍ତରୀୟ କମିଟି - ଏକ ଦେଶ, ଏକ ନିର୍ବାଚନ**
ଯୋଧପୁର ଅଫିସର୍ସ ହଷ୍ଟେଲ, (ବ୍ଲକ୍ ନଂ.୯)
ନ୍ୟାଶନାଲ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟସ୍ ନିକଟ
'ସି' ହେକ୍ସାଗନ (ଇଣ୍ଡିଆ ଗେଟ୍ ସର୍କଲ)
CBC 24301/11/0003/2324 ନୂଆଦିଲ୍ଲୀ – ୧୧୦୦୦୩


# ରାୟପୁରକୁ ହରାଇ ସେମିଫାଇନାଲରେ ସମ୍ବଲପୁର


ୱାଇଏମ୍‌ସି କପ୍ କ୍ରିକେଟ ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି ଏବଂ ଖେଳାଳିମାନେ।

ନୂଆପଡ଼ା,୪।୧(ମକାରୁ ବେମାଲ)

#### ସର୍ବଭାରତୀୟ ୩୨ତମ ୱାଇଏମ୍‌ସି କପ୍ କ୍ରିକେଟ

ସ୍ଥାନୀୟ ମିନି ଷ୍ଟାଡିୟମରେ ସର୍ବଭାରତୀୟ ୩୨ତମ ୱାଇଏମ୍‌ସି କପ୍ କ୍ରିକେଟ ଗୁରୁବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ସମ୍ବଲପୁର ଆଭାର ଓ କେଉଫସି କ୍ଲବ ରାୟପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାୟପୁର ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ସମ୍ବଲପୁର ୮ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଜିଲା କ୍ରିକେଟ ଆସୋସିଏଶନ ସଂଯୋଜକ ସରୋଜ କୁମାର ସାହୁଙ୍କ ପୌରହିତ୍ୟରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ସଭାପତି ଯଦୁମଣି ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାପ୍ରେମୀ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଡାମଣୀ ପାଢୀ ଓ ବିଶ୍ୱମ୍ବର ମହାକୁଡ ଖେଳ ପରିଚାଳନା କରୁଥିବା ବେଳେ ଆୟୁଷ୍ମାନ ଗୁପ୍ତା ସ୍କୋର ଦାୟିତ୍ୱରେ ଅଛନ୍ତି। ଶୈଳେଶ ସତପଥି, ସୀମାଞ୍ଚଳ ମହାପାତ୍ର, ପୁନିତ ରାଉତ, ଅମିତ ହଂସ ଓଡିଆ, ହିନ୍ଦି ଏବଂ ଇଂଲିଶରେ ଧାରାବିବରଣୀ ଶୁଣାଉଛନ୍ତି। ଯୁଥ ମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ସମ୍ପାଦକ ତପନ କୁମାର ବର୍ଗର୍ତ୍ତି, ଉପ ସଭାପତି ରଞ୍ଜିତ ସୁନା, ପ୍ରକାଶ ସାହୁ, ଜାନୁ ମିଶ୍ର, ମାଇକେଲ ସୁଧିର, ଜାବେଦ ଖାନ, ଜିତୁ ହୋତା, ଆସୁତୋଷ ପଟ୍ଟନାୟକ, ଅଂଶୁମାନ ଗୁପ୍ତା, ଶ୍ରୀରାମ ମିଶ୍ର, ସାଗର ହଂସ, ଟିପୁ ଖାନ, ମେଡିଆ ପ୍ରଭାରି ରାଜକିରଣ ସିଂଦେଓ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛନ୍ତି।


**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ.
ସିବି_ଟାଟା_ସିଗ୍ନା_4825_6ଓ_ସିଏବି_ଚେସିସ୍_ବିଏସ୍6
ଗାଡ଼ି ନଂ.- OD19T1312
ନିର୍ମାଣ ବର୍ଷ - 2020
ସଂରକ୍ଷିତ ମୂଲ୍ୟ - 1925000.00

2) ମଡେଲ ନଂ.
ସିବି_ଭି_ୱେଇଚର୍_6035
ଗାଡ଼ି ନଂ.- OD09K8355
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1178906.20

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:**
**ଜ୍ୟୋତିରଞ୍ଜନ ମିଶ୍ର - 9583041012**
**ରବି କୁମାର ଡି - 6201641482**



**KASTURABA GANDHI BALIKA VIDYALAYA**
**SORADA BLOCK, GOUDAGOTHA**
**TENDER CALL NOTICE**

**LT No. 01/24** **Date: 02.01.2024**

Sealed tenders are invited from the registered/reputed firms and manufacturer for supply of items like **Grocery, Dress materials & Bedding Items, Cosmetic & Toilet items, Office & Student stationaries, Slipper & Sports Shoe** to the Kasturba Gandhi Balika Vidyalaya, GOUDAGOTHA, Block SORADA, District GANJAM for the year- 2023-24. Interested parties/firms can purchase the tender forms from office of the KGBV, GOUDAGOTHA w.e.f. 05.01.2024 to 20.01.2024 in all working day from 10.00 A.M. to 4.00 P.M. on payment of 500/-(five hundred) only non refundable in cash. The Tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the HM KGBV EPF AC GOUDAGOTHA payable at State Bank of India, Branch SURADA would only received up to 4.00 P.M. of dated 20.01.2024. Tender form should be submitted through Speed/Registered Post only. Tenders submitted without EMD will be summarily rejected. Last date of receipt of tender form is upto 4.00PM of dated 20.01.2024. The KGBV Level Purchase Committee meeting will be held on 21.01.2024 at 11.00 PM in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**Sd./- HEADMISTRESS, KGBV, GOUDAGOTHA**


# ଘର ଘର ବୁଲି ନିମନ୍ତ୍ରଣ ବଣ୍ଟନ



ଖଡ଼ିଆଳ,୪।୧(ସୁଜିତ୍ କୁମାର ପ୍ରଧାନ)

ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ନୂଆପଡା ଜିଲା ଖଡ଼ିଆଳ ସହର ଘର ଘର ବୁଲି ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ନିର୍ମିତ ରାମ ମନ୍ଦିରରେ ପ୍ରଭୁ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ଦେଶରେ ଉତ୍ସବର ମହୋଲ ସହ ଉତ୍କଣ୍ଠା ଦେଖାଦେଇଛି। ବିଭିନ୍ନ ମନ୍ଦିରକୁ ମହାପ୍ରଭୁଙ୍କୁ ନିମନ୍ତ୍ରଣ ପତ୍ର ଆସୁଥିବା ବେଳେ ଘର ଘର ବୁଲି ନିମନ୍ତ୍ରଣ ଦିଆଯାଉଛି। ପ୍ରାଣ ପ୍ରତିଷ୍ଠା ଦିନ ମନ୍ଦିର ସବୁରେ ସତନ୍ତ୍ର ପୂଜାର୍ଚ୍ଚନା ସହ ପ୍ରତି ଘରେ ଅତି କମରେ ପାଞ୍ଚଟି ଦୀପ ପ୍ରଜ୍ୱଳନ ପାଇଁ ଅନୁରୋଧ କରିଥିଲେ। ଏ ନେଇ ଖଡ଼ିଆଳ ସହରର ପ୍ରତ୍ୟେକ ଘରକୁ ରାମଭକ୍ତମାନେ ବୁଲି ନିମନ୍ତ୍ରଣ ଦେଉଛନ୍ତି। ଖୋଲ କୀର୍ତ୍ତନ ସହ ସହର ପରିକ୍ରମା କରାଯାଉଥିବା ବେଳେ ପ୍ରତ୍ୟେକ ଘରେ ବନ୍ଦାପନା କରାଯାଇଛି। ଏଥିରେ ସୁରେଶ ହଟୱାଲ, ରତ୍ନାକର ସାହୁ, ଦନାର୍ଦନ ପାତ୍ର, ପ୍ରଦୀପ କିଶୋର ଖମାରୀ, ଆଶିଷ ପଣ୍ଡା, ଅକୀଞ୍ଚନ ବାରିକ, ଭାନୁଚନ୍ଦ୍ର ସୁନାନୀ, ମିଳିନ୍ଦ୍ର ଖମାରୀ, କିଶୋର ଗହୀର, ସୁଜିତ ପାତ୍ର, ସୁରେନ ଶର୍ମାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।


**Government of Odisha**
**Office of the Chief Construction Engineer**
**Rural Works Circle, Angul**
**E-Mail: sencrwangul@yahoo.co.in, Ph.No.: 06764- 236404**

No.O-2088

**e-Procurement Notice for Bridge works in Odisha**
**Bid Identitication No. Bridge Online AGL-38/2023-24**

No.16// Dt.2.1.24

1. Name of the work: Bridge works. 2. Total No. of work: 03 Nos. 3. Estimated cost: Rs.155.72 lakhs to Rs.242.39 lakhs. 4. Class of contractor: 'B' & 'A' Class. 5. Period of completion : As per Annexure. 6. Other details.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online - AGL-38/2023-24 | 08.01.24 at 10.00 A.M. | 20.01.24 at 4.00 P.M. | 18.01.24 upto 1.00 P.M. | 20.01.24 at 4.30 P.M. | Will be intimated separately |

(1) For detailed Notice Inviting Tenders, please visit to the website: www.tendersorissa.gov.in

**Chief Construction Engineer, Rural Works Circle, Angul**
OIPR-25180/11/0057/2324



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**R.W.S. & S. DIVISION, SAMBALPUR**
**E.mail- eerwsssbp@gmail.com**

No.O-2089

**'e' PROCUREMENT NOTICE**
**Bid Identification No. RWSS (SBP): 07/2023-24**

1. Name of the work: Laying pipeline from Sarapali to Katarapali under Naktideul Block of Sambalpur District. 2. Total number of work: 1 No.(One). 3. Estimated cost: Rs.14.41 lakhs. 4. Class of contractor: D & C. 5. Period of completion: Four months.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Sambalpur | RWSS (SBP): 07/2023-24 | 08.01.2024 | Upto 5.00 P.M. of 22.01.2024 |

Further details can be seen from the e-procurement portal "**www.tendersorissa.gov.in**".
Subsequent corrigendum if required shall be appeared in the website only.

**Sd./- Superintending Engineer, R.W.S&S Division, Sambalpur**
OIPR-25015/11/0003/2324



**झारखण्ड सरकार**
**कार्यपालक अभियंता का कार्यालय**
**सिंचाई प्रमंडल सं0–2, सिकटिया(देवघर)**

**ई–प्रोक्योरमेन्ट सूचना**

e-Tender Ref. No: WRD/Irr.Div.No.2, Sikatia/01F2/2023-24 Dated: 04/01/2024

| क्र0 | कार्य का नाम | सिंचाई कॉलोनी, मधुपुर स्थित आवासीय भवन यथा– A Type (1 अदद), B Type (1 अदद), C Type (1 अदद), D Type (5 अदद), E Type (14 अदद), F Type (20 अदद) की मरम्मति तथा विद्युत एंव प्लम्बिंग का कार्य। |
|---|---|---|
| 1. | प्राक्कलित राशि (रूपये में) | रू0 1,15,10,257.00 मात्र। |
| 2. | निविदा शुल्क (रूपये में) | रू0 10,000.00 मात्र। |
| 3. | अग्रधन की राशि (रूपये में) | रू0 2,30,500.00 मात्र। |
| 4. | कार्य समाप्ति की अवधि | 365 दिन |
| 5. | वेबसाईट पर निविदा प्रकाशित होने की तिथि एवं समय | 06.01.2024 के 11:00बजे पूर्वाहन से। |
| 6. | ऑनलाईन निविदा अभिलेख प्राप्ति की अंतिम तिथि एवं समय | 25.01.2024 अपराह्न 5:00 बजे। |
| 7. | निविदा खोलने की तिथि एवं समय | 27.01.2024 अपराह्न 03:00 बजे। |
| 8. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, सिंचाई प्रमंडल सं0–2, सिकटिया (देवघर) Mail ID – eesikatia2@gmail.com |
| 9. | प्रोक्युरमेंट अधिकारी का सम्पर्क नम्बर | 7091267467 |
| 10. | ई0–प्रोक्युरमेंट सेल का हेल्पलाईननंबर | 7992435596 |

नोटः सिर्फ ई0–निविदा ही स्वीकार किये जायेंगें।
(1) निविदा शुल्क एवं अग्रधन की राशि केवल online mode द्वारा स्वीकार्य होगी।
(2) निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा उसी खाते में अग्रधन की राशि वापस होगी, अगर खाता को बन्द कर दिया जाता है तो इसकी सारी जवाबदेही सम्बंधित निविदादाता की होगी।
(3) प्राक्कलित राशि घट–बढ़ सकती है।
(4) राज्य सरकार द्वारा निर्गत सभी अद्यतन आदेश/परिपत्र लागु होंगें।
(5) ज्यादा जानकारी http://jharkhandtenders.gov.in पर प्राप्त की जा सकती है।

कार्यपालक अभियंता
सिंचाई प्रमंडल सं0–2
सिकटिया(देवघर)

PR315149 (Water Resource)23-24*D

# ୧ ଲକ୍ଷ ଟଙ୍କା ମୁଣ୍ଡଜାମିନ ରଖି ବ୍ୟବସାୟୀଙ୍କୁ ଅପହରଣ

**କନ୍ଧମାଳ, ୪।୧ (ଆଦିତେଶ୍ୱର ମିଶ୍ର)**

- ଅପହରଣକାରୀଙ୍କ ଆକ୍ରମଣରେ ୨ ଭାଇ ଗୁରୁତର
- ସୁରକ୍ଷା ଦେବାକୁ ଯାଇ ପୋଲିସ ଅଧିକାରୀ ଆକ୍ରମଣର ଶିକାର



ଆହତ ପୋଲିସ ଏଏସ୍ଆଇ କୁମୁଦ ଭୋଇ ।

୧ ଲକ୍ଷ ଟଙ୍କା ମୁଣ୍ଡଜାମିନ ରଖି ବୌଦ୍ଧ ଜିଲା କନ୍ଧମାଳ ଥାନା ଅଧୀନ ଖମାର ଗ୍ରାମର ପରମେଶ୍ୱର ମହାକୁଡଙ୍କୁ ବୁଧବାର ସନ୍ଧ୍ୟାରେ ଅପହରଣ କରି ନିଆଯାଇଛି। ଏହି ଘଟଣାରେ ସୁରକ୍ଷା ଦେବାକୁ ଯାଇ ମନମୁଣ୍ଡା ଥାନା ଏଏସ୍ଆଇ କୁମୁଦ ଭୋଇ ଅପହରଣକାରୀଙ୍କ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ବଲାଙ୍ଗୀର ବଡ ଡାକ୍ତରଖାନା ପଠାଯାଇଥିଲା। ସେଠାରୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହାଛଡା ଅପହରଣକାରୀମାନଙ୍କ ଆକ୍ରମଣରେ ଅପହୃତ ବ୍ୟବସାୟୀଙ୍କ ଜ୍ୱାଇଁ ଓ ତାଙ୍କ ଭାଇ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁଇ ଭାଇଙ୍କ ମଧ୍ୟରୁ ଜଣଙ୍କୁ ବୁର୍ଲା ପଠାଯାଇଛି । ଏ ନେଇ ଗୁରୁବାର ଅପହୃତ ବ୍ୟବସାୟୀଙ୍କ ପରିବାର ଲୋକେ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟା ୭ଟାରେ ଖମାର ଗ୍ରାମର ପରମେଶ୍ୱର ମହାକୁଡ ତାଙ୍କ ଜ୍ୱାଇଁ ମନମୁଣ୍ଡା ଥାନା ମନହରପୁର ଗାଁର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ଫୋନକରି ତାଙ୍କୁ ଅପହରଣକରି ନିଆଯାଇଥିବା କହିଥିଲେ । ଦପଲା ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିଥିବା ଓ ୧ ଲକ୍ଷ ଟଙ୍କା ଦାବି କରୁଥବା ପରମେଶ୍ୱର ସୂଚନା ଦେଇଥିଲେ । ଫଳରେ ଅପହରଣକାରୀଙ୍କ ଦାବି ମୁତାବକ ଜ୍ୱାଇଁ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ଭାଇ ମଦନ ପ୍ରଧାନ ୧ ଲକ୍ଷ ଟଙ୍କା ଧରି ରାତିରେ ଦପଲା ହାଇସ୍କୁଲ ନିକଟରେ ପହଞ୍ଚିଥିଲେ । ଫୋନ୍‌ରେ ହୋଇଥିବା କଥା ଅନୁଯାୟୀ, ଅପହରଣକାରୀମାନେ ସେଠାରେ ପହଞ୍ଚିଥିଲେ । ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ଭାଇ ଅପହରଣକାରୀଙ୍କୁ ଟଙ୍କା ଦେଇଥିଲେ ମଧ୍ୟ ସେମାନେ ଅପହରଣ କରିଥିବା ପରମେଶ୍ୱରଙ୍କୁ ହସ୍ତାନ୍ତର କରି ନ ଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ସେମାନେ ଲୁହା ପାଇପରେ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ଭାଇକୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏନେଇ ୧୧୨ ନମ୍ବରକୁ ଜଣାଇବା ପରେ ମନମୁଣ୍ଡା ଏଏସ୍ଆଇ ଭୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ । କିନ୍ତୁ ପୋଲିସ ଅଧିକାରୀ ଜଣକ ଅପହରଣକାରୀଙ୍କ ଆକ୍ରମଣର ଶିକାର ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ଅପହରଣକାରୀଙ୍କ କବଳରୁ ପରମେଶ୍ୱର ମୁକୁଳିନାହାନ୍ତି। ଟଙ୍କା ମଧ୍ୟ ପୋଲିସ ଜବତ କରିନାହିଁ। ଅପହରଣକାରୀମାନେ ଫେରାର ଅଛନ୍ତି । ଏ ସମ୍ପର୍କରେ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ ।

# ୨୧ୟୁନିଟ ରକ୍ତ ସଂଗ୍ରହ, ୭୦ଜଣଙ୍କ ଚକ୍ଷୁ ପରୀକ୍ଷା

**ଅମରପାଲି, ୪।୧ (ପୀତାମ୍ବର ସାହୁ)**



ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ କଦଳୀପାଲି ଗ୍ରାମରେ ଏକ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଧରିତ୍ରୀ ଖବରକାଗଜ ବିତରକ ପବିତ୍ର କୁମାର କମ୍ପଙ୍କ ଝିଅ ସୃଷ୍ଟି ସ୍ୱରୂପା କମ୍ପ (୭)ଙ୍କ ଜନ୍ମ ଦିନରେ ଏହି ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ପବିତ୍ର ନିଜ ଝିଅର ଜନ୍ମ ଦିନରେ ଏକ ନିଆରା ପ୍ରୟାସ କରି ବେଶ ପ୍ରଶଂସା ଲାଭ କରିଛନ୍ତି। ଖବର କାଗଜ ବିତରଣ ସହିତ ଅଞ୍ଚଳର ଅସହାୟ ଲୋକଙ୍କୁ ମଧ୍ୟ ସେ ସହଯୋଗ କରିଥାନ୍ତି। ରକ୍ତଦାନ ଶିବିରରେ ପ୍ରାୟ ୨୧ ୟୁନିଟ ରକ୍ତ ସଂଗ୍ରହ ହେବା ସହିତ ୭୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସୋନପୁର ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିବା ବେଳେ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ କର୍ମଚାରୀମାନେ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପବିତ୍ରକୁମାର କମ୍ପଙ୍କ ସହିତ ଅନ୍ୟ ଗ୍ରାମର ଯାଦବ ପଧାନ, ଆଲୋକ ପଧାନ, ଜିତେନ୍ଦ୍ର ସାହୁ, ନିରଞ୍ଜନ ପଧାନ, ମନୋଜ ପଧାନ, ଦେବଶ୍ରୀ ବାଘ, ଅରୁଣ କୁମାର ଦନ୍ତା, ଇବୁ ଖାଁ ପ୍ରମୁଖ ରକ୍ତଦାନ କରିଥିଲେ । ୧୩ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ନିକଟସ୍ଥ ମହାନଦୀ ନେତ୍ର ଚିକିତ୍ସାଳୟକୁ ନିଆଯାଇଛି । ଜିଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ହୋଇଥିଲା। ଡାକ୍ତର ଅମିତ ମୁଦୁଲି, ଟିଟୁ ଭୋଇ, ଜଗତ ଦାରୁଅନ, ମୁନା ନାଏକ ରକ୍ତ ସଂଗ୍ରହ କରିଥିବା ବେଳେ ମହାନଦୀ ନେତ୍ର ଚିକିତ୍ସାଳୟର ଧର୍ମରାଜ ନାଏକ, ପୂଜାରାଣୀ ମିଶ୍ର , ଦିବ୍ୟଜ୍ୟୋତି ମିଶ୍ର ପ୍ରମୁଖ ଚକ୍ଷୁ ପରୀକ୍ଷା ଶିବିର ପରିଚାଳନା କରିଥିଲେ ।


**PARADIP PORT AUTHORITY / ADMINISTRATIVE DEPARTMENT**
**(ESTATE WING)**
**FORM "C"**

Form of notice under sub-section (1) of Section 6 of the public premises, (Eviction of Unauthorized Occupants) Act,1971

To 1. M/s Kalinga Engineers Ltd. Engineering Workshop. Area-Ac.2.00 and 21.780 Sqft Atharabanki, Paradip
2. M/s Dishnet Wireless Ltd (Aircel), Area-2000 Sqft. near Cabin Market Madhuban, Paradip

Whereas on the 10.11.2021. you were evicted from the public premises described in the Schedule below which was unauthorizedly occupied by you: Now therefore, in exercise of the powers conferred on me by sub-section (1) of Section 6 of the Act, I hereby give you notice that after fourteen days of the service of this notice on you, any property remaining on the said premises will be liable to be removed or disposed of by public auction. In case you desire to take possession of your property and to remove the same from the said premises, you will be permitted to do so on written authority from the undersigned provided any arrears of rent damages/costs due from you are paid within the said period of fourteen days.

**SCHEDULE**

| Description of the Public Premises | Area under Unauthorized Occupation |
|---|---|
| **Unauthorized structure over a portion of land in** | |
| 1. Plot No.6 Khata No.24 | 1. Ac.2.00 & 21.780 Sqft. |
| 2. Plot No.11 Khata No 27 | 2. 2,000 Sqft. |
| Village: Sandhakud,PO/PS-Paradip, Dist:Jagatsighpur | |

Sd/- ESTATE OFFICER
PARADIP PORT TRUST UNDER P.P.ACT
PPA/PR/77/2023-2024 dtd.03.01.2024


# ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ଉଦ୍‌ଘାଟିତ

**ତଳଗାଁ,୪।୧ (କୁନା ବେହେରା):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ପୁରୁଣାକଟକ ମିନି ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଛି । ବିଡିଓ ସ୍ୱପ୍ନିତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ , ପୁରୁଣାକଟକ ସରପଞ୍ଚ ଅଶୋକ ସେଠୀ, ସମିତି ସଭ୍ୟ ସରୋଜ ପ୍ରଧାନ, ପୀତାମ୍ବରପୁର ସରପଞ୍ଚ ଅଜିତ କୁମାର ବାରିକ, କରଞ୍ଜକଟା ସରପଞ୍ଚ ନିହାର ଘୋଷ ଯୋଗ ଦେଇଥିଲେ । କ୍ରୀଡା ଉତ୍ସବ ଉଦ୍‌ଘାଟନ ପୂର୍ବରୁ ମା' ଭୈରବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ମା'ଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ଷ୍ଟାଡିୟମଠାରେ ପହଞ୍ଚିବା ପରେ ଅତିଥିମାନଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । କ୍ରୀଡା ପ୍ରତିଯୋଗିତାରେ ବ୍ଲକର ସମସ୍ତ ପଞ୍ଚାୟତରୁ ପ୍ରତିଯୋଗୀମାନେ ସାମିଲ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ । ଏହି ଉତ୍ସବ ଆସନ୍ତା ୮ ତାରିଖରେ ଉଦ୍‌ଯାପିତ ହେବ ।



ଉଦ୍‌ଘାଟନୀ ଉତ୍ସବରେ ଅତିଥି ।

# ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ, ଗୁରୁମନ୍ତ୍ର ଦେଲେ

**ଘଣ୍ଟାପଡ଼ା,୪।୧ (ପ୍ରଭାତ କୁମାର ସାହୁ)**

- ଜିଲା ଶିକ୍ଷାଧିକାରୀଙ୍କ ଅଚାନକ ଘଣ୍ଟାପଡ଼ା ହାଇସ୍କୁଲ ପରିଦର୍ଶନ
- ଇଚ୍ଛାଶକ୍ତି ଆଗରେ ହାର ମାନେ ଅସମ୍ଭବ- ଡିଇଓ ଶ୍ରୀକୁଜୁର

ଦୃଢ ଇଚ୍ଛାଶକ୍ତି ଆଗରେ ଅସମ୍ଭବ ବି ସମ୍ଭବ ହୁଏ । ଏହାର ଉଦାହରଣ ଦେଇ ପାଠ ପଢାଇଲେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର । ସେ ଅଚାନକ ପରିଦର୍ଶନରେ ଆସି କନ୍ଧମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡ଼ାସ୍ଥିତ ସମଲେଶରୀ ସରକାରୀ ହାଇସ୍କୁଲରେ ପହଞ୍ଚି ଥିଲେ। ପ୍ରଥମେ ସ୍କୁଲର ପରିବେଶ ଦେଖିଲେ, ତାପରେ ସିଧାସଳଖ ଦଶମ ଶ୍ରେଣୀଗୃହରେ ପ୍ରବେଶ କଲେ। ପରିଚୟ ଦେଇ ଛାତ୍ରୀଛାତ୍ରଙ୍କ ସହ ମିଶିଲେ ଓ ବର୍ତ୍ତମାନ ଚାଲିଥିବା ସଡ଼କ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କଲେ। ଏଥିସହିତ ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଲେ। ମୁଖ୍ୟତଃ ଶିକ୍ଷାକୁ କିପରି ନିଜ ଆୟତ୍ତକୁ ଆଣି ହେବ ସେ ନେଇ ଗୁରୁମନ୍ତ୍ର ଦେବା ସହ ନିଜ ପିଲା ଦିନର ପାଠପଢ଼ା ବଖାଣିଥିଲେ। ଶେଷରେ କମ୍ପ୍ୟୁଟର ଓ ଲାଇବ୍ରେରୀ ହଲ, ସାଇନ୍ସ ହଲ, ଟଏଲେଟ, ପିଇବା ପାଣି ବ୍ୟବସ୍ଥା, ଫୁଲ ବଗିଚା ଦେଖିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ପୀତବାସ ପଣ୍ଡାଙ୍କ ସମେତ ଶିକ୍ଷକମାନଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ ପାଇଁ ଉତ୍ସାହିତ କରିଥିଲେ।


**NOTICE**

The Ministry of Environment, Forest and Climate Change **(MoEF& CC)** has accorded the revalidation of the EC for establishment of **13.2 MPTA** integrated steel plant at Erasama block, Jagatsinghpur district, Odisha vide **F. No. IA-J-11011/524/2017-IA-II(I) dated 15th September, 2023.**

The revalidation document has been submitted to the Office of the Collector, Jagatsinghpur; State Pollution Control Board, Bhubaneswar; RO, Paradeep; Tehshildar, Erasama & Kujang ; the Sarpanch office of Dhinkia, Nuagaon & Gada Kujang and other heads of local bodies & Municipality.

The document in entirety is available on the company website :**https://www.jswsteel.in/investors/jsw-steel-investor-information-environmental-clearances**



**ସର୍ବସାଧାରଣ ବିଜ୍ଞପ୍ତି**

**ଉଚ୍ଚସ୍ତରୀୟ କମିଟି - ଏକ ଦେଶ, ଏକ ନିର୍ବାଚନ**

**ଦେଶରେ ଏକ ସମୟରେ ନିର୍ବାଚନ କରାଇବା ପାଇଁ ବିଦ୍ୟମାନ ଆଇନଗତ ପ୍ରଶାସନିକ ଢାଞ୍ଚାରେ ଉପଯୁକ୍ତ ପରିବର୍ତ୍ତନ କରିବା ଲାଗି ଜନସାଧାରଣଙ୍କଠାରୁ ପ୍ରସ୍ତାବ ଆମନ୍ତ୍ରଣ କରାଯାଉଛି ।**

ଭାରତ ସରକାର ରାଜପତ୍ର ଅଧିସୂଚନା ସଂଖ୍ୟା ୨୧୧ ତାରିଖ ସେପ୍ଟେମ୍ବର ୨, ୨୦୨୩ (https://onoe.gov.in/onoe-gazette-notification) ମାଧ୍ୟମରେ ଏକ ଦେଶ, ଏକ ନିର୍ବାଚନ ଉପରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । କମିଟିକୁ ବିଚାରାର୍ଥ ବିଷୟଗୁଡ଼ିକ ଅଧୀନରେ ସ୍ଥାୟୀ ରୂପେ ଏକା ସମୟରେ ନିର୍ବାଚନ କରିବା ପାଇଁ ଏକ ଉପଯୁକ୍ତ ଆଇନଗତ ଏବଂ ପ୍ରଶାସନିକ ଢାଞ୍ଚାର ନିର୍ମାଣ, ସମ୍ବିଧାନ ଏବଂ ସମ୍ବନ୍ଧିତ ନିର୍ବାଚନ ବିଧିରେ ଆବଶ୍ୟକ ସଂଶୋଧନଗୁଡ଼ିକୁ ଚିହ୍ନଟ କରିବା, ସାଧାରଣ ଇଲେକ୍ଟୋରାଲ ରୋଲ୍ ପ୍ରସ୍ତୁତ କରିବା, ଇଭିଏମ୍/ଭିଭିପିଏଟି ଭଳି ଲଜିଷ୍ଟିକ୍ସ ଆଦିର ବ୍ୟବସ୍ଥା କରିବା ନିମନ୍ତେ ସୁପାରିସ କରିବାକୁ ହେବ ।

କମିଟିର ସନ୍ଦର୍ଭର ସର୍ତ୍ତାବଳୀ ଏବଂ ବିଶେଷଜ୍ଞ ସଂସ୍ଥାଗୁଡ଼ିକର ରିପୋର୍ଟର ବିବରଣୀ ୱେବ୍‌ସାଇଟ୍ **https://onoe.gov.in/onoe-reports**ରେ ଦେଖାଯାଇପାରିବ । ଦେଶରେ ଏକା ସମୟରେ ନିର୍ବାଚନ କରାଇବା ଲାଗି ବିଦ୍ୟମାନ ଆଇନଗତ ପ୍ରଶାସନିକ ଢାଞ୍ଚାରେ ଉପଯୁକ୍ତ ପରିବର୍ତ୍ତନ କରିବା ଲାଗି ଜନସାଧାରଣଙ୍କଠାରୁ ଲିଖିତ ପ୍ରସ୍ତାବ ଆହ୍ୱାନ କରାଯାଉଛି । **୧୫ ଜାନୁଆରୀ, ୨୦୨୪** ସୁଦ୍ଧା ପ୍ରାପ୍ତ ସମସ୍ତ ପ୍ରସ୍ତାବଗୁଡ଼ିକୁ କମିଟିର ବିଚାର ନିମନ୍ତେ ତାହା ସମ୍ମୁଖରେ ଉପସ୍ଥାପନ କରାଯିବ । ପ୍ରସ୍ତାବଗୁଡ଼ିକୁ କମିଟିର ୱେବ୍‌ସାଇଟ୍ **https://onoe.gov.in**ରେ କିମ୍ବା ଇମେଲ୍ ଦ୍ୱାରା **sc-hlc@gov.in**ରେ ଅଥବା ନିମ୍ନପ୍ରଦତ୍ତ ଠିକଣାରେ ଡାକ ଯୋଗେ ପଠାଯାଇପାରିବ ।

**ସଚିବ**
**ଉଚ୍ଚସ୍ତରୀୟ କମିଟି - ଏକ ଦେଶ, ଏକ ନିର୍ବାଚନ**
ଯୋଧପୁର ଅଫିସର୍ସ ହଷ୍ଟେଲ, (ବ୍ଲକ୍ ନଂ.୯)
ନ୍ୟାଶନାଲ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟସ୍ ନିକଟ
'ସି' ହେକ୍ସାଗନ (ଇଣ୍ଡିଆ ଗେଟ୍ ସର୍କଲ)
ନୂଆଦିଲ୍ଲୀ – ୧୧୦୦୦୩

CBC 24301/11/0003/2324


# ରାଉରକେଲାକୁ ହରାଇ ବୌଦ୍ଧ ଫାଇନାଲରେ



ବୌଦ୍ଧର ଦେବାଶିଷ ବାଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

**ଅମରପାଲି,୪।୧ (ପୀତାମ୍ବର ସାହୁ)**

**୧୭ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁର ଗ୍ରାମରେ ଚାଲିଥିବା ୧୭ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ମହାବୀର କ୍ରିକେଟ କ୍ଲବକୁ ହରାଇ ବୌଦ୍ଧ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଦୁଇଟି ଫର୍ମାଟରେ ଖେଳା ଯାଇଥିଲା। ପ୍ରଥମ ଫର୍ମାଟରେ ମହାବୀର ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ କରିଥିଲା। ଦଳର ରଜତ ପ୍ରଧାନ ଓ ସୁଶାନ୍ତ ସିଙ୍ଘା ପ୍ରତ୍ୟେକ ୧୮ରନ ଲେଖାଏ କରିଥିଲେ। ବିପକ୍ଷ ଦଳର ରାଜନିଶ ଯାଦବ, ଦେବାଶିଷ ବାଗ ଓ ହେମନ୍ତ ଚମ୍ପତି ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ଦଳ ଆବଶ୍ୟକ ୯୨ ରନକୁ ୭.୩ ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ହେମନ୍ତ ଚମ୍ପତି ୨୫ବଲରୁ ୫୧ ଓ ଦେବାଶିଷ ବାଗ ୨୨ ରନ କରିଥିଲେ। ବିପକ୍ଷ ରାଉରକେଲାର ରାହୁଲ ଛତ୍ରିଆ ଗୋଟିଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ରାଉରକେଲା ଦଳ ନିର୍ଦ୍ଧାରିତ ୧୦ ଓଭରରେ ରାହୁଲ ଛତ୍ରିଆଙ୍କ ୨୦ ଓ ସନ୍ତୋଷ ମହାକୁଡ଼ଙ୍କ ୧୫ ରନ ସହାୟତାରେ ୭୩ରନ କରିଥିଲା। ବୌଦ୍ଧର ଦେବାଶିଷ ବାଗ ୪ଟି ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ଦଳ ଆବଶ୍ୟକ ୭୪ ରନକୁ ୯ ଓଭରରେ ରଷି ମେହେରଙ୍କ ୨୯ ଏବଂ ବିଭୂତି ମଲ୍ଲିକ ଓ ଦେବାଶିଷ ବାଗ ପ୍ରତ୍ୟେକଙ୍କ ୧୫ ରନ ସହାୟତାରେ ସଂଗ୍ରହ କରି ନେଇଥିଲା। ରାଉରକେଲାର ଜିତ ଭଟାଚାର୍ଯ୍ୟ ୩ଟି ଓ ସରୋଜ ପରିଡ଼ା ଗୋଟିଏ ଉଇକେଟ ନେଇଥିଲେ। ବୌଦ୍ଧ ଦଳ ଉଭୟ ଫର୍ମାଟରେ ବିଜୟୀ ହୋଇ ୨–୦ରେ ମ୍ୟାଚ ଜିଣି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ଚିତ୍ତରଞ୍ଜନ ପାଢ଼ୀ ଅତିଥି ଭାବେ ଯୋଗଦେଇ ବୌଦ୍ଧର ଦେବାଶିଷ ବାଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଅଚ୍ୟୁତାନନ୍ଦ ସାହୁ ଓ ଶ୍ରୀମନ୍ତ ନାଏକ ପରିଚାଳନା କରିଥିଲେ। ଚନ୍ଦ୍ର ଶେଖର ପ୍ରଧାନ ସ୍କୋରର, ପରୀକ୍ଷିତ କର୍ଣ୍ଣ ଅନ୍‌ଲାଇନ ସ୍କୋରିଂ ଏବଂ ବି ଏସ ରାଓ, ଶ୍ରୀନିବାସ ପ୍ରଧାନ ଓ ରାମପ୍ରସାଦ କର୍ଣ୍ଣ ଧାରା ବିବରଣୀ ପ୍ରଦାନ କରିଥିଲେ।


**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ.
ସିବି_ଟାଟା_ସିଗ୍ନା_4825_68_ସିଏବି_ଚେସିସ୍_ବିଏସ୍6
ଗାଡ଼ି ନଂ.- OD19T1312
ନିର୍ମାଣ ବର୍ଷ - 2020
ସଂରକ୍ଷିତ ମୂଲ୍ୟ - 1925000.00

2) ମଡେଲ ନଂ.
ସିବି_ଭି_ଓ୍ୱେଇଚର୍_6035
ଗାଡ଼ି ନଂ.- OD09K8355
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1178906.20

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:**
**ଜ୍ୟୋତିରଞ୍ଜନ ମିଶ୍ର - 9583041012**
**ରବି କୁମାର ଡି - 6201641482**



**KASTURABA GANDHI BALIKA VIDYALAYA**
**SORADA BLOCK, GOUDAGOTHA**
**TENDER CALL NOTICE**

**LT No. 01/24** **Date: 02.01.2024**

Sealed tenders are invited from the registered/reputed firms and manufacturer for supply of items like **Grocery, Dress materials & Bedding Items, Cosmetic & Toilet items, Office & Student stationaries, Slipper & Sports Shoe** to the Kasturba Gandhi Balika Vidyalaya, GOUDAGOTHA, Block SORADA, District GANJAM for the year- 2023-24. Interested parties/firms can purchase the tender forms from office of the KGBV, GOUDAGOTHA w.e.f. 05.01.2024 to 20.01.2024 in all working day from 10.00 A.M. to 4.00 P.M. on payment of 500/-(five hundred) only non refundable in cash. The Tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the HM KGBV EPF AC GOUDAGOTHA payable at State Bank of India, Branch SURADA would only received up to 4.00 P.M. of dated 20.01.2024. Tender form should be submitted through Speed/Registered Post only. Tenders submitted without EMD will be summarily rejected. Last date of receipt of tender form is upto 4.00PM of dated 20.01.2024. The KGBV Level Purchase Committee meeting will be held on 21.01.2024 at 11.00 PM in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**Sd./- HEADMISTRESS, KGBV, GOUDAGOTHA**



**Government of Odisha**
**Office of the Chief Construction Engineer**
**Rural Works Circle, Angul**
**E-Mail: sencrwangul@yahoo.co.in, Ph.No.: 06764- 236404**
No.O-2088
**e-Procurement Notice for Bridge works in Odisha**
**Bid Identitication No. Bridge Online AGL-38/2023-24**

No.16// Dt.2.1.24

1. Name of the work: Bridge works. 2. Total No. of work: 03 Nos. 3. Estimated cost: Rs.155.72 lakhs to Rs.242.39 lakhs. 4. Class of contractor: 'B' & 'A' Class. 5. Period of completion : As per Annexure. 6. Other details.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online - AGL-38/2023-24 | 08.01.24 at 10.00 A.M. | 20.01.24 at 4.00 P.M. | 18.01.24 upto 1.00 P.M. | 20.01.24 at 4.30 P.M. | Will be intimated separately |

(1) For detailed Notice Inviting Tenders, please visit to the website: www.tendersorissa.gov.in

**Chief Construction Engineer, Rural Works Circle, Angul**
OIPR-25180/11/0057/2324



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**R.W.S. & S. DIVISION, SAMBALPUR**
**E.mail- eerwsssbp@gmail.com**
No.O-2089
**'e' PROCUREMENT NOTICE**
**Bid Identification No. RWSS (SBP): 07/2023-24**

1. Name of the work: Laying pipeline from Sarapali to Katarapali under Naktideul Block of Sambalpur District. 2. Total number of work: 1 No.(One). 3. Estimated cost: Rs.14.41 lakhs. 4. Class of contractor: D & C. 5. Period of completion: Four months.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Sambalpur | RWSS (SBP): 07/2023-24 | 08.01.2024 | Upto 5.00 P.M. of 22.01.2024 |

Further details can be seen from the e-procurement portal "**www.tendersorissa.gov.in**".
Subsequent corrigendum if required shall be appeared in the website only.

**Sd./- Superintending Engineer, R.W.S&S Division, Sambalpur**
OIPR-25015/11/0003/2324



**झारखण्ड सरकार**
**कार्यपालक अभियंता का कार्यालय**
**सिंचाई प्रमंडल सं0–2, सिकटिया(देवघर)**

**ई–प्रोक्योरमेन्ट सूचना**

e-Tender Ref. No: WRD/Irr.Div.No.2, Sikatia/01F2/2023-24 Dated: 04/01/2024

| क्र0 | कार्य का नाम | सिंचाई कॉलोनी, मधुपुर स्थित आवासीय भवन यथा– A Type (1 अद्द), B Type (1 अद्द), C Type (1 अद्द), D Type (5 अद्द), E Type (14 अद्द), F Type (20 अद्द) की मरम्मति तथा विद्युत एंव प्लम्बिंग का कार्य। |
|---|---|---|
| 1. | प्राक्कलित राशि (रूपये में) | रू0 1,15,10,257.00 मात्र। |
| 2. | निविदा शुल्क (रूपये में) | रू0 10,000.00 मात्र। |
| 3. | अग्रधन की राशि (रूपये में) | रू0 2,30,500.00 मात्र। |
| 4. | कार्य समाप्ति की अवधि | 365 दिन |
| 5. | वेबसाईट पर निविदा प्रकाशित होने की तिथि एवं समय | 06.01.2024 के 11:00बजे पूर्वाह्न से। |
| 6. | ऑनलाईन निविदा अभिलेख प्राप्ति की अंतिम तिथि एवं समय | 25.01.2024 अपराह्न 5:00 बजे। |
| 7. | निविदा खोलने की तिथि एवं समय | 27.01.2024 अपराह्न 03:00 बजे। |
| 8. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, सिंचाई प्रमंडल सं0–2, सिकटिया (देवघर) Mail ID – eesikatia2@gmail.com |
| 9. | प्रोक्युरमेंट अधिकारी का सम्पर्क नम्बर | 7091267467 |
| 10. | ई0–प्रोक्युरमेंट सेल का हेल्पलाईननंबर | 7992435596 |

नोटः सिर्फ ई0–निविदा ही स्वीकार किये जायेंगें।
(1) निविदा शुल्क एवं अग्रधन की राशि केवल online mode द्वारा स्वीकार्य होगी।
(2) निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा उसी खाते में अग्रधन की राशि वापस होगी, अगर खाता को बन्द कर दिया जाता है तो इसकी सारी जवाबदेही सम्बंधित निविदादाता की होगी।
(3) प्राक्कलित राशि घट–बढ़ सकती है।
(4) राज्य सरकार द्वारा निर्गत सभी अद्यतन आदेश / परिपत्र लागु होंगें।
(5) ज्यादा जानकारी http://jharkhandtenders.gov.in पर प्राप्त की जा सकती है।

**कार्यपालक अभियंता**
**सिंचाई प्रमंडल सं0–2**
**सिकटिया(देवघर)**

PR315149 (Water Resource)23-24*D

## ସଂକ୍ଷେପରେ

### ଚାନ୍ଦିଲି ପାହାଡ଼ ମହୋତ୍ସବ ଉଦ୍‌ଯାପିତ

ଦେଓଗାଁ,୪।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ଚାନ୍ଦିଲି ପାହାଡଠାରେ ଚାଲିଥିବା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ବନମାଳୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଯଶୋଦା ମେହେର, ସମ୍ମାନୀତ ଅତିଥିଭାବେ ପୂର୍ବତନ ସରପଞ୍ଚ ସ୍ୱୟମ୍ବର ମେହେର, କମିଟିର ପୂର୍ବତନ ସଭାପତି ନୀଳମଣି ପାଣିଗ୍ରାହୀ, ଦୀନବନ୍ଧୁ ମେହେର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟି ସଦସ୍ୟ ପିଙ୍କୁ ଷଡଙ୍ଗୀ, ରବିନ୍ଦ୍ର ସାଏ, ରଘୁମଣି ରଣା, ଇନ୍ଦ୍ରଜିତ ରାଉତ, ବିଦ୍ୟାଧର ନାଏକ, ରିଙ୍କୁ ଷଡଙ୍ଗୀ, ରାଜେନ୍ଦ୍ର ସାଏ, ରବିନ୍ଦ୍ର ସାଏ, ଜୁଲୁ ଷଡଙ୍ଗୀ, ଡଗର ନାଏକ, ପ୍ରଫୁଲ୍ଲ ମେହେର, ବିରଞ୍ଚି ଷଡଙ୍ଗୀ, ବିପିନ ରଣା, ପ୍ରମୋଦ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

### ଯୁବ ରେଡକ୍ରସ୍ ତାଲିମ ଶିବିର

ଲୋଇସିଂହା, ୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ବାଣୀନିକେତନ ରୋତରେ ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ବିଷ୍ଣୁ ପ୍ରସାଦ କେଡିଆ, ଜିଲା ରେଡକ୍ରସ ସଂଯୋଜକ ଡକ୍ଟର ଦୈତାରୀ ପୂଜାରୀ, ଜିଲା ସମ୍ପାଦକ ଡକ୍ଟର ଅମୃତ ସିଂ ବରିହା ଯୋଗଦେଇଥିଲେ। ଅତିଥିମାନେ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାମାଜିକ, ଜନହିତକର କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଡକ୍ଟର ଲିଙ୍ଗରାଜ ମେହେର ସଭା ସଂଯୋଜନା କରିଥିଲେ। ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ତିନିଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲାର ୩୦ ମହାବିଦ୍ୟାଳୟର ୧୫୦ଜଣ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଓ ଉପଦେଷ୍ଟା ଯୋଗ ଦେଇଛନ୍ତି। ସେମାନଙ୍କୁ ରେଡକ୍ରସର ଇତିହାସ, ଲକ୍ଷ୍ୟ, ଉଦ୍ଦେଶ୍ୟ, ଏଡସ, ସଡକ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ସ୍ୱେଚ୍ଛାକୃତ ରକ୍ତଦାନ, ପ୍ରାଥମିକ ଚିକିତ୍ସା ସେବା ଆଦି ବିଷୟରେ ଶିକ୍ଷା ଓ ତାଲିମ ଦିଆଯିବ।

### ଆବାସ ହିତାଧିକାରୀଙ୍କୁ ମିଳିନି ଦ୍ୱିତୀୟ କିସ୍ତି ଟଙ୍କା

**ଘର ଛାତ ପଡ଼ିବା ୨ ମାସ ବିତିଲା**

ଲୋଇସିଂହା,୪।୧(ସୁଶାନ୍ତ ବାରିକ)

ବିନା ସମସ୍ୟାରେ ବିଭିନ୍ନ ସରକାରୀ ଯୋଜନାର ଲାଭ ଜନସାଧାରଣ ଯେପରି ପାଇବେ ତାହା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ସୂର୍ଯ୍ୟକାନ୍ତି ମେହେର ୨ମାସ ହେଲା ଘର ଛାତ ପକାଇ ଥିଲେ ହେଁ ଦ୍ୱିତୀୟ କିସ୍ତି ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ସୂର୍ଯ୍ୟକାନ୍ତୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ବାବଦକୁ ୪୦ହଜାର ଟଙ୍କା ପାଇଥିଲେ। ଏହାପରେ ଘର କାମ କରିଥିଲେ। ଛାତ ପକାଇବା ପରେ ଆବଶ୍ୟକ କାଗଜାତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ଦାଖଲ କରିଥିଲେ। ଇତିମଧ୍ୟରେ ଘର ଛାତ ପଡିବା ୨ମାସ ବିତିଗଲାଣି। ହେଲେ ତାଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନାହିଁ। ଏବିଡିଓ ଘଟଣା ସମ୍ପର୍କରେ ଅବଗତ ହେବା ପରେ ପଦକ୍ଷେପ ନେବେ ବୋଲି କହିଥିଲେ। ହେଲେ ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା ସୁଫଳ ମିଳି ନଥିବା ସୂର୍ଯ୍ୟକାନ୍ତି କହିଛନ୍ତି। ନିର୍ବାହୀ ଅଧିକାରୀ ହୁତାସନ ସୁନାଙ୍କୁ ପଚାରିବାରୁ ବିଲ୍ ପ୍ରଦାନରେ ଆମର କିଛି ଭୂମିକା ନାହିଁ ବୋଲି କହିଛନ୍ତି।

# ଦାବି ପୂରଣ ନ ହେଲେ ଗାଁ ଛାଡ଼ିବୁନି

ବଲାଙ୍ଗୀର,୪।୧(ବୀରେନ୍ଦ୍ର କୁମାର ଝାଙ୍କର)



କୁମିଆପାଲିର ଆଦିବାସୀ ପରିବାରମାନେ ଆନ୍ଦୋଳନରେ ବସିଛନ୍ତି।

■ କୁମିଆପାଲି ଆଦିବାସୀଙ୍କ ଆନ୍ଦୋଳନ
■ ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନକୁ ବିରୋଧ

ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁମିଆପାଲି ଗାଁର ବିସ୍ଥାପିତ ହୋଇ ନ ଥିବା ଆଦିବାସୀ ପରିବାର ବୁଧବାର ଆନ୍ଦୋଳନରେ ବସିଥିଲେ। ୧୦ ଦଫା ଦାବିପୂରଣ ନହେବା ପର୍ଯ୍ୟନ୍ତ ସେମାନେ ଭିଟାମାଟିଛାଡିବେନାହିଁବୋଲିକହିଥିଲେ। ବିସ୍ଥାପିତଙ୍କ ଦାବି ପୂରଣ ନ କରି ପ୍ରକଳ୍ପ କାହିଁକି ଉଦ୍‌ଘାଟନ କରାଗଲା ବୋଲି ପ୍ରଶ୍ନ କରିଥିଲେ। ଏହି ଗାଁରେ ଏବେବି ୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ରହିଛନ୍ତି। ବୁଧବାର ମାଗୁରବେଡାଠାରେ ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନୀ ସ୍ଥଳକୁ କୁମିଆପାଲିର ଆଦିବାସୀମାନେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୦ ଦଫା ଦାବିପତ୍ର ଦେବାକୁ ଚେଷ୍ଟା କରିଥିଲେ। ମାତ୍ର ସେମାନଙ୍କୁ ସେଠାକୁ ଛଡାଗଲା ନାହିଁ। ଏଣୁ ସେମାନେ କୁମିଆପାଲି ଗାଁରେ ଧାରଣାରେ ବସି ଆନ୍ଦୋଳନ କରିଥିଲେ।

ଗାଁର ପ୍ରେମରାଜ ବରିହା କହିଛନ୍ତି ଯେ, ଆଦିବାସୀଙ୍କ ଦାବିପୂରଣ ନକରି ବିସ୍ଥାପିତ କରିବା ଉଦ୍ୟମ କରାଯାଉଛି। ଯେଉଁମାନେ କ୍ଷତିପୂରଣ ଟଙ୍କା ନେଇନାହାନ୍ତି ସେମାନଙ୍କୁ ମଧ୍ୟ ବିସ୍ଥାପିତ କରିବାକୁ ଚେଷ୍ଟା କରାଯାଉଛି। ସେ କହିଛନ୍ତି ଯେ, କୁମିଆପାଲି ଗାଁରେ ଏବେବି ୫୦ରୁ ଉର୍ଦ୍ଧ୍ୱ ପରିବାର ରହିଛନ୍ତି। ଭଲ କରି ହିସାବ କଲେ ୧୦୦ଟି ପରିବାର ହେବେ। ସେମାନେ ଦାବି କରିଛନ୍ତି ଯେ, ୨୦୧୩ ଭୂମି ଅଧିଗ୍ରହଣ ଆଇନ ଜରିଆରେ ସମସ୍ତ ବିସ୍ଥାପିତ ଏବଂ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯାଉ। ବିସ୍ଥାପିତ ସମସ୍ତ ଆଦିବାସୀ ପରିବାରକୁ ଜମି ବଦଳରେ ଚାଷୋପଯୋଗୀ ଜମି ଯୋଗାଇ ଦିଆଯାଉ। ଆଦିବାସୀଙ୍କୁ ୨.୫ ଏକର ଜଳସେଚିତ ଜମି ଏବଂ ୫ଏକର ଅଣଜଳସେଚିତ ଜମି ଯୋଗାଇ ଦିଆଯାଉ। ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ ଜରିଆରେ ଭୂମିପଟ୍ଟା ଯୋଗାଇ ଦିଆଯାଇ ସର୍ଭେ କରାଯାଉ। ବିସ୍ଥାପିତ ସମସ୍ତ ଆଦିବାସୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଉ ଓ ଏଥିରେ ବିଦ୍ୟୁତ୍ ଟିକସ, ଜଳକର, ଶିକ୍ଷାକ୍ଷେତ୍ରରେ ସ୍କୁଲ ଫି ଛାଡ କରିବା ସହ ପ୍ରକଳ୍ପ ଲାଭାଂଶର ୨ ପ୍ରତିଶତ ଆଦିବାସୀଙ୍କୁ ପେନସନ୍ ଆକାରରେ ଦିଆଯାଉ ଏବଂ ୧୮ ବର୍ଷରୁ କମ୍ ସଦସ୍ୟଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ମାସକୁ ୬ ହଜାର ଟଙ୍କା ଭତ୍ତା ଆକାରରେ ଦିଆଯାଉ ଓ ସମସ୍ତ ପରିବାରକୁ ୨୦ଡିସମିଲ ଘରଡିହ ଯୋଗାଇ ଦିଆଯାଉ ବୋଲି ଦାବି କରିଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ଲୋକେ ମୂଳ ଗାଁ ଛାଡିବା ଦିନକୁ ଗଣନା କରାଯାଉ ଓ ଭୂମିହୀନ ସମସ୍ତ ଆଦିବାସୀ ପରିବାରକୁ ଉପଯୁକ୍ତ ସହାୟତା ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏଇ ୧୦ଦଫା ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଦାନ କରିବାର ଥିଲା ବୋଲି କୁହାଯାଇଛି। ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁମିଆପାଲି ଆଦିବାସୀ ଜଣାଇଛନ୍ତି।

# କିଡ୍‌ନୀ ରୋଗ ନେଲା ଆଉଜଣଙ୍କ ଜୀବନ

ଲୋଇସିଂହା, ୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଆଗଲପାଲି ଗାଁରେ ଆଉ ଜଣେ କିଡ଼ନୀ ରୋଗୀଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ଚକ୍ରଧର ପଣ୍ଡା(୩୮)। ବିଶୁଦ୍ଧ ପାନୀୟ ଜଳ ଓ ଉପଯୁକ୍ତ ଚିକିତ୍ସା ନ ପାଇ ଅଗଲାପାଲି ଓ ପଞ୍ଚାୟତରେ ଅନ୍ୟ ଗାଁରେ ଆକ୍ରାନ୍ତଙ୍କ ଅକାଳରେ ଜୀବନ ଚାଲି ଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ ଚକ୍ରଧର। ବୁଧବାର ଗୁରୁତର ହେବାରୁ ତାଙ୍କୁ ଲୋଇସିଂହା ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ବଲାଙ୍ଗୀର ନେବାକୁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ମେଡ଼ିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୦୮ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ରୋଗୀ ଠିକଣା ସମୟରେ ମେଡିକାଲରେ ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ଏପରିକି ଲୋଇସିଂହା ଡାକ୍ତରଖାନାରେ ଅମ୍ଳଜାନ ସିଲିଣ୍ଡର ଆବଶ୍ୟକ ଥିଲେ ମଧ୍ୟ ଦିଆ ଯାଇ ନ ଥିଲା ବୋଲି ଗାଁର ଦିବ୍ୟରଞ୍ଜନ ପଣ୍ଡା ଅଭିଯୋଗ କରିଛନ୍ତି। ଚକ୍ରଧରଙ୍କୁ ମିଶାଇ ଗ୍ରାମର କିଡ଼ନୀ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୧୦ରେ ପହଞ୍ଚିଥିବା ସେ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ଏହି ରୋଗରେ ଗାଁର ମାର୍କଣ୍ଡ ସେଠ୍‌ଙ୍କ ମୃତ୍ୟୁ ଘଟିଥିଲା। ଏବେ ଖେଦୁ ସାହୁ, ସୁରଞ୍ଚି ବାଗ, ଇନ୍ଦ୍ରଜିତ ପଣ୍ଡାଙ୍କ ପରି ଅନେକ କିଡ଼ନୀ ଆକ୍ରାନ୍ତ ଥିବା ଗ୍ରାମବାସୀ କହିଛନ୍ତି। ଗତ ଅଗଷ୍ଟ ମାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଲୋଇସିଂହା ଗସ୍ତ ବେଳେ ଅଞ୍ଚଳର କିଡ଼ନୀ ସମସ୍ୟା ନିରାକରଣ ପାଇଁ ଗ୍ରାମବାସୀ ଜଣାଇଥିଲେ। ହେଲେ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଠୋସ ପଦକ୍ଷେପ ନିଆଯାଉନାହିଁ। ଫଳରେ ଅଗଲାପାଲି ସମେତ ପଞ୍ଚାୟତ ଅଧୀନ ଭାଲିଆମୁଣ୍ଡା, କଦଳୀପାଲି ଗ୍ରାମରେ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ବଢୁଥିବା ଅଭିଯୋଗ ହୋଇଛି।

# ବଲାଙ୍ଗୀର ଉଦ୍ୟାନ ଉଦ୍‌ଘାଟିତ


ପୂର୍ବତନ ଏମ୍‌ପି କଳିକେଶ ନାରାୟଣ, ପୌରାଧ୍ୟକ୍ଷା ଲିକା ସାହୁ, ଜିଲାପାଳ ଚଞ୍ଚଳ ରାଣା ସ୍ମାର୍ଟ ପାର୍କ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୪।୧(ବୀରେନ୍ଦ୍ର କୁମାର ଝାଙ୍କର)

ସାଢ଼େ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଅତ୍ୟାଧୁନିକ ସ୍ମାର୍ଟ ପାର୍କ ବଲାଙ୍ଗୀର ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ଜିଲାପାଳ ଚଞ୍ଚଳ ରାଣା ମିଳିତଭାବେ ଏହି ପାର୍କକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ଋଷିକେଶ ଖିଲାରୀ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ପୌର ପରିଷଦ କାଉନସିଲର ଉପସ୍ଥିତ ଥିଲେ। ପ୍ରାୟ ୭ ଏକର ଜାଗାରେ ନିର୍ମିତ ଏହି ପାର୍କରେ ଛୋଟପିଲା ଠୁ ବୟସ୍କ ସମସ୍ତଙ୍କ ମନୋରଞ୍ଜନ ବ୍ୟବସ୍ଥା ରହିଛି। ପାର୍କରେ ବିଶେଷ ଆକର୍ଷଣ ଖୋଲା ଥିଏଟର, ଯୋଗାସ୍ଥଳ, ଜିମ ଉପକରଣ, ଫାଉଣ୍ଟେନ୍, ଗ୍ରୀନଗ୍ରାସ, ଫୁଡ୍‌କୋର୍ଡ, ଏକ ପୋଖରୀ ବ୍ୟବସ୍ଥା କରାଯାଇଛି।

# ଭିଡିଓ ଭାଇରାଲ, କାର୍ଯ୍ୟରୁ ଅନ୍ତର କର୍ମଚାରୀ

ଟିଟିଲାଗଡ଼,୪।୧(ଶରତ ମିଶ୍ର)

**ଚାଷୀଙ୍କୁ ସୌର ବିଦ୍ୟୁତ୍ ଉଠାଜଳସେଚନ ପ୍ରକଳ୍ପ ଯୋଗାଣ ପାଇଁ ଲାଞ୍ଚ**

ଚାଷୀଙ୍କ ଜମିକୁ ଜଳସେଚନ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ସୌର ବିଦ୍ୟୁତ୍ ଉଠାଜଳସେଚନ ପ୍ରକଳ୍ପ କରାଯାଇଛି। ଏହି ଯୋଜନାରେ ଉଠାଜଳସେଚନ ଟିଟିଲାଗଡ଼ ଉପଖଣ୍ଡ ବିଭାଜନରେ ଲାଞ୍ଚ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଉକ୍ତ ଯୋଜନାରେ ସାମିଲ କରିବା ପାଇଁ ଲାଞ୍ଚ ମଗାଯାଉଥିବା ସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଚାଷୀଙ୍କୁ ସରକାରୀ ଯୋଜନା ନାମରେ ହଇରାଣ କରାଯିବା, ଲାଞ୍ଚ ନେବା ଅଭିଯୋଗକୁ ପ୍ରଶାସନ ଗମ୍ଭୀରତାର ସହ ନେଇଛି । ଟିଟିଲାଗଡ଼ ଉଠା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମ୍ରିତ ବାଗଙ୍କ ସୂଚନା ମୁତାବକ ଅଭିଯୋଗକୁ ଭିତ୍ତି କରି ବିଭାଗର ସ୍ଥାୟୀ କର୍ମଚାରୀ ଅଜିତ ବେହେରାଙ୍କୁ ଯୋଜନାରେ ଚାଷୀଙ୍କ ପଞ୍ଜିକରଣ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବାଗ କହିଛନ୍ତି । ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ଉଠା ଜଳସେଚନ ବିଭାଗ ପକ୍ଷରୁ ଜଳନିଧି ତଥା ସୌର ଜଳନିଧି ପ୍ରକଳ୍ପ ଯୋଜନା ରହିଛି । ହେଲେ ପୂର୍ବରୁ ଯୋଜନାରୁ ପ୍ରକୃତ ଚାଷୀ ବଦଳରେ ଥିଲାବାଲା ଅଣଚାଷୀ ସର୍ବଦା ଲାଭବାନ ହୋଇ ଆସୁଥିବା ଅଭିଯୋଗ ହୋଇଛି। ତେବେ ରାଜ୍ୟ ସରକାର ଚଳିତବର୍ଷ ନୂତନ ଚାଷୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ୟୁନିୟନ ବ୍ୟାଙ୍କରେ ଆବଶ୍ୟକ ଫି ଦାଖଲ କରାଯାଇଥିଲା । ଏନେଇ ଉତ୍ସାହିତ ଶତାଧିକ ଚାଷୀ ଦୀର୍ଘଦିନ ଧରି ଟିଟିଲାଗଡ଼ ୟୁନିୟନ ବ୍ୟାଙ୍କ ସମ୍ମୁଖରେ ଭିଡ଼ ଜମାଇଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଦିବସ ମଧ୍ୟରେ ଅନେକ ଚାଷୀ ସେମାନଙ୍କ ଫି ବ୍ୟାଙ୍କରେ ଦାଖଲ କରିବାକୁ ସମର୍ଥ ହୋଇ ନ ଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ବ୍ୟାଙ୍କରେ ଟଙ୍କା ଦାଖଲ କରି ଉଠା ଜଳସେଚନ ବିଭାଗ ନିଗମ କାର୍ଯ୍ୟାଳୟକୁ କାଗଜାତ ଦାଖଲ କରିବାକୁ ଯାଇଥିବା ଚାଷୀଙ୍କୁ ବିଭାଗୀୟ କର୍ମଚାରୀଙ୍କ ଶୋଷଣକୁ ସବୁ ମହଲରେ ନିନ୍ଦା କରାଯାଇଛି।

### ତହସିଲଦାରଙ୍କୁ ଦାବିପତ୍ର

କଣ୍ଟାବାଞ୍ଜି, ୪।୧(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ସହରର ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଛି ସ୍ଥାନୀୟ ଛାତ୍ର ସଂଘ। ଗୁରୁବାର ଛାତ୍ର ସଂଘ ବ୍ୟାନରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ତହସିଲଦାର ଖାଦାଲ ପାତ୍ର ୮ଦଫା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ। କଣ୍ଟାବାଞ୍ଜି ସହରର ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା, କଣ୍ଟାବାଞ୍ଜି ଡାକ୍ତରଖାନାରେ ଥିବା ବିଭିନ୍ନ ସମସ୍ୟାର ସମାଧନ, ବୁଲାଗୋରୁ ଏବଂ କୁକୁରଙ୍କୁ ରାସ୍ତାରୁ ହଟାଇ ଥଇଥାନ କରିବା, ଭାରିଯାନଗୁଡିକର ସମୟ ବ୍ୟବଧାନରେ ନୋଏଣ୍ଟ୍ରି, ବୃଦ୍ଧାବୃଦ୍ଧଙ୍କ ଭତ୍ତା ୫୦୦ରୁ ୨୦୦୦ଟଙ୍କା ବୃଦ୍ଧି ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ଛାତ୍ର ସଂଘର ଚୈତନ୍ୟ ହଂସ, ରାଜେନ୍ଦ୍ର ଦୀପ ଓ ବହୁ ବୃଦ୍ଧାବୃଦ୍ଧ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘର ପାରିବାରିକ ବନ୍ଧୁମିଳନ


ବନ୍ଧୁମିଳନ ଉତ୍ସବରେ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର,୪।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘର ଏକ ପାରିବାରିକ ବନ୍ଧୁମିଳନ ଖୁଜେନପାଲିସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ୱାମୀ ତେଜୟାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ବୈଠକରେ ସଂଘ ସଭାପତି ଗୁରୁଶ୍ରୀ ଘାସିରାମ ମିଶ୍ର, ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ସମ୍ପାଦକ ବସନ୍ତ ଆଚାର୍ଯ୍ୟ, ଉପସଭାପତି ଶିବଶଙ୍କର ଖୁଆସ, ଧର୍ମପଦ ରଥ, ସହଯୋଗୀ ସଭ୍ୟ ପ୍ରତାପ ଚନ୍ଦ୍ର ରଥ ମଞ୍ଚାସୀନ ଥିଲେ। ସଂଘ ସଭାପତି ଡ. ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାମୀ ତେଜୋମୟାନନ୍ଦ ସମସ୍ତ ବରିଷ୍ଠ ନାଗରିକ ସଦସ୍ୟଙ୍କୁ ଯୋଗର ଉପକାରିତା ଓ ସଂଯମତା ଉପରେ କହିଥିଲେ। ସମାଜର ଉନ୍ନତିମୂଳକ କାର୍ଯ୍ୟରେ ସମସ୍ତେ ଆଗେଇ ଆସିବା ପାଇଁ ପରାମର୍ଶ ଦେଇଥିଲେ । ମାତୃଛାୟା ଅନୁଷ୍ଠାନ ତରଫରୁ ରଶ୍ମି ପାତ୍ର ଓ ପୁଷ୍ପାଞ୍ଜଳି ମେହେର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସୁଶ୍ରୀ ଶ୍ରୀନିକା ଆଚାର୍ଯ୍ୟ ନୃତ୍ୟ ପରିବେଷଣ କରିଥିଲେ । ସହଯୋଗୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେବୃଆରୀ ୨୫ରୁ ନାଟବାଦୀ-ନାଟଯାତ୍ରା

ବଲାଙ୍ଗୀର,୪।୧(ବୀରେନ୍ଦ୍ର କୁମାର ଝାଙ୍କର)


କୋଶଲୀ ନାଟବାଦୀ-ନାଟଯାତ୍ରା ପାଇଁ ଆୟୋଜିତ ବୈଠକରେ ମଞ୍ଚାସୀନ ସଦସ୍ୟ।

ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି ରାମଜୀ ଯୁବକ ସଂଘ ପକ୍ଷରୁ ପଲ୍ଲୀଶ୍ରୀ ବିହାର ରାଧାକୃଷ୍ଣ ରଙ୍ଗମଞ୍ଚରେ ଚଳିତ ବର୍ଷ ଫେବୃଆରୀ ୨୫ରୁ ୨୯ ପର୍ଯ୍ୟନ୍ତ ମହାକୋଶଳ କୋଶଲୀ ନାଟବାଦୀ-ନାଟଯାତ୍ରା ଅନୁଷ୍ଠିତ ହେବ। ଗୁରୁବାର ଏ ସଂକ୍ରାନ୍ତରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନାଟ୍ୟ ସଙ୍ଗଠକ ହିମାଂଶୁ ପାଢୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାଟବାଦୀ-ନାଟଯାତ୍ରା ସଂଯୋଜକ ହରିନାରାୟଣ ପୂଜାରୀ, ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ଓ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ମଞ୍ଚାସୀନ ଥିଲେ। ସମ୍ପାଦକ ଡ. ମିଶ୍ରଙ୍କ ପ୍ରସ୍ତାବ ଅନୁଯାୟୀ ନାଟ୍ୟକାର ସ୍ୱର୍ଗତ ହରିହର ମିଶ୍ରଙ୍କ ସ୍ମୃତିରେ ଚଳିତ ବର୍ଷର ନାଟକୋତ୍ସବ ଉତ୍ସର୍ଗୀକୃତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟହ କୋଶଲୀ ନାଟ୍ ସହ ରାମଲୀଳା ମଧ୍ୟ ଅନୁଷ୍ଠିତ ହେବ। ୫ ଦିନରେ ମୋଟ ୭ଟି କୋଶଲୀ ନାଟକ ଓ ୪ଟି ଗୀତିନାଟ୍ୟ ରାମଲୀଳା କରାଯିବା ପାଇଁ ସ୍ଥିର ହୋଇଛି। ଆଜି ସଭାରେ ଟିକଲବାହାଲର ଶତ୍ରୁଘ୍ନ ବେହେରା, କୁନ୍ଦେଇମାଲର ମେରୁ ବାରିକ, ଚନ୍ଦ୍ରପୁରର ଶରତ କୁମାର ପୁଟେଲ, ସଦାଇପାଲିର ନିରାକାର ସାଏ, ସତ୍ୟବାଦୀ ନାଏକ ନାଟକୋତ୍ସବକୁ ସୁଚାରୁ ପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସମସ୍ତଙ୍କ କଥାକୁ ଗୁରୁତ୍ୱ ଦେଇ ଚଳିତବର୍ଷ ନାଟ୍ୟଗୁରୁମାନଙ୍କୁ ପୁରସ୍କୃତ କରିବା ସହ ସ୍ମରଣିକା ଚାନ୍ଦଲି-୯ ପ୍ରକାଶ କରିବା ଯିବ ବୋଲି ସୂଚନା ଦିଆଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ରମେଶ ନାଏକ, ବିରଞ୍ଚି ସାଏ, ପ୍ରଫୁଲ୍ଲ ମିଶ୍ର ତଥା ଲୋକନାଥ ସିଂ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ହରିଶଙ୍କରରେ ସ୍ୱଚ୍ଛତା ପାଇଁ ଡଷ୍ଟବିନ୍ ପ୍ରଦାନ

ଖପ୍ରାଖୋଲ, ୪।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ପୁଣ୍ୟକ୍ଷେତ୍ର ହରିଶଙ୍କର ମନ୍ଦିର ପରିସରକୁ ସ୍ୱଚ୍ଛ ରଖିବାକୁ ମାହେଶ୍ୱରୀ ସଂଗଠନ ଗୁରୁବାର ୬ଟି ଡଷ୍ଟବିନ ଓ ବାଲ୍‌ଟି ପ୍ରଦାନ କରିଛି। ପୂର୍ବରୁ ଝରଣା ପରିସରକୁ ସଙ୍ଗଠନ ସଦସ୍ୟମାନେ ସଫେଇ କରିଥିଲେ। ଏହି ଅବସରରେ ମାହେଶ୍ୱରୀ ସଂଗଠନର ବ୍ଲକ ସଭାପତି ସରୋଜ କୁମାର ସାହୁ, ସାଇରାମ ସିଂବାବୁ, ସନ୍ତୋଷ ସିଂ ଠାକୁର, ରୁଦ୍ର ସିଂ ପୂଝାରୀ, ବିନୋଦ ପ୍ରଧାନ, ଦୟା ସାହୁଙ୍କ ସମେତ ମନ୍ଦିର ପୂଜକ ନରସିଂହ ପୂଝାରୀ, ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।


ଡଷ୍ଟବିନ୍ ପ୍ରଦାନ ସମୟରେ ଉପସ୍ଥିତ ପୂଜକ ଓ ସଙ୍ଗଠନ କର୍ମକର୍ତ୍ତା।

# 'ବିସ୍ଥାପିତଙ୍କ କଥା କମ୍, ରାଜନୀତି ବେଶି'

ବଲାଙ୍ଗୀର,୪।୧(ବୀରେନ୍ଦ୍ର କୁମାର ଝାଙ୍କର)



ସମରେନ୍ଦ୍ର ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ଖବରଦାତା ସମ୍ମିଳନୀରେ କଂଗ୍ରେସର ଅଭିଯୋଗ**

■ ଜିଲାପାଳ ଅଫିସ, ନୂଆ ଜିଲା କୋର୍ଟ କେବେ ହେବ କହିଲେନି

ଅସମ୍ପୂର୍ଣ୍ଣ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ତରବରିଆ ଉଦ୍‌ଘାଟନ କରାଯାଇଛି। ଏହିଭଳି ଅଭିଯୋଗ କରି ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଏହି ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବରେ ବିସ୍ଥାପିତଙ୍କ ତ୍ୟାଗକୁ ଗୌଣ କରାଯାଇ ଶ୍ରେୟ ନେବା ପାଇଁ ରାଜନୀତି ବେଶୀ କରାଗଲା ବୋଲି କହିଥିଲେ। ସେ କହିଥିଲେ ଯେ, ପ୍ରକଳ୍ପ କାମ ଶେଷ ହୋଇନାହିଁ। ଆହୁରି ଅନେକ କାମ ହେଲା ପରେ ଯାଇ ଚାଷୀର କ୍ଷେତକୁ ପାଣି ମାଡିବ। କିନ୍ତୁ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଶାସକ ଦଳ ତରବରିଆ ଭାବେ ପ୍ରକଳ୍ପ ଉଦ୍‌ଘାଟନ କଲେ। ସ୍ଥାନୀୟ ଶାସକ ଦଳର ନେତାଙ୍କୁ ଶ୍ରେୟ ଦେବାକୁ ଯାଇ ଏଭଳି କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ଯେଉଁ ସ୍ଥାନୀୟ ଶାସକ ଦଳ ନେତାମାନେ ସୁକ୍‌ତେଲ ପ୍ରକଳ୍ପ ଆରମ୍ଭ ବେଳେ ଗଡଶଙ୍କର ଡୁଙ୍ଗୁରିପାଲି ଗାଁର ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ ଧରି ପ୍ରକଳ୍ପ କରାଇ ଦେବେ ନାହିଁ ବୋଲି ଶପଥ କରିଥିଲେ ସେମାନେ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ ବସି ଶ୍ରେୟ ନେବାକୁ ଚେଷ୍ଟା କରିଛନ୍ତି। ସେମାନେ ପ୍ରକଳ୍ପ ପ୍ରଭାବିତ ୨୯ଟି ଗାଁରେ କେବେ ୨୯ ଘଣ୍ଟା ବିତାଇଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ନୂଆ ଜିଲାପାଳ ଅଫିସ ଓ ନୂଆ ଜିଲା କୋର୍ଟ କାହିଁକି ଅଟକିଛି ଏବଂ କେଉଁମାନେ ଅଟକାଇଛନ୍ତି ତାହା ଲୋକେ ଜାଣିଛନ୍ତି ବୋଲି ସେ କହିଥିଲେ। ନୂଆ ଜିଲାପାଳ ଅଫିସ ଓ ନୂଆ ସିଭିଲ କୋର୍ଟ ପାଇଁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରଚେଷ୍ଟାରେ ମଞ୍ଜୁରୀ ସରିଥିଲେ ମଧ୍ୟ ଗରିବ ଲୋକଙ୍କୁ ବିସ୍ଥାପନ ଭୟ ଦେଖାଇ ସ୍ଥାନୀୟ ଶାସକ ଦଳର ନେତାମାନେ ଅଟକାଇଛନ୍ତି ସେଥିରେ କାହାର ଲାଭ ହେଉଛି ବୋଲି ପ୍ରଶ୍ନ କରିଥିଲେ। ନୂଆ ଜିଲାପାଳ ଅଫିସ ଓ ନୂଆ ଜିଲା କୋର୍ଟ ପ୍ରସ୍ତାବିତ ଅଞ୍ଚଳରେ ରହୁଥିବା ଗରିବ ଲୋକଙ୍କୁ ଶୀଘ୍ର ଜମିପଟ୍ଟା ଦେଇ ଅନ୍ୟମାନଙ୍କୁ ସେଠାରୁ ବିଦା କରି ତୁରନ୍ତ ଦୁଇ ପ୍ରକଳ୍ପ ନିର୍ମାଣ କରନ୍ତୁ ବୋଲି ସମରେନ୍ଦ୍ର ଦାବି କରିଥିଲେ। ସୁକ୍‌ତେଲ ପ୍ରକଳ୍ପ ପାଇଁ ୨୯ଟି ଗାଁର ବିସ୍ଥାପିତଙ୍କ ସମସ୍ତ ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ ଆମେ ସେମାନଙ୍କ ସହ ରହି ଲଢ଼େଇ କରିବୁ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ପ୍ରବକ୍ତା ଅଜୟ ବାଲି, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଠାଣି ସାମନ୍ତ, ନିଉଟନ୍‌ଙ୍କ ଜନ୍ମବାର୍ଷିକୀ ପାଳିତ

**ପାଇକମାଳ,୪।୧(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ଗୁରୁବାର ପଠାଣି ସାମନ୍ତ ଓ ସାର୍ ଆଇଜାକ୍ ନିଉଟନଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପଦ୍ମନାଭ ଯୋଶୀ ମୁଖ୍ୟ ଅତିଥି, ମହିଳା ମହାବିଦ୍ୟାଳୟର ଦିବ୍ୟ କିଶୋର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ପଠାଣି ସାମନ୍ତ ଓ ନିଉଟନଙ୍କ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସମ୍ୟକ୍ ଧାରଣା ଦେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ ଅଧ୍ୟକ୍ଷତା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନା ଏବଂ ସହକାରୀ ଶିକ୍ଷକ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବରପାଲି,୪।୧ (ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ରେମତା ଗ୍ରାମରେ ବାବା ଚନ୍ଦ୍ରଶେଖର, ରଣେଶ୍ୱର ରାମଚଣ୍ଡୀ, ଗ୍ରାମପତି, ମା' ସମଲେଇ, ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆସନ୍ତା ୧୮ତାରିଖରୁ ଆରମ୍ଭ ହୋଇ ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଗ୍ରାମର ସମସ୍ତ ଦେବଦେବୀଙ୍କୁ ବରଣ କରି ଗୁରୁବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ୧୦ ଦମ୍ପତି କର୍ତ୍ତା ଦାୟିତ୍ୱ ବହନ କରିବେ। ମୁଖ୍ୟ ପଣ୍ଡିତ ସୁରେଶ ଦେବତା, କୃଷ୍ଣଚନ୍ଦ୍ର ଦେବତା ଓ ସାଥୀ ପୂଜାପାଠ କରିବେ। ସେହିପରି ଜଳନ୍ଧର ଦରବାର ଅନୁଷ୍ଠିତ ହେବ। ଜଳନ୍ଧର ଭୂମିକାରେ ଜମୁର୍ଡାର ବୃନ୍ଦାବନ ପଧାନ ଅଭିନୟ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ସକାଳ ୧୦ଟାରେ ଗୀତା ଜ୍ଞାନ ପ୍ରବଚନ ସହ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି କମିଟି ସଭାପତି ଧୀରୋଜ ପଧାନ, ସମ୍ପାଦକ ସତ୍ୟବାନ ସାହୁ, କାର୍ଯ୍ୟକାରୀ ସଭାପତି ତରଣୀ ଦେବତା ସୂଚନା ଦେଇଛନ୍ତି ।

### ତହସିଲଦାରଙ୍କୁ ଦାବିପତ୍ର

**କଣ୍ଟାବାଞ୍ଜି, ୪।୧(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଛି ସ୍ଥାନୀୟ ଛାତ୍ର ସଂଘ। ଏ ନେଇ ଗୁରୁବାର ଛାତ୍ର ସଂଘ ବ୍ୟାନରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣ୍ଟାବାଞ୍ଜି ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ତହସିଲଦାର ଖାଦାଲ ପାତ୍ର ୮ଦଫା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ। ପ୍ରମୁଖ ଦାବିଗୁଡିକ ହେଲା କଣ୍ଟାବାଞ୍ଜି ସହରର ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ଦରକାର। କଣ୍ଟାବାଞ୍ଜି ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧନ, ବୁଲାଗୋରୁ ଏବଂ କୁକୁରଙ୍କୁ ରାସ୍ତାରୁ ହଟାଇ ଥଇଥାନ କରିବା, ସହରରେ ସ୍ୱତନ୍ତ୍ରଭାବେ ଖେଳ ପଡିଆ, ଭାରିଯାନଗୁଡିକର ସମୟ ବ୍ୟବଧାନରେ ନୋଏଣ୍ଟ୍ରି, ବୃଦ୍ଧାବୃଦ୍ଧଙ୍କ ଭତ୍ତା ୫୦୦ରୁ ୨୦୦୦ଟଙ୍କା ବୃଦ୍ଧି ଆଦି ଦାବି ରହିଛି।

### ଯୁବ ରେଡ୍‌କ୍ରସ ତାଲିମ ଶିବିର

**ଲୋଇସିଂହା, ୪।୧(ସୁଶାନ୍ତ ବାରିକ) :** ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ବାଣୀନିକେତନ ରୋତରେ ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ସଭ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ବିଷ୍ଣୁ ପ୍ରସାଦ କେଡିଆ, ଜିଲା ରେଡକ୍ରସ ସଂଯୋଜକ ଡକ୍ଟର ଦୈତାରୀ ପୂଜାରୀ, ଜିଲା ସମ୍ପାଦକ ଡକ୍ଟର ଅମୃତ ସିଂ ବରିହା ଯୋଗଦେଇଥିଲେ। ଅତିଥିମାନେ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାମାଜିକ, ଜନହିତକର କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଡକ୍ଟର ଲିଙ୍ଗରାଜ ମେହେର ସଭା ସଂଯୋଜନା କରିଥିଲେ। ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ତିନିଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲାର ୩୦ ମହାବିଦ୍ୟାଳୟର ୧୫୦ଜଣ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଓ ଉପଦେଷ୍ଟା ଯୋଗ ଦେଇଛନ୍ତି।

# ଓଡ଼ିଶା ହସ୍ତତନ୍ତର ପ୍ରାଣକେନ୍ଦ୍ର ବରଗଡ଼



ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ।



ସମ୍ମିଳନୀରେ ପ୍ରଦର୍ଶିତ ମଙ୍ଗାଶାଳ।

## ଜାତୀୟ ହସ୍ତତନ୍ତ ସମ୍ମିଳନୀ-୨୦୨୪ ଉଦ୍‌ଘାଟିତ

**ବରଗଡ,୪।୧(ପ୍ରେମାନନ୍ଦ ଖମାରୀ)**

ଓଡିଶାର ହସ୍ତତନ୍ତକୁ ଜାତୀୟସ୍ତରରେ ପହଞ୍ଚାଇବାକୁ ପ୍ରୟାସ କରିଛି ବରଗଡ ହସ୍ତତନ୍ତ ସମ୍ମିଳନୀ । ବୁଣାକାରମାନେ ଆଜିର ପରିବର୍ତ୍ତନଶୀଳ ସମାଜକୁ ଦୃଷ୍ଟିରେ ରଖି ପାରମ୍ପରିକ ହସ୍ତତନ୍ତରେ ପରିବର୍ତ୍ତନ ଆଣିଛନ୍ତି । ଏହାକୁ ଆହୁରି ଲୋକପ୍ରିୟ କରିବା ପାଇଁ ଓଡିଶାର ହସ୍ତତନ୍ତର ପ୍ରାଣକେନ୍ଦ୍ର ବରଗଡ ଜିଲାରେ ଜାତୀୟସ୍ତରୀୟ ହସ୍ତତନ୍ତ ସମ୍ମିଳନୀର ଆୟୋଜନ କରାଯାଇଛି। ବୁଣାକାର, ବିକ୍ରେତା, କ୍ରେତା ଓ ମାଷ୍ଟରମାନଙ୍କୁ ଏକାଠି କରିବାରେ ହସ୍ତତନ୍ତ ସମ୍ମିଳନୀ ସହାୟକ ହେବ ବୋଲି ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି।

ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ପଶ୍ଚିମ ଓଡିଶା ବିକାଶ ପରିଷଦ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ଜାତୀୟ ସ୍ତରୀୟ ବରଗଡ ହସ୍ତତନ୍ତ ସମ୍ମିଳନୀ ଆୟୋଜନ କରାଯାଇଛି। ପଶ୍ଚିମ ଓଡିଶାର ବୋମକାଇ, ପଶାପାଲି, ହବସପୁରୀ, ସୋନପୁରୀ, ସମ୍ବଲପୁରୀ ବାନ୍ଧ, ଇକତ ଆଦି ହସ୍ତତନ୍ତକୁ ଜାତୀୟ ସ୍ତରରେ ପରିଚିତ କରାଇବା ସହ ବୁଣାକାରମାନଙ୍କୁ ଭିତ୍ତିଭୂମି ଯୋଗାଇଦେବା, ଅଭିନବ ଡିଜାଇନକୁ ଜାତୀୟସ୍ତରରେ ଲୋକପ୍ରିୟ କରାଇବା, ବଜାର ସୃଷ୍ଟି କରିବା ହେଉଛି ହସ୍ତତନ୍ତ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ବରଗଡ, ବୌଦ୍ଧ, ସୋନପୁର ଓ ବଲାଙ୍ଗୀର ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଚଳିତ ବର୍ଷ 'ସଂସ୍କୃତି ଓ ପରମ୍ପରାର ବାନ୍ଧକଳା' ଶୀର୍ଷକ ସମ୍ମିଳନୀ ଆୟୋଜନ କରାଯାଇଛି। ସମ୍ମିଳନୀରେ ବଲିଉଡ ଆଇକନ୍ ଦିୟା ମିର୍ଜା ଯୋଗ ଦେବାକୁ ଥିବା ବେଳେ ପ୍ରସିଦ୍ଧ ଫ୍ୟାଶନ ଡିଜାଇନରଙ୍କୁ ନେଇ ସନ୍ଧ୍ୟାରେ ଫ୍ୟାଶନ ଶୋ' ଆୟୋଜନ କରାଯିବ ବୋଲି ଜଣାପଡିଛି। ଆଜିର ଉଦ୍‌ଘାଟନୀ ସଭାରେ ହସ୍ତତନ୍ତ ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ବିଧାୟକ ବରଗଡ ଦେବେଶ ଆଚାର୍ଯ୍ୟ, ବିଧାୟିକା ସ୍ନେହାଙ୍ଗନୀ ଛୁରିଆ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ମୋନିଷା ବାନାର୍ଜୀ, ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ କୁମାର ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଗାଡ଼ିକୁ ଖୋଜୁଛି ପୋଲିସ

**ଭେଡ଼େନ,୪।୧(ସୁଦନ ମହାକୁର)**

## ଦୁର୍ଘଟଣାରେ ୨ ଭାଇ ମୃତ୍ୟୁ ଘଟଣା

ବରଗଡ଼ ଜିଲା ଭେଡ଼େନ ବ୍ଲକ ରଷୁଡ଼ା ଫାଣ୍ଡି ଅନ୍ତର୍ଗତ ତଥା ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ପାନବରଜ ପୋଲ ନିକଟରେ ଗତ ୩୧ ତାରିଖ ରାତି ପ୍ରାୟ ୧ଟାରେ ସ୍କୁଟି (ନଂ.ଓଡ଼ିପି/୨୪୯୦)କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ବସିଥିବା ୨ ଭାଇ ସିଆଲଖଣ୍ଡହଥା ଗ୍ରାମର ଜଗନ୍ନାଥ ଏବଂ ପୀତବାସଙ୍କ ମୃତ୍ୟୁ ହୋଇଥିଲା। ଅପରପକ୍ଷେ ଏହି ଦୁର୍ଘଟଣାରେ ଅନ୍ୟ ଜଣେ ମାନସ ଗୁରୁତର ହୋଇ ଭୋସାଗର ବୁର୍ଲା ଭିମସାର୍‌ରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ.୧/୨୪) ରୁଜୁ ହୋଇଛି। ଗୁରୁତର ମାନସ ପୋଲିସ ଆଗରେ ଠିକ୍ ଭାବେ ବୟାନ ଦେଇପାରୁନାହାନ୍ତି। ଏପରିସ୍ଥଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଠାବ କରିବାରେ ପୋଲିସ ବିଫଳ ହୋଇଛି। ତେବେ ଗୋଡ଼ଭଗାରୁ ସୋନପୁର ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ରାଜୁ ବାଗଙ୍କ ଦୁଇ ପୁଅ ଗରିବ ଶ୍ରେଣୀର। ପରିବାର ଚଳାଇବା ପାଇଁ ଉଭୟ ବୁର୍ଲାର ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଦୁର୍ଘଟଣା ଦିନ ସନ୍ଧ୍ୟାରେ ସେମାନେ ନବବର୍ଷ ପାଳନ ପାଇଁ ଗାଁକୁ ଆସୁଥିଲେ। ମାତ୍ର ଘରେ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

# ମନୋବଳ, ଦୃଢ଼ ଆତ୍ମବିଶ୍ୱାସ ସଫଳତାର ମୂଳମନ୍ତ୍ର



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼,୪।୧(ପ୍ରେମାନନ୍ଦ ଖମାରୀ)**

ଛୋଟ ମନ ନେଇ ଜଣେ ସଫଳତାର ଶୀର୍ଷତମ ସୋପାନକୁ ଯାଇପାରେନାହିଁ। ମନୋବଳ ଓ ଦୃଢ଼ ଆତ୍ମବିଶ୍ୱାସ ସଫଳତାର ମୂଳମନ୍ତ୍ର ବୋଲି ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ 'ଉଡ଼ାନ'ରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଯୋଗ ଦେଇ କହିଛନ୍ତି। ସମ୍ମାନିତ ଅତିଥି ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଏ ଅଞ୍ଚଳର ଏକ ମର୍ଯ୍ୟାଦାବନ୍ତ ଅନୁଷ୍ଠାନ। ଏହି ଅନୁଷ୍ଠାନର ସର୍ବାଙ୍ଗୀନ ବିକାଶ ପାଇଁ ସେ ଦୃଢ଼ ସଂକଳ୍ପ। କଲେଜର ପୂର୍ବତନ ପରିଚାଳନା ସଭାପତି ସୁରେଶ୍ୱର ଶତପଥୀ ବରେଣ୍ୟ ଅତିଥି ଭାବେ ଯୋଗଦେଇ କଲେଜ ଅତୀତର ସ୍ମୃତିଚାରଣ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓ ଅଜିତ ମିଶ୍ର ଓ ପରିଚାଳନା ସଭାପତି ଡ. ବେଣୁଧର ସାହୁ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଦଧିବାମନ ଦାଶ ତାଙ୍କ ଅଭିଭାଷଣରେ କଲେଜର ଭିତ୍ତିଭୂମିର ବିକାଶ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଅଧ୍ୟକ୍ଷ ତ୍ରିପାଠୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ଏକ କୋଟି ଅର୍ଥରାଶି ଅନୁଦାନର ଘୋଷଣା କରିଥିଲେ ଓ ଭଲ କାମ ହେଲେ ଆହୁରି ସହଯୋଗ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡ. ପୁଷ୍ପାଞ୍ଜଳି ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ନନ୍ଦ ଓ ଅଧ୍ୟାପକ ଚନ୍ଦ୍ରମଣି ଦେବତା ପୁରସ୍କାର ବିତରଣର ପରିଚାଳନା କରିଥିଲେ। ଛାତ୍ରୀ ସଂସଦ ଉପଦେଷ୍ଟା ପ୍ରାଧ୍ୟାପିକା ରଞ୍ଜିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସଂଘମିତ୍ରା ମିଶ୍ର ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶ୍ରେଷ୍ଠ ପ୍ରଶିକ୍ଷିକା ଝରଣା ଦାଶ, ଶ୍ରେଷ୍ଠ ଛାତ୍ରୀ ଇଂରାଜୀ ସମ୍ମାନର ସ୍ମୃତି ଦାଶ, ଶ୍ରେଷ୍ଠ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଝରଣା ଦୁଆନ ଏବଂ ଶ୍ରେଷ୍ଠ ଗ୍ରାଜୁଏଟ ସନ୍ଧ୍ୟା ପ୍ରସାଦଙ୍କୁ କିରଣମୟୀ ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ମନୋରଞ୍ଜନ ସାହୁ, ପୂର୍ବତନ ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା, ଯୋଗେଶ ପ୍ରସାଦ ଦାଶ, ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ହୋତା ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସୁଯୋଗ ଲୁକ୍କାୟିତ ପ୍ରତିଭା ପ୍ରକାଶର ମାଧ୍ୟମ



ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ନୂଆ ଓଡ଼ିଶା, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପଦ୍ମପୁର,୪।୧ (ପ୍ରଦୀପ୍ତ ଦାଶ)**

ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଲୁକ୍କାୟିତ ରହିଛି । ତାକୁ ବାହାର କରିବା ପାଇଁ ସୁଯୋଗ ହିଁ ପ୍ରକୃତ ମାଧ୍ୟମ ଅଟେ। ତେଣୁ ଛାତ୍ରୀଛାତ୍ରଙ୍କୁ ବହୁମୁଖୀ କରିବା ପାଇଁ ସରକାରଙ୍କ ନୂଆଁ- ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ସହାୟକ ହୋଇଛି। ବରଗଡ ଜିଲା ପଦ୍ମପୁର ବ୍ଲକ ଦହିତାସ୍ଥିତ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆଁ-ଓ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ବକ୍ତା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ବୁଦ୍ଧଦେବ ମେହେର, ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ, ଜିଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ସରପଞ୍ଚ ଦମୟନ୍ତୀ ପାଣ୍ଡେ, ବୁଡେନ ଥାନାଧିକାରୀ କୈଳାସ ଚନ୍ଦ୍ର ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୋଡାଲ ଅଫିସର ଅଧ୍ୟାପକ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ନାରାୟଣ ହୋତା ସ୍ୱାଗତ ଭାଷଣ, ଅଧ୍ୟାପକ ଲମ୍ବୋଦର ତାଣ୍ଡି ପରିଚୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ଶତ୍ରୁଘ୍ନ ପଧାନ, ଅଧ୍ୟାପିକା ଶୋଭାମୟୀ ପଧାନ ଓ ରାଜେଶ ଥନାପତି ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରିୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କ୍ରାନ୍ତି କବି ହରିଲାଲ ସାହୁ, ରାମପ୍ରସାଦ ବାଗ ଓ ଅଧିକାରୀ ସା ଯୋଗଦେଇ କବିତା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ନାରୀ, ମାଏଟ୍ ଓ ସୁରଭି ସମେତ ନୃତ୍ୟଗୀତ ପରିବେଷିତ ହୋଇଥିଲା।

# ଭିଡିଓ ଭାଇରାଲ, କାର୍ଯ୍ୟରୁ ଅନ୍ତର କର୍ମଚାରୀ

**ଟିଟିଲାଗଡ଼,୪।୧(ଶରତ ମିଶ୍ର)**

ଚାଷୀଙ୍କ ଜମିକୁ ଜଳସେଚନ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ସୌର ବିଦ୍ୟୁତ୍ ଉଠାଜଳସେଚନ ପ୍ରକଳ୍ପ କରାଯାଇଛି। ଏହି ଯୋଜନାରେ ଉଠାଜଳସେଚନ ଟିଟିଲାଗଡ଼ ଉପଖଣ୍ଡ ବିଭାଜନରେ ଲାଞ୍ଚ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଉକ୍ତ ଯୋଜନାରେ ସାମିଲ କରିବା ପାଇଁ ଲାଞ୍ଚ ମଗାଯାଉଥିବା ସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଚାଷୀଙ୍କୁ ସରକାରୀ ଯୋଜନା ନାମରେ ହଇରାଣ କରାଯିବା, ଲାଞ୍ଚ ନେବା ଅଭିଯୋଗକୁ ପ୍ରଶାସନ ଗମ୍ଭୀରତାର ସହ ନେଇଛି । ଟିଟିଲାଗଡ଼ ଉଠା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମ୍ରିତ ବାଗଙ୍କ ସୂଚନା ମୁତାବକ ଅଭିଯୋଗକୁ ଭିତ୍ତି କରି ବିଭାଗର ସ୍ଥାୟୀ କର୍ମଚାରୀ ଅଜିତ ବେହେରାଙ୍କୁ ଯୋଜନାରେ ଚାଷୀଙ୍କ ପଞ୍ଜିକରଣ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବାଗ କହିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ଉଠା ଜଳସେଚନ ବିଭାଗ ପକ୍ଷରୁ ଜଳନିଧି ତଥା ସୌର ଜଳନିଧି ପ୍ରକଳ୍ପ ଯୋଜନା ରହିଛି।

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ

**ବୌଦ୍ଧ,୪।୧( ଅଜିତ କୁମାର ବାରିକ)**

ବୌଦ୍ଧ ସହରର ଜିଲା ଷ୍ଟାଡିୟମଠାରେ ନୂଆ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଜଙ୍ଗଲ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରଣ୍ଡି, କ୍ରୀଡା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲେ । ମନ୍ତ୍ରୀ ଅମାତ ତାଙ୍କ ବକ୍ତବ୍ୟରେ ନୂଆ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ଯୁବଗୋଷ୍ଠୀ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯାଉଛି । ଅନ୍ୟତମ ଅତିଥି ମନ୍ତ୍ରୀ ମାରାଣ୍ଡି କହିଥିଲେ, ମୁଖ୍ୟମନ୍ତ୍ରୀ ଏକ ସଶକ୍ତ ଓଡିଶା ଗଠନ ପାଇଁ ପ୍ରୟାସ ଜାରି ରଖିଛନ୍ତି । ନିଜର କଳା କୌଶଳକୁ ରାଜ୍ୟ ବାହାରେ ପ୍ରଦର୍ଶିତ କରିବା ସହ କଠିନ ପରିଶ୍ରମ କରି ଆଗକୁ ବଢିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ଥିଲେ । ଏହି ଅବସରରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବୌଦ୍ଧର ବାଲୁକା ଶିଳ୍ପୀ ଅଭିଷେକ ସିଂ ଅତିଥିମାନଙ୍କୁ ବାଲୁକା କଳାର ଫଟୋଚିତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ଥିଲେ।

# ବିରାଟ ଧନୁଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟା

**ଉଲୁଣ୍ଡା,୪।୧(ଉରୁକ୍ରମ ପାଣ୍ଡିଆ)**

## ଷଢ଼ମଲ୍ଲ ନିଧନ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ଗ୍ରାମୀଣ ବିକାଶ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ବିରାଟ ଧନୁଯାତ୍ରା ମହୋତ୍ସବର ଗୁରୁବାର ଥିଲା ସପ୍ତମ ସନ୍ଧ୍ୟା । ଆଜି ଦରବାରରେ ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନକୁ ହତ୍ୟା କରିବା ପାଇଁ ଷଢ଼ମଲ୍ଲକୁ ପ୍ରେରଣା କରିଥିଲା ମହାରାଜ କଂସ । କିନ୍ତୁ ଗୋଟି ଗୋଟି କରି ଷଢ଼ମଲ୍ଲ କୃଷ୍ଣ ହସ୍ତରେ ନିଧନ ହେଲେ । ଷଡମଲ୍ଲ ନିଧନ ଖବର ଶୁଣି କଂସ ମର୍ମାହତ ହୋଇପଡିଛି। ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ କଂସ ଧନଶ୍ରୀ ଓଷାର ଆୟୋଜନ କରିଛି।ଧନଶ୍ରୀ ଓଷା ପାଇଁ ଲୋଡ଼ା ଲକ୍ଷେ ଭାର ପଦ୍ମଫୁଲ। ଗୋପପତି ନନ୍ଦଙ୍କୁ ଚିଟାଉ ପ୍ରେରଣା କରେ କଂସାସୁର। କାଳିନ୍ଦୀ ହ୍ରଦରେ ଅଛି ପଦ୍ମଫୁଲ। କୃଷ୍ଣ ବଳରାମ ପଦ୍ମ ତୋଳିବାକୁ ଯିବେ କାଳିନ୍ଦୀ ହ୍ରଦକୁ। କଂସର ଉଦ୍ଦେଶ୍ୟ ଥିଲା ସେଠି କାଳୀ ନାଗ ଦଂଶନ କରିବ କୃଷ୍ଣ ଓ ବଳାରାମଙ୍କୁ । କିନ୍ତୁ କାଳୀନାଗ କୃଷ୍ଣପାଦ ତଳେ ଶରଣାଗତ ହେବା ନିଖୁଣ ଭାବେ ପ୍ରଦର୍ଶିତ ହୋଇଥିଲା। ଯାହାକି ଦର୍ଶକଙ୍କ ମନ ମୋହିଥିଲା। ଏଥିସହିତ ଗୋପପୁରରେ ହରିବଂଶ ପଠନ ହୋଇଥିଲା । ରାଜ ଦରବାରରେ କଟକର ଲାସ୍ୟ ଡ୍ୟାନ୍ସ ସମେତ ଆଞ୍ଚଳିକ କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

# ବରପାଲି କଲେଜରେ ପାଠଚକ୍ର





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରପାଲି, ୪।୧(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ 'କେନ୍‌ସଙ୍କ ଉପଭୋଗ ତତ୍ତ୍ୱ' ଉପରେ ଏକ ପାଠଚକ୍ର ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରରେ ପଦ୍ମପୁର ଅଞ୍ଚଳ କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଡ. ବିରଞ୍ଚି ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଗୁଜୁରାଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କ୍ଷମାନିଧି ଅଦାବର ଯୋଗଦେଇ ଆଲୋଚନା କରିଥିଲେ। ଛାତ୍ରୀ ପୂଜା ମେହେର ଓ ଦୀପା ତାଣ୍ଡି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଛାତ୍ର ଚନ୍ଦ୍ରକାନ୍ତ ବରିହା ଉଦ୍‌ଘୋଷକ ଥିଲେ। ଏହି ଅବସରରେ ଛାତ୍ର ନୀପନ ବାରିକ, ନିହାର ରଞ୍ଜନ ହୋତା, ଛାତ୍ରୀ ଲିପିକା ବେହେରା, କାଜଲ ସାହୁ, ଅଙ୍କିତା ସାହୁ ସ୍ୱରଚିତ ନିବନ୍ଧ ପାଠ କରିଥିଲେ। ଏହି ପ୍ରବନ୍ଧ ରଚନା ପାଇଁ ଅଧ୍ୟାପକ ଡ. ପାରେଶ୍ୱର ସାହୁ ଓ ଅଧ୍ୟାପିକା ସୀମାଞ୍ଜଳି ଦାସ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଭକ୍ତବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ନିହାର ରଞ୍ଜନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ୬ରୁ ସୁବର୍ଣ୍ଣ ଲୋକ ମହୋତ୍ସବ

- ଜିଲା ଉନ୍ନୟନ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା
- ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

**ସୋନପୁର,୪।୧(ମୃତ୍ୟୁଞ୍ଜୟ ଶତପଥୀ)**





ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଏସ୍‌ପି ଲୋକ ମହୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଆସନ୍ତା ୬ ତାରିଖ ଶନିବାର ଠାରୁ ଆରମ୍ଭ ହେବାକୁ ଯାଉଛି ସୁବର୍ଣ୍ଣ ଲୋକ ମହୋତ୍ସବ ସହ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା। ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓରମାସର ମିଳିତ ସହଯୋଗରେ ଏହି ୩୦ତମ ଲୋକ ମହୋତ୍ସବ ଆୟୋଜିତ ହେବ। ଲୋକ ମହୋତ୍ସବ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶ ଧାରାର ବାର୍ତ୍ତାବହ ବୋଲି ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ବିମଳେନ୍ଦୁ ରାୟ ଗୁରୁବାର ଅପରାହ୍ନରେ ମହୋତ୍ସବ ପଡିଆରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ଥର ପଲ୍ଲିଶ୍ରୀ ମେଳା, ହସ୍ତ ଶିଳ୍ପ ପ୍ରଦର୍ଶନୀ, ଖାଦ୍ୟ ଷ୍ଟଲ ଓ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୨୫୦ଟି ଷ୍ଟଲ ଖୋଲାଯିବ। ୬ ତାରିଖ ପୂର୍ବାହ୍ନରେ ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଦଳ ସହ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିବ। ପରେ ମହୋତ୍ସବର ମଞ୍ଚକୁ ପୂଜା କରାଯିବାର କାର୍ଯ୍ୟସୂଚୀ ରହିଛି। ପ୍ରତ୍ୟହ ସନ୍ଧ୍ୟାରେ ଷ୍ଟାଡିୟମ୍ ସ୍ଥିତ ଫକୀର ପଟ୍ଟନାୟକ ମୁକ୍ତ ମଞ୍ଚରେ ଚିତ୍ତାକର୍ଷକ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ସୁବର୍ଣ୍ଣପୁର ଜିଲା, ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୪୧ ଗୋଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ସେହିଭଳି ଭିଡ ନିୟନ୍ତ୍ରଣ ପାଇଁ ଚାରିଚକିଆ ଓ ୨ ଚକିଆ ଯାନ ପାଇଁ ସ୍ୱତନ୍ତ୍ର ପାର୍କିଂ ସହ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ଏସ୍‌ପି ଅମରେଶ କୁମାର ପଣ୍ଡା କହିଛନ୍ତି। ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ହକିକୁ ମିଳିଛି ଜୀବନ୍ୟାସ

- ୧୦ ଦିନ ମଧ୍ୟରେ ହେବ ସବୁ ସମସ୍ୟାର ସମାଧାନ
- ରାଜଗାଙ୍ଗପୁରବାସୀଙ୍କୁ ୧୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଭେଟି

ସୁନ୍ଦରଗଡ଼/ରାଜଗାଙ୍ଗପୁର/ନୂଆଗାଁ/ବଣାଇଁ, (ଜୟନାରାୟଣ ମେଣ୍ଢୁଲୀ/ ଅଶୋକ ପାଣି/ ବିଜୟ ତ୍ରିପାଠୀ/ପ୍ରଦୀପ ତ୍ରିପାଠୀ), ୪।୧



ଜନସମାବେଶରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଲୋକଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ତେଣୁ ଲୋକଙ୍କ ପ୍ରତ୍ୟେକଟି ସମସ୍ୟାର ସମାଧାନ ମୁଖ୍ୟମନ୍ତ୍ରୀ କରୁଛନ୍ତି। ସୁନ୍ଦରଗଡ଼ ଜିଲାବାସୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼। ମୁଖ୍ୟମନ୍ତ୍ରୀ ରାଉରକେଲାରେ ବିଶ୍ୱର ସର୍ବବୃହତ୍ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ପ୍ରତିଷ୍ଠା ସହ ହକି ବିଶ୍ୱକପ ଆୟୋଜନ କରି ଅଞ୍ଚଳର ଟେକ ରଖିବା ସହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତି ସମ୍ମାନ ଜଣାଇଛନ୍ତି। ନବୀନବାବୁଙ୍କ ସ୍ପର୍ଶ ପାଇଲା ପରେ ଭାରତୀୟ ହକି ଦଳ ଦୀର୍ଘ ୪୦ ବର୍ଷର ପଦକ ମରୁଡ଼ି ଦୂର କରି ଗତ ଅଲିମ୍ପିକରେ ପଦକ ପ୍ରାପ୍ତ କରିଛି। ଯାହା ହକିର ସ୍ୱର୍ଣ୍ଣିମ ଇତିହାସକୁ ପୁନର୍ବାର ଜୀବନ୍ୟାସ ମିଳିଛି ବୋଲି ସୁନ୍ଦରଗଡ ଗସ୍ତର ୨ୟ ଦିନରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସମିତିର ପୁରୁଣାପାଣି ଖେଳ ପଡ଼ିଆଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ଲୋକଙ୍କୁ ଉଦ୍‌ବୋଧନ ଦେଇଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ପ୍ରଥମେ ଆପଣମାନେ କେମିତା ଅଛନ କହି ଉପସ୍ଥିତ ଜନସାଧାରଣଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ। କୁଆଁରମୁଣ୍ଡା ଓ ନୂଆଗାଁ ପଞ୍ଚାୟତ ସମିତିରେ ୨ଟି ନୂତନ ଡିଗ୍ରୀ ମହାବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ବୋଲି କହିଥିଲେ। ବଡାଇକ ସମାଜ ନିଜକୁ ଅନୁସୂଚିତ ଜାତିରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ଜଣାଇଥିଲେ। ପାଣ୍ଡିଆନ ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ଭାବେ ସାକ୍ଷାତ କରି ତାଙ୍କର ଆବେଦନ ପତ୍ର ଗ୍ରହଣ କରିଥିଲେ ଏବଂ ଜିଲାରେ ଆଗରୁ ଚାଲୁଥିବା କେତେକ ପ୍ରକଳ୍ପ ଓ ଆଗାମୀ ସମୟରେ ହେବାକୁଥିବା ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଅବଗତ କରାଇଥିଲେ। ଲୋକଙ୍କ ପାଖକୁ ଯାଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏହି ଅଭିଯୋଗ ପତ୍ର ମଧ୍ୟରେ ଥିବା ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଓ କମ୍ୟୁନିଟି ସେଣ୍ଟର ପାଇଁ ଆବେଦନର ୧୦ ଦିନରେ ଲୋକେ ଖୁସି ଖବର ପାଇବେ। ଅନ୍ୟ ବିଷୟକୁ ନେଇ ହୋଇଥିବା ଆବେଦନର ମାସେ ଭିତରେ ଜିଲାପାଳଙ୍କ ଠାରୁ ଉତ୍ତର ପାଇବେ। ଆସନ୍ତା ୬ ତାରିଖରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡର ଆବେଦନ ଆରମ୍ଭ ହେଉଛି। ଗ୍ରାମାଞ୍ଚଳରେ ଯେଉଁମାନେ ବିଏସ୍‌କେୱାଇ ଯୋଜନାରୁ ବଞ୍ଚିତ ହେଉଛନ୍ତି ସେମାନେ ଆବେଦନ କରିପାରିବେ ବୋଲି କହିଥିଲେ।

ରାଜଗାଙ୍ଗପୁର ଗସ୍ତକରି ଅଞ୍ଚଳବାସୀଙ୍କୁ ୧୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଭେଟି ଦେଇଛନ୍ତି। ପୂର୍ବରୁ ଗ୍ରହଣ କରିଥିବା ଅଭିଯୋଗ ମଧ୍ୟରୁ କେତୋଟି ସମସ୍ୟାର ସମାଧାନ ହୋଇଛି ତା'ର ହିସାବ ଦେଇଥିଲେ। କହିଥିଲେ, ତାଙ୍କୁ ୪୦ଟି ଦରଖାସ୍ତ ମିଳିଥିଲା ସେଥିରୁ ୩୫ଟି ସମାଧାନ ହୋଇଛି। ଗୁରୁବାର ଶତାଧିକ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।

ଶେଷରେ ବଣାଇଁ ନିର୍ବାଚନମଣ୍ଡଳୀ ଗସ୍ତ କରି ବାବୁ ନୂଆଗାଁ ପଡିଆରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ ପାଣ୍ଡିଆନ। ଜନସାଧାରଣଙ୍କ ଦାବିକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ସେ ସୂଚନା ଦେଇଥିଲେ। ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ୍ ବ୍ୟବସ୍ଥା, ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିର ପାଇଁ ୧ କୋଟି ୨୦ଲକ୍ଷ ଟଙ୍କା ଅନୁଦାନ, ବଣାଇଁଗଡ଼ ମହାବିଦ୍ୟାଳୟକୁ ୧କୋଟି ଟଙ୍କା, ଗୁରୁଣ୍ଡିଆରେ ଏକ ସରକାରୀ ମହାବିଦ୍ୟାଳୟ ସ୍ଥାପନ ପାଇଁ ଘୋଷଣା କରିଥିଲେ । ଗତ ୩ ମାସ ତଳେ ବଣାଇଁ ଗସ୍ତ ସମୟରେ ସେ ଗ୍ରହଣ କରିଥିବା ଅଭିଯୋଗର ୯୦ ପ୍ରତିଶତ ମୁଖ୍ୟମନ୍ତ୍ରୀ ବିଚାରକୁ ନେଇଥିବା କଥା କହି ଖୁବ୍ ଶୀଘ୍ର ଜିଲାପାଳଙ୍କ ଜରିଆରେ ସୂଚନା ମିଳିବ ବୋଲି ପାଣ୍ଡିଆନ କହିଥିଲେ।

# କୁତ୍ରା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

କୁତ୍ରା,୪।୧(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର୍ ବିଭାଗ ମୁଖ୍ୟ ସଂଗ୍ରାମ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସିଏସ୍‌ଆର୍ ମ୍ୟାନେଜର ଅଲେଖ ଦଳେଇ, ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କରପ୍ରଶାଦ ଟପ୍ପୋ, ପୂର୍ବତନ କ୍ରୀଡା ଶିକ୍ଷକ ଶୁରେଶ ଚନ୍ଦ୍ର ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ। ସେହିଭଳି ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ମେଡାଲ ସହିତ ପୁରସ୍କୃତ କରିଥିଲେ। ସମସ୍ତ ଖେଳ ପରିଚାଳନାରେ ଦୀପିକା କେର୍କେଟା, ଧୃତିସୁନ୍ଦର ସାହୁ, ଜସ୍ମିନ ମିଞ୍ଜ, ଅବିନାଶ କର, ରୀତା କଣ୍ଟା, ନମିତା କୁଲୁ, ଲିପିକା କାଲୋ, ସୁଦାମ ମହାନନ୍ଦ,ରୋହିତ ଜୟପୁରିଆ, ଲବଣିଧର ଗର୍ଡିଆ, ମନୋରମା କଲସେର, ଲିପିକା ସାହୁ,ସୁନିଲ ସେଠୀ,ସୁନିତା ପଟେଲ, ସଙ୍ଗୀତା ଦେଇ, ବିଦ୍ୟୁତପ୍ରଭା ସ୍ୱାଇଁ, ଆଶା ସାମାରିଆ, ଆଶାଜେନ କିରୋ, ଅନୱର ଅହମଦ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରମଦାନ ମାଧ୍ୟମରେ ସାମୂହିକ ସମ୍ପତ୍ତି ସୃଷ୍ଟି

ସୁନ୍ଦରଗଡ,୪।୧(ଜୟ ନାରାୟଣ ମେଣ୍ଢୁଲି)

**ଭାରତୀ ଉତ୍ପାଦକ ଗୋଷ୍ଠୀର ଶ୍ରମଦାନ କାର୍ଯ୍ୟକ୍ରମ**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ବି.କରୁଆବାହାଲ ଗ୍ରାମରେ ଭାରତୀ ଉତ୍ପାଦକ ଗୋଷ୍ଠୀର ସଭ୍ୟା ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ ସାମୂହିକ ଶ୍ରମଦାନ ଶିବିର ଆୟୋଜିତ ହୋଇଥିଲା। ଡିସେମ୍ବର ୨୧ରୁ ଜାନୁୟାରୀ ୩ ପର୍ଯ୍ୟନ୍ତ ପାଞ୍ଚୋଟି ପର୍ଯ୍ୟାୟରେ ଚାଲିଥିବା ଏହି ଶ୍ରମଦାନ ଶିବିରରେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ସଦସ୍ୟାସଦସ୍ୟ ଯୋଗଦେଇ ଜଳ ବିଭାଜିକା କାର୍ଯ୍ୟକ୍ରମ ନିମନ୍ତେ ଜମି ମରାମତି, ଜମି ହିଡ ନିର୍ମାଣ ଇତ୍ୟାଦି କାର୍ଯ୍ୟ କରିଥିଲେ। ପୂର୍ବରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ମନୋଜ କୁମାର ଦାନୀ ଓ ଇଂ. ଅଭିଷେକ ତନ୍ତୀଙ୍କ ନେତୃତ୍ୱରେ ଗ୍ରାମରେ ଏକ ସାମୂହିକ ବୈଠକର ଆୟୋଜନ କରାଯାଇଥିଲା। ଗ୍ରାମର ସାମଗ୍ରିକ ବିକାଶ ଓ ଜୀବନ ଜୀବିକାର ଉନ୍ନତି ନିମନ୍ତେ ଗ୍ରାମ୍ୟ ଜଳ ବିଭାଜିକା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସବିଶେଷ ଆଲୋଚନା କରାଯାଇ ଗ୍ରାମର ସାମୂହିକ ସ୍ଥାନ ଗୁଡିକରେ ଶ୍ରମଦାନ ମାଧ୍ୟମରେ ବନୀକରଣ, ଅବସ୍ଥିତ ଜଳାଶୟ ଗୁଡିକର ପୁନରୁଦ୍ଧାର, ଚାଷ ଅନୁପଯୋଗୀ ଜମିକୁ କୃଷି ଉପଯୋଗୀ ଜମିରେ ପରିଣତ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ଜଳ ବିଭାଜିକା ପ୍ରକଳ୍ପ ମାଧ୍ୟମରେ ଭୂମିହୀନ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଗ୍ରାମବାସୀଙ୍କୁ ନେଇ ଏକ ସହଭାଗିତା ମୂଳକ ଅଣୁଯୋଜନା ପ୍ରସ୍ତୁତ କରି ଜଳ, ଜମି, ଜଙ୍ଗଲ, ଜୀବିକାର ଉନ୍ନତି ନିମନ୍ତେ ଏକ ପୂର୍ଣାଙ୍ଗ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକ ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।





ସୁନ୍ଦରଗଡ଼ର ଲୋକ ମହୋତ୍ସବର ଯତରାର ଚତୁର୍ଥ ସନ୍ଧ୍ୟାରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସଙ୍ଗୀତ ପରିବେଷଣ କରୁଛନ୍ତି (ବାମ)। କୁସୁମ ଟେଟେ ମ୍ୟୁନିସିପାଲିଟି ଚେୟାରମ୍ୟାନ ତନୟା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଯତରାର ଚତୁର୍ଥ ସନ୍ଧ୍ୟା ଦୁଲୁକିଲା ମଞ୍ଚ, ଝୁମିଲେ ଦର୍ଶକ

ସୁନ୍ଦରଗଡ଼,୪।୧( ଜୟନାରାୟଣ ମେଣ୍ଢୁଳୀ)

ଯତରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଗୁରୁବାର ବେଶ୍ ଯାକ ଯମକରେ ଶେଷ ହୋଇଛି। ସନ୍ଧ୍ୟାରେ କଣ୍ଠ ଶିଳ୍ପୀ ହ୍ୟୁମାନ ସାଗରଙ୍କ ସୁମଧୁର ସଙ୍ଗୀତରେ ଝୁମିଲେ ଦର୍ଶକ। ତା' ସହିତ ପଶ୍ଚିମବଙ୍ଗର ପୁରୁଲିଆ ଛଉ ନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା। ଅତିଥିଭାବେ ରାଜଗାଙ୍ଗପୁର ବିଧାୟକ ଡା. ସି. ଏସ୍. ରାଜେନ୍ ଏକ୍କା, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ, ସୁନ୍ଦରଗଡ଼ ମ୍ୟୁନିସପାଲିଟି ଅଧ୍ୟକ୍ଷା ତନୟା ମିଶ୍ର ଏବଂ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ଏମସିଏଲ ବସୁନ୍ଧରାର ସାଧାରଣ ପ୍ରବନ୍ଧକ ପାଲେ ବୁଚି ରେଞ୍ଜୀ ଯୋଗଦେଇଥିଲେ। ଦର୍ଶକ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ପଲ୍ଲୀଶ୍ରୀ ମେଳା ବୁଲିଥିଲେ ଏବଂ ଫୁଡ୍ କୋର୍ଟରୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନର ମଜା ଉଠାଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ ଏବଂ ପୂର୍ବତନ ହକି ତାରକା ଲାଜ୍ରୁସ ବାର୍ଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଠାଣି ସାମନ୍ତ, ନିଉଟନ୍‌ଙ୍କ ଜନ୍ମବାର୍ଷିକୀ ପାଳିତ

ପାଇକମାଳ,୪।୧(ବଡ ଶତପଥୀ): ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ଗୁରୁବାର ପଠାଣି ସାମନ୍ତ ଓ ସାର୍ ଆଇଜାକ୍ ନିଉଟନଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପଦ୍ମନାଭ ଯୋଶୀ ମୁଖ୍ୟ ଅତିଥି, ମହିଳା ମହାବିଦ୍ୟାଳୟର ଦିବ୍ୟ କିଶୋର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ପଠାଣି ସାମନ୍ତ ଓ ନିଉଟନଙ୍କ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସମ୍ୟକ୍ ଧାରଣା ଦେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ ଅଧ୍ୟକ୍ଷତା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବରପାଲି,୪।୧ (ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ରେମତା ଗ୍ରାମରେ ବାବା ଚନ୍ଦ୍ରଶେଖର, ରଣେଶ୍ୱର ରାମଚଣ୍ଡୀ, ଗ୍ରାମପତି, ମା' ସମଲେଇ, ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆସନ୍ତା ୧୮ତାରିଖରୁ ଆରମ୍ଭ ହୋଇ ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଗ୍ରାମର ସମସ୍ତ ଦେବଦେବୀଙ୍କୁ ବରଣ କରି ଗୁରୁବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ୧୦ ଦମ୍ପତି କର୍ତ୍ତା ଦାୟିତ୍ୱ ବହନ କରିବେ। ମୁଖ୍ୟ ପଣ୍ଡିତ ସୁରେଶ ଦେବତା, କୃଷ୍ଣଚନ୍ଦ୍ର ଦେବତା ଓ ସାଥୀ ପୂଜାପାଠ କରିବେ। ସେହିପରି ଜଳନ୍ଧର ଦରବାର ଅନୁଷ୍ଠିତ ହେବ।

# ଶୈକ୍ଷିକ ପରିଭ୍ରମଣରେ ଗଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

ସୁନ୍ଦରଗଡ,୪।୧(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ ସହର ଉପକଣ୍ଠ ବନ୍ଧପାଲି ସ୍ଥିତ ସାର୍ଥକ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟର ଛାତ୍ରୀଛାତ୍ର ବୁଧବାର ଶୈକ୍ଷିକ ପରିଭ୍ରମଣରେ ଯାଇଛନ୍ତି। ଜିଲାର ବିଶିଷ୍ଟ ଯୁବ ବ୍ୟବସାୟୀ, ମାତାରାନୀ ଟ୍ରାନ୍ସପୋର୍ଟ ଓ ମାତାରାନୀ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ ନିର୍ଦ୍ଦେଶକ ତଥା ଜୟ ଜଗନ୍ନାଥ ଟ୍ରକ ଆସୋସିଏଶନ୍ ଅଧ୍ୟକ୍ଷ ସଞ୍ଜୟ ନନ୍ଦଙ୍କ ଯୋଗୁ ଏହା ସମ୍ଭବ ହୋଇପାରିଛି। ଗତ ଅକ୍ଟୋବରରେ ସୁନାରୀପଡ଼ା ଗଣେଶ ପୂଜା କମିଟିର ୫ ଲକ୍ଷ ଟଙ୍କାର ସାହାଯ୍ୟ କୁପନ୍ କିଣି ସହରର ଶିକ୍ଷାର୍ଥୀଙ୍କୁ ବାଣ୍ଟିବା ଅବସରରେ ଏହି ବିଦ୍ୟାଳୟରେ ପହଞ୍ଚିଥିଲେ ସଞ୍ଜୟ। ଆଲୋଚନା ସମୟରେ ଶିକ୍ଷାର୍ଥୀଙ୍କ ମନକଥା ବୁଝିପାରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ତଥା ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମତାମତ ନେବା ପରେ ଜୟ ଜଗନ୍ନାଥ ଟ୍ରକ ଆସୋସିଏଶନ୍ ସଦସ୍ୟଙ୍କ ସହିତ ପରାମର୍ଶ କରି ଶିକ୍ଷାର୍ଥୀଙ୍କ ୪ଦିନିଆ ପରିଭ୍ରମଣ ପାଇଁ ସଞ୍ଜୟ ସାହାଯ୍ୟର ହାତ ବଢ଼ାଇଥିଲେ। ଏହି ପରିଭ୍ରମଣର ପରିବହନ ଖର୍ଚ୍ଚ ସମ୍ପୂର୍ଣ୍ଣଭାବେ ଜୟ ଜଗନ୍ନାଥ ଟ୍ରକ ଆସୋସିଏଶନ୍ ତରଫରୁ ବହନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ବୁଧବାର ପତାକା ଦେଖାଇ ପରିଭ୍ରମଣ


ଶୈକ୍ଷିକ ପରିଭ୍ରମଣରେ ଅନ୍ଧ, ମୁକ ଛାତ୍ରୀଛାତ୍ର ଯାଉଛନ୍ତି।

**ସଞ୍ଜୟଙ୍କ ବଦାନ୍ୟତା**

ଯାତ୍ରାର ଶୁଭାରମ୍ଭ କରିଥିଲେ ସଞ୍ଜୟ। ଏହି ଅବସରରେ ଅଧ୍ୟକ୍ଷ ସଞ୍ଜୟ ନନ୍ଦଙ୍କ ସହିତ ସଂଘ କୋଷାଧ୍ୟକ୍ଷ ଅବଦୁଲ ସାଜିଦ ତଥା ସଦସ୍ୟ ମାନସ ଚାନ୍ଦ, ବିଶ୍ୱରଞ୍ଜନ ଦାସ, ନରେଶ ଆଚାର୍ଯ୍ୟ, ଜୋହେବ୍ ଖାନ୍, ଗୁରୁ ନାଏକ, ଜୟନ୍ତ ଧଳ,ସୁରେଶ ରତ୍ନି, ହେମନ୍ତ ଧର, ବିଶ୍ୱରଞ୍ଜନ ହୋତା ଉପସ୍ଥିତ ଥିଲେ। ସେମାନେ ଦେବଗଡ଼ ଦେଇ ଘଟଗାଁ ତାରିଣୀ ଦର୍ଶନ, ଭୁବନେଶ୍ୱର, ପୁରୀ, କୋଣାର୍କ, ଚିଲିକା ପରେ ଜାନୁଆରୀ ୭ରେ ପ୍ରତ୍ୟାବର୍ତ୍ତନ କରିବେ। ଜିଲାର ଜନସାଧାରଣ ଓ ବୁଦ୍ଧିଜୀବି ଏହି ବଦାନ୍ୟତା ପାଇଁ ସଞ୍ଜୟ ତଥା ଜଗନ୍ନାଥ ଟ୍ରକର୍ସ ଆସୋସିଏଶନକୁ ଧନ୍ୟବାଦ ଜଣାଇଛନ୍ତି।

# ସଚେତନତା, ସତର୍କତା ସଡ଼କ ଦୁର୍ଘଟଣା ରୋକିବ

ସୁନ୍ଦରଗଡ, ୪।୧(ଜୟ ନାରାୟଣ ମେଣ୍ଢୁଲି)

ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.ଇନ୍ଦିରା ଗଡନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ସଚେତନତା ଓ ସତର୍କତା ହିଁ ସଡକ ଦୁର୍ଘଟଣାକୁ ରୋକିବାରେ ସହାୟକ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାଶ ଯୋଗଦେଇ ସଡକ ଦୁର୍ଘଟଣାର କାରଣ ଓ ନିରାକରଣ ସମ୍ପର୍କରେ ସୂଚନା ଦେବାସହ ମୋଟର ଯାନ ଆଇନ, ଟ୍ରାଫିକ ନିୟମର ଆନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜାନୁଆରୀ ୧ରୁ ୭ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି। ପ୍ରତ୍ୟେକ ବିଭାଗ ତଥା ଶିକ୍ଷା ବିଭାଗରେ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର, ଅଧ୍ୟାପିକା,ଅଧ୍ୟାପକମାନେ ବିଶେଷ ଜ୍ଞାନ ପ୍ରାପ୍ତ ହୋଇ ସାମାଜିକ ସ୍ତରରେ ସମସ୍ତଙ୍କୁ ସଚେତନ କରିପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରୋଜେକ୍ଟର ମାଧ୍ୟମରେ ସଡକ ଦୁର୍ଘଟଣାକୁ ରୋକିବା ପାଇଁ ଏକ ସଚେତନତା ଧର୍ମୀ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ମୋଟର ଯାନ ନିରୀକ୍ଷକ ଦଲାନୀ ସା ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ.ସଙ୍ଗୀତା ଅଭିଜିତା ସ୍ୱାଗତ ଅଭିଭାଷଣ ଓ ସହକାରୀ ପ୍ରଫେସର ଡ.ସଞ୍ଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଆଜିଠୁ ରାଜରାସ୍ତାକୁ ଓହ୍ଲାଇବ ଡ୍ରାଇଭର ମହାସଂଘ

ବଡ଼ଗାଁ,୪।୧( ଅଶୋକ ଷଡ଼ଙ୍ଗୀ)

କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ହିଟ୍ ଆଣ୍ଡ ରନ୍ ଆଇନ ପ୍ରତ୍ୟାହାର କରିବା ଓ ରାଜ୍ୟ ସରକାରଙ୍କ ଠାରେ ଦିଆଯାଇଥିବା ୧୦ ଦଫା ଦାବି ପୂରଣ ହୋଇ ନ ଥିବାରୁ ଗୁରୁବାର ଷ୍ଟିୟରିଂ ଛାଡ଼ କରିଛୁ, ୫ ତାରିଖରୁ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ୍ ଡ୍ରାଇଭର ମହାସଂଘ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ହିଟ୍ ଆଣ୍ଡ ରନ୍ ଆଇନ ଲାଗୁ କରିବାକୁ ଯାଉଛନ୍ତି। ଏହି ଆଇନ କାର୍ଯ୍ୟକାରୀ ହେଲେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ ଏବଂ ୭ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏହି ଆଇନକୁ ଡ୍ରାଇଭର ମହାସଂଘ କଳା କାନୁନ୍ ବୋଲି ଅଭିହିତ କରି ଏହାର ପ୍ରତ୍ୟାହାର ଦାବି କରିଥିବାବେଳେ ରାଜ୍ୟ ସରକାରଙ୍କଠାରେ ୨ ବର୍ଷ ହେଲା କରିଆସୁଥିବା ୧୦ ଦଫା ଦାବି ପୂରଣ ହୋଇ ନ ଥିବାରୁ ଆଜିଠାରୁ ସମସ୍ତ ଡ୍ରାଇଭର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଡ୍ରାଇଭର ମହାସଂଘ ଚେତାବନୀ ଦେଇଛି। ବଡ଼ଗାଁ ବ୍ଲକ ଡ୍ରାଇଭର ମହାସଂଘ କାର୍ଯ୍ୟାଳୟରେ ଡ୍ରାଇଭର ମହାସଂଘର ଜିଲା ସାଙ୍ଗଠନିକ ଦାୟିତ୍ୱରେ ଥିବା ସଞ୍ଜୀବ ବିଶି, ବ୍ଲକ ସଂଘ ସଭାପତି ଦିଲ୍ଲୀପ ଚକ୍ରବର୍ତ୍ତୀ, ଉପ ସଭାପତି ରାମକୃଷ୍ଣ ସାହୁ, ସମ୍ପାଦକ ଚିନ୍ତାମଣି ରାଉତ, ସହ ସମ୍ପାଦକ ଦିବ୍ୟ ମେହେର, ଉପଦେଷ୍ଟା ସରୋଜ ମିଶ୍ର, କର୍ମକର୍ତ୍ତା ସୁରେଶ ବାଡ଼ା, ପ୍ରମୋଦ ସାହୁ, ପ୍ରଦୀପ ସିଂ, ଏମ୍‌ଡି ମିନାଜ, ପଣ୍ଡରୁ କିଷାନ, ନାଥନିଏଲ ହାଁସେଦା, ମୁନୁ ମାଝି ପ୍ରମୁଖ ଡ୍ରାଇଭରଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀ କରି ଦାବି ପୂରଣ ନ ହେଲେ ଗୁରୁବାର ଷ୍ଟିୟରିଂ ଛାଡ଼ କରିଛୁ ଆଜିଠାରୁ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହିବା ସହିତ ଏହି ଆନ୍ଦୋଳନରେ ଡ୍ରାଇଭରଙ୍କ ପରିବାର ସଦସ୍ୟ ସାମିଲ ହେବେ ସୂଚନା ଦେଇଛନ୍ତି।


ଉପସ୍ଥିତ ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

# ମହୋତ୍ସବ ଆମ ସଂସ୍କୃତିର ପରିଚାୟକ

## ସମ୍ବଲପୁର ଲୋକ ମହୋତ୍ସବ-୨୦୨୪ ଉଦ୍‌ଘାଟିତ



ସ୍ମରଣିକା ଉନ୍ମୋଚନ କରୁଛନ୍ତି ଅତିଥିମାନେ।

ସମ୍ବଲପୁର,୪।୧(ବି.ଶଙ୍କର)

ଲୋକ ମହୋତ୍ସବ ଆମ ସଂସ୍କୃତିର ପରିଚାୟକ। ସମ୍ବଲପୁରବାସୀ ଅତ୍ୟନ୍ତ ସ୍ୱାଭିମାନୀ। ନିଜ ସଂସ୍କୃତିକୁ ନେଇ ସେମାନେ ସମସ୍ତଙ୍କୁ ନିଜର କରିବାର କ୍ଷମତା ରଖିଛନ୍ତି। ସ୍ଥାନୀୟ ବିର୍ସା ମଇଦାନ (ପିଏଚ୍‌ଡି ପଡିଆ)ଠାରେ ସମ୍ବଲପୁର ଲୋକ ମହୋତ୍ସବ-୨୦୨୪ ଉଦ୍‌ଘାଟନ କରି ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହା କହିଛନ୍ତି।

ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷା ତଥା ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ହୋଇଥିଲା। ମୁଖ୍ୟ ସଂଯୋଜକ ଭୋଲା ଶଙ୍କର ମହନ୍ତମ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ଓ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ସେମାନେ କହିଥିଲେ, ସମ୍ପ୍ରତି ସମ୍ବଲପୁର ଜିଲାରେ ଏକ ସାଂସ୍କୃତିକ ଜାଗରଣ ଆରମ୍ଭ ହୋଇଯାଇଛି। ଆମକୁ ଆମ ପରମ୍ପରା ଓ ସଂସ୍କୃତି ବଞ୍ଚାଇ ରଖିବାକୁ ହେବ। ଲୋକକଳାକୁ ବିକଶିତ କରିବା ନିମନ୍ତେ ଏଭଳି ମହୋତ୍ସବର ଆବଶ୍ୟକତା ରହିଛି। ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। ନାଟ୍ୟକର୍ମୀ ଉମେଶ ପ୍ରସାଦ ରଥ ଓ ନୃତ୍ୟଶିଳ୍ପୀ ଦୀପାଳି ଚୌଧୁରୀଙ୍କୁ ସଂସ୍କୃତି କ୍ଷେତ୍ରରେ ଅବଦାନ ସକାଶେ ସମ୍ବର୍ଦ୍ଧିତ କରାଯାଇଥିଲା। ସହସଂଯୋଜକ ଅନୁପ ତରିଆ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ଲୋକଗୀତ ଓ ଲୋକନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଉଦଘୋଷଣା ଉପସମିତି ଆବାହକ ମାନସ ରଞ୍ଜନ ମିଶ୍ରଙ୍କ ସମେତ ସତ୍ୟ ରଞ୍ଜନ ସାହୁ, ମୀମାଂସା ରଥ, ଦୁର୍ଗାଦଶୀ ନାଥଶର୍ମା, ଅମୃତ ସାଗର ପଣ୍ଡା, ନିଶାନ୍ତ ତ୍ରିପାଠୀ, ଛନ୍ଦାମୟୀ ମିଶ୍ର, ସ୍ୱାଗତିକା ପଣ୍ଡା, ସୁଶ୍ରୀ ପାଣିଗ୍ରାହୀ ନୃତ୍ୟ ଓ ଗୀତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଞ୍ଚରେ ବିଭିନ୍ନ ଉପସମିତିର ଆବାହକମାନେ ଉପସ୍ଥିତ ଥିଲେ।

## ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ରାଜରାସ୍ତା



ଶୋଭାଯାତ୍ରାରେ ମଧ୍ୟପ୍ରଦେଶ କଳାକାରଙ୍କ ନୃତ୍ୟ।



ଥାଇଲାଣ୍ଡ କଳାକାରଙ୍କ ଟାଇଙ୍ଗ ମାଇ ନୃତ୍ୟ।

ସମ୍ବଲପୁର,୪।୧(ବି.ଶଙ୍କର)

ସମ୍ବଲପୁର ଲୋକ ମହୋତ୍ସବ-୨୦୨୪ ସକାଶେ ଗୁରୁବାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କଠାରେ ପୂଜାର୍ଚ୍ଚନା କରାଯାଇଛି। ଏଥିସହ ଦେବୀଙ୍କ ଆଜ୍ଞାମାଳ ନିଆଯାଇ ସାଂସ୍କୃତିକ ଶୋଭାଯାତ୍ରା ପୂର୍ବାହ୍ନ ୧୦ଟାରେ ସହର ପରିକ୍ରମା କରିଛି। ସମ୍ବଲପୁର ଲୋକବାଦ୍ୟ, ନୃତ୍ୟ ଓ ଗୀତରେ ଦୁଲୁକି ଉଠିଥିଲା ରାଜରାସ୍ତା। ରାଜ୍ୟ, ଦେଶ ଓ ବିଦେଶରୁ ଆଗତ କଳାକାରମାନଙ୍କ ନୃତ୍ୟରେ ପ୍ରକମ୍ପିତ ହୋଇଥିଲା ସଂସ୍କୃତିସମ୍ପନ୍ନ ସହର ସମ୍ବଲପୁର। ବିଭିନ୍ନ ଛକରେ ଶୋଭାଯାତ୍ରାକୁ ପୂର୍ଣ୍ଣ କଳସ ସ୍ଥାପନ ପୂର୍ବକ ସ୍ୱାଗତ କରାଯାଇଥିଲା।

ସାଂସ୍କୃତିକ ଶୋଭାଯାତ୍ର କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ମାରୱାଡିପଡ଼ା, ହାଟପଡ଼ା, ଦଲେଇପଡ଼ା ପରିକ୍ରମା କରି ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପରେ ପହଞ୍ଚିଥିଲା। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଅନ୍ୟାନ୍ୟ ଅଧିକାରୀ ଓ ଆବାହକଙ୍କ ଉପସ୍ଥିତିରେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଶୋଭାଯାତ୍ରାରେ ସାମିଲ ଥିବା ସମସ୍ତ ନୃତ୍ୟଦଳ ମିଳିତ ଭାବରେ ନୃତ୍ୟ ପ୍ରରିବେଷଣ କରିଥିଲେ । ଦୁଲଦୁଲି ପଞ୍ଚବାଦ୍ୟ ତାଳରେ ବିଦେଶୀ ଥାଇଲାଣ୍ଡର କଳାକାରମାନଙ୍କ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ସୂଚନାଯୋଗ୍ୟ ୧୯୯୭ରେ ଏହି ଗଙ୍ଗାଧର ମଣ୍ଡପରୁ ପ୍ରଥମ କରି ଲୋକମହୋତ୍ସବ ଆରମ୍ଭ ହୋଇଥିଲା। ସାଂସ୍କୃତିକ ଶୋଭାଯାତ୍ରାରେ ୧୦ଟି ଲୋକନୃତ୍ୟ ଦଳ ଭାଗନେଇଥିଲେ। ଲୋକ ମହୋତ୍ସବ ୨୦୨୪ ନୋଡାଲ ଅଧିକାରୀ ତଥା ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ମୁଖ୍ୟ ସଂଯୋଜକ ଭୋଲା ଶଙ୍କର ମହନ୍ତମ, ସହ ସଂଯୋଜକ ଅନୁପ ତରିଆଙ୍କ ସମେତ ବିଭିନ୍ନ ଉପସମିତିର ଆବାହକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବୈଠକ

ରେଢ଼ାଖୋଲ,୪।୧(ଅଚ୍ୟୁତାନନ୍ଦ ପୁରୋହିତ) ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଏକ ବୈଠକ ରେଢ଼ାଖୋଲ ବ୍ଲକ ବଡବାହାଲ ଗ୍ରାମ ପଞ୍ଚାୟତର ଲଇଣ୍ଡାମାଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ହରବ୍ରତ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଅନୁସୂଚିତ ଜାତି ବସ୍ତିରେ କେନ୍ଦ୍ର ସରକାରଙ୍କର ଅନୁସୂଚିତ ବର୍ଗଙ୍କ ପାଇଁ ହୋଇଥିବା ଲୋକାଭିମୁଖୀ ଯୋଜନା ପହଞ୍ଚାଇବା ନେଇ ଆଲୋଚନା ହୋଇଥିଲା। ସଚେତନ ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ ୫ ଜଣ ଲେଖାଏ ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବୈଠକରେ ପୂର୍ବତନ ରାଜ୍ୟ ସମ୍ପାଦକ ଗୋବିନ୍ଦ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ମମତା ସେଠୀ ଓ ବର୍ତ୍ତମାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରିହର ମହାନନ୍ଦ ଯୋଗଦେଇ ଅନୁସୂଚିତ ମୋର୍ଚ୍ଚା ସଂଗଠନ ମଜଭୁତ ହେବା ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଜିଲାପରିଷଦ ସଭ୍ୟ ଶରତ ପଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ମହେନ୍ଦ୍ର ସିସଟ, ଭୁବନ ଭଗାସାଗର, ନୀଳମଣି ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ।
ଫଟୋ: ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

### ତହସିଲଦାରଙ୍କ ଦ୍ୱାରା ଜବରଦଖଲ ଜମି ଚିହ୍ନଟ

କୁଚିଣ୍ଡା,୪।୧(ବିରଞ୍ଚି ଦର୍ଚ୍ଚା)

ବାମରା ବ୍ଲକ ସଦର ମହକୁମା ଷ୍ଟେଶନବସ୍ତି ଦୁର୍ଗାମଣ୍ଡପ ସଂଲଗ୍ନ ଜମିକୁ ବନବିଭାଗ ଜବରଦଖଲ କରିଥିବା ଅଭିଯୋଗ କରି ଗୋବିନ୍ଦପୁର ଗ୍ରାମବାସୀ ଚିହ୍ନଟ ପାଇଁ ତହସିଲଦାରଙ୍କଠାରେ ଆବେଦନ କରିଥିଲେ। ତଦନୁଯାୟୀ ଗୁରୁବାର ବାମରା ତହସିଲଦାର ଦିଲିପ କୁମାର ପ୍ରଧାନ ପୋଲିସ ଉପସ୍ଥିତିରେ ୩୭ ଡେସିମିଲ ଜମିକୁ ଚିହ୍ନଟ କରିଛନ୍ତି। ଏହା ରକ୍ଷିତ ଜମି ଓ ବନବିଭାଗ ଜବରଦଖଲ କରି ସରକାରୀ କ୍ୱାର୍ଟର୍ସ ଭଳି କେତେକ କର୍ମଚାରୀ ବ୍ୟବହାର କରୁଥିବା ଚିହ୍ନଟ ସମୟରେ ଜଣାପଡିଥିଲା। ଗୋବିନ୍ଦପୁର ଗ୍ରାମକୁ ଆମ ଓଡିଶା ନବୀନ ଓଡିଶାର କୀର୍ତ୍ତନ ମଣ୍ଡପ ନିମନ୍ତେ ୫ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମଞ୍ଜୁର ହୋଇଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଏହି ଜବରଦଖଲ ଜମି ଚିହ୍ନଟ ପାଇଁ ଆବେଦନ କରିଥିଲେ। ଜମି ଚିହ୍ନଟ ସମୟରେ ଦିଲିପ ଚୌଧୁରୀ, ଉମେଶ ଶୁକ୍ଲା, ରାଜେଶ ସିଂ, ସନ୍ତୋଷ ଯୋଗୀ, ପରମେଶ୍ୱର କର୍ସେଲ, ରାମୁ ଚୌଧୁରୀ, ସିନୋଦ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଜମି ଚିହ୍ନଟ ହୋଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇ ନ ଥିବାରୁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଧାନଙ୍କ ମତାମତ ନିଆଯିବାରେ ୩୭ଡେସିମିଲ ଜମି ଚିହ୍ନଟ ହୋଇଛି ଓ ଏହା ରକ୍ଷିତ କିସମ ହୋଇଥିଲେ ହେଁ ବନବିଭାଗ ଦ୍ୱାରା ଜବରଦଖଲରେ ରହିଛି ବୋଲି କହିଛନ୍ତି।

# ଆଦିବାସୀଙ୍କୁ କେହି ଅଣଦେଖା କରିପାରିବେ ନାହିଁ

## ଜିଲାସ୍ତରୀୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

କୁଚିଣ୍ଡା,୪।୧(ବିରଞ୍ଚି ଦର୍ଚ୍ଚା)

ଓଡିଶାର ଜନଜାତି ଓ ଆଦିମ ଜନଜାତିଙ୍କ ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଜନଜାତିମାନେ ଅବହେଳିତ ହୋଇଆସୁଥିବାରୁ ଏମାନଙ୍କୁ କେହି ଅଣଦେଖା କରିପାରିବେ ନାହିଁ ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାଜ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମାଝି କହିଛନ୍ତି। ଗୁରୁବାର କୁଚିଣ୍ଡା ଟାଉନହଲଠାରେ ସମ୍ବଲପୁର ଜିଲାସ୍ତରୀୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଶୋଭାରାମ ପଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ନବରଙ୍ଗପୁର ଏମ୍‌ପି ପ୍ରଦୀପ କୁମାର ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାଝି ରାଜ୍ୟରେ ବସବାସ କରୁଥିବା ୬୨ପ୍ରକାର ଜନଜାତି ଓ ୧୩ପ୍ରକାର ଆଦିମ ଜନଜାତିଙ୍କ ବିକାଶ ନିମନ୍ତେ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିବା କହି ଲୋପ ହେବାକୁ ଯାଉଥିବା ସଂସ୍କୃତି, ପରମ୍ପରା କିଭଳି ବଞ୍ଚିରହିବ ସେ ଦିଗରେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସମ୍ବଲପୁର ପିଡି ଡିଆର୍‌ଡିଏ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଗୋବିନ୍ଦ ନେଟି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ପ୍ରମୁଖ ଯୋଗଦେଇ ଜନଜାତିଙ୍କ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୦ଟି ଜନଜାତି ସମାଜର ମହିଳାପୁରୁଷ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ପ୍ରଧାନ, ଗଣେଶ ବାଘ, ଦିଲିପ ଛତ୍ରିଆ, ଲୋଚନ ଲୁହା ଉପସ୍ଥିତ ଥିଲେ। ଶେଷରେ ମହେନ୍ଦ୍ର ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

## ସେୱକ ପକ୍ଷରୁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

କୁଚିଣ୍ଡା,୪।୧(ବିରଞ୍ଚି ଦର୍ଚ୍ଚା)

କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ସେୱକ ପକ୍ଷରୁ ସ୍ଥାନୀୟ ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ମିଳନୀ କକ୍ଷରେ ରିୱାର୍ଡ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେଉଥିବା ୧୧ ଗୋଟି ଗ୍ରାମରେ ଗଠିତ ଗ୍ରାମ କମିଟି ସଭାପତି ଓ ସମ୍ପାଦକମାନଙ୍କୁ ନେଇ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁଦୀପ୍ତ କୁମାର ସେଠ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ କୃଷି ଅଧିକାରୀ ଶାନ୍ତନୁ କୁମାର କରାଲି, ମତ୍ସ୍ୟ ଅଧିକାରୀ କୌଶଲ୍ୟା ରୋହିଦାସ, ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ଅବିନାଶ ପ୍ରଧାନ, ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ ଅଧିକାରୀ ମହେନ୍ଦ୍ର ପାଣ୍ଡେ ପ୍ରମୁଖ ଯୋଗଦେଇ ଜଳବିଭାଜିକା ଜନସାଧାରଣଙ୍କ ଜୀବନ ଜୀବିକାରେ କିଭଳି ଉନ୍ନତି ଆଣିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରିୱାର୍ଡ କାର୍ଯ୍ୟକ୍ରମର ଟ୍ରେନିଂ ଅଫିସର ପୁଷ୍ପିତା ସାହୁ ଉପସ୍ଥିତ ଗ୍ରାମ କମିଟି ସଦସ୍ୟମାନଙ୍କ ଦକ୍ଷତା ବିକାଶ ଓ କମିଟିର କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ରିୱାର୍ଡର ଟିମ୍ ଲିଡର ଜିତେନ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା ସ୍କୁଲ ଛାତ୍ରଙ୍କ ଶ୍ରେଣୀବର୍ଜନ ଦିବସ ବାର୍ଷିକୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୪।୧(ପ୍ରମୋଦ ବହିଦାର):

ସମ୍ବଲପୁର ଜିଲା ସ୍କୁଲ ଛାତ୍ରଙ୍କ ୧୯୨୧ ମସିହାରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଡାକରା ସମର୍ଥନରେ ଶ୍ରେଣୀ ବର୍ଜନ ଦିବସର ୧୦୨ ତମ ବାର୍ଷିକୀ ପାଳିତ ହୋଇଯାଇଛି। ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ସାରସ୍ୱତ ଅନୁଷ୍ଠାନ ସେତୁ ପକ୍ଷରୁ ସଭାପତି ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଛାତ୍ରୀଛାତ୍ର ସ୍ୱାଧୀନତାର ସାରଥି ଅଟନ୍ତି। ସଂସ୍କୃତି ଓ ଇତିହାସର ସଂରକ୍ଷଣ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଏମ୍‌ୟୁ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ ପ୍ରଧାନ ଚନ୍ଦ୍ର ଶେଖର ବେହେରାଙ୍କ ଦର୍ଶନରେ ପ୍ରଭାବିତ ହୋଇ ସ୍କୁଲର ଛାତ୍ରମାନେ ପ୍ରଥମଥର ପାଇଁ ସମଗ୍ର ଓଡ଼ିଶାରେ ଜାତୀୟତାର ବାର୍ତ୍ତା ଦେଇଥିଲେ, ଯାହା ରାୟପୁର ଓ ଜବଲପୁର ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୁରାତନ ଛାତ୍ର ସଂଘ ସଭାପତି ସୁରଜିତ ମିଶ୍ର ସ୍ୱାଧୀନତା ସଂଗ୍ରାମରେ ଏହି ଅନୁଷ୍ଠାନର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଲୋତିକା ଦାଶ ସ୍ୱାଗତ ଭାଷଣ ଓ ସେତୁର ସମ୍ପାଦକ ସୁକାନ୍ତ କର ଅତିଥି ପରିଚୟ ଦେଇଥିଲେ। ଶେଷରେ ସେତୁର ବରିଷ୍ଠ ସଭ୍ୟ ଡ. ସ୍ୱୟଂ ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠାରୁ ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ସମ୍ବଲପୁର,୪।୧ (ଭବାନୀ ଶଙ୍କର ଭୋଇ):

ହିଟ ଆଣ୍ଡ ରନ ମାମଲାରେ କେନ୍ଦ୍ର ସରକାର କଠୋର ନିୟମ ଆଣି ୧୦ବର୍ଷ ଜେଲ ଓ ୭ଲକ୍ଷ ଅର୍ଥଦଣ୍ଡ ପାଇଁ ଆଇନରେ ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ଦୁର୍ଘଟଣା ଘଟାଉଥିବା ଡ୍ରାଇଭରଙ୍କୁ ଶୀଘ୍ର ଜାମିନ ମିଳିଯାଉଥିବା ବେଳେ ଏହି ନିୟମ କାର୍ଯ୍ୟକାରୀ ହେଲେ ଡ୍ରାଇଭରମାନଙ୍କୁ ଜେଲ ଓ ଅର୍ଥଦଣ୍ଡ ଭୋଗିବାକୁ ପଡିବ। ଏହି ମାମଲାରେ ସିଧାସଳଖ ଡ୍ରାଇଭରମାନେ ଭୁକ୍ତଭୋଗୀ ହେଉଥିବା ବେଳେ ଏପର୍ଯ୍ୟନ୍ତ ସରକାର ଡ୍ରାଇଭର ମହାସଂଘ ସହ ଆଲୋଚନା କରିନାହାନ୍ତି ବୋଲି ଓଡିଶା ଡ୍ରାଇଭର ମହାସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡଲି ଅଭିଯୋଗ କରିଛନ୍ତି। ଏଥିପାଇଁ ମହାସଂଘ ତରଫରୁ ଶୁକ୍ରବାରଠାରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ କରିବାକୁ ମହାସଂଘର ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଛି। ସମସ୍ତ ଡ୍ରାଇଭର ଷ୍ଟିଅରିଂ ଛାଡି ଘରେ ରହିବାକୁ କୁହାଯାଇଛି। ତେବେ କୌଣସି ସ୍ଥାନରେ ରାସ୍ତା ଉପରେ ଆନ୍ଦୋଳନ ନ କରି ନିଜର ସୁରକ୍ଷିତ ଭବିଷ୍ୟତ ପାଇଁ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରେ ସାମିଲ ହେବାକୁ କୁହାଯାଇଛି। ମେଣ୍ଡଲୀ ନୂଆଦିଲ୍ଲୀରୁ ଫେରିବା ପରେ ଝାରସୁଗୁଡାଠାରେ ଏ ନେଇ ସୂଚନା ଦେଇଛନ୍ତି। ଡ୍ରାଇଭର ଭୁଲ କଲେ ଜେଲ ଓ ଅର୍ଥଦଣ୍ଡ କରାଯାଉଥିବା ବେଳେ କୌଣସି ଦୁର୍ଘଟଣାରେ ଡ୍ରାଇଭରଙ୍କ ଜୀବନ ଗଲେ ତାଙ୍କ ପରିବାର ପାଇଁ ଦଶଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା କରିବାକୁ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏଥିପାଇଁ ଓଡିଶା ଡ୍ରାଇଭର ମହାସଂଘ ଆହ୍ୱାନ କ୍ରମେ ସମ୍ବଲପୁର ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ଶୁକ୍ରବାରଠାରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ କରିବାକୁ ଅନୁରୋଧ କରାଯାଇଥିବା ଜିଲା ସଭାପତି ଜୟନାରାୟଣ ମହାରଣାଙ୍କ ପକ୍ଷରୁ କୁହାଯାଇଛି।

## ବୁଢ଼ାରଜା ହାଇସ୍କୁଲ ୧୯୯୨ ବ୍ୟାଚ୍ ବନ୍ଧୁ ମିଳନ

ସମ୍ବଲପୁର,୪।୧(ପ୍ରମୋଦ ବହିଦାର):

ସମ୍ବଲପୁର ବୁଢ଼ାରଜା ସ୍କୁଲର ୧୯୯୨ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ସ୍କୁଲର ପତିତପାବନ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ନିର୍ମଳ ଚନ୍ଦ୍ର ନାୟକ, ସୁରେଶ କର୍ମୀ ପ୍ରମୁଖ ପୁରାତନ ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ସେହପରି ସ୍କୁଲର ଶୋଭା ବର୍ଦ୍ଧନ ସକାଶେ ଫୁଲଗଛ ସହ କୁଣ୍ଡ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ଆୟୋଜନରେ ଦେବାଶିଷ ପତି, ସିନାଗେଶ୍ୱାମ, ଶିବ ମହାରଣା ଛାତ୍ର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଦୃଷ୍ଟି ଆଢୁଆଳରେ ପିତାପାଳି: ବଣଭୋଜି ପାଇଁ ଜମୁଛି ଭିଡ଼

ସମ୍ବଲପୁର,୪।୧ (ଭବାନୀ ଶଙ୍କର ଭୋଇ)



ପିତାପାଳିର ବଣଭୋଜି ସ୍ଥାନ।

ଶୀତ ବଢ଼ିବା ସାଙ୍ଗକୁ ବିଭିନ୍ନ ପିକ୍‌ନିକ ସ୍ପଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ସମ୍ବଲପୁର ସହର ଉପକଣ୍ଠ ପିତାପାଳି ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ହୀରାକୁଦ ଉତ୍ତର ସୀମାରେ ରହିଥିବା ଏଠାକାର ପ୍ରାକୃତିକ ପରିବେଶ ଯୋଗୁ ପ୍ରତ୍ୟହ ଏକ ହଜାରରୁ ଅଧିକ ଲୋକ ବଣଭୋଜି ପାଇଁ ପହଞ୍ଚୁଥିବା ଦେଖାଯାଉଛି। ହେଲେ ଆବଶ୍ୟକ ସୁବିଧା ନ ପାଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଅଇଁଠାପାଲି ଛକରୁ ୧୫ କିଲୋମିଟର ଦୂରରେ ରହିଛି ପିତାପାଲି। ତିନିପଟେ ହୀରାକୁଦ ଡ୍ୟାମ ପାଣି ପରିବେଷ୍ଟିତ ଏହି ସ୍ଥାନ ସହରୀ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ବଣଭୋଜିର ମଜା ନେବା ପାଇଁ ଡିସେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଏଠାରେ ଲୋକଙ୍କ ଭିଡ ଲାଗି ରହିଥାଏ। ତାର ଭଳି ଲମ୍ବିଥିବା ଶାଳଗଛ ବଣରେ ଲୋକେ ଭୋଜିକରି ଆନନ୍ଦ ଉଠାଇଥାନ୍ତି। ହେଲେ ଏହି ପ୍ରାକୃତିକ ପରିବେଶ ଯେତିକି ବିକଶିତ ହେବା କଥା ତାହା ହୋଇପାରିନାହିଁ। ବେଦାନ୍ତ କମ୍ପାନୀ ଏଠାରୁ ପାଇପ୍ ଯୋଗେ ପାଣି ଝାରସୁଗୁଡା କାରଖାନାକୁ ନେଉଥିବା ବେଳେ କମ୍ପାନୀ ପକ୍ଷରୁ କେବଳ ଏକ ଶିବ ମନ୍ଦିର ନିର୍ମାଣ କରାଯାଇଛି। ଅନ୍ୟ କୌଣସି ଉନ୍ନୟନ କାମ କରାଯାଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ସାଧାରଣ ଦିନରେ ପ୍ରାୟ ୫୦ରୁ ଅଧିକ ବଣଭୋଜି **ଦଳ ପିତାପାଲିରେ ପହଞ୍ଚୁଥିବା ବେଳେ ଛୁଟି ଦିନରେ ଏହି ସଂଖ୍ୟା ଆହୁରି ଅଧିକ। ଭିଡ ଯୋଗୁ ଲୋକଙ୍କୁ ଭୋଜି କରିବା ପାଇଁ ସକାଳ ୪ଟାରୁ ପହଞ୍ଚି ସ୍ଥାନ ଚିହ୍ନଟ କରି ରଖିବାକୁ ପଡିଥାଏ। ତେବେ ପିତାପାଲି ବଣଭୋଜି ଅଞ୍ଚଳକୁ ପହଞ୍ଚିବା ପାଇଁ ଡାଇକ ରାସ୍ତାରୁ ପ୍ରାୟ ତିନି କିଲୋମିଟର ଭିତରକୁ ଯିବାକୁ ପଡିଥାଏ। ହେଲେ ଏହି ରାସ୍ତା ଶୋଚନୀୟ ହୋଇପଡିଛି। ସେହିପରି ବଣଭୋଜି ପରେ ଆବର୍ଜନା ପକାଇବା ପାଇଁ ଡଷ୍ଟବିନ ନ ଥିବାରୁ ଲୋକେ ଏଣେତେଣେ ପକାଉଥିବା** ଦେଖିବାକୁ ମିଳୁଛି। ପିଇବା ପାଣି ବ୍ୟବସ୍ଥା ମଧ୍ୟ ନାହିଁ। ଲୋକେ ବାଧହୋଇ ହୀରାକୁଦ ଡ୍ୟାମ ପାଣିକୁ ରୋଷେଇ ଓ ପିଇବା ପାଇଁ ବ୍ୟବହାର କରୁଛନ୍ତି।

### ସେମାନେ କୁହନ୍ତି



"ପିତାପାଲିରେ ୫୦ରୁ ଅଧିକ ସ୍ଥାନରେ ଡଷ୍ଟବିନ୍‌ର ବ୍ୟବସ୍ଥା କରାଯିବା ଦରକାର। ଏହାସହ ପିଇବା ପାଣି ବ୍ୟବସ୍ଥା କରାଗଲେ ଲୋକେ ଉପକୃତ ହୋଇପାରନ୍ତେ। ଏଠାକୁ ପହଞ୍ଚିବା ପାଇଁ ଥିବା ରାସ୍ତା ମରାମତି କରାଯିବା ଜରୁରୀ।

**ରାଜେଶ ଚଇନି, ତାଳବରୁ ଆସିଥିବା ପର୍ଯ୍ୟଟକ**



"ଗାଡିମୋଟରରେ ଲୋକେ ଆସୁଥିବା ବେଳେ ପାର୍କିଂ ପାଇଁ ସ୍ଥାନ ଚିହ୍ନଟ କରାଯାଇ ନ ଥିବାରୁ ଯିଏ ଯେଉଁଠି ଗାଡି ରଖି ଭୋଜି କରିବାକୁ ଚାଲିଯାଉଛନ୍ତି। ଏଠାରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା କରାଯିବା ଜରୁରୀ। ସିମେଣ୍ଟ ପିଣ୍ଡି ନିର୍ମାଣ କରାଗଲେ ବଣଭୋଜି ପାଇଁ ଆସୁଥିବା ଲୋକଙ୍କ ସୁବିଧା ହୁଅନ୍ତା।

**- ମନୋଜ ବେହେରା, ବଳବସପୁର ବାସିନ୍ଦା**



"ମହିଳାମାନଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା କରାଯିବା ସହ ସୁରକ୍ଷା ପାଇଁ ଡିସେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ପୋଲିସ ମୁତୟନ କରାଯିବା ଦରକାର। ପିତାପାଲି ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ କରାଗଲେ ଛୋଟ ଛୁଆ ଆହୁରି ଆକର୍ଷିତ ହୋଇପାରନ୍ତେ।

**ବାସନ୍ତୀ ବେରିହା, ବଡବଜାରରୁ ଆସିଥିବା ପର୍ଯ୍ୟଟକ**

**ବିଜେଡିରୁ ୨ ଜଣ ନିଲମ୍ବିତ**

ଭୁବନେଶ୍ୱର,(ଅନିଲଦାସ): ଦଳ ବିରୋଧୀ କାର୍ଯ୍ୟ ପାଇଁ କେନ୍ଦୁଝର ଜିଲା ବିଜୁ ଯୁବ ଜନତା ଦଳର ସଞ୍ଜୟ କୁମାର ମିଶ୍ର ଏବଂ ଜିଲା ଉପସଭାପତି କରୁଣା ସାଗର ଖଟୁଆଙ୍କୁ ନିଲମ୍ବିତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉଭୟଙ୍କୁ ଦଳର ନିଲମ୍ବନ କରାଯାଇଥିବା ନେଇ ଗୁରୁବାର ବିଜେଡି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।



# ବଦଳିବ ନା ଦୋହରାଇବ

## ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ

ପାରଳାଖେମୁଣ୍ଡି, ୪।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ୨ ବିଧାନସଭା ନିର୍ବାଚନମଣ୍ଡଳୀ ମୋହନା ଓ ପାରଳାଖେମୁଣ୍ଡି। ମୋହନା ଆଦିବାସୀ ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ପାରଳାଖେମୁଣ୍ଡି ଅଣସଂରକ୍ଷିତ। ଜିଲାର ଗୋଷାଣୀ, ଗୁମ୍ମା, କାଶୀନଗର, ପାରଳାଖେମୁଣ୍ଡି ପୌରପରିଷଦ ଓ କାଶୀନଗର ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍ଏସି)କୁ ନେଇ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଗଠିତ।

ନିକଟ ଅତୀତକୁ ଦେଖିଲେ ୨୦୦୯ରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଜେଡି ପାଖକୁ ଯାଇଥିଲା। ୨୦୧୪ରେ କଂଗ୍ରେସ ଏହାକୁ ନିଜ କବ୍ଜାକୁ ନେଇଥିଲା ବେଳେ ୨୦୧୯ ନିର୍ବାଚନରେ ଏହି କ୍ଷେତ୍ରରେ ଭାଜପା ପ୍ରାର୍ଥୀ ବାଜି ମାରି ନେଇଥିଲେ। ବର୍ତ୍ତମାନର ବିଧାୟକ କେ.ନାରାୟଣ ରାଓ ବିଜେଡିରୁ ଟିକେଟ ନ ପାଇ ଶେଷ ମୁହୂର୍ତ୍ତରେ ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାରେ ସାମିଲ ହୋଇ ବିଜୟୀ ହୋଇଥିଲେ। ତେବେ ୨୦୨୪ ନିର୍ବାଚନ ଲାଗି ଶାସକ ବିଜେଡିରୁ ବହୁ ଆଶାୟୀ ପ୍ରାର୍ଥୀ ଥିବା ଜଣାପଡ଼ିଛି। ସେମାନେ ନିଜ ଶୈଳୀରେ ଲୋକଙ୍କ ପାଖକୁ ପହଞ୍ଚିବା ପାଇଁ ଚେଷ୍ଟା ଚଳାଇଛନ୍ତି। ୨୦୧୯ ନିର୍ବାଚନରେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୩୭,୦୮୦ ଖଣ୍ଡ ଭୋଟ ପାଇ ୨ୟ ସ୍ଥାନ ଅଧିକାର କରିଥିବା ହାଇଟେକ ଗ୍ରୁପ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ବର୍ତ୍ତମାନ ବିଜେଡିରେ ସାମିଲ ହୋଇ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଦେଖିବାକୁ ମିଳୁଛି। ଏଥିସହିତ ପୁଅ



ରୂପେଶଙ୍କୁ ଦଳରେ ସାମିଲ କରି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟତର ହେଉଛନ୍ତି। ଅନ୍ୟପଟେ ୨୦୦୯ରୁ ବିଜେଡିରେ ସାମିଲ ହୋଇ ଜିଲା ଯୁବ ସଭାପତି ଏସ.ଲିଙ୍ଗରାଜ ମହାମାରୀ କୋଭିଡ ସମୟରେ ଲୋକଙ୍କୁ ସାହାଯ୍ୟ କରିଥିବାରୁ ସେ ଆଶାୟୀଙ୍କ ଦୌଡ଼ରେ ଅଛନ୍ତି ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ସେହିପରି ପୂର୍ବତନ କଂଗ୍ରେସ ବିଧାୟକ କେ. ସୁରିୟା ରାଓ ବର୍ତ୍ତମାନ ବିଜେଡି ତରଫରୁ ଟିକେଟ ପାଇବା ପାଇଁ ଆଶା ରଖିଛନ୍ତି। ତେବେ ଯଦି ଟିକେଟ ମିଳେ ଲଢ଼ିବେ, ନଚେତ ହାଇକମାଣ୍ଡ ଯାହାକୁ ଟିକେଟ ଦେଲେ ମଧ୍ୟ ସେ ବିଜେଡି ପାଇଁ କାମ କରିବେ ବୋଲି କହିଛନ୍ତି। ଅବସରପ୍ରାପ୍ତ ଆଇଟିଡିଆଇ କର୍ମଚାରୀ ବି. ଜନାର୍ଦ୍ଦନ ରାଓ, ପୂର୍ବତନ ଜିଲା ସଭାପତି ତଥା ବିଜେଡି ରାଜ୍ୟ ସମ୍ପାଦକ ବସନ୍ତ କୁମାର ଦାଶ ଓ ପ୍ରଦୀପ ନାୟକଙ୍କ ସହ ପ୍ରାୟ ୧୦ରୁ ୧୫ ଜଣ ଆଶାୟୀ ରହିଥିବା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ଯଦି ବିରୋଧୀଙ୍କ କଥା ଦେଖାଯାଏ, ବର୍ତ୍ତମାନର ପାରଳାଖେମୁଣ୍ଡି ବିଧାୟକ ତଥା ଭାଜପା ଜିଲା ସଭାପତି କେ.ନାରାୟଣ ରାଓଙ୍କୁ ଛାଡ଼ିଦେଲେ ଅନ୍ୟ ଆଶାୟୀଙ୍କ ନାମ ଆଗକୁ ଆସି ନ ଥିବା ଦେଖାଯାଉଛି। ଅନ୍ୟତମ ଜାତୀୟ ଦଳ କଂଗ୍ରେସର ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ପାରଳାଖେମୁଣ୍ଡିରେ ଏକପ୍ରକାର ଡେରା ପକାଇଛନ୍ତି। ନିର୍ବାଚନମଣ୍ଡଳୀକୁ ବିଭିନ୍ନ ସମୟରେ ଗସ୍ତ କରି ଦଳର ସ୍ଥିତି କିପରି ମଜଭୁତ ହେବ, ସେଥିପାଇଁ ସେ ଲାଗିପଡ଼ିଥିବା ଆଲୋଚନା ହେଉଛି। ୨୦୨୪ରେ ଏହି ନିର୍ବାଚନମଣ୍ଡଳୀ ଶାସକ ବିଜେଡି ହାତକୁ ଯାଉଛି ନା ବିରୋଧୀ ଅକ୍ତିଆର କରିବେ ସେ ନେଇ ଏବେଠୁ କହିବା ମୁସ୍କିଲ।

# କଂଗ୍ରେସରେ ଯୋଗଦେଇପାରନ୍ତି ହେମା

## ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

ରାୟଗଡ଼ା,୪।୧ (ଆଶିଷ ରଞ୍ଜନ ପଣ୍ଡା)



ହେମା ଗମାଙ୍ଗ

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଦଳବଦଳ କଥା ସେତେ ଉଠୁଛି। ଏବେ ଗୁଣପୁର କଂଗ୍ରେସରେ ଆରମ୍ଭ ହୋଇଗଲାଣି ଟଣାଓଟରା। ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ପୁରୁଷୋତ୍ତମ ଗମାଙ୍ଗଙ୍କ ମୃତ୍ୟୁ ପରଠାରୁ ଦଳର ପ୍ରଭାବ କମି ଆସିଥିଲା। ତେବେ ଯୁବନେତା ସତ୍ୟଜିତ ଗମାଙ୍ଗ ଗୁଣପୁର ନିର୍ବାଚନମଣ୍ଡଳୀରେ କର୍ମୀଙ୍କୁ ସକ୍ରିୟ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିବାରୁ ଦଳ ଏବେ ସଳଖିଥିବା ଦେଖିବାକୁ ମିଳୁଛି। ଏଥିସହିତ ଦଳକୁ ଉକ୍ତ ଅଂଚଳରେ ସୁଦୃଢ଼ କରିବା ପାଇଁ ବରିଷ୍ଠ ନେତା ତଥା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ବିଜୟ ଗମାଙ୍ଗଙ୍କୁ ଜିଲା କଂଗ୍ରେସ ସଭାପତି କରାଯାଇଛି।

ଗୁଣପୁର ବିଧାନସଭା ଆସନ ପାଇଁ ୫ଜଣ ଆଶାୟୀ ପ୍ରାର୍ଥୀ ରହିଥିବା ବେଳେ ଆସନ୍ତା ୭ ତାରିଖରେ କଂଗ୍ରେସରେ ବିଧିବଦ୍ଧ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗଙ୍କ ପତ୍ନୀ ହେମା ଗମାଙ୍ଗ ଯୋଗଦେବା ନେଇ ଅଞ୍ଚଳସାରା ଚର୍ଚ୍ଚା ଚାଲିଛି। ହେମାଙ୍କ ସହିତ ସ୍ୱାମୀ ଗିରିଧର ଏବଂ ପୁଅ ଶିଶିର ମଧ୍ୟ କଂଗ୍ରେସରେ ଯୋଗଦେବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏନେଇ ହେମାଙ୍କୁ ପଚାରିବାରୁ ସେଭଳି ଯୋଜନା ରହିଛି ଓ ଯୋଗଦେବା ପରେ ନିଶ୍ଚୟ ଖବର ପାଇବେ ବୋଲି କହିଥିଲେ।

ହେମା କଂଗ୍ରେସରେ ଯୋଗଦେବା ପରେ ଗୁଣପୁର ନିର୍ବାଚନମଣ୍ଡଳୀରୁ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହେବା ନେଇ ଆଶାୟୀ ଥିବା ମଧ୍ୟ କର୍ମୀ ମହଲରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ସେ କଂଗ୍ରେସ ଟିକେଟରୁ କୋରାପୁଟ ଲୋକ ସଭା ଆସନରୁ ଥରେ ଏମ୍ପି ଏବଂ ଗୁଣପୁର ବିଧାନସଭା ଆସନରୁ ଥରେ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏଆଇସିସି ସମ୍ପାଦିକା ଦାୟିତ୍ୱରେ ମଧ୍ୟ ରହିଥିଲେ। ତେବେ ପରବର୍ତ୍ତୀ ସମୟରେ କଂଗ୍ରେସ ଛାଡ଼ି ଭାଜପା ଏବଂ ଗତବର୍ଷ ଭାରତ ରାଷ୍ଟ୍ର ସମିତି (ବିଆରଏସ୍)ରେ ସାମିଲ ହୋଇଥିଲେ। ବର୍ତ୍ତମାନ ପୁଣି ରାଜନୀତି ଜୀବନର ମୂଳ ଦଳ କଂଗ୍ରେସକୁ ଫେରିବା ସଂକ୍ରାନ୍ତ ହେଉଥିବା ଚାପା ଗୁଞ୍ଜରଣ ରାଜନୈତିକ ପରିମଣ୍ଡଳକୁ ଉଷ୍ମ କରାଇଦେଉଛି।

ଅନ୍ୟପଟେ ଗୁଣପୁର ଆସନ ପାଇଁ ଜିଲା ସଭାପତି ବିଜୟଙ୍କ ସମେତ ତାଙ୍କ ପୁଅ ଅବିନାଶ ଗମାଙ୍ଗ, ଭାସ୍କର ଜାଗାରାଙ୍ଗା, ଶାନ୍ତି ଜାଗାରାଙ୍ଗା ଏବଂ ଯୁବନେତା ସତ୍ୟଜିତ ଗମାଙ୍ଗ ଆଶାୟୀ ରହିଛନ୍ତି। ପୂର୍ବରୁ ୫ ଆଶାୟୀ ରହିଥିବା ବେଳେ ଯଦି ହେମା ଦଳକୁ ଫେରନ୍ତି ତାହା ହେଲେ ଆଶାୟୀଙ୍କ ସଂଖ୍ୟା ୬କୁ ବୃଦ୍ଧି ପାଇବ ବୋଲି କୁହାଯାଉଛି। କିନ୍ତୁ ଏହି ଖବର ଗୁଣପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ପାଇଁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି। ଅପରପକ୍ଷେ ବହୁ ପୂର୍ବରୁ ଯୁବନେତା ସତ୍ୟଜିତ ଗୁଣପୁର ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳ ବୁଲି ଲୋକ ସମ୍ପର୍କ ବଢ଼ାଇବା ସହ ପ୍ରଚାର ପ୍ରସାର କରି ଏମ୍ପି ସପ୍ତଗିରି ଉଲାକା ଓ ରାଜ୍ୟ ଶୀର୍ଷ ନେତୃତ୍ୱଙ୍କ ପ୍ରଶଂସାର ପାତ୍ର ହୋଇ ନିଜର ଟିକେଟ ସୁରକ୍ଷିତ କରିବା ବେଳେ ଦଳରେ ଜିଲା କଂଗ୍ରେସ ସଭାପତି ଓ ଅନ୍ୟ ୩ଜଣ ଆଶାୟୀ ବାହାରିଥିଲେ। ବର୍ତ୍ତମାନ ପୁଣି ହେମା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ସଂକ୍ରାନ୍ତ ଖବର ଗୁଣପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ ପ୍ରକାର ଆଲୋଚନାକୁ ଖୋରାକ ଯୋଗାଇଛି। ଗମାଙ୍ଗ ପରିବାର କଂଗ୍ରେସକୁ ଫେରିବା ଦଳରେ ଗୋଷ୍ଠୀ କନ୍ଦଳ ବଢ଼ାଇବାର ଆଶଙ୍କା ରହିଥିବା ନେଇ ରାଜନୈତିକ ପର୍ଯ୍ୟବେକ୍ଷକ ମତ ପ୍ରକାଶ କରିଛନ୍ତି। ଗୁଣପୁର ପୌର ନିର୍ବାଚନ ଓ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ଆଗାମୀ ନିର୍ବାଚନରେ ଉଭୟ ଶାସକ ବିଜେଡି ଓ କଂଗ୍ରେସ ପାଇଁ କଣ୍ଟା ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଅନୁମାନ କଲେଣି। ବାସ୍ତବରେ ହେମାଙ୍କ ଘରବାହୁଡ଼ା କଥା ଶୁଣି ଦଳୀୟ ଆଶାୟୀ ଚିନ୍ତାରେ ପଡ଼ିଯାଇଛନ୍ତି। ଏଥିସହିତ ଏହା ମଧ୍ୟ ଶୁଣିବାକୁ ମିଳୁଛି ଯେ, କାଲେ ଶିଶିର ଗମାଙ୍ଗ ଫୋନ୍ କରି ଯୁବନେତା ସତ୍ୟଜିତ୍ଙ୍କୁ ଗୁଣୁପୁରରୁ ପ୍ରାର୍ଥୀ ନ ହୋଇ ତାଙ୍କ ମା' ହେମାଙ୍କୁ ସମର୍ଥନ କରିବାକୁ ଚାପ ପକାଉଛନ୍ତି।

# ଚା' ଖଟିରେ ଅପରାଜିତା, ପଦଯାତ୍ରାରେ ଶ୍ରୀମୟୀ




ଭୁବନେଶ୍ୱର ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀର ଏକ ଚ' ଖଟିରେ ଏମ୍ପି ଅପରାଜିତା ଷଡ଼ଙ୍ଗୀ।




ଖୋର୍ଦ୍ଧାର ଏକ ପଦଯାତ୍ରାରେ ଦଳୀୟ କର୍ମୀଙ୍କ ସହ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର।

ଖୋର୍ଦ୍ଧା,୪।୧ (ପ୍ରଭାତ ପାଣିଗ୍ରାହୀ)

## ଭୁବନେଶ୍ୱର ଲୋକ ସଭା କ୍ଷେତ୍ର

ଭୁବନେଶ୍ୱର ଲୋକ ସଭା ଆସନ। ଦୀର୍ଘ ବର୍ଷ ଧରି ଏହା ବିଜେଡି ହାତରେ ରହିଥିବା ବେଳେ ୨୦୧୯ ନିର୍ବାଚନରେ ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ବିଜୟ ଲାଭ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଅପରାଜିତାଙ୍କୁ କିଏ ଟକ୍କର ଦେବେ, ତାହାକୁ ନେଇ ଘନଘନ ଚର୍ଚ୍ଚା ହେଉଛି। ଗତ ନିର୍ବାଚନରୁ ଭୁଲ ସୁଧାରିବାକୁ ଶାସକ ଦଳ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଗତଥର ଅପେକ୍ଷା ଚଳିତ ନିର୍ବାଚନ ହାୱା ଟିକିଏ ଅଲଗା ରହିଛି। ସେତେବେଳେ ଅପରାଜିତାଙ୍କୁ ବିଜେଡି ହାଲୁକା ଭାବେ ନେଇଥିଲା। ଏବେ ନିଆରା ଢଙ୍ଗରେ ନିର୍ବାଚନ ଲଢ଼ିବାକୁ ଆରମ୍ଭ କରିଛି। ଦଳରୁ ପ୍ରାର୍ଥିତ୍ୱକୁ ନେଇ କୌଣସି ଘୋଷଣା ହୋଇ ନ ଥିବା ବେଳେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଜନସମ୍ପର୍କ ଯାତ୍ରା ଓ ଘରକୁ ଘର ବୁଲୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଭୋଟରଙ୍କ ମନ ଜିଣିବା ପାଇଁ ଲାଗି ପଡ଼ିଛନ୍ତି। ଶ୍ରୀମୟୀଙ୍କ ପଛରେ ପୂରା ଶାସକଦଳ କର୍ମୀ, ନେତା ମଧ୍ୟ ପ୍ରଚାର ମଇଦାନରେ। ଭୁବନେଶ୍ୱର ୭ ନିର୍ବାଚନମଣ୍ଡଳୀରେ ଜଟଣୀକୁ ବାଦ୍ ବେଳେ ୬ ବିଜେଡି ବିଧାୟକ, ଜନପ୍ରତିନିଧି, ବିଭିନ୍ନ ଦାୟିତ୍ୱରେ ରହିଥିବା କର୍ମୀ ମଧ୍ୟ ଶ୍ରୀମୟୀଙ୍କ ପାଇଁ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ନିକଟରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଶ୍ରୀମୟୀଙ୍କ ପ୍ରାର୍ଥୀ ଘୋଷଣା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ସେହିପରି ବିଜେଡି ନେତା ଲେଲିନ ମହାନ୍ତି କୁଆଡ଼େ ଶ୍ରୀମୟୀଙ୍କୁ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ ଲୋକ ସଭା ପ୍ରାର୍ଥୀ ହେବେ ବୋଲି କହିଦେଇଥିଲେ।

ଏପଟେ ଅପରାଜିତାଙ୍କ କ୍ରେଜ୍ ମଧ୍ୟ କିଛି କମ୍ ନୁହଁ। ଆଗ ଅପେକ୍ଷା ସେ ନିଆରା ଢଙ୍ଗରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଚଳିତବର୍ଷ ସେ ନୁହଁ, ବରଂ ଜନତା ତାଙ୍କ ପାଇଁ ପ୍ରଚାର କରିବେ ବୋଲି କୁଆଡ଼େ କହି ବୁଲୁଛନ୍ତି। ସଂସଦୀୟ କ୍ଷେତ୍ରର ବିଭିନ୍ନ ନିର୍ବାଚନମଣ୍ଡଳୀରେ ସେ ସକାଳୁଆ ଚା' ଖଟିରେ ଯୋଗ ଦେଉଛନ୍ତି। ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ବୁଝୁଛନ୍ତି। ଦୈନିକ ସେ ଗୋଟିଏ ପରେ ଗୋଟିଏ ନିର୍ବାଚନମଣ୍ଡଳୀ ଗସ୍ତ କରୁଛନ୍ତି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଭାଜପା ପକ୍ଷରୁ କାନ୍ଥବାଡ଼ରେ 'ଏଥର ପୁଣି ଥରେ ଅପରାଜିତା' ପୋଷ୍ଟର, ବ୍ୟାନର ଛାଇଗଲାଣି।

ଚର୍ଚ୍ଚା ଅନୁଯାୟୀ ଚଳିତ ନିର୍ବାଚନରେ ଉଭୟେ ଟିକେଟ ପାଇଲେ ସେମାନଙ୍କ ମଧ୍ୟରେ କଡ଼ା ଟକ୍କର ହେବା ସମ୍ଭାବନା ରହିଛି। ଅପରାଜିତାଙ୍କ ଚା'ଖଟି ବନାମ ଶ୍ରୀମୟୀଙ୍କ ରୋଡ ଶୋ' ରୋଚକ ହେଉଥିବା ସୋସିଆଲ ମିଡିଆରେ ମଧ୍ୟ ଦେଖିବାକୁ ମିଳୁଛି। ସେପଟେ କଂଗ୍ରେସରୁ କିଏ ପ୍ରାର୍ଥୀ ହେବେ, ଦଳ କାହାକୁ ଏଥର ପ୍ରୋଜେକ୍ଟ କରିବ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। କଂଗ୍ରେସ ଚଳିତ ନିର୍ବାଚନରେ ଜଣେ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେଇପାରେ ବୋଲି ଆଲୋଚନା ହେଉଛି।

## ୨୦୧୯ରେ ବିଜେଡି ହାତରୁ ଖସିଥିଲା

୧୯୯୯ରୁ ୨୦୧୪ ପର୍ଯ୍ୟନ୍ତ ସାଧାରଣ ନିର୍ବାଚନରେ ବିଜେଡି ଭୋଟହାର ସର୍ବାଧିକ ରହିଥିବା ବେଳେ ୨୦୧୯ ନିର୍ବାଚନରେ ଅପରାଜିତାଙ୍କ ଲୋକପ୍ରିୟତା ଆଗରେ ବିଜେଡି ପ୍ରାର୍ଥୀ ପରାଜୟ ବରଣ କରିଥିଲେ ଓ ଭୋଟ ହାର ମଧ୍ୟ କମିଥିଲା। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଖୋର୍ଦ୍ଧା, ବେଗୁନିଆ, ଜଟଣୀ ସମେତ ଭୁବନେଶ୍ୱର ମଧ୍ୟ, ଉତ୍ତର, ଏକାମ୍ର ଓ ଜୟଦେବ ନିର୍ବାଚନମଣ୍ଡଳୀ ଏପରି ମୋଟ ୭ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଏହି ଆସନ ଅଣସଂରକ୍ଷିତ। ୧୯୯୯, ୨୦୦୪, ୨୦୦୯, ୨୦୧୪ ନିର୍ବାଚନରେ ବିଜେଡିରୁ ପ୍ରସନ୍ନ ପାଟ୍ଟଶାଣୀ ଏମ୍ପି ରହିଥିଲେ। ୨୦୧୯ ନିର୍ବାଚନରେ ଅପରାଜିତା ୪ଲକ୍ଷ ୮୬ହଜାର ୯୯୧ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିରୁ ଅରୂପ ପଟ୍ଟନାୟକ ୪ଲକ୍ଷ ୬୩ହଜାର ୧୫୨ ଖଣ୍ଡ ଭୋଟ ସହ ୨୩ ହଜାର ୮୩୯ ବ୍ୟବଧାନରେ ପରାଜିତ ହୋଇଥିଲେ। ଭାଜପାର ଭୋଟ ହାର ୪୮.୪୫ ରହିଥିବା ବେଳେ ବିଜେଡିର ୪୬.୦୭ ରହିଥିଲା। ଭାଜପାର ଭୋଟ ୨୦ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବିଜେଡିର ୩.୧୮ ପ୍ରତିଶତ ଭୋଟହାର କମିଥିଲା। ୨୦୧୪ ନିର୍ବାଚନକୁ ଦେଖିଲେ ଏହି ଆସନରୁ ବିଜେଡିରୁ ପ୍ରସନ୍ନ ୪,୩୯,୨୫୨ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପାରୁ ପୃଥ୍ୱୀରାଜ ହରିଚନ୍ଦନ ୨,୪୯,୭୭୫ ଖଣ୍ଡ ଭୋଟ ପାଇଥିଲେ। ବିଜେଡିର ଭୋଟହାର ୪୯.୨୫ ଥିବା ବେଳେ ଭାଜପାର ମାତ୍ର ୨୮ ପ୍ରତିଶତ ରହିଥିଲା। ୨୦୦୯ ନିର୍ବାଚନରେ ପ୍ରସନ୍ନ ୪ଲକ୍ଷ୪୭୨ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସରୁ ସନ୍ତୋଷ ମହାନ୍ତି ୧,୪୭,୭୧୨ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ବିଜେଡିର ଭୋଟହାର ୫୬.୩୧ ଥିବା ବେଳେ କଂଗ୍ରେସର ୨୦.୭୭ ରହିଥିଲା।

# ମିଶ୍ରଣ ପର୍ବରେ ନାଚି ଚର୍ଚ୍ଚାରେ ଦିବ୍ୟଶଙ୍କର



ଭବାନୀପାଟଣା,୪।୧ (ଉତ୍ତମ କୁମାର ଦାଶ)

ପୁଣି ଚର୍ଚ୍ଚାରେ କଳାହାଣ୍ଡି ଜିଲା ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର। କିଛିଦିନ ତଳେ ଜୁନାଗଡ଼ ବ୍ଲକ ତଳଜାରିଙ୍ଗଠାରେ ଏକ କାର୍ଯ୍ୟକ୍ରମରେ ସେ ଯୋଗଦେଇ ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଅଟୋରିକ୍ସା ଚଳାଉଥିବା ଦେଖିବାକୁ ମିଳିଥିଲା। ଏହାର କିଛି ଦିନ ପରେ ଏବେ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ମଞ୍ଚରେ ନାଚୁଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ବୁଧବାର କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାଲୋପଲାରେ ଅନୁଷ୍ଠିତ ବିଜେଡିର ମିଶ୍ରଣ ପର୍ବରେ ସେ ଯୋଗଦେଇଥିଲେ। ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବାକୁ ଯାଇ ବିଧାୟକ ସମ୍ବଲପୁରୀ ଲୋକପ୍ରିୟ ଗୀତ 'ରସର ଜାମୁ ଡାଲେ' ଗୀତରେ କଳାକାରଙ୍କ ସହ ନାଚିଥିଲେ। ତାଙ୍କ ନାଚ ଦେଖି ଉପସ୍ଥିତ ଦଳୀୟ କର୍ମୀମାନେ ମଧ୍ୟ ନାଚୁଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଗାୟକ ସର୍ବେଶ୍ୱର ଭୋଇ ମଧ୍ୟ ଯୋଗଦେଇ ନିଜ ଗୀତରେ ଦଳୀୟ କର୍ମୀଙ୍କୁ ମତୁଆଲା କରିଥିଲେ। ମିଶ୍ରଣ ପର୍ବରେ ଭାଜପା ଓ କଂଗ୍ରେସର ଅନେକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

**ରାଜ୍ୟ ଖବର**

# ୧୮ ବ୍ଲକରେ ଖୋଲିବ ମହାବିଦ୍ୟାଳୟ

## ୨୦୨୪-୨୫ ଶିକ୍ଷାବର୍ଷରୁ ନାମଲେଖା, ପାଠପଢ଼ା

ଭୁବନେଶ୍ୱର,୪।୧ (ଅନୁରାଧା ମହାରଣା)

ରାଜ୍ୟର ୧୮ଟି ବ୍ଲକ୍‌ରେ ଖୋଲିବ ସ୍ନାତକସ୍ତରୀୟ (ଯୁକ୍ତ୩) ମହାବିଦ୍ୟାଳୟ। ଏଠାରେ କଳା ବିଭାଗ ଖୋଲିବା ସହ ୨୦୨୪-୨୫ ଶିକ୍ଷାବର୍ଷଠାରୁ ନାମଲେଖା ଓ ପାଠପଢ଼ା ମଧ୍ୟ ଆରମ୍ଭ ହେବ। ଶିକ୍ଷାରେ ସମାନତା, ଓ ଉତ୍କର୍ଷ ଆଣିବା ସହ ଶିକ୍ଷାକୁ ସୁଦୂର ପ୍ରସାରୀ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗଜପତିର ଗୁମ୍ମା, ଗଞ୍ଜାମର ଧରାକୋଟ, କଳାହାଣ୍ଡିର ଥୁଆମୂଳ-ରାମପୁର, କନ୍ଧମାଳର ଖଜୁରିପଡ଼ା, କୋରାପୁଟର ବନ୍ଧୁଗାଁ, ନାରାୟଣପାଟଣା, ମାଲକାନଗିରିର ଚିତ୍ରକୋଣ୍ଡା, ମୟୂରଭଞ୍ଜର ତିରିଂ, ନବରଙ୍ଗପୁରର ତେନ୍ତୁଳିଖୁଣ୍ଟି, କୋଷଗୁମୁଡ଼ା, ଝରିଗାଁ, ରାଇଗଡ଼, ରାୟଗଡ଼ାର କାଶୀପୁର, ରାମନାଗୁଡ଼ା, ଚନ୍ଦ୍ରପୁର, ସୁନ୍ଦରଗଡ଼ର ନୂଆଗାଁ, ଗୁରୁଣ୍ଡିଆ, କୁଆଁରମୁଣ୍ଡା ଆଦି ବ୍ଲକରେ ଏହି ସ୍ନାତକ ମହାବିଦ୍ୟାଳୟ ଖୋଲାଯିବ। ଏହିସବୁ ମହାବିଦ୍ୟାଳୟ ପାଇଁ ବ୍ଲକ ହେଡ଼ କ୍ୱାର୍ଟରଠାରୁ ୫କିମି ପରିସୀମା ଭିତରେ ୧୦ ଏକର ଜମି ଯୋଗାଇଦେବାକୁ ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମହାବିଦ୍ୟାଳୟଗୁଡ଼ିକର ନିଜସ୍ୱ ଭିତ୍ତିଭୂମି ବିକାଶ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଗୃହରେ ଶିକ୍ଷାଦାନ କରିବାକୁ କୁହାଯାଇଛି।

# ଚିଲିକାରେ ୧୧ଲକ୍ଷ ୩୭ ହଜାର ୭୫୯ ପକ୍ଷୀ

ବାଲୁଗାଁ,୪।୧ (ସଂଗ୍ରାମ ପାଇକରାୟ)

- ଚଳିତ ବର୍ଷ ବଢ଼ିଛନ୍ତି ୫,୮୩୦
- ନୂତନ ଅତିଥି 'ପଲାସ ଫିସ୍ ଇଗଲ'

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଗୁରୁବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତବର୍ଷ ଚିଲିକାରେ ୧୧ଲକ୍ଷ ୩୭ହଜାର ୭୫୯ ପକ୍ଷୀଙ୍କ ସମାଗମ ହୋଇଛି। ସେଥିମଧ୍ୟରୁ ୧୦୮ପ୍ରଜାତିର ୧୦ଲକ୍ଷ ୯୮ହଜାର ୮୧୩ଟି ବିଦେଶୀ ପକ୍ଷୀ ଥିବା ବେଳେ ସ୍ଥାନୀୟ ୭୯ ପ୍ରଜାତିର ୩୮ହଜାର ୯୪୬ଟି ପକ୍ଷୀ ରହିଛନ୍ତି। ଗତବର୍ଷ ଚିଲିକାରେ ୧୧ଲକ୍ଷ ୩୧ହଜାର ୯୨୯ଟି ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ୫ ହଜାର ୮୩୦ଟି ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେହିପରି ଗତ ବର୍ଷ ୧୮୪ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୧୮୭ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଛି। ଏଥର ନୂତନ ଅତିଥିଭାବେ ଗୋଟିଏ ପଲାସ ଫିସ୍ ଇଗଲ୍ ନାମକ



ପଲାସ ଫିସ୍ ଇଗଲ

ପକ୍ଷୀ ଦୃଷ୍ଟିଗୋଚର ହୋଇଛି। ଚିଲିକାର ଶୋଭା ବର୍ଦ୍ଧନକାରୀ ଫ୍ଲେମିଂ ଗୋ (ଏରା) ହଂସଜାତୀୟ ପକ୍ଷୀ ଗତବର୍ଷ ୩୭୩ଟି ଦୃଷ୍ଟି ଗୋଚର ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୮୨୦ରେ ପହଞ୍ଚିଛି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦର୍ନ ପିଣ୍ଟେଲ୍ ୨ଲକ୍ଷ ୧୮ହଜାର ୬୫୪, ଗଡୱାଲ ୧ଲକ୍ଷ ୫୬ହଜାର ୬୩୬, ୟୁରାସିଆନ୍ ୱିଜିଅନ୍ ୧ଲକ୍ଷ ୪୦ହଜାର ୩୨୨, ବ୍ଲାକ୍ ଟେଲ୍ଡ ଗଡୱିଟ୍ ୬୬ହଜାର ୮୫୩, କମନ କୁଟ୍ ୬୬ହଜାର ୫୫୨ ଏବଂ ନର୍ଦ୍ଦର୍ନ ସୋଭଲର ୩୯ହଜାର ୪୪୭ ସଂଖ୍ୟାରେ ଅଛନ୍ତି। ନୂତନ ଅତିଥି ପଲାସ ଫିସ୍ ଇଗଲ ଏବଂ ପେଲିକାନ୍ ଗୋଟିଏ ଲେଖାଏ ଦେଖାଯାଇଛି। ସର୍ବାଧିକ ସଂଖ୍ୟାରେ ବାଲୁଗାଁ ରେଞ୍ଜ ଅନ୍ତର୍ଗତ ନଳବଣରେ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଦ୍ୱିତୀୟରେ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର ଏବଂ ସର୍ବନିମ୍ନଭାବେ ରମ୍ଭା ରେଞ୍ଜରେ ପକ୍ଷୀଙ୍କ ଚିହ୍ନଟ ହୋଇଛି।

# ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ରେଳମନ୍ତ୍ରୀ

## ନୂଆଗାଁ-ଦଶପଲ୍ଲା ରେଳ ସେକ୍ସନର ଉଦ୍‌ଘାଟନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ

ଭୁବନେଶ୍ୱର,୪।୧ (ଅନୁରାଧା ମହାରଣା)

ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତିନିଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବୈଷ୍ଣବ ଭୁବନେଶ୍ୱରରେ ପହଞ୍ଚିବେ। ଶନିବାର ୬ ତାରିଖରେ ନୟାଗଡ଼ ଜିଲାର କଣ୍ଟିଲୋଠାରେ ଡାକ ବିଭାଗର କାର୍ଯ୍ୟକ୍ରମ ଓ ଖଣ୍ଡପଡ଼ାଠାରେ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଦଶପଲ୍ଲା ରେଳ ଷ୍ଟେଶନ ବିଲ୍ଡିଂ ଏବଂ ନବନିର୍ମିତ ନୂଆଗାଁ-ଦଶପଲ୍ଲା ରେଳ ସେକ୍ସନର ଉଦ୍‌ଘାଟନ କରିବେ। ଏହି ଅବସରରେ ୪ଟି ଟ୍ରେନର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ। ୧୮୪୨୩/୧୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ, ୦୮୪୨୯/୦୮୪୩୦ ଭୁବନେଶ୍ୱର-ନୂଆଗାଁ ରୋଡ୍-ଭୁବନେଶ୍ୱର ପାସେଞ୍ଜର ସ୍ପେଶାଲ, ୦୮୪୨୩/୦୮୪୨୪ ପୁରୀ-ନୂଆଗାଁ ରୋଡ-ପୁରୀ ପାସେଞ୍ଜର ସ୍ପେଶାଲ ଏବଂ ୦୮୫୫୫/୦୮୫୫୬ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନଗୁଡିକର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ୭ରେ କଟକ ଜିଲାର ଆଠଗଡ଼, ବଡମ୍ବା ଓ ନରସିଂହପୁର ଅଞ୍ଚଳରେ କିଛି ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୩ରେ ୧୮୨ ଲକ୍ଷ କୋଟିର କାରବାର

## ୟୁପିଆଇ କାରବାରରେ ୪୯% ବୃଦ୍ଧି




■୧୦୦ ବିଲିୟନ ଅତିକ୍ରମ
■୧୧୭.୬ ବିଲିୟନ ଥର ବ୍ୟବହାର

ନୂଆଦିଲ୍ଲୀ,୪।୧

କ୍ରମାଗତ ଭାବେ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ)ର ଚାହିଦା ଓ କାରବାର ବୃଦ୍ଧି ପାଉଛି। ଏପରିକି ୟୁପିଆଇର ବ୍ୟବହାର ସବୁ ବର୍ଗଙ୍କ ଲାଗି ଏକ ମାଧ୍ୟମ ପାଲଟିଯାଇଛି। ଫଳରେ ଲଗାତର ଭାବେ ୟୁପିଆଇ କାରବାରରେ ଅଭିବୃଦ୍ଧି ଘଟୁଛି। ଉଲ୍ଲେଖଯୋଗ୍ୟ,ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) ୨୦୨୩ରେ ଉଲ୍ଲେଖନୀୟ ସଫଳତା ସହ ୧୦୦ ବିଲିୟନର ସ୍ତରକୁ ଅତିକ୍ରମ କରିଛି। ଏପରିକି ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ୧୧୭.୬ ବିଲିୟନ ଥର ୟୁପିଆଇ କାରବାର (ଟ୍ରାଞ୍ଜାକ୍ସନ) ହୋଇଥିବାବେଳେ ମୋଟ ୧୮୨ ଲକ୍ଷ କୋଟି ଟଙ୍କାର ନେଣଦେଣ (କାରବାର) ହୋଇଛି। ୨୦୨୨ ତୁଳନାରେ ଏହି ସଂଖ୍ୟା (କାରବାର ପରିମାଣ) ୪୫ % ଅଧିକ ବୋଲି କୁହାଯାଉଛି। ସେହିଭଳି ୨୦୨୩ ଡିସେମ୍ବରରେ ମୋଟ ୧୮.୨୩ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି। ୨୦୨୩ ନଭେମ୍ବର ତୁଳନାରେ ୫% ଅଧିକ ହୋଇଥିବାବେଳେ ୨୦୨୩ ଡିସେମ୍ବରରେ ୧୨.୦୨ ବିଲିୟନ ଥର କାରବାର ହୋଇଛି ବୋଲି କର୍ପୋରେଶନ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ ୨୦୨୩ ଡିସେମ୍ବର ଆଇଏମ୍‌ପିଏସ୍‌ରେ ମଧ୍ୟ ନେଣଦେଣ ୬% ବଢ଼ି ୪୯.୯ କୋଟି ହୋଇଛି, ଯେତେବେଳେକି ନଭେମ୍ବରରେ ଏହି ସଂଖ୍ୟା (କାରବାର ପରିମାଣ) ୪୭.୨ କୋଟି ଥିଲାବେଳେ ୨୦୨୩ ଡିସେମ୍ବରରେ ୪.୮୭ ଟ୍ରିଲିୟନ ନେଣଦେଣ ହୋଇଥିଲା ଏବଂ ଏଥିରେ ୫୮.୫ କୋଟି ଟଙ୍କା ରହିଥିଲା। ସେହିଭଳି ୨୦୨୩ ଡିସେମ୍ବରରେ ୩୪.୮ କୋଟି ଫାସ୍‌ଟାଗ୍ ନେଣଦେଣ ହୋଇଛି। ୨୦୨୩ ନଭେମ୍ବର ତୁଳନାରେ ଏହି ପରିମାଣ ପ୍ରାୟ ୩୨.୧ କୋଟି ରହିଛି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୪।୧

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୩୨(୫୩୨.୪୫) ପଏଣ୍ଟ ବଢ଼ି ୭୨,୮୮୯ (୭୨,୮୮୯.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୧ (୧୪୧.୨୫) ପଏଣ୍ଟ ବୃଦ୍ଧି ଘଟି ୨୧,୬୫୯ (୨୧,୬୫୮.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଅକ୍ଟୋବରରେ ଜିଓର ସର୍ବାଧିକ ଗ୍ରାହକ

ନୂଆଦିଲ୍ଲୀ,୪।୧

ଦେଶର ପ୍ରମୁଖ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ରିଲାଏନ୍ସ ଜିଓ ୨୦୨୩ ଅକ୍ଟୋବରରେ ୧.୮୮ ଲକ୍ଷରୁ ଅଧିକ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଛି। ଏ ନେଇ ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ଜିଓ ଓଡ଼ିଶାରେ ସର୍ବାଧିକ ପସନ୍ଦର ଏବଂ ୧ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ଆଧିପତ୍ୟ ବଜାୟ ରଖିଛି। ଏପରିକି ୨୦୨୩ ଅକ୍ଟୋବରରେ ଜିଓ ସର୍ବାଧିକ ସଂଖ୍ୟକ ମୋବାଇଲ ଗ୍ରାହକ ରାଜ୍ୟରେ ଯୋଡ଼ିଛି। ଲଗାତର ୨ୟ ମାସ ପାଇଁ ଜିଓ ଏକମାତ୍ର ସେବା ପ୍ରଦାନକାରୀ ଭାବେ ରାଜ୍ୟରେ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଥିବା ବେଳେ ଏୟାରଟେଲ୍, ବିଏସ୍‌ଏନ୍‌ଏଲ୍ ଓ ଭୋଡାଫୋନ୍ ଆଇଡିଆ (ଭି) ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୩ ଅକ୍ଟୋବରରେ ଜିଓ ଓଡ଼ିଶାରେ ୧.୮୮ ଲକ୍ଷରୁ ଅଧିକ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଛି। ଏହା ସହ ୨୦୨୩ ଅକ୍ଟୋବର ୩୧ ସୁଦ୍ଧା ଜିଓ ନେଟ୍‌ୱାର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୧.୪୭ କୋଟିରେ ପହଞ୍ଚିଛି। ୨୦୨୩ ଅକ୍ଟୋବରରେ ରାଜ୍ୟର ଟେଲିକମ୍ ଗ୍ରାହକ ସଂଖ୍ୟାରେ ୧.୪୯ ଲକ୍ଷ ବୃଦ୍ଧିହୋଇଛି। ଫଳରେ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଅକ୍ଟୋବର ଶେଷ ସୁଦ୍ଧା ୩.୩୩ କୋଟିକୁ ବୃଦ୍ଧି ପାଇଛି। ଜିଓ କ୍ରମାଗତ ଭାବେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ୨୦୨୩ ର ପ୍ରଥମ ୧୦ମାସରେ ୭.୩୫ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ି ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଜିଓ ଜାତୀୟ ସ୍ତରରେ ମଧ୍ୟ ସର୍ବାଧିକ ୩୧.୫୯ ଲକ୍ଷରୁ ଅଧିକ ଗ୍ରାହକ ଅକ୍ଟୋବରରେ ଯୋଡ଼ିଛି। ଏଥିସହ ଦେଶରେ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୪୫.୨୩ କୋଟିକୁ ବୃଦ୍ଧି ପାଇଛି ଏବଂ କମ୍ପାନୀ ଦେଶର ୧ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି।

ସୂଚନାଯୋଗ୍ୟ, ରିଲାଏନ୍ସ ଜିଓ ରାଜ୍ୟରେ ସର୍ବାଧିକ ୪୪% ଗ୍ରାହକ ବଜାର ଅଂଶ ଏବଂ ଶିଳ୍ପରେ ସର୍ବାଧିକ ୫୨% ରାଜସ୍ୱ ବଜାର ଅଂଶ ସହିତ ଓଡ଼ିଶାର ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଓଡ଼ିଶାର ୧ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ ତା'ର ଟ୍ରୁ-୫ଜି ନେଟ୍‌ୱର୍କ ଏବଂ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓଫାଇବରକୁ ଦ୍ରୁତଗତିରେ ବିସ୍ତାର କରୁଛି ଏବଂ ରାଜ୍ୟର ସମସ୍ତ ଜିଲାରେ ୫ଜି ନେଟ୍‌ୱର୍କ ଉପସ୍ଥିତି ସୁନିଶ୍ଚିତ କରିବାରେ ଜିଓ ପ୍ରଥମ ଟେଲିକମ୍ ଅପରେଟର ହୋଇଛି।


## ଦ୍ୱିତୀୟ ଜନ୍ମ ଦିନର ଶୁଭେଚ୍ଛା



ଦିବ୍ୟାଂଶୁ ଶେଖର ବେହେରା (ଆୟୁଷ)
ସୋମପୁର (ନୟାଧାମରା) ଚାନ୍ଦବାଲି, ଭଦ୍ରକ
ଦ୍ୱିତୀୟ ଜନ୍ମ ଦିବସ ଅବସରରେ ତୋର ଦୀର୍ଘାୟୁ କାମନା ସହ ଚଲାପଥ ସର୍ବଦା କୁସୁମିତ ରହୁ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
ବାପା, ବୋଉ, ଅଜା, ଆଈ, ମାମୁଁ, ମାଉସୀ, ଜେଜେ, ଜେଜେମା, ଭାଇ, ଭଉଣୀ, ପିଉସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୭୭


## ଶ୍ରୀଦୁର୍ଗାର ଲକି ଡ୍ର

# ମିଭାନ ଜିତିଲେ 'ହାର୍ଲେ ଡେଭିଡ୍‌ସନ'



ଭୁବନେଶ୍ୱର,୪।୧ (ଅଭୟ ଦାଶ)

ଶ୍ରୀଦୁର୍ଗା ରିଟେଲ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଆରପିଏଲ୍) ର ବହୁ ପ୍ରତୀକ୍ଷିତ ତଥା ପାର୍ବଣ 'ଲକି ଡ୍ର' ମହୋତ୍ସବ ଗୁରୁବାର ଭୁବନେଶ୍ୱରର ଅଶୋକନଗରସ୍ଥିତ ଜନପଥ ଷ୍ଟୋରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଶ୍ରୀଦୁର୍ଗା' ଫ୍ୟାମିଲି ଷ୍ଟୋର ପକ୍ଷରୁ ଗତ ଦୁର୍ଗାପୂଜାରେ ଆରମ୍ଭ ହୋଇଥିବା ଲକି ଡ୍ର'ଅଫରର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏପରିକି ଲକି ଡ୍ର ମହୋତ୍ସବ ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜନପଥ ଷ୍ଟୋର ପରିସରକୁ ଆସିଥିବା ଗ୍ରାହକମାନଙ୍କ ମଧ୍ୟରୁ ଜଣେ କୁନି ଗ୍ରାହକ ଉକ୍ତ ଲକି ଡ୍ର' କୁପନଗୁଡ଼ିକ ମଧ୍ୟରେ ଭାଗ୍ୟଶାଳୀ ବିଜେତାଙ୍କ ନାମ ଉଠାଇଥିଲେ। ତେବେ ଉକ୍ତ ଲକି ଡ୍ର' କୁପନ୍ ଉଠାଣରେ ଭୁବନେଶ୍ୱରର ମିଭାନ ସାମନ୍ତରାୟ 'ହାର୍ଲେ ଡେଭିଡ୍‌ସନ୍'ବାଇକ୍ ଜିତିଛନ୍ତି। ବିଶେଷକରି ସ୍ୱତନ୍ତ୍ର ଶପିଂର ନିଆରା ଅନୁଭୂତିରେ ସାମିଲ ହୋଇ ଗ୍ରାହକମାନେ ନିଶ୍ଚିତ ଉପହାର 'ସ୍ୱର୍ଣ୍ଣମୁଦ୍ରା' ଏବଂ ଲକି ଡ୍ର' ଜରିଆରେ 'ହାର୍ଲେ ଡେଭିଡ୍‌ସନ୍' ବାଇକ୍ ଜିତିବାର ସୁବର୍ଣ୍ଣ ସୁଯୋଗ ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀଦୁର୍ଗାର ଭୁବନେଶ୍ୱରସ୍ଥିତ ଅଶୋକନଗର, ପାତ୍ରପଡ଼ା ଏବଂ ବ୍ରହ୍ମପୁରସ୍ଥିତ ବଡ଼ବଜାରଠାରେ ଥିବା ଏକ୍ସକ୍ଲୁସି ଶୋ'ରୁମ୍ ରହିଛି ।

# ୨ଦିନିଆ ଭୁବନେଶ୍ୱର ଗସ୍ତରେ ଅତୁଲ



ଭୁବନେଶ୍ୱର,୪।୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅତୁଲ କୁମାର ଗୋଏଲ ୨ଦିନିଆ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଧିକାରୀ ସଂଘର ସହାୟକ ସାଧାରଣ ସମ୍ପାଦକ ତ୍ରୈଲୋଚନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ (ସଂଘର ସଦସ୍ୟ) ଗୋଏଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପିଏନ୍‌ବି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡିଙ୍କ ସମେତ ବ୍ୟାଙ୍କର ଉପ ଆଞ୍ଚଳିକ ପ୍ରବନ୍ଧକ ଲକ୍ଷ୍ମୀକାନ୍ତ ମିଶ୍ର ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗସ୍ତ ଅବସରରେ ଗୋଏଲ ଗ୍ରାହକମାନଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ଏପରିକି ସେ ମଧ୍ୟ ପାର୍ଲାମେଣ୍ଟାରି କମିଟି ବୈଠକରେ ମଧ୍ୟ ଯୋଗ ଦେବା ସହ ରାଜ୍ୟରେ ଥିବା ବ୍ୟାଙ୍କଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରିବେ। ବିଶେଷକରି ଓଡ଼ିଶାର ସମସ୍ତ ୩୦ଟି ଜିଲାରେ ପିଏନ୍‌ବିର ଶାଖା ରହିଛି।


Classified Everyday
0674-2580101, 2549949

ମନେ ପଡ଼ନ୍ତି


# ଏଚ୍‌ଏମ୍‌ଏସ୍‌ଆଇର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୪।୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୨୦୨୩ ଡିସେମ୍ବର ପାଇଁ ବିକ୍ରି ଫଳାଫଳ ସହ ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ କମ୍ପାନୀ ମୋଟ ୪୩,୮୪,୫୫୯ ୟୁନିଟ୍ ଗାଡ଼ି ବିକ୍ରି କରିଛି। ଏପରିକି ବାର୍ଷିକ ଗାଡ଼ି ବିକ୍ରିରେ ଏଚ୍‌ଏମ୍‌ଏସ୍‌ଆଇ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଥିଲାବେଳେ ବ୍ରାଣ୍ଡ୍‌ର ସବୁଠାରୁ ଶସ୍ତା ଏବଂ ଇନ୍ଧନ ଅନୁକୂଳ ମୋଟରସାଇକେଲ ସାଇନ୍ ୧୦୦ ସହିତ ବୈପ୍ଳବିକ ଆକ୍ଟିଭା ଏଚ୍-ସ୍ମାର୍ଟକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ବିଶେଷକରି ୨୦୨୩ ଡିସେମ୍ବରରେ କମ୍ପାନୀ ମୋଟ ୩,୧୭,୧୨୩ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା। ଏପରିକି ଦେଶ ଭିତରେ ୨,୮୬,୧୦୧ ୟୁନିଟ୍ ଗାଡ଼ି ବିକ୍ରି ହୋଇଥିବା ବେଳେ ମୋଟ ୩୧,୦୨୨ ୟୁନିଟ୍ ଗାଡ଼ି ରପ୍ତାନି ହୋଇଛି ବୋଲି ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩ ଡିସେମ୍ବରରେ ଦେଶ ଭିତର ବିକ୍ରିରେ ବାର୍ଷିକ ୨୩% ବୃଦ୍ଧି ଘଟିଥିବା ବେଳେ ରପ୍ତାନି ଗତ ବର୍ଷର ସମାନ ସମୟ ତୁଳନାରେ ୮୨% ବୃଦ୍ଧି ପାଇଛି। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ଆକ୍ଟିଭା ଲିମିଟେଡ୍ ସଂସ୍କରଣ ଏସ୍‌ପି୧୨୫ ସ୍ପୋର୍ଟସ୍ ସଂସ୍କରଣ ଏବଂ ହର୍ନେଟ ୨.୦ ଏବଂ ଡିଓ ୧୨୫ର ରେପ୍‌ସୋଲ୍ ସଂସ୍କରଣ ସମେତ କମ୍ପାନୀର ନ୍ୟୁ ଏସ୍‌ପି୧୬୦ ଏବଂ ନୂତନ ସ୍ପୋର୍ଟି, ଉନ୍ନତ ଏବଂ ସୁବିଧାଜନକ ଡିଓ୧୨୫କୁ ମଧ୍ୟ ଉନ୍ମୋଚିତ ହୋଇଥିଲା।

# ଆର୍‌ଇସି ସହ ବିଓବିର ବୁଝାମଣା




ଭୁବନେଶ୍ୱର,୪।୧

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ମହାରତ୍ନ ସିପିଏସ୍‌ଇ ଆର୍‌ଇସି ଲିମିଟେଡ୍ ଏବଂ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଉକ୍ତ ବୁଝାମଣା ଜରିଆରେ ଉଭୟ ସଂସ୍ଥା ଆଗାମୀ ୩ ବର୍ଷ ମଧ୍ୟରେ ଦେଶରେ ଶକ୍ତି, ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ମିଳିତ ଭାବେ ଋଣ ମଞ୍ଜୁର ଦେବେ ବୋଲି ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଆର୍‌ଇସି ଲିମିଟେଡ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ବିବେକ କୁମାର ଦେୱାଙ୍ଗନ ଏବଂ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ ଏବଂ ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲଳିତ କୁମାର ତ୍ୟାଗୀଙ୍କ ଉପସ୍ଥିତିରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ଏହା ଜରିଆରେ ଆମେ ମିଳିତ ଭାବେ ଶକ୍ତି, ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ପ୍ରକଳ୍ପ ପାଇଁ ଅର୍ଥ ଯୋଗାଇବାରେ ସକ୍ଷମ କରିବ। ଆର୍‌ଇସି ଲିମିଟେଡ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ବିବେକ କୁମାର ଦେୱାଙ୍ଗନ କହିଥିଲେ, ଏହି ଐତିହାସିକ ଚୁକ୍ତି ଦେଶର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଉପଲବ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସହଯୋଗୀ ପ୍ରୟାସକୁ ସୂଚିତ କରିଥାଏ।



REAL ESTATE

SALE

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ। 7788888879, 8249034529. D-75291

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-75092

ଗୃହପଯୋଗୀ ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ ମୌଜାରେ ୩୦ଫୁଟ୍ ରୋଡ୍ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495. D-2093




Relax, Refresh your body, Mind at Saikrupa Spa with best therapies. 8984068077. D-2080

Newly open Jyoti SPA positively health benefits (expert therapist). 8458067955. D-75182

Ashirvaad Salon and SPA get good massage for your health tha best therapy. 7077181074. D-75081

Newly open health benefits SPA special offer @ 799 Bapuji Nagar. 8018429809. D-75183

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

A s r i b a d a Panchakarma herbal SPA, Kesharimall, B h u b a n e s w a r . Contact: 8926173473. D-75091


BUSINESS

Concrete Mixture Machine & Lift with Ladder available for Roof Slab Casting at Chief cost At- Phulanakhara, Cuttack. 8327792030 (HITULA), 9682013654 (ALLI BABU). D-75092

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

In the Court of the Senior Civil Judge, Talcher MAT No.- 50/2018

ମମତା ପ୍ରଧାନ, ବୟସ ୩୯ବର୍ଷ, ସ୍ୱାମୀ- ସୁକାନ୍ତ କିଶୋର ପ୍ରଧାନ, ସା- ରଞ୍ଜା, ପୋ.ଅ.- ଖମାର, ସ.ଡି.- ପାଲଲହଡ଼ା, ଜି- ଅନୁଗୋଳ, ହ.ସା.- ମାର୍ଫତ ମହେଶ୍ୱର ପ୍ରଧାନ (ପିତା), ସା- ବଡ଼ହୀରା, ପୋ.ଅ- କାକୁଡ଼ିଆ, ଥାନା- କଣିହାଁ, ସ.ଡି.- ତାଳଚେର, ଜି- ଅନୁଗୋଳ

......ଦରଖାସ୍ତକାରୀ

ବନାମ

ସୁକାନ୍ତ କିଶୋର ପ୍ରଧାନ, ବୟସ ୪୫ବର୍ଷ, ପିତା- ଦୟାନିଧି ପ୍ରଧାନ, ସା- ରଞ୍ଜା, ପୋ.ଅ- ଖମାର, ସ.ଡି.- ପାଲଲହଡ଼ା, ଜି- ଅନୁଗୋଳ

.....ଅପରପକ୍ଷ

ଅତ୍ର ବିଜ୍ଞାପନ ପ୍ରଚାର ଦ୍ୱାରା ମମତା ପ୍ରଧାନ ଦରଖାସ୍ତକାରିଣୀ ଉକ୍ତ ଅଦାଲତରେ ତାଙ୍କ ସ୍ୱାମୀ ଯଥା ଉପରୋକ୍ତ ଅପରପକ୍ଷ ସୁକାନ୍ତ କିଶୋର ପ୍ରଧାନ, ପିତା- ଦୟାନିଧି ପ୍ରଧାନ, ସା- ରଞ୍ଜା, ପୋ.ଅ.- ଖମାର, ସ.ଡି.- ପାଲଲହଡ଼ା, ଜି- ଅନୁଗୋଳଙ୍କ ନାମରେ ଉପରୋକ୍ତ ମକଦ୍ଦମା ଛାଡ଼ପତ୍ର ନିମନ୍ତେ ଆବେଦନ କରିଅଛନ୍ତି। ଉକ୍ତ ମକଦ୍ଦମାର ଅପରପକ୍ଷଙ୍କ ହାଜର ନିମନ୍ତେ ଆସନ୍ତା ତା ୧୯।୦୨।୨୦୨୪ ପୂର୍ବାହ୍ନ ୧୦.୩୦ମି. ଧାର୍ଯ୍ୟ କରାଯାଇଛି। ଯଦି ଉପରୋକ୍ତ ଅପରପକ୍ଷ ସୁକାନ୍ତ କିଶୋର ପ୍ରଧାନ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଦ୍ୱାରା ହାଜର ହୋଇ ଆପଣ ଆପଣାର ଜବାବ ତଲବ ଜଣାଇବା ନିମନ୍ତେ ପଦକ୍ଷେପ ନେବେ ନାହିଁ ବା ଆବେଦନକାରିଣୀଙ୍କ ପ୍ରାର୍ଥନା ବିରୁଦ୍ଧରେ ଆପତ୍ତି କରିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ ତେବେ ଉପରୋକ୍ତ ନିରୂପିତ ଦିବସରେ ଆଇନ ଅନୁଯାୟୀ ଅପରପକ୍ଷଙ୍କ ଅନୁପସ୍ଥିତିରେ ବିଚାର କରାଯିବ।

ଅଦ୍ୟ ତା ୦୨।୦୧।୨୦୨୪ ଆମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କ ମୋହର ଯୁକ୍ତେ ଦିଆଗଲା।

ସ୍ଥାନ- ତାଳଚେର

ସ୍ୱା./- ସିଭିଲ ଜଜ୍ ବରିଷ୍ଠ ବିଭାଗ, ତାଳଚେର

ଧ- ୨୧୭୯


## ୧୮ତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଆଶୁତୋଷ ପ୍ରଧାନ
ଅଳଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ବୋଉ, ମାମୁ, ମାଇଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୭୨

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଦ୍ୟାଧର ଦାସ
ପୂର୍ବତନ ସେନା କର୍ମଚାରୀ (EME)
ଗ୍ରାମ: ସାମଘୋରୀ, ମାର୍ଶାଘାଇ, କେନ୍ଦ୍ରାପଡ଼ା
ଆବିର୍ଭାବ-ତା.୨୧।୦୬।୧୯୪୧
ତିରୋଧାନ- ତା.୨୬।୧୨।୨୦୨୩
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭ କରୁ।
ଶୋକସନ୍ତପ୍ତ: ସ୍ତ୍ରୀ: ବୀଣାପାଣି, ପୁତ୍ର: ଶାରଦା, ବରଦା, ପୁତ୍ରବଧୂ: ଟିନିଆ, ଜିନା, ଭ୍ରାତା: ରବୀନ୍ଦ୍ର, କୈଳାଶ, ପୁତୁରା: ଦିଲୀପ, ସରୋଜ, ନୀର, ପାପୁ, ବାପିନା, ଝିଅ: ମିଟୁ, ସୁନନ୍ଦା, ରୀନା, ଜ୍ୱାଇଁ: ରଞ୍ଜନ, ଦିଲୁ, ନାତି/ନାତୁଣୀ: ଗେଲୁ, ଫେଲୁ, ସୁହାନା, ସୋନାକ୍ଷି, ଜୀବନ, ଶିଳା, ଦିପୁ, ଲିପୁ, ଗୁଡ୍ଡୁ, ବୁଟୁ, ସମୁଦୀ: ସୁଶାନ୍ତ, ବିଜୟ, ଦାସ ପରିବାର ଓ ବନ୍ଧୁବର୍ଗ।
ଧ-୨୧୮୦


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଇପିଏଲ୍‌ରେ ଟଙ୍କା ବର୍ଷା

**ଆଇପିଏଲ୍‌ର ମିନି ଅକ୍ସନ ପ୍ରକ୍ରିୟାରେ ଅଷ୍ଟ୍ରେଲିଆ ଖେଳାଳି ଚାହିଦାରେ ରହିଥିଲେ। ପ୍ୟାଟ୍ କୁମିନ୍ସଙ୍କୁ ୨୦.୫ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦ କିଣିବା ପରେ କୋଲକାତା ନାଇଟ୍ ରାଇଡର୍ସ ମିଚେଲ ଷ୍ଟାର୍କଙ୍କୁ ସର୍ବକାଳୀନ ରେକର୍ଡ ୨୪.୭୫କୋଟି ଟଙ୍କା ବିନିମୟରେ ନିଜ ଦଳରେ ସାମିଲ କରି ଇତିହାସ ରଚିଥିଲା...**




ନିର୍ମଳ କୁମାର ମିଶ୍ର

**ବି**ଶ୍ୱର ସବୁଠାରୁ ବ୍ୟୟବହୁଳ ପ୍ରଫେଶନାଲ କ୍ରିକେଟ ଲିଗ୍ ଆଇପିଏଲ୍-୧୭ ପାଇଁ ମିନି ଅକ୍ସନ ପ୍ରକ୍ରିୟା ସମାପ୍ତ ହୋଇଛି। ପ୍ରଥମ ଥର ପାଇଁ ଦେଶ ବାହାରେ ଦୁବାଇଠାରେ ଏହା ଅନୁଷ୍ଠିତ ହୋଇଥିଲା। ୨୦୨୫ରେ ଆଇପିଏଲ୍‌ର ମେଗା ଅକ୍ସନ ହେବ। ମାତ୍ର ଆଗାମୀ ସଂସ୍କରଣ ପାଇଁ ମିନି ଅକ୍ସନ ହୋଇଥିବାରୁ କିଛି ତାରକା ଖେଳାଳିଙ୍କୁ ନିଜ ଦଳକୁ ନେବାପାଇଁ ଫ୍ରାଞ୍ଚାଇଜ୍‌ମାନେ ଟଙ୍କା ବର୍ଷା କରିଥିବା ଦେଖାଯାଇଛି। ବିଶେଷ କରି ଅଷ୍ଟ୍ରେଲିଆ ୨୦୨୨ ଓ ୨୦୨୩ରେ କ୍ରିକେଟର ୩ଟି ଫର୍ମାଟରେ ବିଶ୍ୱ ଚାମ୍ପିୟନ ହେବା ପରେ ଏହି ଦଳର କେତେ ଜଣ ଷ୍ଟାର ଖେଳାଳିଙ୍କୁ ନିଜ ପାଖକୁ ନେବାଲାଗି କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଓ ଗୁଜରାଟ ଫ୍ରାଞ୍ଚାଇଜମାନଙ୍କ ମଧ୍ୟରେ ଲଢ଼େଇ ବେଶ୍ ରୋମାଞ୍ଚକ ହୋଇଥିଲା। ଖେଳାଳି ରିଟେନଶନ୍ ଓ ରିଲିଜ୍ ପ୍ରକ୍ରିୟା ସମୟରେ ଅନେକ ଫ୍ରାଞ୍ଚାଇଜ କିଛି ଖେଳାଳିଙ୍କୁ ରିଲିଜ କରିବା ଫଳରେ ଦଳର ସମୀକରଣ ବଦଳିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ବିବାଦ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଋଷଭ ପନ୍ତ, ଲୋକେଶ ରାହୁଲ, ଶ୍ରେୟସ ଆୟର, କେନ୍ ୱିଲିୟମସନ, ଜୋଫ୍ରା ଆର୍ଚର, କାଶିଗୋ ରାବାଡାଙ୍କ ପରି ନାମୀଦାମୀ ଖେଳାଳି ଆଘାତପ୍ରାପ୍ତ ହେବା ପରେ ଅନେକ ଫ୍ରାଞ୍ଚାଇଜ ଚିନ୍ତାରେ ରହିଥିଲେ।

ଆଇପିଏଲ୍ ୨୦୨୪ ପାଇଁ ମୋଟ ୧୧୬୬ ଖେଳାଳି ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ରହିଥିଲେ ୨୧୨ ଅନ୍ତର୍ଜାତୀୟ ଖେଳାଳି। ୯୦୯ ଜଣ ଅନ୍‌କ୍ୟାପ୍‌ଡ ଏବଂ ଆଇସିସି ଆସୋସିଏଟ୍ ମେମ୍ବର ଦେଶରୁ ୪୫ ଖେଳାଳି ମଧ୍ୟ ସାମିଲ ହୋଇଥିଲେ। ମାତ୍ର ଖେଳାଳି ନିଲାମ ପ୍ରକ୍ରିୟା ପାଇଁ ୧୧୬ ଅନ୍ତର୍ଜାତୀୟ, ୨୧୫ ଜଣ ଭାରତୀୟ ଏବଂ ୨ଜଣ ଆସୋସିଏଟ୍ ଖେଳାଳିଙ୍କ ନାମ ବିଚାରକୁ ନିଆଯାଇଥିଲା। ପରିଶେଷରେ ୧୦ଟି ଫ୍ରାଞ୍ଚାଇଜ ମଧ୍ୟରେ ୭୭ଟି ସ୍ଥାନ ପାଇଁ ୩୦ଜଣ ବିଦେଶୀ ଖେଳାଳି ରହିଥିଲେ। ନିଲାମ ପ୍ରକ୍ରିୟାରେ ଫ୍ରାଞ୍ଚାଇଜମାନେ ୭୨ ଜଣଙ୍କୁ କ୍ରୟ କରିଥିଲେ। ଏଥିପାଇଁ ୨୩୧ କୋଟି ଟଙ୍କା ବିନିଯୋଗ କରାଯାଇଥିଲା। ବିଶେଷ କରି ୩୦ ବିଦେଶୀ ଖେଳାଳିଙ୍କୁ କିଣିବା ପାଇଁ ଫ୍ରାଞ୍ଚାଇଜମାନେ ଲଗାଇଥିଲେ ସର୍ବାଧିକ ଅର୍ଥ। ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ଚାହିଦା ଅଧିକ ରହିଛି। ପ୍ୟାଟ୍ କୁମିନ୍ସଙ୍କୁ ୨୦.୫ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦ କିଣିବା ପରେ କୋଲକାତା ନାଇଟ୍ ରାଇଡର୍ସ ମିଚେଲ ଷ୍ଟାର୍କଙ୍କ ପଛରେ ପଡିଥିଲା। ଷ୍ଟାର୍କ ୮ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରୁଥିଲେ ହେଁ ଆଇପିଏଲ୍ ଇତିହାସରେ ସର୍ବାଧିକ ଅର୍ଥରେ ବିକ୍ରି ହୋଇ ରେକର୍ଡ କଲେ। ଫର୍ମ୍, ଫିଟନେସ୍ ଓ ପ୍ରଦର୍ଶନ ପାଇଁ ଏହି ଦୁଇ ଅଷ୍ଟ୍ରେଲୀୟ ବୋଲର ଅଧିକ ଡିମାଣ୍ଡରେ ରହିଥିଲେ। ଷ୍ଟାର୍କଙ୍କୁ ନେବାପାଇଁ ଗୁଜରାଟ ଆଗ୍ରହ ପ୍ରକାଶ କରିଥିଲେ ହେଁ କୋଲକାତା ସର୍ବକାଳୀନ ରେକର୍ଡ ୨୪.୭୫କୋଟି ଟଙ୍କା ବିନିମୟରେ ନିଜ ଦଳରେ ସାମିଲ କରି ଇତିହାସ ରଚିଥିଲା। ଯାହାକି ସମସ୍ତଙ୍କର କଳ୍ପନା ବାହାରେ ରହିଥିଲା।

ଗତ ସଂସ୍କରଣରେ ପଞ୍ଜାବ କିଙ୍ଗ୍ସ ଇଂଲଣ୍ଡର ସାମ୍ କୁରାନଙ୍କୁ ୧୮.୫ କୋଟିରେ କିଣି ଚର୍ଚ୍ଚାରେ ରହିଥିଲା। ଏଥର ମିନି ଅକ୍ସନ ଥିବାରୁ କୌଣସି ଖେଳାଳିଙ୍କ ଦାମ୍ ୨୦ କୋଟି ଛୁଇଁପାରେ ବୋଲି ଆକଳନ କରାଯାଉଥିଲା। ତାହା ସତ ହେଲା। ଅନ୍ୟପକ୍ଷରେ ପଞ୍ଜାବକୁ କୁରାନ ସେପରି ସଫଳତା ଦେଇପାରି ନ ଥିବା ବେଳେ ଏହି ଫ୍ରାଞ୍ଚାଇଜ୍ ହର୍ଶଲ ପଟେଲଙ୍କୁ ୧୧.୭୫ କୋଟିରେ କିଣିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବ ସଂସ୍କରଣଗୁଡ଼ିକରେ କାମରନ ଗ୍ରୀନ୍, ବେନ ଷ୍ଟୋକ୍ସ, ସାମ କୁରାନ, କାଇଲ ଜେମିସନ, ପ୍ୟାଟ କୁମିନ୍ସ, ଗ୍ଲେନ ମାକ୍ସୱେଲଙ୍କ ପରି ବିଦେଶୀ ଖେଳାଳିମାନଙ୍କୁ ଫ୍ରାଞ୍ଚାଇଜମାନେ ଅଧିକ ଦାମରେ କିଣି ଆଖିଦୃଶିଆ ସଫଳତା ପାଇନାହାନ୍ତି। ଏହା ସତ୍ତ୍ୱେ ଗତ ଖେଳାଳି ନିଲାମରେ କୁମିନ୍ସ, ଷ୍ଟାର୍କ ଏବଂ ଆକ୍ରମଣାତ୍ମକ ଓପନର ଟ୍ରାଭିସ ହେଡ୍‌ଙ୍କ ମୂଲ୍ୟ ୫୦କୋଟି ପାର ହେବା କ୍ରିକେଟ ପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏବେ ସେମାନଙ୍କର ପ୍ରଦର୍ଶନ କିପରି ରହୁଛି ତାହା ଦେଖିବାର ଅଛି।

ବିଦେଶୀ ଖେଳାଳିଙ୍କ ସମେତ କ୍ୱାଲିଟି ଭାରତୀୟ ଯୁବ ଖେଳାଳିଙ୍କ ଉପରେ ମଧ ଫ୍ରାଞ୍ଚାଇଜ୍‌ଙ୍କ ନଜର ରହିଥିଲା। ବିଶେଷ କରି ଯେଉଁମାନେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି, ତାମିଲନାଡୁ ପ୍ରିମିୟର ଲିଗ୍, ୟୁପି ପ୍ରିମିୟର ଲିଗ୍‌ରେ ସଫଳତା ପାଇଥିଲେ ସେମାନେ ଟାର୍ଗେଟରେ ରହିଥିଲେ। ଏମାନଙ୍କ ମଧ୍ୟରେ ଥିଲେ ସମୀର ରିଜଭି, ଆଶୁତୋଷ ଶର୍ମା, ସ୍ୱସ୍ତିକ ଚିକାରା, ଅଭିମନ୍ୟୁ ସିଂ, ସୌରଭ ଚୌହାନଙ୍କ ପରି ପ୍ରତିଭା ସମ୍ପନ୍ନ ଖେଳାଳି। ଗତ ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ କରିଥିବା ନ୍ୟୁଜିଲାଣ୍ଡ ଯୁବ ଅଲରାଉଣ୍ଡର ରାଚିନ ରବୀନ୍ଦ୍ରଙ୍କ ଉପରେ ସମସ୍ତଙ୍କର ନଜର ରହିଥିଲେ ହେଁ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୧.୮୦ କୋଟିରେ କିଣି ନେଇଥିଲା। ମିନି ଅକ୍ସନ୍‌ରେ ୨କୋଟି ବେସ୍ ପ୍ରାଇସ ଥିବା ଖେଳାଳିଙ୍କ ସଂଖ୍ୟା ଥିଲା ୨୩। ଏହା ମଧ୍ୟରେ ହାରି ବ୍ରୁକସ୍, ରିଲେ ରୁଷୋ, କ୍ରିସ ୱକ୍ସ, ଜୋସ ଇଂଲିସ, ଜୋସ ହାଜେଲଉଡ୍, ପ୍ୟାଟ କୁମିନ୍ସ, ମିଚେଲ ଷ୍ଟାର୍କ, ସେନ ଆବୋଟ, ଆଦିଲ୍ ରସିଦ୍, ଲୋକି ଫର୍ଗୁସନ, ଶାର୍ଦ୍ଦୂଳ ଠାକୁର, ହର୍ଶଲ ପଟେଲ, ଉମେଶ ଯାଦବଙ୍କ ପରି ନାମୀ ଖେଳାଳି ରହିଥିଲେ। କେତେକ ନାମୀ ବିଦେଶୀ ଖେଳାଳିଙ୍କୁ କୌଣସି ଫ୍ରାଞ୍ଚାଇଜ ପସନ୍ଦ କରି ନ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଷ୍ଟିଭ ସ୍ମିଥ, ଜୋସ ଇଂଲିସ, ଜୋସ ହାଜେଲଉଡ, ଭାନ୍ ଡର ଡୁସେନ, ବେନ ଡକେଡ, ଫିଲିପ ସଲ୍ଟ, ସେନ୍ ଆବୋଟ, ଜାନସ ହୋଲ୍ଡର, କାଇଲ ଜେମିସନ, ଫିନ୍ ଆଲେନ, କରୁଣ ନାୟର, କୁଶାଲ ମେଣ୍ଡିସ, ବେନ୍ କଟିଂଙ୍କ ପରି ଖେଳାଳି। ଚେନ୍ନାଇ ସୁପର କିଙ୍ଗ୍ସ ଡାରେଲ ମିଚେଲଙ୍କୁ ୧୪ କୋଟିରେ କିଣି ନିଜ ଦଳକୁ ସନ୍ତୁଳିତ କରିଛି। ୧୭ତମ ଆଇପିଏଲ୍ ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇ ମେ' ୨୯ ପର୍ଯ୍ୟନ୍ତ ଚାଲିବ। ମୋଟ ୭୪ଟି ମ୍ୟାଚ ଖେଳାଯିବ। ଦେଖିବାର କଥା ଏହି ମିନି ଅକ୍ସନରେ ଫ୍ରାଞ୍ଚାଇଜମାନେ ଖେଳାଳିଙ୍କ ଉପରେ ଯେପରି ଟଙ୍କା ବର୍ଷ କରିଛନ୍ତି ସେଥିରୁ ସଫଳତା ପାଉଛନ୍ତି କି ନାହିଁ।




# ପେସ୍ ଓ ଅମୃତରାଜ୍ ବିରଳ ସମ୍ମାନ

**ଏସିଆ ମହାଦେଶର ପ୍ରଥମ ଦୁଇ ଖେଳାଳିଭାବେ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି ଭାରତର ଲିଆଣ୍ଡର ପେସ୍ ଓ ବିଜୟ ଅମୃତରାଜ୍। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଭାରତୀୟ ଟେନିସ୍‌କୁ ନୂଆ ଦିଶା ଦେଇଥିଲେ ଲିଆଣ୍ଡର। ସେହିପରି ଅମୃତରାଜ୍ ୧୯୮୦ରେ ବିଶ୍ୱ ସିଙ୍ଗଲ୍ସର ର୍ୟାଙ୍କିଙ୍ଗ୍‌ର ୧୮ତମ ସ୍ଥାନକୁ ଉନ୍ନୀତ ହୋଇ ଆଗାମୀ ପିଢ଼ିପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଥିଲେ।**


ରମେଶ ସାହୁ

**ଭା**ରତର ଲିଆଣ୍ଡର ପେସ୍ ଓ ବିଜୟ ଅମୃତରାଜ୍ ପେସାଦାର ଟେନିସ୍ ଦୁନିଆର ଦୁଇ ଖ୍ୟାତନାମା ଖେଳାଳି। ସେମାନେ ତାଙ୍କ ଈପ୍ସିତ ଲକ୍ଷ୍ୟ ହାସଲ କରିଛନ୍ତି। ଅନ୍ତର୍ଜାତୀୟ ଟେନିସ୍ କ୍ରୀଡ଼ାରେ ସେମାନଙ୍କର ଯୋଗଦାନକୁ ଅବଶେଷରେ ସ୍ୱୀକୃତି ମିଳିଛି। ଲଣ୍ଡନର ଇଣ୍ଟରନ୍ୟାଶନାଲ ଟେନିସ୍ ହଲ୍ ଅଫ୍ ଫେମ୍ ସଂଗଠନରେ ଦୁଇ ଖେଳାଳିଙ୍କୁ ସାମିଲ କରାଯିବ। ଏହି ବିଶ୍ୱ ସଂଗଠନରେ ଯୋଗ ଦେବାରେ ଲିଆଣ୍ଡର ଓ ଅମୃତରାଜ୍ ଏସିଆ ମହାଦେଶର ପ୍ରଥମ ଖେଳାଳି। ଅନ୍ତର୍ଜାତୀୟ ପେସାଦାର ଟେନିସ୍‌ରେ ସଫଳତା, ଦଳଗତ ପ୍ରତିଯୋଗିତାର ପଥପ୍ରଦର୍ଶକ ଓ ଦୂରଦର୍ଶୀ ଟେନିସ୍ ବ୍ୟକ୍ତିତ୍ୱମାନଙ୍କର ଅବଦାନକୁ ବିଚାର କରି ବ୍ୟକ୍ତିବିଶେଷ ଅଥବା ଏକ ଦଳକୁ ଏଥିପାଇଁ ଚୟନ କରାଯାଇଥାଏ। ଲିଆଣ୍ଡର ପେସ୍ ଦୁଇଟି ଅଲିମ୍ପିକ୍ ସଂସ୍କରଣରେ ଭାଗ ନେବାର ଗୌରବ ହାସଲ କରିଛନ୍ତି। ସେ ୧୯୯୨ ବାର୍ସେଲୋନା ଅଲିମ୍ପିକ୍‌ରେ ସଫଳତା ପାଇ ନ ଥିଲେ ମଧ୍ୟ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଲିଆଣ୍ଡରଙ୍କ ପରେ ଆଉ କେହି ଭାରତୀୟ ଟେନିସ ଖେଳାଳିଙ୍କ ଭାଗ୍ୟରେ ଅଲିମ୍ପିକ୍ ପଦକ ଜୁଟିନାହିଁ। ଏହାପରେ ସେ ପେସାଦାର ସର୍କିଟ୍‌କୁ ଆସିଥିଲେ। ଲିଆଣ୍ଡର ୧୮ଥର ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜୟୀ ହୋଇଥିଲେ। ଏହା ମୁଖ୍ୟତଃ ପୁରୁଷ ଡବଲ୍ସ ଓ ମିକ୍ସଡ ଡବଲ୍ସ ବିଭାଗର ସଫଳତା। ଭାରତର ମହେଶ ଭୂପତି, ସାନିଆ ମିର୍ଜା, ଆମେରିକାର ମାର୍ଟିନା ନଭ୍ରାତିଲୋଭା ଓ ସୁଇଜରଲାଣ୍ଡର ମାର୍ଟିନା ହିଙ୍ଗିସ୍‌ଙ୍କୁ ସାଥୀ କରି ଲିଆଣ୍ଡର ଗ୍ରାଣ୍ଡସ୍ଲାମ ଟାଇଟଲମାନ ଜିତିଥିଲେ। ୧୯୭୩ରେ ସେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ଭାରତ ସରକାର ୨୦୦୧ରେ ପଦ୍ମଶ୍ରୀ ଓ ୨୦୧୪ରେ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରିଥିଲେ।

ଅନ୍ୟପକ୍ଷରେ ବିଜୟ ଅମୃତରାଜ୍‌ଙ୍କୁ ଇଣ୍ଟରନ୍ୟାଶନାଲ ଟେନିସ୍ ହଲ୍ ଅଫ୍ ଫେମ୍‌ର ସଂଗଠକ ବିଭାଗରେ ସାମିଲ ପାଇଁ ମନୋନୀତ କରାଯାଇଛି। ଅମୃତରାଜ୍ ତାଙ୍କ କ୍ୟାରିୟରରେ ୧୬ଟି ସିଙ୍ଗଲ୍ସ ଓ ୧୩ଟି ଡବଲ୍ସ ଟାଇଟଲ୍ ଜିତିଥିଲେ। ୧୯୭୩ ୱିମ୍ବଲେଡନ୍ ଓ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମରେ କ୍ୱାର୍ଟରଫାଇନାଲ, ୧୯୭୬ ୱିମ୍ବଲେଡନ୍‌ରେ ସେମିଫାଇନାଲକୁ ଉଠିଥିଲେ। ସେହି ସମୟରେ ଅମୃତରାଜ୍ ତତ୍କାଳୀନ ବିଶ୍ୱର ଟପ୍ ଖେଳାଳି ଜନ୍ ବର୍ଗ, ଜିମି କନର୍ସ, ଇଭାନ୍ ଲେଣ୍ଡଲ ଓ ଜନ ମ୍ୟାକ୍‌ନେରୋଙ୍କୁ ହରାଇଥିଲେ। ସେ ତାଙ୍କ ଖେଳ ଜୀବନରେ ବିଶ୍ୱ ମାନ୍ୟତାର ୧୬ତମ ସ୍ଥାନରେ ପହଞ୍ଚି ପାରିଥିଲେ। ୧୯୮୦ଦଶକରେ ଭାରତୀୟ ଡେଭିସ କପ୍ ଦଳର ମଙ୍ଗ ଅମୃତରାଜ୍‌ଙ୍କ ହାତରେ ଥିଲା। ସେ ତାଙ୍କ ଦାୟିତ୍ୱ ତୁଲାଇ ଦଳକୁ ବିଶ୍ୱ ପର୍ଯ୍ୟାୟକୁ ଉନ୍ନୀତ କରାଇଥିଲେ। ତାଙ୍କୁ ଭାରତୀୟ ଡେଭିସ କପ୍ ଦଳର ନାୟକ କୁହାଯାଉଥିଲା। ଭାରତ ସରକାର ତାଙ୍କୁ ୧୯୮୩ରେ ପଦ୍ମଶ୍ରୀ ସମ୍ମାନ ଦେଇ ସମ୍ମାନିତ କରିଥିଲେ। ଅମୃତରାଜ୍‌ଙ୍କ ଜନ୍ମ ତାମିଲନାଡୁରେ। ଇଣ୍ଟରନ୍ୟାଶନାଲ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ୨୭ଟି ଦେଶର ୨୬୪ଜଣ ଟେନିସ୍ ବ୍ୟକ୍ତିତ୍ୱ ଥିଲାବେଳେ ଏବେ ତାଲିକାରେ ଏହି ୨ଜଣ ସାମିଲ ହୋଇଛନ୍ତି। ଦେଶ ତାଲିକାର ୨୮ନମ୍ବରରେ ଭାରତର ନାମ ରହିବ।

–ଶ୍ରୀ ଗୌର କୁଟୀର,
ବଡ଼ବଜାର, ବାରିପଦା,
ମୟୂରଭଞ୍ଜ)


ବିଜୟ ଅମୃତରାଜ


ଲିଆଣ୍ଡର ପେସ୍

## ମୂଲ୍ୟ

**ଅ**ନ୍ତିମ ଟି୨୦ ଜିତିଲା ଭାରତ
ଇଂଲଣ୍ଡ ବିପକ୍ଷ ଖେଳି
ସାଇକା ଇଶାକ, ଶ୍ରେୟଙ୍କା ପାଟିଲ
ମନ୍ଧାନା, ଜେମିମା ମିଳି
ସମ୍ଭାଳିଲେ ଟିମ୍ ପାଳି
ସିରିଜ ଗଲେ ବି
ସମ୍ମାନ ରହିଲା
ଧନ୍ୟ ଲେଡି ଟିମ୍ ମେଳି।

ଡବ୍ଲ୍ୟୁପିଏଲ୍‌ର ସେକେଣ୍ଡ ସଂସ୍କରଣ
ନିଲାମ ସରିଛି ଏଠି
ଆନାବେଲ ସଦରଲାଣ୍ଡ ପରେ ଆମ
କାଶଭି ମୂଲ୍ୟ ଦୁଇ କୋଟି
ଖେଳାଳି ଦୀନେଶ ବେଟି
ଫାଷ୍ଟ ଅନ୍‌କ୍ୟାପେଡ୍ ଭାବେ ଇତିହାସ
କଲା ଟପି ଏକ କୋଟି।

ସହରରେ ମାଳ ମାଳ
ୱାଇନ୍ ଶପ୍
ଉପାନ୍ତରେ ମଦଭାଟି
ଯଉତୁକ ନିର୍ଯାତନା ରୋକିବାରେ
ଖୋଲୁନି କାହାର ପାଟି
ଏମିତି ହୁଅନ୍ତା ଜଟି
ବର ଯଦି କନ୍ୟା
ନିଲାମ କରନ୍ତା
ଯୌତୁକ ଯାଆନ୍ତା ଉଠି।

–ସୁବାସ ଚନ୍ଦ୍ର ପ୍ରଧାନ

# ଖେଳରତ୍ନ ଚିରାଗ–ସାତ୍ୱିକ

**ବ୍ୟାଡ୍‌ମିଣ୍ଟନ ପରି ଏକ କ୍ରୀଡ଼ାରେ ଭାରତର ଦୁଇ ଖେଳାଳି ସାତ୍ୱିକ ସାଇରାଜ୍ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଶ୍ୱର ଶୀର୍ଷ ର୍ୟାଙ୍କିଙ୍ଗ୍ ପାଇବା ଏକ ବିଶେଷ ଉପଲବ୍ଧି। ଏସିଆର ଏହି ଅଗ୍ରଣୀ ଡବଲ୍ସ ଖେଳାଳି ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ଟୁର୍ନାମେଣ୍ଟ ଚାମ୍ପିୟନ୍ ହେବାସହ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କେବଳ ସେତିକି ନୁହେଁ, ଚାଇନାର ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ଭାରତକୁ ପ୍ରଥମଥର ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣପଦକ ଭେଟି ଦେବାସହ ବିଶ୍ୱସ୍ତରୀୟ ଥମାସ କପ୍ ବିଜୟ ମଧ୍ୟ ଏହି ଯୋଡ଼ିଙ୍କର ଆଉ ଏକ ବିଶେଷ ସଫଳତା...**

**ଭା**ରତର ଦୁଇ ବ୍ୟାଡ୍‌ମିଣ୍ଟନ ତାରକା ଚିରାଗ ସେଟ୍ଟୀ ଓ ସାତ୍ୱିକସାଇରାଜ୍ ରାଙ୍କିରେଡ୍ଡୀ ୨୦୨୩ ବର୍ଷ ପାଇଁ ଦେଶର ସର୍ବଶ୍ରେଷ୍ଠ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। କଠିନ ପରିଶ୍ରମ ସହ କ୍ୟାରିୟର ସଫଳତାକୁ ବିଚାର କରି ଏମାନଙ୍କ ନାମ ଜାତୀୟ କ୍ରୀଡ଼ା ପୁରସ୍କାର ସକାଶେ ଘୋଷଣା କରାଯାଇଛି। ଭାରତରେ ଜନପ୍ରିୟତା ଆଧାରରେ କ୍ରୀଡ଼ାଗୁଡ଼ିକ ଶ୍ରେଣୀଭୁକ୍ତ। ବ୍ୟାଡମିଣ୍ଟନ ଏକ ସହଜ ସୁଲଭ କ୍ରୀଡ଼ା। ବ୍ୟୟସାପେକ୍ଷ ହୋଇଥିଲେ ମଧ କ୍ରୀଡ଼ାଟି ଆଦୃତ। ଏହି କ୍ରୀଡ଼ାରେ ସାତ୍ୱିକ-ଚିରାଗ ବିଶ୍ୱର ଟପ୍ ର୍ୟାଙ୍କିଙ୍ଗ୍ ପାଇବା ଏକ ବିଶେଷ ସଫଳତା ଥିଲା। ଏସିଆର ଏହି ଅଗ୍ରଣୀ ଡବଲ୍ସ ଖେଳାଳି ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ଟୁର୍ନାମେଣ୍ଟ ଚାମ୍ପିୟନ୍ ହେବାସହ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏସିଆ ମହାଦେଶରେ ଚାଇନା ବ୍ୟାଡମିଣ୍ଟନର ଏକ ପାୱାର ହାଉସ୍। ଚାଇନାର ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସାତ୍ୱିକ–ଚିରାଗ ଭାରତକୁ ପ୍ରଥମଥର ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ଭେଟି ଦେଇଥିଲେ। ବିଶ୍ୱସ୍ତରୀୟ ଥମାସ କପ୍ ବିଜୟ ମଧ୍ୟ ଏହି ଯୋଡ଼ିଙ୍କର ଆଉ ଏକ ବିଶେଷ ସଫଳତା। ସାତ୍ୱିକ–ଚିରାଗ ଗତ ବର୍ଷ ୪ଟି ଟାଇଟଲ୍ ହାତେଇଛନ୍ତି। ସ୍ୱିସ୍ ଓପନ, କୋରିଆ ଓପନ ବିଜୟୀ ହେବାସହ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ଓ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୋରିଆ ଓପନ ଫାଇନାଲ ମ୍ୟାଚ ଦୁଇ ଖେଳାଳିଙ୍କ ପାଇଁ ଚିର ସ୍ମରଣୀୟ ରହିବ। ଡେନମାର୍କର ମାଥିଅସ୍ ବୋ ହେଉଛନ୍ତି ସେମାନଙ୍କର ପ୍ରଶିକ୍ଷକ। ତେବେ ଖେଳରତ୍ନ ପ୍ରସଙ୍ଗରେ ଭାରତର ଚାମ୍ପିୟନ ତୀରନ୍ଦାଜ ଜ୍ୟୋତି ସୁରେଖା ଭେନାମ୍ ଅସନ୍ତୁଷ୍ଟ ଅଛନ୍ତି। ସୁରେଖା ଖେଳରତ୍ନ ପାଇବାକୁ ଯୋଗ୍ୟ ଥିଲେ ବୋଲି ଦାବି କରିଛନ୍ତି। ସେ ହାସଲ କରିଥିବା ସଫଳତା ଅଧିକ ମୂଲ୍ୟବାନ୍ ବୋଲି କହିଛନ୍ତି। ସୁରେଖା ଆର୍ଚେରୀ କ୍ରୀଡ଼ାରେ ଗତବର୍ଷ ୧୩ଟି ଅନ୍ତର୍ଜାତୀୟ ପଦକ ବିଜୟିନୀ ହୋଇଥିଲେ। ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ବ୍ୟକ୍ତିଗତ, ଦଳ ଓ ମିଶ୍ରିତ ଦଳ ବିଭାଗ ଆର୍ଚେରୀ ପ୍ରତିଯୋଗିତାରେ ୩ଟି ସ୍ୱର୍ଣ୍ଣ ପଦକ ପାଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ, ବିଶ୍ୱକପ୍‌ରେ ୪ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ ଏବଂ ଏସିଆନ୍ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଏତେସବୁ ପରେ ବି ତାଙ୍କୁ ଅଣଦେଖା କରାଯାଇଥିବା ଜ୍ୟୋତି ସୁରେଖା ଭେନାମ୍ ପ୍ରକାଶ କରିଛନ୍ତି।



ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ–ଚିରାଗ ସେଟ୍ଟୀ

## ନାଡାଲ ବ୍ରିସ୍‌ବେନ କ୍ୱାର୍ଟରରେ



**ବ୍ରିସବେନ୍, ୪।୧(ଏପି)**

ଏକ ବର୍ଷ ଆଘାତଜନିତ ସମସ୍ୟାରେ ରହିବା ପରେ ଟେନିସକୁ ଫେରିଥିବା ରାଫାଲ ନାଡାଲ ଜାସନ କୁବଲରଙ୍କୁ ୬-୧, ୬-୨ ସେଟ୍‌ରେ ହରାଇ ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପିଚାରେ ଅସ୍ତ୍ରୋପଚାର ଯୋଗୁ ୨୨ଥର ଗ୍ରାଣ୍ଡସ୍ଲାମ ବିଜେତା ବର୍ଷେ ହେଲା ଟେନିସରୁ ଦୂରରେ ରହିବାରୁ ର୍‍ୟାଙ୍କିଙ୍ଗ ତାଲିକାର ୬୦୦ତମ ସ୍ଥାନକୁ ଖସି ଆସିଛନ୍ତି। ଚଳିତ ମାସରେ ଅଷ୍ଟ୍ରେଲିଆନ ଓପନ ପୂର୍ବରୁ ଅଧିକରୁ ଅଧିକ ମ୍ୟାଚ ଜିତି ନିଜକୁ ଭଲରୂପେ ପ୍ରସ୍ତୁତ କରିବା ଲାଗି ଚାହୁଁଛନ୍ତି। ଗତଥର ଜାନୁୟାରୀ ପରେ ୩୭ ବର୍ଷୀୟ ସ୍ପାନିଶ ଖେଳାଳି ତାଙ୍କର ପ୍ରଥମ ପ୍ରତିଯୋଗିତାମୂଳକ ମ୍ୟାଚ ଗତ ମଙ୍ଗଳବାର ଜିତିଛନ୍ତି। ସେ ୨୦୨୦ ୟୁଏସ୍ ଓପନ ଚାମ୍ପିୟନ ତଥା ପୂର୍ବତନ ନମ୍ବର ୱାନ ର୍‍ୟାଙ୍କିଙ୍ଗପ୍ରାପ୍ତ ଡୋମିନିକ ଥିମ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ଭିକ୍ଟୋରିଆ ଆଜାରେଙ୍କା ଓ ଜେଲେନା ଓଷ୍ଟାପେଙ୍କା ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଆଜାରେଙ୍କା ଫ୍ରାନ୍ସର କ୍ଲାରା ବୁରେଲଙ୍କୁ ୭-୫, ୬-୨ରେ ହରାଇ ଏଠାରେ ୫ମ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୨ ଓ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ବର୍ତ୍ତମାନ ତୃତୀୟ ସିଡ୍ ଓଷ୍ଟାପେଙ୍କୋଙ୍କୁ ଭେଟିବେ। ୨୦୧୭ ଫ୍ରେଞ୍ଚ ଓପନ ଚାମ୍ପିୟନ ଓଷ୍ଟାପେଙ୍କା ୩ଥର ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲ ବିଜେତା କାରୋଲିନା ପ୍ଲିସକୋଭାଙ୍କୁ ପରାସ୍ତ କରିଛନ୍ତି।

# ବୟସ ଜାଲିଆତି ଯୋଗୁ ବିଦା

**ଭୁବନେଶ୍ୱର, ୪।୧**
**(ତପନ ସ୍ୱାଇଁ)**

- ଓଡ଼ିଶା କ୍ରିକେଟର ସୁମିତ ଶର୍ମାଙ୍କୁ ୨ ବର୍ଷ ଅଯୋଗ୍ୟ ଘୋଷଣା କଲା ବିସିସିଆଇ
- ମ୍ୟାଚ ଖେଳିବା ପୂର୍ବରୁ ଓଡ଼ିଶା ଦଳରେ ପରିବର୍ତ୍ତନ
- ରଣଜୀ ଦଳରେ ତାରିଣୀ ସ'ଙ୍କୁ ସୁଯୋଗ

ରଣଜୀ ଟ୍ରଫି ସିଜନ ଆରମ୍ଭ ପୂର୍ବରୁ ଓଡ଼ିଶାକୁ ଶକ୍ତ ଝଟ୍‌କା ଲାଗିଛି। ବୟସ ଜାଲିଆତି ଯୋଗୁ ଦଳର ଅନ୍ୟତମ ସଦସ୍ୟ ସୁମିତ ଶର୍ମାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ସିଜନର ପ୍ରଥମ ଦୁଇ ମ୍ୟାଚ ପାଇଁ ରାଜ୍ୟ ଚୟନ କମିଟି ମନୋନୀତ କରିଥିବା ୧୫ ଜଣିଆ ଦଳରେ ସୁମିତ ସାମିଲ ଥିଲେ। ମାତ୍ର ତାଙ୍କ ନାମରେ ବୟସ ଜାଲିଆତି ଅର୍ଥାତ୍ ଏକାଧିକ ଜନ୍ମ ପ୍ରମାଣପତ୍ର ଦାଖଲ ଅଭିଯୋଗ ହୋଇଛି। ୨୦୧୫-୧୬ରେ ଜୁନିୟର ସ୍ତରର କ୍ରିକେଟ ପାଇଁ ସୁମିତ ଦାଖଲ କରିଥିବା ପ୍ରମାଣପତ୍ର ଏବଂ ଚଳିତ ସିଜନ ପାଇଁ ଦେଇଥିବା ଜନ୍ମ ପ୍ରମାଣପତ୍ରରେ ମେଳ ରହିନାହିଁ। ଫଳରେ ଘରୋଇ କ୍ରିକେଟରୁ ତାଙ୍କୁ ୨ ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କରିଛି ବିସିସିଆଇ। ଏଥିପାଇଁ ସ୍ୱାଭାବିକଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ନିନ୍ଦିତ ହୋଇଛି। ପ୍ରକାଶ ଯୋଗ୍ୟ ଯେ, ବୟସ ଜାଲିଆତିରେ ଓଡ଼ିଶା କ୍ରିକେଟର ଛନ୍ଦିହେବା ଏହା ନୂଆ ନୁହେଁ। ସମାନ କାରଣ ପାଇଁ ଏହା ପୂର୍ବରୁ ଏକାଧିକ ଖେଳାଳିଙ୍କ ଯୋଗୁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲେ ହେଁ ସମସ୍ୟାର ସମାଧାନ ହୋଇ ପାରିନାହିଁ। ବରୋଦା ବିପକ୍ଷ ମ୍ୟାଚ ପାଇଁ ସୁମିତଙ୍କ ସ୍ଥାନରେ ଓଡ଼ିଶା ଦଳରେ ତାରିଣୀ ସ'ଙ୍କୁ ସାମିଲ କରାଯାଇଛି। ଓଡ଼ିଶା-ବରୋଦା ମ୍ୟାଚ ଭଦୋଦରାର ମୋତିବାଗ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଆରମ୍ଭ ହେବ।

**ଓଡ଼ିଶା ଦଳ:** ଶାନ୍ତନୁ ମିଶ୍ର (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ସେନାପତି, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଜୟନ୍ତ ବେହେରା, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁନୀଲ କୁମାର ରାଉଳ, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ପ୍ରୟାସ ସିଂ, ତାରିଣୀ ସ'।



ସୁମିତ ଶର୍ମା

## ୧୯୭ ରନ୍ ପଛରେ ଅଷ୍ଟ୍ରେଲିଆ

**ଅନ୍ତିମ ଟେଷ୍ଟ**

**ସିଡ୍‌ନୀ,୪।୧(ପି.ଟି)**

ସିଡ୍‌ନୀରେ ଅନୁଷ୍ଠିତ ଡେଭିଡ୍ ୱାର୍ନରଙ୍କ ବିଦାୟୀ ଟେଷ୍ଟର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୧୯୭ ରନ୍ ପଛରେ ରହିଛି। ପାକିସ୍ତାନ ପ୍ରଥମ ଇନିଂସ ୩୧୩ ରନ୍‌ରେ ସୀମିତ ରହିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଦଳ ୨ ଉଇକେଟରେ ୧୧୬ ରନ୍ କରିଛି। ଦ୍ୱିତୀୟ ଦିନରେ ବର୍ଷା ଓ ଖରାପ ଆଲୋକ କାରଣରୁ ମାତ୍ର ୪୬ ଓଭରରେ ଖେଳ ସମ୍ଭବ ହୋଇଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୬/୦ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଦୁଇ ଓପନର ସତର୍କତାର ସହିତ ରନ୍ ଆଗକୁ ବଢାଇଥିବା ବେଳେ ପ୍ରଥମ ଉଇକେଟରେ ୭୦ ରନ୍ ଯୋଡିଥିଲେ। ଶେଷ ଟେଷ୍ଟ ଖେଳୁଥିବା ଡେଭିଡ୍ ୱାର୍ନର ୩୪ ରନ୍ କରି ଆଘା ସଲମାନଙ୍କ ବଲରେ ଆଉଟ ହୋଇଥିଲେ। ଅନ୍ୟତମ ଓପନର ଉସ୍‌ମାନ ଖ୍ୱାଜା ୪୭ ରନ୍ କରିଥିବା ବେଳେ ଦଳୀୟ ସ୍କୋର ୧୦୮ରେ ତାଙ୍କୁ ଆଉଟ କରିଥିଲେ ଅମିର ଜମାଲ। ଖରାପ ଆଲୋକ କାରଣରୁ ଖେଳ ବନ୍ଦ ହେବା ବେଳକୁ ମାର୍ନଶ୍ ଲାବୁଶେନ୍ ୨୩ ଓ ଷ୍ଟିଭ୍ ସ୍ମିଥ୍ ୬ ରନ୍‌ରେ ବ୍ୟାଟିଂ କରୁଛନ୍ତି।

ପୂର୍ବରୁ ପ୍ରଥମ ଦିନରେ ମହମ୍ମଦ ରିଜ୍‌ୱାନଙ୍କ ୮୮, ଅମିର ଜମାଲଙ୍କ ୮୨ ଓ ଆଘା ସଲମାନଙ୍କ ୫୩ ରନ୍ ବଳରେ ପାକିସ୍ତାନ ୩୧୩ ରନ୍‌ର ଲଢୁଆ ସ୍କୋର ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ କୁମିନ୍ସ ୫ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ ୭୭.୧ ଓଭରରେ ୩୧୩/୧୦( ମହମ୍ମଦ ରିଜ୍‌ୱାନ-୮୮, ଅମିର ଜମାଲ-୮୨, ଆଘା ସଲମାନ-୫୩, ପ୍ୟାଟ୍‌କୁମିନ୍ସ-୫/୬୧,ମିଚେଲଷ୍ଟାର୍କ-୨/୭୫, ମିଚେଲ ମାର୍ଶ-୧/୨୭)।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୪୭ ଓଭରରେ ୧୧୬/୨( ଉସ୍‌ମାନ ଖ୍ୱାଜା-୪୭, ଡେଭିଡ୍ ୱାର୍ନର-୩୪, ଆଘା ସଲମାନ-୧/୧୮, ଅମିର ଜମାଲ-୧/୨୬)।

ଅଭିନନ୍ଦନ
ମହରାପଦର ଏବଂ ନାନ୍ଦୁପଲା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
କ୍ଷୀରାଧର ବରିହା
ପି.ଇ.ଓ., ନାନ୍ଦୁପଲା ଓ ମହରାପଦର ପଞ୍ଚାୟତ

* ଅଭିନନ୍ଦନ ୨୦୨୪ *
ସୁନାବେଡ଼ା ପୌରାଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା।
ଉଷାରାଣୀ ଦାଶ
ଅଧକ୍ଷା ତଥା ସମ୍ପାଦକ
ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ

ଅଭିନନ୍ଦନ
ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ନୂତନ ବର୍ଷର ଅଭିନନ୍ଦନ।
ଅରବିନ୍ଦ ଧରୁଆ
ବନପାଳ, ଧଣ୍ଡାମୁଣ୍ଡା ସେକ୍‌ସନ

ଅଭିନନ୍ଦନ
ବଣ୍ୟ ଜନ୍ତୁ ଓ ଜଙ୍ଗଲକୁ ସୁରକ୍ଷା ଦେବା ସହ ନିଆଁ ଦାଉରୁ ରକ୍ଷା କରନ୍ତୁ। ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଅରବିନ୍ଦ ନାଏକ
ରେଞ୍ଜ ଅଫିସର, ହରିଶଙ୍କର ରେଞ୍ଜ

ଅଭିନନ୍ଦନ
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ପ୍ରଶାନ୍ତ କୁମାର ସାହୁ
ଏ.ପି.ଓ., ଖପ୍ରାଖୋଲ ବ୍ଲକ

ଅଭିନନ୍ଦନ
ମହରାପଦର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ସୁମତି ପ୍ରଧାନ
ସରପଞ୍ଚ, ମହରାପଦର ପଞ୍ଚାୟତ

ଅଭିନନ୍ଦନ
ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ବଳଭଦ୍ର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ

ଅଭିନନ୍ଦନ
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ବ୍ରଜବନ୍ଧୁ ଠାକୁର
ସେକ୍‌ସନ ଅଫିସର, ଖପ୍ରାଖୋଲ ବ୍ଲକ

ଅଭିନନ୍ଦନ
ମହରାପଦର ଏବଂ ଧଣ୍ଡାମୁଣ୍ଡା ଅଞ୍ଚଳର ଚାଷୀଙ୍କ ପାଇଁ ନୂଆବର୍ଷ ସୁଖମୟ ହେଉ। ନୂତନ ବର୍ଷର ଅଭିନନ୍ଦନ।
ରାଜେନ୍ଦ୍ର ଭୋଇ
ସମ୍ପାଦକ, କୃଷି ସମବାୟ ସମିତି, ମହରାପଦର ଓ ଧଣ୍ଡାମୁଣ୍ଡା

ଅଭିନନ୍ଦନ
ଜଙ୍ଗଲର ସୁରକ୍ଷା କରନ୍ତୁ, ସୁନ୍ଦର ଭବିଷ୍ୟତ ଗଢ଼ନ୍ତୁ।
ସୁନୀଲ କୁମାର ମିଶ୍ର
ଡେପୁଟି ରେଞ୍ଜ ଅଫିସର, ହରିଶଙ୍କର ରେଞ୍ଜ

ଅଭିନନ୍ଦନ
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଚିନ୍ମୟ ପ୍ରଧାନ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ଖପ୍ରାଖୋଲ ବ୍ଲକ

ଅଭିନନ୍ଦନ
ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଦିଲ୍ଲୀପ ରାଉତ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ

ଅଭିନନ୍ଦନ
ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ରାଜକିଶୋର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ

ଅଭିନନ୍ଦନ
ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ
ସୂର୍ଯ୍ୟଭାନୁ ମେହେର
କନିଷ୍ଠ ଯନ୍ତ୍ରୀ,ଖପ୍ରାଖୋଲ

ଅଭିନନ୍ଦନ
ତେଲେନପାଲି ଅଞ୍ଚଳର ଚାଷୀମାନଙ୍କୁ ନୂଆବର୍ଷର ଅଭିନନ୍ଦନ।
ଗଣେଶ ମାଝୀ
ସମ୍ପାଦକ, କୃଷି ସମବାୟ ସମିତି, ତେଲେନପାଲି

ଅଭିନନ୍ଦନ
ଲାଠୋର ଅଞ୍ଚଳର ସମସ୍ତ ଚାଷୀଭାଇମାନଙ୍କୁ ନୂଆ ବର୍ଷର ଅଭିନନ୍ଦନ।
ଜଗଦିଶ ରଣା
ସମ୍ପାଦକ, କୃଷି ସମବାୟ ସମିତି, ଲାଠୋର

ଅଭିନନ୍ଦନ
ଲୁହାସିଂହା କୃଷି ସମବାୟ ସମିତି ତଥା ଜିଲ୍ଲାର ସମସ୍ତ ଚାଷୀଭାଇଙ୍କୁ ନୂତନ ବର୍ଷର ଅଭିନନ୍ଦନ।
କନ୍ଦର୍ପ ସୁଆର
ସଭାପତି
ଲୁହାସିଂହା କୃଷି ସମବାୟ ସମିତି
ଦମୟନ୍ତୀ ସୁଆର
ନିର୍ଦ୍ଦେଶିକା
ବଲାଙ୍ଗୀର ଜିଲ୍ଲା ସମବାୟ ବ୍ୟାଙ୍କ

ଅଭିନନ୍ଦନ
ରେଙ୍ଗାଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଉମାକାନ୍ତ ମେହେର
ସରପଞ୍ଚ, ରେଙ୍ଗାଲି ଗ୍ରାମପଞ୍ଚାୟତ

ଅଭିନନ୍ଦନ
ଖପ୍ରାଖୋଲ ଅଞ୍ଚଳର ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ସୁଧୀର କୁମାର ଜେନା
ବନପାଳ, ଖପ୍ରାଖୋଲ ସେକ୍‌ସନ

ଅଭିନନ୍ଦନ
ଖପ୍ରାଖୋଲ ଅଞ୍ଚଳର ସମସ୍ତ ଚାଷୀଭାଇମାନଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀପତି ଭୋଇ
ସମ୍ପାଦକ, କୃଷି ସମବାୟ ସମିତି, ଖପ୍ରାଖୋଲ





ଜାତୀୟ ସିନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସର ଅନ୍ତିମ ଦିନରେ ପଦକ ବିଜେତା ଖେଳାଳି ଅତିଥିଙ୍କ ଗହଣରେ । କୋଚ୍ ବିଶେଶ୍ୱର ନନ୍ଦୀଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ଦୀପା କର୍ମକାର। ପଦକ ସହ ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର। (ଫଟୋ: ବିକାଶ ନାୟକ)

# କେପ୍ ଟାଉନ୍‌ରେ ପ୍ରଥମ ବିଜୟ



କ୍ୟାରିୟର୍‌ର ନବମ ୫ ଉଇକେଟ ସଫଳତା ପରେ ଯଶପ୍ରୀତ୍ ବୁମ୍‌ରା।



ଶତକ ହାସଲ ପରେ ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରମ।

**(ବଲ୍ ବୋଲିଂ ଦୃଷ୍ଟିରୁ)**

**୬୪୨:** ଦକ୍ଷିଣ ଆଫ୍ରିକା ବନାମ ଭାରତ, କେପ୍ ଟାଉନ୍, ୨୦୨୪
**୬୫୬:** ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା, ମେଲବୋର୍ନ, ୧୯୩୨
**୬୭୨:** ୱେଷ୍ଟଇଣ୍ଡିଜ ବନାମ ଇଂଲଣ୍ଡ, ବ୍ରିଜ୍‌ଟାଉନ୍, ୧୯୩୫
**୭୮୮:** ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ, ମାଞ୍ଚେଷ୍ଟର, ୧୯୮୮
**୭୯୨:** ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ, ଲର୍ଡ୍ସ, ୧୯୮୮

**ଦକ୍ଷିଣ ଆଫ୍ରିକାରେ ଭାରତର ଟେଷ୍ଟ ବିଜୟ**

୧୨୩ ରନ: ଜୋହାନ୍ସବର୍ଗ, ୨୦୦୬
୮୭ ରନ: ଡର୍ବାନ, ୨୦୧୦
୬୩ ରନ: ଜୋହାନ୍ସବର୍ଗ, ୨୦୧୮
୧୧୩ ରନ: ସେଞ୍ଚୁରିଅନ, ୨୦୨୧
୭ ଉଇକେଟ: କେପ୍ ଟାଉନ୍, ୨୦୨୪

**(ପ୍ରଥମ ଏସୀୟ ଦଳଭାବେ ଭାରତ କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍ସରେ ଟେଷ୍ଟ ବିଜୟୀ ହୋଇଛି)**

**କମ୍ ରନ ବିଶିଷ୍ଟ ଟେଷ୍ଟ**
**(ଭାରତ-ଦକ୍ଷିଣ ଆଫ୍ରିକା)**

୪୬୪: କେପ୍ ଟାଉନ୍, ୨୦୨୪
୬୫୨: ନାଗପୁର, ୨୦୧୫
୬୬୦: ଡର୍ବାନ, ୧୯୯୬
୬୭୮: ମୁମ୍ବାଇ, ୨୦୦୦
୬୯୪: ମୋହାଲି, ୨୦୧୫

**ଭାରତ ସମ୍ପୃକ୍ତ ଥିବା ଦୁଇଦିନିଆ ଟେଷ୍ଟ**

ଭାରତ ବନାମ ଆଫଗାନିସ୍ତାନ, ବେଙ୍ଗାଲୁରୁ, ୨୦୧୮
ଭାରତ ବନାମ ଇଂଲଣ୍ଡ, ଅହମଦାବାଦ, ୨୦୨୧
ଦକ୍ଷିଣ ଆଫ୍ରିକା ବନାମ ଭାରତ, କେପ୍‌ଟାଉନ୍, ୨୦୨୪

# ରାକେଶଙ୍କ ଶ୍ରେଷ୍ଠ ପ୍ରଦର୍ଶନ

## ଜାତୀୟ ସିନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଉଦ୍‌ଯାପିତ

## ■ ଦୀପା କର୍ମକାରଙ୍କୁ ୩ ପଦକ

ଭୁବନେଶ୍ୱର,୪।୧
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଜାତୀୟ ସିନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଅଲିମ୍ପିଆନ୍ ଦୀପା କର୍ମକାର ୩ ପଦକ ସହିତ ଅଭିଯାନ ଶେଷ କରିଥିବା ବେଳେ ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର ୪ ପଦକ ହାସଲ କରିଛନ୍ତି। ତ୍ରିପୁରାର ପ୍ରତିନିଧିତ୍ୱ କରୁଥିବା ଦୀପା ଅଲ ରାଉଣ୍ଡରେ ସ୍ୱର୍ଣ୍ଣ, ଭଲ୍ଟ ଓ ଅନ ଇଭିନ ବାର୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ରାକେଶ କୁମାର ପାତ୍ର ଅଲରାଉଣ୍ଡ ଓ ରିଙ୍ଗ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସିଲ୍ଭର ବାର୍‌ରେ ରୌପ୍ୟ ଓ ହରାଇଜଣ୍ଟାଲ ବାରରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଦ୍‌ଯାପନୀ ଦିବସରେ ରେଲୱେଜର ପ୍ରଣତି ଦାସ ଅନଇଭିନ୍ ବାର୍ସ ଓ ଫ୍ଲୋର ଏକ୍ସରସାଇଜରେ ଡବଲ୍ ଗୋଲ୍ଡ ହାସଲ କରିଥିଲେ। ଅନ୍ୟତମ ରେଲୱେଜ ଖେଳାଳି ତଥା ଓଡ଼ିଶାରେ ଅଭ୍ୟାସ କରୁଥିବା ପ୍ରଣତି ନାୟକ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଭଲ୍ଟରେ ସ୍ୱର୍ଣ୍ଣ ଓ ବାଲାନ୍ସ ବିମ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ ପ୍ରଣତି। ସର୍ଭିସେସ୍‌ର ପ୍ରତିନିଧିତ୍ୱ କରୁଥିବା ଗୌରବ କୁମାର ୪ ଓ ରେଲୱେଜର ସିଦ୍ଧାର୍ଥ ବର୍ମା ୩ଟି ପଦକ ସହ ଅଭିଯାନ ଶେଷ କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ସୁଧୀର ମିତ୍ତଲ ଓ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନର ସଦସ୍ୟ ଉପସ୍ଥିତ ଥିଲେ। ଦେଶର ଶ୍ରେଷ୍ଠ ଜିମ୍ନାଷ୍ଟ ମାନେ ଜାତୀୟ ସିନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପରେ ପ୍ରଦର୍ଶନ କରିବା ଦେଖି ବେଶ ଖୁସି ଲାଗୁଛି ବୋଲି କହିଥିଲେ ଭିନିଲ କ୍ରିଷ୍ଣା। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଭିତ୍ତିଭୂମିର ଏହା ସର୍ବୋତ୍କୃଷ୍ଟ ଉପଯୋଗ ବୋଲି କହିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ କଳିଙ୍ଗ ଷ୍ଟାଡିୟମରେ ଆହୁରି ଅନେକ ଚାମ୍ପିୟନଶିପ୍ ଆୟୋଜନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।







# କ୍ରିକେଟ ନିୟମରେ ବଡ଼ ପରିବର୍ତ୍ତନ

ଦୁବାଇ,୪।୧(ପି.ଟି)

ଆଇସିସି ପକ୍ଷରୁ ଏହାର କ୍ରିକେଟ ନିୟମରେ କିଛି ବଡ ପରିବର୍ତ୍ତନ ଅଣାଯାଇଛି। ଏହା ମଧ୍ୟରେ ରେଫରାଲ୍ ବା ଡିଆରଏସ୍ ସମେତ କନ୍‌କସନ ସବ୍‌ଷ୍ଟିଚ୍ୟୁଟ୍ ସାମିଲ ରହିଛି। ଏହି ନୂତନ ନିୟମଗୁଡିକ ଜାନୁଆରୀ ୧୨ ତାରିଖରୁ ଲାଗୁ କରାଯିବ। ପୂର୍ବରୁ ଷ୍ଟମ୍ପିଂ ଆବେଦନ ସମୟରେ କଟ୍ ବିହାଇଣ୍ଡ ଚେକ୍ କରାଯାଉଥିଲା। ତେବେ ବର୍ତ୍ତମାନ ନୂତନ ନିୟମ ଅନୁଯାୟୀ ଏହାକୁ ପରିବର୍ତ୍ତନ କରାଯାଇଛି। ସମୟ ବଞ୍ଚାଇବା ପାଇଁ ଆଇସିସି ପକ୍ଷରୁ ଏହି ନିୟମ ଲାଗୁ କରାଯାଇଛି। ଯଦି କୌଣସି ଟିମ୍ କଟ୍ ବିହାଇଣ୍ଡ ଅପିଲ୍ କରୁଛନ୍ତି ତେବେ ତାଙ୍କୁ ଏଥିପାଇଁ ଡିଆରଏସ୍‌ର ବ୍ୟବହାର କରିବାକୁ ହେବ। ଭାରତ ବିପକ୍ଷ ସିରିଜ୍‌ରେ ଅଷ୍ଟ୍ରେଲିଆର ଉଇକେଟ କିପର ଆଲେକ୍ସ କେରୀ ଏଭଳି କରୁଥିବାର ଦେଖିବାକୁ ମିଳିଥିଲା। ଡିଆରଏସ୍ ନ ହରାଇ ସେ ଷ୍ଟମ୍ପିଂ ଆବେଦନ କରୁଥିବା ବେଳେ ଆପେ ଆପେ କଟ୍ ବିହାଇଣ୍ଡ ଚେକ୍ ମଧ୍ୟ ହେଉଥିଲା। ଏଥିରେ ଅଯଥା ସମୟ ଅପଚୟ ହେଉଥିବାରୁ ଏହାକୁ ରୋକିବା ପାଇଁ ଆଇସିସି ପକ୍ଷରୁ ନିୟମରେ ପରିବର୍ତ୍ତନ ଅଣାଯାଇଛି। ସେହିପରି କନ୍‌କସନ୍ ସବ୍‌ଷ୍ଟିଚ୍ୟୁଟ୍ ନିୟମରେ ମଧ୍ୟ ଆଇସିସି ଏକ ପରିବର୍ତ୍ତନ ଆଣିଛି। ଯଦି ଆହତ ହୋଇଥିବା ଖେଳାଳିଙ୍କ ବୋଲିଂ କରିବା ଉପରେ ରୋକ ଲଗାଯାଇଥାଏ ତେବେ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ମଧ୍ୟ ବୋଲିଂ କରିପାରିବେ ନାହିଁ ବୋଲି ନିୟମ ଲାଗୁ କରାଯାଇଛି। ଏହା ସହିତ ପଡିଆରେ ଆଘାତ ଚିକିତ୍ସା ପାଇଁ ୪ ମିନିଟରୁ ଅଧିକ ସମୟ ନେଇ ହେବ ନାହିଁ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଏହା ସହିତ ପୂର୍ବରୁ ବିସିସିଆଇ ପକ୍ଷରୁ ରହିଥିବା ଡେଡ୍ ବଲ୍ ଓ ଓଭରରେ ଦୁଇଟି ବାଉନ୍ସର ନିୟମ ଲାଗୁ ରହିବ ବୋଲି କୁହାଯାଇଛି।

# ହକି ପ୍ରତି ଭାରତର ପ୍ରତିବଦ୍ଧତା ଦର୍ଶାଉଛି ଅଲିମ୍ପିକ୍ସ କ୍ୱାଲିଫାୟର୍ସ

**ରାଞ୍ଚି,୪।୧(ପି.ଟି):** ଅଲିମ୍ପିକ୍ସ ପାଇଁ ମହିଳା ହକି କ୍ୱାଲିଫାୟର୍ସ ରାଞ୍ଚିରେ ହେବାକୁ ଯାଉଥିବା ବେଳେ ଏହା ହକି ପ୍ରତି ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି କହିଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ। ଅନ୍ତର୍ଜାତୀୟ ସ୍ତରରେ ଏହା ଭାରତର ଗୁରୁତ୍ୱ ବୃଦ୍ଧିରେ ସହାୟକ ହେବ ବୋଲି ସେ କହିଛନ୍ତି। ଭାରତ ସମେତ ୮ ଦେଶ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ୩ଟି ଅଲିମ୍ପିକ୍ସ କୋଟା ପାଇଁ ଲଢେଇ ହେବ। ମାରାଙ୍ଗ ଗୋମକେ ଜୟପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ଜାନୁୟାରୀ ୧୩-୧୯ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ପାଇଁ ହକି ଇଣ୍ଡିଆ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଥିବା ବେଳେ ଦିଲୀପ ଏହି ବୟାନ ଦେଇଛନ୍ତି। ରାଞ୍ଚିରେ ହେଉଥିବା ଏହି ଟୁର୍ନାମେଣ୍ଟ ପୂର୍ବରୁ ଚାଇନାରେ ଖେଳା ଯିବାକୁ ସ୍ଥିର କରାଯାଇଥିଲା। ତେବେ ଏସିଆନ୍ ଗେମ୍ସ ଜିତି ଚାଇନା ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ପରେ ଏହା ଭାରତକୁ ସ୍ଥାନାନ୍ତର ହୋଇଥିଲା।







# କିସ୍, ଉତ୍କଳ, ରମାଦେବୀ ବିଜୟୀ



ଅତିଥିଙ୍କ ଗହଣରେ ରମାଦେବୀ ମହିଳା ଭଲିବଲ ଦଳ।

ଭୁବନେଶ୍ୱର,୪।୧
(ସରୋଜ ଜେନା)

କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ୍ ଟୁର୍ନାମେଣ୍ଟର ପ୍ରଥମ ଦିନରେ କିସ୍, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଇଜିଆଇଏସ୍ ଓ ଏଆଇୟୁର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଉଛି। ଓଡ଼ିଶା ଭଲିବଲ୍ ଆସୋସିଏଶନ ବରିଷ୍ଠ ଉପସଭାପତି ବିଜୟ କୁମାର ଧଳ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର କ୍ରୀଡା ମହା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ଓଡ଼ିଶା ଭଲିବଲ୍ ଆସୋସିଏଶନ କୋଷାଧ୍ୟକ୍ଷ ସୁଧାଂଶୁ ଭୂଷଣ ମିଶ୍ର, ରେଫରି ପ୍ରମୋଦ କୁମାର ବେହେରା, କିଟ୍‌ର ସହ କ୍ରୀଡା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଓ କିସ୍‌ର ସହ କ୍ରୀଡା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୪୨ ବିଶ୍ୱ ବିଦ୍ୟାଳୟର ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାର ୬ ବିଶ୍ୱବିଦ୍ୟାଳୟ ଏଥିରେ ଭାଗ ନେଉଛନ୍ତି। କିସ୍, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱ ବିଦ୍ୟାଳୟ ନିଜର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୪ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ।












ଧରିତ୍ରୀ 50 Years

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୫/୨୦୨୪ Bhubaneswar, Friday, January 5/ 2024

# ଭାରତ-ଅଷ୍ଟ୍ରେଲିଆ ଟି୨୦ ସିରିଜ ଆଜିଠାରୁ

**ନଭି ମୁମ୍ବାଇ, ୪।୧ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ମ୍ୟାଚ ଜିତିବାକୁ ହେଲେ ୬ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଦଳକୁ ଅଲରାଉଣ୍ଡ ପ୍ରଦର୍ଶନ କରିବାକୁ ହେବ। ହରମନପ୍ରୀତଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ୦-୩ରେ ହିବା ସହ ଏହାପୂର୍ବରୁ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ପରାଜିତ ହୋଇଛି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିବା ଗୋଟିଏ ଲେଖାଏଁ ଟେଷ୍ଟ ମ୍ୟାଚରେ ବିଜୟ ସତ୍ତ୍ୱେ ହ୍ୱାଇଟ ବଲ୍ କ୍ରିକେଟରେ ଅଷ୍ଟ୍ରେଲିଆ ବିପକ୍ଷରେ ଯେଉଁ ଖରାପ ରେକର୍ଡ ରହିଛି ସେଥିରେ ବହୁ ଉନ୍ନତି ଆଣିବାକୁ ପଡ଼ିବ। ଖରାପ ପ୍ରଦର୍ଶନ ଯୋଗୁ ଏହି ଦେଶ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଭାରତ ମାତ୍ର ୩ ରନରେ ପରାଜିତ ହୋଇଥିଲା। ତୃତୀୟ ଦିନିକିଆରେ ଅଷ୍ଟ୍ରେଲିଆ ରେକର୍ଡ ୩୩୮/୮ ସ୍କୋର କରିବା ପରେ ବ୍ୟାଟରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଭାରତ ୧୪୮ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଓପନିଂ ଅନ୍ତର୍ଜାତୀୟ ଦିନିକିଆରେ ଭାରତ ୬ଉଇକେଟରେ ପରାସ୍ତ ହୋଇଥିଲା। ମ୍ୟାଚରେ ଭାରତୀୟ ବୋଲରମାନେ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲେ। ଆୟୋଜକ ଦଳ ଶେଷ ଦୁଇଟି ମ୍ୟାଚରେ ୮ଟି କ୍ୟାଚ ହାତଛଡ଼ା କରିଥିଲା। ଭାରତୀୟ ବ୍ୟାଟରମାନଙ୍କ ମିଳିତ ଯୋଜନା ନାହିଁ। ଆରମ୍ଭରୁ ଆକ୍ରମଣାତ୍ମକ ଖେଳର ଅଭାବ ରହିଛି। ହରମନପ୍ରୀତଙ୍କ ଫର୍ମ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ୩ଟି ଦିନିକିଆରେ ହରମନପ୍ରୀତ ମାତ୍ର ୧୭ ରନ କରିବାରେ ସମର୍ଥ ହୋଇଥିଲେ। ସମସ୍ତ ଫର୍ମାଟରେ ସେ ତାଙ୍କର ଗତ ୯ଟି ମ୍ୟାଚରେ ୬ଥର ସେ ଏକ ଅଙ୍କ ବିଶିଷ୍ଟ ସ୍କୋର କରିଛନ୍ତି। ଦିନିକିଆ ସିରିଜରେ ଜେମିମା ରୋଡ୍ରିଗୁଏଜ୍ ଓ ରିଚା ଘୋଷଙ୍କଠାରୁ କେତୋଟି ଭଲ ଇନିଂସ ଦେଖିବାକୁ ମିଳିଛି। ଘରୋଇ ସିଜନରେ ସ୍ମୃତି ମନ୍ଧାନା କେବଳ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଶୁକ୍ରବାର ମ୍ୟାଚରେ ମନ୍ଧନାଙ୍କ ସହିତ ତାଙ୍କ ଦିନିକିଆ ପାର୍ଟନର ୟାସ୍ତିକା ଭାଟିଆ କିମ୍ବା ସିଜନ ଆରମ୍ଭରେ ଇଂଲଣ୍ଡ ବିପକ୍ଷରେ ୫୨ ରନ କରିଥିବା ଶେଫାଳୀ ବର୍ମା ବ୍ୟାଟିଂ ଓପନ କରିବାକୁ ଆସୁଛନ୍ତି ତାହା ଲକ୍ଷ୍ୟ କରିବାର କଥା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଦୁଇ ବ୍ୟାଟର ଫୋଏବ ଲିଚଫିଲ୍ଡ ଓ ଟାଲିଆ ମ୍ୟାକ୍‌ଗ୍ରା ଦୁଇଟି ଫର୍ମାଟରେ କ୍ରମାଗତ ୩ଥର ଅର୍ଦ୍ଧଶତକ ହାସଲ କରି ସେମାନଙ୍କ ଫର୍ମ ସମ୍ପର୍କରେ ସୂଚନା ଦେଇଛନ୍ତି। ୱାଙ୍ଖେଡେ ଷ୍ଟାଡିୟମରେ ଭାରତର ନୂଆ ବଲ୍ ଯୋଡ଼ି ରେଣୁକା ସିଂ ଠାକୁର ଓ ପୂଜା ବସ୍ତ୍ରାକାର ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ହେଲେ ଡିୱାଇ ଷ୍ଟାଡିୟମରେ ଫ୍ଲଡଲାଇଟରେ ସେମାନଙ୍କଠାରୁ ଭଲ ବୋଲିଂ ଆଶା କରାଯାଉଛି।

**ଭାରତୀୟ ମହିଳା ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଜେମିମା ରୋଡ୍ରିଗୁଏଜ, ଶେଫାଳି ବର୍ମା, ଦିପ୍ତୀ ଶର୍ମା, ୟାସ୍ତିକା ଭାଟିଆ (ଉଇକେଟକିପର), ଅମନଜୋତ କୌର, ଶ୍ରେୟଙ୍କା ପାଟିଲ, ମନତ କାଶ୍ୟପ, ସାଇକା ଇଶାକ୍, ରେଣକା ସିଂ ଠାକୁର, ତିତାସ ସାଧୁ, ପୂଜା ବସ୍ତ୍ରାକାର, କନିକା ଆହୁଜା ଓ ମିନୁ ମଣି।

**ଅଷ୍ଟ୍ରେଲିଆ ମହିଳା ଦଳ:** ଡାର୍ସି ବ୍ରାଉନ୍, ହିଥର ଗ୍ରାହମ, ଆଶଲେ ଗାର୍ଡନର, କିମ୍ ଗ୍ୟାରେଥ, ଗ୍ରେସ୍ ହାରିସ, ଏଲିସା ହିଲି (ଅଧିନାୟିକା / ଉଇକେଟକିପର), ଜେସ ଜୋନାସେନ, ଆଲାନା କିଙ୍ଗ, ଫୋବ୍ ଲିଚ୍‌ଫିଲ୍ଡ, ଟାଲିଆ ମ୍ୟାକ୍‌ଗ୍ରା (ଉପଅଧିନାୟିକା), ବେଥ ମୁନି (ଉଇକେଟକିପର), ଏଲିସ ପେରୀ, ମେଗାନ ସ୍କଟ, ଆନାବେଲ ସଦରଲାଣ୍ଡ ଓ ଜର୍ଜିଆ ୱେରହାମ୍।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା ୩୦**
**ଡି. ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମ**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**



ନେଟ୍ ସେସନରେ କୋଚ୍ ଅମୋଲ ମଜୁମଦାର (ମଝି)ଙ୍କ ସହ ଦୀପ୍ତି ଶର୍ମା (ବାମ) ଓ ହରମନପ୍ରୀତ୍ କୌର୍।

# ଆସନ୍ତା ସପ୍ତାହରେ କୋର୍ଟରେ ଚ୍ୟାଲେଞ୍ଜ କରିବ ଡବ୍ଲ୍ୟୁଏଫ୍‌ଆଇ

**ନୂଆଦିଲ୍ଲୀ, ୪।୧ (ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଏହାର ନିଲମ୍ବନକୁ ଆସନ୍ତା ସପ୍ତାହରେ କୋର୍ଟରେ ଚ୍ୟାଲେଞ୍ଜ କରିବ। ଏହାଛଡ଼ା ପରବର୍ତ୍ତୀ ପଦକ୍ଷେପ ଲାଗି ଆଲୋଚନା କରିବା ସକାଶ ଜାନୁୟାରୀ ୧୬ରେ ଏହାର କାର୍ଯ୍ୟନିର୍ବାହୀ କମିଟି ବୈଠକ ଡକାଇଯାଇଥିବା ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ଓ ଡବ୍ଲ୍ୟୁଏଫ୍‌ଆଇ ସମ୍ବିଧାନର ଉଲ୍ଲଂଘନ କରିଥିବା ଦର୍ଶାଇ ମହାସଂଘ ନିର୍ବାଚନର ୩ ଦିନ ପରେ ଡିସେମ୍ବର ୨୪ରେ ସରକାର ନବନିର୍ବାଚିତ ପରିଷଦକୁ ସସ୍‌ପେଣ୍ଡ କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ କିନ୍ତୁ ଏହି ନିଲମ୍ବନ ଆଦେଶକୁ ମାନିବ ନାହିଁ ବୋଲି କହି ଆସୁଛି। ଏପରିକି ମହାସଂଘର ଦୈନନ୍ଦିନ ବ୍ୟାପାର ବୁଝାଶୁଝା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଦ୍ୱାରା ଗଠିତ ଆଡ୍‌ହକ ପ୍ୟାନେଲକୁ ଡବ୍ଲ୍ୟୁଏଫ୍‌ଆଇ ସ୍ୱୀକୃତି ଦେଉନାହିଁ। ବାରାଣସୀର ସଞ୍ଜୟ ସିଂ ଆଡ୍‌ହକ ପ୍ୟାନେଲର କାର୍ଯ୍ୟଶୈଳୀକୁ ନାପସନ୍ଦ କରିଛନ୍ତି। ମହାସଂଘ କାର୍ଯ୍ୟକ୍ଷମ ନ ଥିବା ବେଳେ ଜାଗ୍ରେବ୍ ଓପନକୁ ଯେପରି ଭାରତୀୟ ଦଳ ଟିମ୍ ମନୋନୟନ କରାଗଲା ତାହା ଅଭୂତପୂର୍ବ। ଯେଉଁ କେତେଜଣ କୁସ୍ତିଯୋଦ୍ଧା ଉପଲବ୍ଧ ହେଲେ ନାହିଁ ତାଙ୍କ ସ୍ଥାନରେ ଅନ୍ୟ କୁସ୍ତିଯୋଦ୍ଧାଙ୍କୁ କାହିଁକି ପଠା ନ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ପୁନଶ୍ଚ ଏସିଆନ ଗେମ୍ସରେ ଭାଗ ନେଇଥିବା ସମାନ ଦଳକୁ ଏହି ପ୍ରତିଯୋଗିତା ଲାଗି ମନୋନୟନ କରାଯିବା କେତେଦୂର ଯଥାର୍ଥ ବୋଲି ସେ କହିଛନ୍ତି। କେତେଜଣ କୁସ୍ତିଯୋଦ୍ଧା ତାଙ୍କ ନିକଟକୁ ଟେଲିଫୋନ୍ କରିଥିଲେ। ଟ୍ରାଏଲ ଜରିଆରେ ଦକ୍ଷତା ପ୍ରତିପାଦନ କରି ସେମାନେ ହୁଏତ ଦଳରେ ସ୍ଥାନ ପାଇ ପାରିଥାନ୍ତେ ବୋଲି କହିଛନ୍ତି। କାର୍ଯ୍ୟନିର୍ବାହୀ କମିଟି ବୈଠକ ପାଇଁ ଡିସେମ୍ବର ୩୧ରେ ନୋଟିସ ଜାରି କରାଯାଇଥିବା ଡବ୍ଲ୍ୟୁଏଫ୍‌ଆଇ ସୂତ୍ରରୁ ଜଣାଯାଇଛି। ଡବ୍ଲ୍ୟୁଏଫ୍‌ଆଇର ସମ୍ବିଧାନ ଅନୁସାରେ ଏହାର ସଭାପତି ମହାସଂଘର ଚିଫ୍ ଅଫସିର ଭାବେ କାର୍ଯ୍ୟନିର୍ବାହୀ କମିଟି ବୈଠକ ଡକାଇ ପାରିବେ।

# ବେସାମରିକ ଭଲିବଲ ଓ କ୍ୟାରମ୍ ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ୪।୧ (ତପନ ସ୍ୱାଇଁ)**

ମହାରାଷ୍ଟ୍ରର ପୁଣେସ୍ଥିତ ଶ୍ରୀ ଶିବଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫେବୃଆରୀ ୧୮ରୁ ୨୨ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଭଲିବଲ ପ୍ରତିଯୋଗିତା (ମହିଳା ଓ ପୁରୁଷ) ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ ପ୍ରକ୍ରିୟା ଚଳିତ ମାସ ୭ରେ ଭୁବନେଶ୍ୱର କ୍ଲବ ପଛପଟ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ସେହିପରି ବିହାରର ପାଟନାସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ କ୍ୟାରମ (ମହିଳା ଓ ପୁରୁଷ) ପ୍ରତିଯୋଗିତା ଆୟୋଜନ ହେବ। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ କାର୍ଯ୍ୟକ୍ରମ ଚଳିତ ମାସ ୭ ତାରିଖରେ ରାଜୀବ ଭବନ ପଛପାଖ ଓଏସ୍ଏସ୍ଏ-୨ ହାଉସଠାରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଯାଉଥିବା ସରକାରୀ କର୍ମଚାରୀମାନେ ଶୀଘ୍ର ନାମ ପଞ୍ଜୀକରଣ କରିପାରିବେ ବୋଲି ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲୟିଜ୍ ଆଥ୍‌ଲେଟିକ୍ ଆସୋସିଏଶନର କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଜଣାଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ